



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-258 •TUESDAY •17 MARCH 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୫୮ •ମଙ୍ଗଳବାର •୧୭ ମାର୍ଚ୍ଚ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 31 ମାର୍ଚ୍ଚ 2026 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଲ୍ଲେଖିତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ର ସଞ୍ଚୟସବୁ ନିର୍ଦ୍ଧାରିତ ଲେବର୍ ଚାର୍ଜେସ୍ ଉପରେ । ପ୍ରଯୁଜ୍ୟ ଅଫରସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ପିଏଫ୍ ରେ ସଞ୍ଚୟ, ଫାଇନାନ୍ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସକାଶେ । Pulsar N160 USD ସିଙ୍ଗଲ୍ ସିଟ୍ ଭାରିଆଣ୍ଟରେ ଇ-କମ ଅଫର୍, ସମ୍ପୃକ୍ତ ଇ-କମ୍ ପାର୍ଟନରଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ । ଇ-କମ୍ ଅଫର୍ ପାର୍ଟନରମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ ।

**Authorised Dealers for BAJAJ Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293• **Balugaon** BHARAT BAJAJ 7381099441 • **Puri MSB BAJAJ 7077735752** • **Pipili MSB BAJAJ 7077735755** • **Cuttack: Badambadi SURAJ BAJAJ 8093066603** • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Nayagarh** MSB BAJAJ 7790048130 • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979

# ମିଳୁନି ଗ୍ୟାସ୍, କଳାବଜାରରେ ୨୨୦୦

ସମ୍ବଲପୁର, ୧୬।୩ (ସମିସ)

ସମ୍ବଲପୁର ସହରାଞ୍ଚଳର ଅଧିକାଂଶ ଜଳଖିଆ ଦୋକାନ ବନ୍ଦ ହୋଇଗଲାଣି। ଛୋଟ ରାସ୍ତାକଡ଼ ବେପାରୀ ଏବେ ଖାଲିରେ ବସି ରହୁଛନ୍ତି। ଯୁଦ୍ଧ କେବେ ସରିବ ଓ ଗ୍ୟାସ୍ ଦର କମିବ ବୋଲି ପ୍ରଶ୍ନ କରୁଛନ୍ତି। ଜଳଖିଆଠାରୁ ଆରମ୍ଭ କରି ଚାଓମିନ୍, ମାଞ୍ଚୁରିଆନ୍ ଆଦି ଫାଷ୍ଟଫୁଡ୍ କିମ୍ବା ରୋଟି-ତରକାରୀ ଆଦି ବିକ୍ରୟ କରୁଥିବା ଛୋଟ ବେପାରୀ ଏବେ କାମଦାମ ଛାଡ଼ି ଘରେ ବସି ରହୁଛନ୍ତି। ଏପରିସ୍ଥଳେ ସେମାନଙ୍କ ପରିବାର ପ୍ରତିପୋଷଣ ଏକ ସମସ୍ୟା ଭାବେ ଉଭା ହେଲାଣି। ସମ୍ବଲପୁର ସହରରେ କଳାବଜାରରେ ଗ୍ୟାସ ସିଲିଣ୍ଡର ୨୨୦୦ ଟଙ୍କାରେ ବିକ୍ରି ହେଉଛି। ଏତେ ଦର ଦେଇ ଗ୍ୟାସ ଆଣି ଦୋକାନ ଖୋଲିବା ସମସ୍ତଙ୍କ ପକ୍ଷରେ ସମ୍ଭବପର ହେଉନାହିଁ। ଅନ୍ୟପକ୍ଷରେ ଆଉ କେତେକ ଜଳଖିଆ ଦୋକାନ ଅଧିକ ଦାମ୍‌ରେ ସିଲିଣ୍ଡର କିଣି ଦୋକାନ ଖୋଲୁଥିବାରୁ ଦରଦାମ ଅହେତୁକ ଭାବେ ବୃଦ୍ଧି କରି ମୁନାଫା କରିବାକୁ ଚେଷ୍ଟା କରୁଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀ ଓ ବାହାରୁ ଆସୁଥିବା ଯାତ୍ରୀମାନେ

## ହଇରାଣ ହେଉଛନ୍ତି ଛାତ୍ରଛାତ୍ରୀ



ଅସୁବିଧାର ଶିକାର ହେଉଛନ୍ତି। କମର୍ସିଆଲ୍ ଗ୍ୟାସ ଯୋଗାଣ ବନ୍ଦ ହୋଇଯାଇଥିବା ବେଳେ ଘରୋଇ ରନ୍ଧନ ଗ୍ୟାସ୍‌ର ଅହେତୁକ ଦରକୁ ଦେଖି ଖାଓଗଳିର ଦୋକାନ ମଧ୍ୟ ବନ୍ଦ ହେବା ଆଶଙ୍କା ଦେଖାଦେଇଛି। ଉଚ୍ଚଦରରେ ଗ୍ୟାସ କିଣି ଆଉ କେତେଦିନ ଖାଦ୍ୟ ପ୍ରସ୍ତୁତ କରିବେ ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ସମ୍ବଲପୁରରେ ଥିବା ଚାରୋଟି ବିଶ୍ୱବିଦ୍ୟାଳୟ ଓ ଅନ୍ୟ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପର୍ଯ୍ୟାପ୍ତ ଛାତ୍ରାବାସ ନଥିବାରୁ ଛାତ୍ରଛାତ୍ରୀମାନେ ଚ୍ୟାମ୍ବର ଗୁଡ଼ିକରେ ରହୁଛନ୍ତି। ସେମାନେ ପ୍ରାୟତଃ ୫ ଲିଟର ସିଲିଣ୍ଡର-ଯୁକ୍ତ ଚୁଲା ରନ୍ଧନ ସକାଶେ ବ୍ୟବହାର କରନ୍ତି। ପୂର୍ବରୁ ଗ୍ୟାସ ରିଫିଲିଂ ପାଇଁ କେଜି ପିଛା ୯୦ ଟଙ୍କା ପଡୁଥିବାବେଳେ ତାହା ଏବେ କେଜି ପିଛା ୨୦୦ ଟଙ୍କା ପଡୁଛି। ପୁଣି ରିଫିଲିଂ କରୁଥିବା ଦୋକାନ ଗୁଡ଼ିକ ଚଢ଼ଉ ଭୟରେ ଏବେ ଖୋଲୁନାହାନ୍ତି। ସେହି ଦୋକାନ ଗୁଡ଼ିକର କୌଣସି ଲାଇସେନ୍ସ ନଥିବାବେଳେ ସେମାନେ ଘରୋଇ ୧୪.୫ କେଜି ସିଲିଣ୍ଡର ଆଣି ଏଭଳି ଖୁଚୁରା ଉପଭୋକ୍ତା ମାନଙ୍କୁ ସ୍ୱଳ୍ପ ଲାଭରେ ବିକ୍ରୟ କରିଥାନ୍ତି। ଆସନ୍ତା ମାସରେ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀ ମାନଙ୍କ ସ୍ନାତକ ଓ ସ୍ନାତକୋତ୍ତର ସେମିଷ୍ଟାର ପରୀକ୍ଷା ରହିଛି। ଏପରିସ୍ଥଳେ ଗ୍ୟାସ ଓ ଖାଦ୍ୟ ଚିନ୍ତା ସେମାନଙ୍କ ପାଠପଢ଼ାକୁ ପ୍ରଭାବିତ କରିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ବାହାରେ ଚ୍ୟାମ୍ବର ମାନଙ୍କରେ ରହୁଥିବା ଛାତ୍ରଛାତ୍ରୀ ମାନଙ୍କ ସକାଶେ ସ୍ୱତନ୍ତ୍ର ଗ୍ୟାସ୍ ଯୋଗାଣ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।


# ହଷ୍ଟେଲ ଖାଦ୍ୟରୁ ବାହାରୁଛି ପୋକ

ସମ୍ବଲପୁର, ୧୬।୩(ସମିସ): ବିଦ୍ୟାର୍ଥୀଙ୍କୁ ଦିଆଯାଉଛି ଅସ୍ୱାସ୍ଥ୍ୟକର ଖାଦ୍ୟ। ଖାଦ୍ୟରୁ ବାହାରୁଛି ପୋକ। କେବଳ ସେତିକି ନୁହେ କ୍ୟାଣ୍ଟିନ ଡାଇନିଂକୁ କୁକୁର ଚଢ଼ି ମଧ୍ୟ ଖାଦ୍ୟ ଖାଉଛନ୍ତି। ଏହାର ଫୋଟ ଭିଡ଼ିଓ



## କ୍ୟାଣ୍ଟିନ ଡାଇନିଂରେ କୁକୁର

ଏବେ ଭାଇରାଲ ହେବାରେ ଲାଗିଛି। ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଏପରି ଅଭାବନୀୟ ଘଟଣା ଘଟିଯାଇଛି। ଭିସୁଟର ଅରୁନ୍ଧତି ହଷ୍ଟେଲର ଚିତ୍ର ବିଭିନ୍ନ ଅସ୍ୱାସ୍ଥ୍ୟକର ଘଟଣାର ଚିତ୍ର ବଖାଣୁଛି। କିଛି ଦିନ ପୂର୍ବରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଯୁବତୀ ହଷ୍ଟେଲରେ ଭାତରୁ ପୋକ ବାହାରିଥିଲା। ଯାହାକୁ ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଅନେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ହେଲେ ଏତେ ଘଟଣା ପରେ ମଧ୍ୟ ଭିସୁଟ କର୍ତ୍ତୃପକ୍ଷ ଏଥିରୁ କିଛି ଶିଖି ପାରିନାହାନ୍ତି। ପିଲାଙ୍କ ଭବିଷ୍ୟତ ସହ ଖେଳୁଥିବା ଭଳି ପରିଲକ୍ଷିତ ହେଉଛି। ସୂଚନା ଅନୁସାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଛାତ୍ରଛାତ୍ରୀ ଆସି ଭିସୁଟରେ ପାଠ ପଢୁଛନ୍ତି। ଅନେକ ବିଦ୍ୟାର୍ଥୀ ହଷ୍ଟେଲ ଖାଦ୍ୟ ଉପରେ ନିର୍ଭର କରୁଛନ୍ତି।



କିନ୍ତୁ କର୍ତ୍ତୃପକ୍ଷ ସେମାନଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ଅଭିଯୋଗ ହେଉଛି। ଅରୁନ୍ଧତି ହଷ୍ଟେଲର କ୍ୟାଣ୍ଟିନରେ ଖାଦ୍ୟରୁ ପୋକ ବାହାରିଛି। ଏପରିକି କୁକୁର ଡାଇନିଂରେ ଚଢ଼ି ଖାଦ୍ୟ ଖାଉଛି। ହଷ୍ଟେଲରେ ଶହ ଶହ ଛାତ୍ରୀ ରହୁଛନ୍ତି। ବାହାରେ ସୁରକ୍ଷା କର୍ମୀ ମଧ୍ୟ ଉପସ୍ଥିତ ରହୁଛନ୍ତି। କିନ୍ତୁ କେଉଁ ପରିସ୍ଥିତିରେ କୁକୁର ଡାଇନିଂରେ ଖାଦ୍ୟ ଖାଉଛି ତାହା ସମସ୍ତଙ୍କୁ ଚକିତ କରିଛି।

ହଷ୍ଟେଲ ପଛ ପାଚେରୀ ଭାଙ୍ଗି ଯାଇଛି। ଫଳରେ କୁକୁର ପସି ଯାଇଥିବା ଭିସୁଟ କର୍ତ୍ତୃପକ୍ଷ କହିଛନ୍ତି। ଖାଦ୍ୟ ବାହାରେ ଥିବାରୁ ପୋକ ରହିଥିବା ଜଣା ପଡ଼ିବାରୁ କାହାକୁ ଖାଇବାକୁ ଦିଆଯାଇନାହିଁ। କୌଣସି ପିଲାଙ୍କ ସେଦିନ ମେସ ଚାର୍ଜ ପଡ଼ିବ ନାହିଁ। ଖାଦ୍ୟ ଯୋଗାଉଥିବା ସଂସ୍ଥାକୁ ନୋଟିସ ଜାରି କରାଯାଇଥିବା କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି। କିନ୍ତୁ ଡାଇନିଂରେ ପଡ଼ିଥିବା ଟ୍ରେକୁ ଦେଖିଲେ ଛାତ୍ରୀ ଖାଇଥିବା ଜଣାପଡୁଛି। ଜିଲ୍ଲା ପ୍ରଶାସନ ଏଥି ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଏନ୍‌ଏଚ୍ କଡ଼ରେ ପାଉଁଶ, ଜିଲ୍ଲାପାଳଙ୍କୁ ଅଭିଯୋଗ



ସମ୍ବଲପୁର, ୧୬।୩(ସମିସ): ମାନେଶ୍ୱର-ଯୁଯୁମୁରା ଜାତୀୟ ରାଜପଥ ୫୫ କଡ଼ରେ ବେଆଇନ ଭାବେ ପାଉଁଶ ପକାଯାଉଛି। ଯାହାକୁ ନେଇ ଆଜି ଯୁଯୁମୁରା ପଞ୍ଚାୟତ ସମିତି ସଭ୍ୟ ଡ.ଜୟନ୍ତ ପ୍ରଧାନ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଅଭିଯୋଗ କରିଛନ୍ତି, ମାନେଶ୍ୱରରୁ ଯୁଯୁମୁରା ପର୍ଯ୍ୟନ୍ତ ଏନ୍‌ଏଚ-୫୫ ଦୁଇ ପାର୍ଶ୍ୱର ବିଭିନ୍ନ ସ୍ଥାନରେ ପାଉଁଶ ପଡ଼ିରହିଛି। ଅକାରଣରେ ଅନେକ ସମୟରେ ପାଉଁଶ ବୋଝେଇ ଗାଡ଼ି ରାସ୍ତା କଡ଼ରେ ଛିଡ଼ା ହେଉଛି। ଫଳରେ ବର୍ତ୍ତମାନ ଖରାଦିନ ପାଉଁଶ ଉଡ଼ି ଏଣେ ତେଣେ ପଡୁଛି। ରାସ୍ତାରେ ବାଇକ ଆରୋହୀ ତଥା ଅନ୍ୟାନ୍ୟ ଯାତ୍ରୀ ପାଉଁଶ ପାଇଁ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଣୁ ରାସ୍ତାର ଦୁଇ କଡ଼କୁ ସଫା କରିବା ସହ ବିନା କାରଣରେ ଗାଡ଼ି ନ ଛିଡା ହେବା ପାଇଁ ଡ. ପ୍ରଧାନ ଦାବି କରିଛନ୍ତି।

# ଜିଏମ୍ କଲେଜ୍ ଛକରେ 'ଆମ ବସ୍' ଷ୍ଟପେଜ୍ ଦାବି

ସମ୍ବଲପୁର, ୧୬।୩ (ସମିସ) : ଅଇଁଠାପାଲି ପଟକୁ ଯାଉଥିବା 'ଆମ ବସ୍' ଗୁଡ଼ିକ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଛକ ବା ଚର୍ଚ୍ଚ ଛକରେ ଦୁଇଟି ସ୍ଥାନରେ ଷ୍ଟପେଜ୍ କରୁଥିବାରୁ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଛକରେ ଲକ୍ଷ୍ମୀଟକିଜ ଛକ ପଟୁ ଆସୁଥିବା ବସ୍ ଗୁଡ଼ିକ ଚର୍ଚ୍ଚ ପାଚେରୀ ପାଖରେ ସଂଗ୍ରାମୀ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତିକୁ ଲାଗି ଛିଡ଼ା ହେଉଥିବାବେଳେ ଡାକ୍ତରଖାନା ପଟୁ ଆସୁଥିବା ବସ୍ ଗୁଡ଼ିକ ବାମ ପାର୍ଶ୍ୱରେ ଛିଡ଼ା ହେଉଛି। ଗନ୍ତବ୍ୟସ୍ଥଳ ସମାନ ହୋଇଥିବାବେଳେ ଗୋଟିଏ ପଟେ ବସ୍ ଧରିବାକୁ ଛିଡ଼ା ହୋଇଥିବା ଯାତ୍ରୀ ଅନ୍ୟପଟେ ବସ୍ ଆସିଗଲେ ବିପଦସଂକୁଳ ଭାବେ ଛକ ମଝିରେ ଦୌଡୁଥିବା ଦେଖାଯାଉଛି। ଦୁଇଟି ବସ୍ ଷ୍ଟପ୍ ଥିବାରୁ ମହିଳା ଓ ବରିଷ୍ଠ ନାଗରିକମାନେ ମଧ୍ୟ ଅସୁବିଧାର ଶିକାର ହେଉଛନ୍ତି। 'ଅଧିକାର' ଅନୁଷ୍ଠାନର ସଂଯୋଜକ ଗିରିଧାରୀ ଖୁରା ତୁରନ୍ତ ଏହି ବ୍ୟବସ୍ଥାରେ ବଦଳ କରି ଲକ୍ଷ୍ମୀନାରାୟଣ ମୂର୍ତ୍ତି ପାଖରେ ଛିଡ଼ା ନହୋଇ ରାସ୍ତାକଡ଼କୁ କେବଳ ଗୋଟିଏ ଷ୍ଟପେଜ୍‌ରେ ଉଭୟ ପଟର ବସ୍ ରହଣୀ କରିବାକୁ ଦାବି ଜଣାଇଛନ୍ତି।

# ଗଞ୍ଜେଇ ଚାଲାଣରେ ଦୁଇ ଗିରଫ

ସମ୍ବଲପୁର, ୧୬।୩(ସମିସ): ଗଞ୍ଜେଇ ଚାଲାଣ ଅଭିଯୋଗରେ ଦୁଇ ଜଣକୁ ଗିରଫ କରିଛି କ୍ଷେତରାଜପୁର ପୁଲିସ। ସେମାନେ ହେଲେ ବରେଇପାଲି ଥାନା ମୁଙ୍ଗାପଡ଼ାର ଧନୀ ନିଖତରାଜ(୨୦) ଓ ମାଳିପଡ଼ାର ସର୍ପେଶ ଦାସ(୨୦)। ସେମାନଙ୍କ ନିକଟରୁ ପୁଲିସ ୨୧ କେଜି ୪୩୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ବ୍ୟବହୃତ ସ୍କୁଟି(ଓଡ଼ି୧୫ଏଏ୭୪୨୪), ଦୁଇଟି ମୋବାଇଲ ଓ ୧୨୦୦ ଟଙ୍କା ଜବତ କରିଛି। ସୂଚନା ଅନୁସାରେ ରବିବାର ସନ୍ଧ୍ୟାରେ ସ୍କୁଟିରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ କ୍ଷେତରାଜପୁର ପୁଲିସ ଖବର ପାଇଥିଲା। ବରେଇପାଲିରୁ କ୍ଷେତରାଜପୁର ଷ୍ଟେସନ ଆଡକୁ ଚାଲାଣ ହେଉଥିଲା। ଠାକୁରପଡ଼ା ରେଲୱେ ଅଣ୍ଡରପାସରେ ପୁଲିସ ଛକି ବସିଥିଲା। ଗାଡିଯାଞ୍ଚ ବେଳେ ଉପରୋକ୍ତ ସାମଗ୍ରୀ ବାହାରିଥିଲା। ପୁଲିସ ଗିରଫ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

# ଅସହାୟଙ୍କୁ ହ୍ୱିଲ୍‌ଚେୟାର ପ୍ରଦାନ



ସମ୍ବଲପୁର, ୧୬।୩ (ସମିସ) : ସମ୍ବଲପୁର ମହାନଗର ୱାର୍ଡ ନ.୧୧ ଅନ୍ତର୍ଗତ ଭଙ୍ଗାମୁଣ୍ଡା (ବିହାରିପଡ଼ା) ନିବାସୀ ରାଜୁ ସାହାଣୀ ଓ ପତ୍ନୀ କାଜୋ ଦେବୀଙ୍କ ପୁଅ ଚନ୍ଦନ ସାହାଣୀ (୨୧) ଦୀର୍ଘ ୪ ବର୍ଷ ହେବ ଏକ ଟ୍ରେନ ଦୁର୍ଘଟଣାରେ ନିଜ ଗୋଡ଼ହରାଇ ଚଲାବୁଲା କରିବାର ଅସୁବିଧା ଭୋଗ କରୁଛନ୍ତି। ସେ ବର୍ଷ ବର୍ଷ ଧରି ସରକାରୀ କି ବେସରକାରୀ ସୁବିଧାରୁ ବଞ୍ଚିତ ଅଛନ୍ତି। ଖବରପାଇ ଆଜି ବିଜୁ ଜନତା ଦଳ ପକ୍ଷରୁ ହରଦୀପ ସିଂ ଭୁର୍ଜିଙ୍କ ସୌଜନ୍ୟରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀଙ୍କ ଉପସ୍ଥିତିରେ ତାଙ୍କୁ ଗୋଟେ ହ୍ୱିଲ୍‌ଚେୟାର ପ୍ରଦାନ କରାଗଲା ଓ ଆଗକୁ ବିଭିନ୍ନ ପ୍ରକାରର ସରକାରୀ ସୁବିଧା କିପରି ମିଳିବ ସେଥିପ୍ରତି ସହଯୋଗ କରାଯିବାକୁ ପ୍ରତିଶ୍ରୁତି ଦିଆଗଲା। ବରିଷ୍ଠ ନେତା ସତ୍ୟେନ୍ଦ୍ର ଦାଶ, ବେଣୁଧର ଦାଶ, ଯୁବ ସଭାପତି ପ୍ରଦୋଷ ମହାନ୍ତି, ଅନମୋଲ ଦାଶ, ସୁରୁବାବୁ ମେହେର, ଅଂଶୁମାନ ବେହେରା, ହରିହର ପାଣି, ବିଜେଡି ସାଧାରଣ ଗଣମାଧ୍ୟମ ଜିଲ୍ଲା ସଂଯୋଜକ ଦୁଲାଲ ଚନ୍ଦ୍ର ରାୟ, ମନୋଜ ଖୁଣ୍ଟିଆ, ଓମକାର, ପ୍ରଶାନ୍ତ ନାୟକ, ସୁରେନ୍ଦ୍ର ବିଶ୍ୱାଳ, ବିଶ୍ୱାମିତ୍ର ସାହୁ, ରେଣୁବାଳା, ବିକାଶ ଖାତି, ଅଜୟ ପାଢ଼ୀ, ରୁଦ୍ରନାରାୟଣ ଷଡ଼ଙ୍ଗୀ, ବୁବୁ ବେହେରା, ରବୀନ୍ଦ୍ର ସିଂ, ଶୁଭେନ୍ଦୁ, ମୁନୁ, କୌଶିକ, ପ୍ରକାଶ ବେହେରା, ଧର୍ମେନ୍ଦ୍ର ସୁନା, ସଞ୍ଜୀବ ହୋତା, ଲିପ୍ସା ବେହେରା, ଭୀମ ସାହୁ, ପ୍ରତାପ ସାହୁ, ଟିଙ୍କୁ ସାହୁ ପ୍ରମୁଖ ପଡ଼ାର ବାସିନ୍ଦାମାନେ ଉପସ୍ଥିତ ଥିଲେ।

## ଅବ୍ୟବସ୍ଥା ଘେରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ୪ ଜାଗାରେ ଗୋଟିଏ କାଉଣ୍ଟର ଖୋଲା



ସମ୍ବଲପୁର, ୧୬।୩ (ସମିସ) : ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ବହିର୍ବିଭାଗ ବା ଓପିଡି କାଉଣ୍ଟରରେ ପଞ୍ଜୀକରଣ ଅସୁବିଧା ହେବାରୁ ନବନିର୍ମିତ କୋଠାକୁ ତାହା ସ୍ଥାନାନ୍ତରିତ କରାଗଲା। ସେଠାରେ ପୁରୁଷ ଓ ମହିଳାଙ୍କ ପାଇଁ ଦୁଇଟି ଲେଖାଏ ଚାରୋଟି କାଉଣ୍ଟର ଥିବାବେଳେ ବରିଷ୍ଠ ନାଗରିକ ଓ ଶିଶୁମାନଙ୍କ ପାଇଁ ଏକ ସ୍ୱତନ୍ତ୍ର କାଉଣ୍ଟର ରହିଛି। ତେବେ, ଅଧିକାଂଶ ଦିନ ଚାରୋଟି କାଉଣ୍ଟର ଖୋଲାଯାଉନଥିବା ଦେଖାଯାଉଛି। ପ୍ରତିଦିନ ଗୋଟିଏ କାଉଣ୍ଟରରେ ପୁରୁଷ ଓ ମହିଳାଙ୍କୁ ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏପରିକି ପଞ୍ଜୀକରଣ କରି ଯିବାସମୟରେ ଡାକ୍ତର ମାନଙ୍କ କାର୍ଯ୍ୟସମୟ ଅତିକ୍ରାନ୍ତ ହେଉଥିବା ରୋଗୀ ଓ ପରିଜନମାନେ ଅଭିଯୋଗ କରିଛନ୍ତି।

ହସପିଟାଲ କର୍ତ୍ତୃପକ୍ଷ ଏହାକୁ କର୍ମଚାରୀ ଅଭାବ ଦର୍ଶାଉଥିବାବେଳେ ସମ୍ବଲପୁରବାସୀ ହନ୍ତସନ୍ତ ହେଉଛନ୍ତି। ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ସମ୍ବଲପୁର ସମେତ ଆଖାପାଖ ଗ୍ରାମାଞ୍ଚଳର ରୋଗୀ ନିର୍ଭର କରିଥାନ୍ତି। ଜିଲ୍ଲାରେ ଅନୁମୋଦିତ ଡାକ୍ତର ସଂଖ୍ୟା ଏକ ତୃତୀୟାଂଶ ଥିବାବେଳେ ଜଣେ ରୋଗୀ ପଞ୍ଜୀକରଣ କରିବାରେ ଅହେତୁକ ବିଳମ୍ବକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରତିଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବହିର୍ବିଭାଗରେ ପ୍ରାୟ ୧ ହଜାର ରୋଗୀ ପଞ୍ଜୀକରଣ କରିଥାନ୍ତି।

# 'ଉଲ୍ଲାସ' ପରୀକ୍ଷା ଦେଲେ ୧୭ ୯୦୮

ସମ୍ବଲପୁର, ୧୬।୩ (ସମିସ) : ସମ୍ବଲପୁର ଜିଲ୍ଲାର ସମସ୍ତ ୯ଟି ବ୍ଲକରେ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ଅନ୍ତର୍ଗତ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଆକଳନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରାଥମିକ ବିଦ୍ୟାଳୟ ଓ ହାଇସ୍କୁଲରେ ମୋଟ ୧୭ ୯୦୮ ଜଣ ୧୫ ବର୍ଷରୁ ଊର୍ଦ୍ଧ୍ୱ ଅଣସାକ୍ଷର ଏହି ପରୀକ୍ଷା ଦେଇଥିଲେ। ଜିଲ୍ଲା ଉଲ୍ଲାସ କାର୍ଯ୍ୟକ୍ରମର ନୋଡାଲ ଅଫିସର ଏଡିଇଓ ସତ୍ୟବ୍ରତ ସାହୁଙ୍କ ଅନୁସାରେ ମାନେଶ୍ୱର ବ୍ଲକରେ ୧୪୬୪, ଯୁଯୋମୁରା ବ୍ଲକରେ ୩୧୦୬, ରେଙ୍ଗାଲି ବ୍ଲକରେ ୧୪୯୫, ବାମରା ବ୍ଲକରେ



୩୧୮୧, କୁଚିଣ୍ଡା ବ୍ଲକରେ ୯୨୩, ଜମନକିରା ବ୍ଲକରେ ୩୧୩୨, ରେଢ଼ାଖୋଲ ବ୍ଲକରେ ୧୨୧୧, ନାକଟିଦେଉଳ ବ୍ଲକରେ ୧୮୧୯ ଓ ଧନକଉଡ଼ା ବ୍ଲକରେ ୨୫୭୭ ଜଣ ନବଶିକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଧନକଉଡ଼ା ଓ ମାନେଶ୍ୱର ବ୍ଲକର ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପାର୍ଥସାରଥୀ ପ୍ରଧାନ, ସନ୍ତୋଷ ମହାପାତ୍ର, ସମଗ୍ର ଶିକ୍ଷାର ସଂଯୋଜକ ଅରୁଣ କୁମାର ଦାସଙ୍କ ସହ ସମସ୍ତ ବ୍ଲକ ଶିକ୍ଷାଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀମାନେ ପରୀକ୍ଷା କେନ୍ଦ୍ର ଗୁଡ଼ିକ ପରିଦର୍ଶନ କରିଥିଲେ।

# ଦଧିହାଣ୍ଡି ଭଞ୍ଜନ ସହ ଚବିଶ ପ୍ରହର ନାମଯଜ୍ଞ ଶେଷ

ସମ୍ବଲପୁର, ୧୬।୩ (ସମିସ) : ଦଧି ହାଣ୍ଡି ଭଞ୍ଜନ ସହ ଶେଷ ହୋଇଛି ଚଳିତବର୍ଷର ସିନ୍ଦୁରପଙ୍କ କେନଘାଟିସ୍ଥିତ ଶ୍ରୀରାମ ବାଟିକାରେ ଅନୁଷ୍ଠିତ ଅଖଣ୍ଡ ଚବିଶ ପ୍ରହରୀ ନାମଯଜ୍ଞ। ଆୟୋଜକ ଶତ୍ରୁଘନ ଲାଲ ସାହା ଦଧି ହାଣ୍ଡି ମୁଣ୍ଡାଇ ଯଜ୍ଞସ୍ଥଳୀ ପରିକ୍ରମା କରିଥିଲେ। ଗତ ୧୩ ତାରିଖରୁ ଚାଲି ଆସିଥିବା ଚବିଶି ପ୍ରହରୀ ଅଖଣ୍ଡ ନାମଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି। ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ସାଧୁ ସନ୍ଥଙ୍କ ଉପସ୍ଥିତି ସହିତ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ନାମଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରଯାଇଥିଲା। ନାମଯଜ୍ଞର ଶେଷ ଦିନରେ ରାଧା କୃଷ୍ଣଙ୍କୁ ବିମାନରେ ବସାଇ ନଗର ପରିକ୍ରମା କରାଯାଇଥିଲା। ନାମ ଯଜ୍ଞର ଏହି ଭବ୍ୟ ପୂର୍ଣ୍ଣାହୁତି ଓ ନଗର କୀର୍ତ୍ତନ ଦେଖିବାକୁ ଶ୍ରୀରାମ ବାଟିକାରେ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଥିଲା। ନାମଯଜ୍ଞ ସ୍ଥଳୀ ନିକଟରେ ଅବସ୍ଥାନ କରୁଥିବା ସାଧୁ ସନ୍ଥଙ୍କ ନିକଟରେ ବି ଭକ୍ତଙ୍କ ଅସଂଖ୍ୟ ଗହଳି ଲାଗି ରହିଥିଲା। ଦୀର୍ଘ ଚାରିଦିନ ଧରି ରାଜ୍ୟ ଓ ରାଜ୍ୟ ବାହାରର ୩୨ଟି କୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ ଓ ଏହାସହିତ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦୁଇ ଶହରୁ ଊର୍ଦ୍ଧ୍ୱ ସାଧୁ ସନ୍ଥ ଯଜ୍ଞସ୍ଥଳୀ ନିକଟରେ ଅବସ୍ଥାନ କରିଥିଲେ। ଯଜ୍ଞ ସମାପନ ହେବା ପରେ



ରାଧାକୃଷ୍ଣଙ୍କୁ ବିମାନରେ ବସାଇ ଯଜ୍ଞକର୍ତ୍ତା ଶତ୍ରୁଘନ ଲାଲ ସାହା, ପତ୍ନୀ ଶକୁନ୍ତଳା ସାହା, ପୁତ୍ର ସିଦ୍ଧାର୍ଥ ସାହା, ନାତୁଣୀ ଶ୍ରୁତି ସାହା ଓ ନାତି ଆଦିତ୍ୟ ସାହା ଗୃହ ପ୍ରବେଶ କରାଇଥିଲେ। ଏହାସହ ଚଳିତବର୍ଷର ବିଶ୍ୱ ଶାନ୍ତି ଓ ଜଗତ କଲ୍ୟାଣ ନାମଯଜ୍ଞର ସମାପନ ହୋଇଥିଲା।

# ଜିଲ୍ଲାସ୍ତରୀୟ ଓପନ କ୍ୟାରମ ଚାମ୍ପିଅନସିପ ଉଦ୍‌ଯାପିତ



ସମ୍ବଲପୁର, ୧୬।୩(ସମିସ): ଧନୁପାଲି ପଞ୍ଚମୁଖୀ ଯୁବକ ସଂଘ ପକ୍ଷରୁ ସମ୍ବଲପୁର ଜିଲ୍ଲା କ୍ୟାରମ୍ ସଂଘର ସହଯୋଗରେ ସ୍ୱର୍ଗତ ଅଭୟ ପଟ୍ଟନାୟକଙ୍କ ସ୍ମୃତିରେ ଆୟୋଜିତ ଜିଲ୍ଲାସ୍ତରୀୟ ଓପନ କ୍ୟାରମ୍ ଚାମ୍ପିଅନସିପ୍ (ଡବଲ୍ସ) ସଫଳତାର ସହିତ ସମାପ୍ତ ହୋଇଛି। ସମାପନୀ ଅବସରରେ ମୁଖ୍ୟ ଅତିଥିଭାବେ ପ୍ରଦୀପ ଧୀମାନ, ସମ୍ମାନୀୟ ଅତିଥି ଭାବେ ଡିଏଏର ଉପାଧ୍ୟକ୍ଷ ଦୁଲାଲ ପ୍ରଧାନ, ଦିଲ୍ଲୀପ ବିଶ୍ୱାଳ, ହରେକୃଷ୍ଣ ହୋତା ଓ ସ୍ୱର୍ଗତ ଅଭୟ ପଟ୍ଟନାୟକଙ୍କ ପୁତ୍ର ଶୋଭନ ପଟ୍ଟନାୟକ ଓ ସନ୍ଦୀପ ପଟ୍ଟନାୟକ ଯୋଗେଦଇଥିଲେ। ରେଫରୀ ଭାବେ ଏସ୍. କେ. ଅବ୍ଦୁଲ୍ଲା ଓ ଲୋକେଶ୍ୱର ରାଓ ଦାୟିତ୍ୱ ପାଳନ କରିଥିଲେ। ବୁଢିମା କ୍ଲବ୍, ଠେଲକୋପଡ଼ାର ଭାରତ ବାଗ୍ ଓ ସୁଭ୍ରାଂଶୁ ନାୟକ ବିଜେତା ହୋଇ ଟ୍ରଫିସହ ନଗଦ ୫୦୦୦ ଟଙ୍କା ପୁରସ୍କାର ପାଇଥିଲେ। ପ୍ରଥମ ରନର୍-ଅପ୍ ଭାବେ ରାହୁଲ ଠାକୁର ଓ ବିଜୟ ସାହା ଟ୍ରଫିସହ ୩୦୦୦ ଟଙ୍କା ପୁରସ୍କାର ପାଇଥିଲେ। ଦ୍ୱିତୀୟ ରନର୍-ଅପ୍ ଭାବେ ଦିବ୍ୟ ପାଢ଼ୀ ଓ ଘନଶ୍ୟାମ ପଟେଲ ଟ୍ରଫି ସହ ୨୦୦୦ ଟଙ୍କା ପାଇଥିଲେ। ଅତ୍ୟନ୍ତ କମ୍ ବୟସର କ୍ୟାରମ୍ ଖେଳ ପ୍ରଦର୍ଶନ ପାଇଁ ଅର୍ପିତ ପଟେଲ ଓ ଯଶରାଜ ଠାକୁରଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତିଯୋଗିତା ସଫଳ ପାଇଁ ଯୁବକ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ।

# ଗ୍ୟାସ୍ ଅଭାବ ଓ କଳାବଜାରକୁ ନେଇ ଗର୍ଜିଲା କଂଗ୍ରେସ

ସମ୍ବଲପୁର, ୧୬।୩ (ସମିସ)

ସମ୍ବଲପୁର ଜିଲ୍ଲାରେ ଗ୍ୟାସ୍ ସିଲିଣ୍ଡର ଅଭାବ, କଳାବଜାରୀ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରିବାସହ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କଂଗ୍ରେସ କର୍ମୀମାନେ ଜିଲ୍ଲା ସଭାପତି ଇଂ ଅମିତ କୁମାର ଗୁରୁଙ୍କ ନେତୃତ୍ୱରେ ଖାଲି ସିଲିଣ୍ଡର, ବାସନକୁସନ ସହ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭାରେ ବିଜେପି ସରକାର ବିରୋଧରେ ଗର୍ଜିଥିଲେ।

ଦାବିପତ୍ର ଅନୁଯାୟୀ, ଅନ୍ତର୍ଜାତୀୟ ଭୂରାଜନୈତିକ ପରିସ୍ଥିତି ଏବଂ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବିଶ୍ୱ ଶକ୍ତି ବଜାରରେ ଗମ୍ଭୀର ଅନିଶ୍ଚିତତା ସୃଷ୍ଟି କରିଛି। ବର୍ତ୍ତମାନ ପରିସ୍ଥିତି ଯୋଗୁଁ, ଏଲପିଜି ରନ୍ଧନ ଗ୍ୟାସର ଯୋଗାଣ ଯଥେଷ୍ଟ ହ୍ରାସ ପାଇଛି ବୋଲି ଜଣାପଡ଼ିଛି। ପୂର୍ବରୁ ପ୍ରାୟ ୧୫ ଦିନ ସମୟ ନେଉଥିବା ରିଫିଲିଂ ଚକ୍ର ବର୍ତ୍ତମାନ ପ୍ରାୟ ୨୫ ଦିନ କିମ୍ବା ତା'ଠାରୁ ଅଧିକ ସମୟ ଧରି ବୃଦ୍ଧି ପାଇଛି, ଯାହା ପରିବାର ପାଇଁ ଗମ୍ଭୀର ଅସୁବିଧା ସୃଷ୍ଟି କରୁଛି। ସେହି ସମୟରେ, ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ସମ୍ପ୍ରତି ପ୍ରାୟ ୨୬୦ ବୃଦ୍ଧି ପାଇଛି, ଏବଂ ୟୁପିଏ ସମୟରେ ପ୍ରାୟ ୪୩୭ ଥିବା ମୂଲ୍ୟ ଏବେ ପ୍ରାୟ ୯୫୦ ପ୍ରତି ସିଲିଣ୍ଡରକୁ ପହଞ୍ଚିଛି, ଯାହା ସାଧାରଣ ପରିବାର ଉପରେ ଏକ ବିରାଟ ଆର୍ଥିକ ବୋଝ ସୃଷ୍ଟି କରିଛି। ସେହିପରି, ବାଣିଜ୍ୟିକ ଏଲପିଜି ସିଲିଣ୍ଡର (୧୯.୫ କିଲୋଗ୍ରାମ) ର ମୂଲ୍ୟ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ଏହି ପରିସ୍ଥିତି ହୋଟେଲ, ରେଷ୍ଟୁରାଣ୍ଟ, ଛୋଟ ଖାଦ୍ୟ ଦୋକାନ, ରାସ୍ତା କଡ଼ରେ ଖାଦ୍ୟ ବିକ୍ରେତା ଏବଂ କ୍ୟାଟରିଂ ବ୍ୟବସାୟକୁ ଗୁରୁତର ଭାବରେ ପ୍ରଭାବିତ କରିବାର ଆଶଙ୍କା ରହିଛି। ଏହା ଉଲ୍ଲେଖନୀୟ



ଯେ ଯଦି ଏହି ପରିସ୍ଥିତି ଜାରି ରହେ ତେବେ ଖାଦ୍ୟ ଏବଂ ଆତିଥ୍ୟ କ୍ଷେତ୍ର ଉପରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ନିର୍ଭରଶୀଳ ଲକ୍ଷ ଲକ୍ଷ ଲୋକ ଆୟ ଏବଂ ନିଯୁକ୍ତିର ଗୁରୁତର କ୍ଷତି ସହିପାରନ୍ତି।

ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ କଂଗ୍ରେସ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ସମୟରେ କଂଗ୍ରେସ ଜିଲ୍ଲା ସଭାପତି ଇଂ. ଗୁରୁଙ୍କ ସହ ଜିଲ୍ଲା ଉପସଭାପତି ସୁବାସ ବିଶ୍ୱାଳ ଓ ଜିତେନ ମହାନନ୍ଦ, ଜିଲ୍ଲା ସାଧାରଣ ସମ୍ପାଦକ ମୋହନ ଶାହା, ସରୋଜ ପୂଜାରୀ ଓ ମହମ୍ମଦ ଓକିଲ ଚୌଧୁରୀ, ସମ୍ପାଦକ ସୁନୀଲ ପ୍ରଧାନ, ସଂଖ୍ୟାଲଘୁ ଚେୟାରମ୍ୟାନ ମହମ୍ମଦ ଅଖତର, ମନରେଗା ସଂଯୋଜକ ଜିତେନ ପ୍ରଧାନ, ପିସିସି ସମ୍ପାଦକ ଦିଲୀପ ଦୂରିଆ, ଏସ୍‌ସି ସେଲ ରାଜ୍ୟ ସାଧାରଣ ସମ୍ପାଦକ ତାପସ କୁମାର, ଏସ୍‌ସି ସେଲ ରାଜ୍ୟ ସମ୍ପାଦକ ଗଣେଶ ସୋହେଲା, ମହିଳା ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ରେଙ୍ଗାଲି ବ୍ଲକ ସଭାପତି ଚର୍ତୁଭୂଜ ଝଙ୍କାର, ଧନକଉଡ଼ା ବ୍ଲକ ସଭାପତି ଶଙ୍କର୍ଷଣ ନାଥ, ମାନେଶ୍ୱର ବ୍ଲକ ଜୋନ୍ -୨ ସଭାପତି ସଞ୍ଜୀୟ କୁମାର ଛୁରିଆ, ହୀରାକୁଦ ଟାଉନ ସଭାପତି ରବି ରାଉତ, ବୁର୍ଲା ଟାଉନ ସଭାପତି ଗିରିଜା ନାୟକ, ମକରଧ୍ୱଜ ରନବିଡ଼ା, ଇନ୍ଦ୍ରମଣି ବାରିକ, ସଦାନନ୍ଦ ବରାଳ, ଦିନେଶ ସାନବଡ, ନକୁଳ ବେହେରା, ସୁମିତ ନାଏକ, କାହ୍ନୁ ମେହେର ପ୍ରମୁଖ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଅଗ୍ନିକାଣ୍ଡର ୬ ବର୍ଷ ବିତିଲା

# ସରୁନି ନୂତନ ଗୋଲବଜାର ନିର୍ମାଣ

**ସମ୍ବଲପୁର, ୧୬।୩(ସମିସ):** ୨୦୧୯ ମସିହା ଅକ୍ଟୋବର ୨୭ ତାରିଖ ଦୀପାବଳି ଦିନ ବିଳମ୍ବିତ ରାତିରେ ସମ୍ବଲପୁରର ସର୍ବପୁରାତନ ଦୈନିକ ବଜାର 'ଗୋଲବଜାର'ରେ ଅଗ୍ନିକାଣ୍ଡ ଘଟି ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଥିଲା। ପ୍ରାୟ ୮୦ଟି ପିଣ୍ଡି ତଥା ରାସନ ଓ ପନିପରିବା




ଜଳିପୋଡ଼ି ଯାଇଥିଲା। ରାତି ପ୍ରାୟ ଦେଢ଼ଟା ସମୟରେ ଅଗ୍ନିକାଣ୍ଡ ଘଟି ବଜାରର ଏକ ବଡ଼ ଅଂଶକୁ ଗ୍ରାସ କରିଥିବାବେଳେ ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରାୟ ୩ରୁ ୪ ଘଣ୍ଟା ଲାଗିଥିଲା ନିଆଁକୁ ନିୟନ୍ତ୍ରଣ କରିବା ପାଇଁ। ଦୀପାବଳି ଅବସରରେ ଦୋକାନ ସମ୍ମୁଖରେ ମାଟି ଦୀପ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଇଥିଲା। ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଥିବାବେଳେ କେହି ମୃତାହତ ହୋଇନଥିଲେ। ସେତେବେଳେ ଗୋଲବଜାରକୁ ବନ୍ଦ କରାଯାଇ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ରାଶି ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ବଜାରରେ ପୂର୍ବରୁ ୧୯୯୩, ୧୯୯୯, ୨୦୦୫ ଏବଂ ୨୦୧୭ରେ ଅଗ୍ନିକାଣ୍ଡ ଘଟିଥିଲା। ୧୯୦୩ ମସିହାରେ ପ୍ରତିଷ୍ଠା କରାଯାଇଥିବା ସମ୍ବଲପୁରର ସର୍ବପୁରାତନ ତଥା ଅଞ୍ଚଳର ସର୍ବପୁରାତନ ବଜାରର ନବକଳେବର ପାଇଁ ତତ୍କାଳୀନ ସରକାର ଯୋଜନା କରିଥିଲେ। ଭୂତଳ ସହ ଦ୍ୱିତଳ କୋଠା ନିର୍ମାଣ ସହ ପନିପରିବା ବିକାଳିଙ୍କ ସକାଶେ ପିଣ୍ଡି ଏବଂ ରାସନ ଓ ଅନ୍ୟ ଦୋକାନ ସହ ଅତ୍ୟାଧୁନିକ କୋଠା ଯୋଜନା କରାଯାଇଥିଲା। ଏଠାରେ ପାର୍କିଂଠାରୁ ଆରମ୍ଭ କରି ଅଗ୍ନି ସୁରକ୍ଷାଠାରୁ ଆରମ୍ଭ କରି ସମସ୍ତ ଦିଗ ପ୍ରତି ଧ୍ୟାନ ଦିଆଯାଇଥିଲା। ତେବେ, ଏହି ପ୍ରକଳ୍ପ ଭୟାବହ ଅଗ୍ନିକାଣ୍ଡର ୬ ବର୍ଷ ପରେ ବି ସମ୍ପୂର୍ଣ୍ଣ ହୋଇପାରିନାହିଁ। କିଛିଟା ଦୋକାନ ନିର୍ମାଣ କରାଯାଇଥିବାବେଳେ ତାହାର ଆବଣ୍ଟନ କରାଯାଉନାହିଁ। ପୁଣି ପୁରୁଣା ଗୋଲବଜାର ଭିତରେ ଅସୁରକ୍ଷିତ ଭାବରେ ଛୋଟ ଛୋଟ ବ୍ୟବସାୟୀମାନେ ପସରା ମେଲାଉଛନ୍ତି ଏବଂ କିଣାବିକା ଚାଲିଛି।

# ସରକାରୀ ମାନ୍ୟତା ଦାବିରେ ଗର୍ଜିଲେ ଅଙ୍ଗନବାଡି କର୍ମୀ, ସହାୟିକା

**ସମ୍ବଲପୁର, ୧୬।୩ (ସମିସ)**

ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘର ନେତୃତ୍ୱରେ ଆଜି ହଜାର ହଜାର ଅଙ୍ଗନବାଡି କର୍ମୀ ଓ ସହାୟିକା ସେମାନଙ୍କ ବିଭିନ୍ନ ଦାବି ପୂରଣ ପାଇଁ ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା କରିଥିଲେ। ସ୍ଥାନୀୟ ନାରୀ ସେବା ସଦନରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହରର ମୁଖ୍ୟ ରାସ୍ତା ଦେଇ ଆରଡିସି ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଏକ ପ୍ରତିନିଧି ଦଳ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ଭେଟି ଆଲୋଚନା କରିବାସହ ଦାବିପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ - ଅଙ୍ଗନବାଡି କର୍ମୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ସମାନ କାମକୁ ସମାନ ଦରମା, ଶ୍ରମିକ ମାନ୍ୟତା, ଶ୍ରମ ସମ୍ମିଳନୀ ନିଷ୍ପତ୍ତି ଅନୁସାରେ ୨୬ ହଜାର ଟଙ୍କା ଦରମା, ଶ୍ରମ କୋଡ୍ ଆଇନ୍ ଅନୁଯାୟୀ ସାମାଜିକ ସୁରକ୍ଷା, ୧୦୦ ଶତକଡା ପଦୋନ୍ନତି, ଉନ୍ନତ ମାନର ମୋବାଇଲ୍ ଫୋନ୍ ପ୍ରଦାନ, ଏସ୍ଏନ୍‌ପି ଦର ସଂଶୋଧନ, ଅଣ୍ଡା ମୂଲ୍ୟକୁ ବଜାର ଦର ଅନୁଯାୟୀ ପ୍ରଦାନ, ସର୍ବନିମ୍ନ ପେନସନ୍ ୧୦ ହଜାର ଟଙ୍କା, ଅବସର ବେନିଫିଟ୍ ୧୦ ଲକ୍ଷ ଟଙ୍କା, ବର୍ଷକୁ ୪୦ ଦିନ ଛୁଟି, ଦରମା ପ୍ରଦାନରେ ଅନିୟମିତତା ବନ୍ଦ, ବନ୍ଦ ହୋଇଥିବା ଇନକ୍ରିମେଣ୍ଟ ପୁନର୍ବାହାଲ କରିବା, ବିଭିନ୍ନ ମିଟିଂ ଓ କାମ ପାଇଁ ଗସ୍ତ ଓ ଖାଦ୍ୟ ଖର୍ଚ୍ଚ ପ୍ରଦାନ, ସମସ୍ତ କର୍ମୀ ଓ ସହାୟିକାଙ୍କୁ ଇଶ୍ରମ କାର୍ଡ ଓ ଆୟୁଷ୍ମାନ୍ ଯୋଜନାରେ ସାମିଲ କରିବା ଆଦି ରହିଛି। ପଶ୍ଚିମ ଓଡ଼ିଶା ଅଙ୍ଗନବାଡି କର୍ମୀ ଓ ସହାୟିକା ସଂଘ କେନ୍ଦ୍ରୀୟ ଆବାହକ ପ୍ରଶାନ୍ତ ପାଢ଼ୀ, ସଭାନେତ୍ରୀ ମୀରା ଦଳବେହେରା, ସାଧାରଣ ସମ୍ପାଦକ ପ୍ରଭାସିନୀ ପାଢ଼ୀ, ରୁକ୍ମିଣୀ ଜୁଆଡ଼ି, ହେମାଦ୍ରି ପ୍ରଧାନ, ସୈରିନ୍ଦ୍ରୀ ମହାନନ୍ଦ, ସରସ୍ୱତୀ ପଞ୍ଚବିହାର ପ୍ରମୁଖ ନେତୃତ୍ୱ ଦେଇଥିଲେ। ଦାବିଗୁଡ଼ିକ ପୂରଣ ପାଇଁ ସରକାର ତୁରନ୍ତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଥିଲେ। ବିକ୍ଷୋଭରେ ପଶ୍ଚିମ ଓଡ଼ିଶା ସ୍ତରୀୟ କେନ୍ଦ୍ରୀୟ ଯୁଗ୍ମ ଆବାହକ ବାଳକୃଷ୍ଣ ଭୋଇ, ପ୍ରମିଳା ସିଂହ, ସାଧବୀ ବିଶ୍ୱାଳ, ଅନୁସୂୟା ଶତପଥି, ଫଣୀ ରାଉଳ, ମିନି ପଣ୍ଡା, ମଞ୍ଜୁଲତା ମାଝୀ, ନୀନା ବିଞ୍ଝାଲ, ଶାନ୍ତିଲତା କୁମୁରା, କନକ ପ୍ରଧାନ, ରୁବି ଶତପଥୀ, ରତ୍ନମଣି ସାହୁ, ଗୋଲାପୀ ପଟେଲ, ଅହଲ୍ୟା ନାୟକ ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ହଜାର ହଜାର କର୍ମୀ ଓ ସହାୟିକା ଯୋଗ ଦେଇଥିଲେ।






# ଆକାଶବାଣୀ ଶ୍ରୋତା ସଂଘର ସମ୍ମିଳନୀ



**ବରଗଡ଼, ୧୬।୩(ସମିସ):** ବରଗଡ଼ ସାମ୍ବାଦିକ ଭବନ ପରିସରରେ ଆକାଶବାଣୀ ଶ୍ରୋତା ସଂଘ ବରଗଡ଼ର ରାଜ୍ୟସ୍ତରୀୟ ଶ୍ରୋତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସଂଘର ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତା ଓ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଉପସଭାପତି ଜଗନ୍ନାଥ ସାହୁ, ସହ ସମ୍ପାଦକ ସୁଦାମ ସାହୁ, ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, କୋଷାଧ୍ୟକ୍ଷ ଅଶୋକ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଦ୍ୱିତୀୟ ଅଧିବେଶନରେ ନୂତନ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିବାବେଳେ ସଭାପତି ଜଗନ୍ନାଥ ସାହୁ, ସମ୍ମାନିତ ଅତିଥି ଭାବେ ଆକାଶବାଣୀ ସମ୍ବଲପୁର କେନ୍ଦ୍ରରୁ କୈବର୍ତ୍ତ ସାହୁ, ବିରୁପାକ୍ଷ ପ୍ରଧାନ, ଉଦ୍‌ଘୋଷକ ସୂର୍ଯ୍ୟକୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିବାବେଳେ ଆକାଶବାଣୀ ସମ୍ବଲପୁର କେନ୍ଦ୍ର କାର୍ଯ୍ୟକ୍ରମ ନିଷ୍ପାଦକ ସନ୍ତୋଷ ପିଙ୍କ୍ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟ୍ୟାଚାର୍ଯ୍ୟ ହରେକୃଷ୍ଣ ପୁଝାରୀ ସ୍ମୃତି ସମ୍ମାନ ନାଟ୍ୟ ନିର୍ଦ୍ଦେଶକ କେଶ ରଞ୍ଜନ ପ୍ରଧାନ, ଗୀତିକାର ସ୍ୱର୍ଗତ କ୍ଷିତିପତି ସାହୁ ସ୍ମୃତି ସମ୍ମାନରେ ଭିକାରୀ ଚରଣ ପ୍ରଧାନ, ସ୍ୱର୍ଗତଃ ବିପିନ ବିହାରୀ ପ୍ରଧାନ ସମାଜସେବୀ ସମ୍ମାନ ସାମାଜିକ କର୍ମୀ ବିରଞ୍ଚି ନାରାୟଣ ଦାଶ, ସ୍ୱର୍ଗତଃ ଶାନ୍ତନୁ ବିଶ୍ୱାଳଙ୍କ ସ୍ମୃତିରେ ସାମ୍ବାଦିକ ସମ୍ମାନ ବସନ୍ତ ମାଝୀ ଓ ସ୍ୱର୍ଗତଃ ବିଷ୍ଣୁ ସାହୁ ଶ୍ରେଷ୍ଠଶ୍ରୋତା ସମ୍ମାନ ନଳିନୀ ପ୍ରଭା ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଦିଲୀପ କୁମାର ସାହୁ, ଡ. ତପସ୍ୱନୀ ଗୁରୁ, ରବୀନ୍ଦ୍ର ନାଥ ମେହେର, ସୁଜାତା ସାହୁ, ବିମଳ ଦାଶ, କୃଷ୍ଣଚନ୍ଦ୍ର ପ୍ରଧାନ, ସମାଜସେବୀ ସଂଘମିତ୍ରା ପଟେଲ, ବିନୟ ସାହୁ, ରାଜେଶ୍ କାରିଆ, ଉମେଶ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

# ଟଗ୍ ଅଫ୍ ୱାରରେ ଆଜାଦ କ୍ଲବ୍ ବିଜେତା



**ସମ୍ବଲପୁର, ୧୬।୩(ସମିସ):** ହୀରାକୁଦ କ୍ରୀଡା ସଂସଦ ଓ ଅମିତାଭ ପରିଡ଼ା ତରଫରୁ ୮ଟି ଟିମ୍‌କୁ ନେଇ ଦଉଡି ଟଣା ପ୍ରତିଯୋଗିତା ଟଗ୍ ଅଫ ୱାରର ଫାଇନାଲ ସ୍ଥାନୀୟ ସୁବାଷ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଛି। ହିଣ୍ଡାଲକୋ ହୀରାକୁଦ ଏବଂ ହୀରାକୁଦ ଆଜାଦ କ୍ଲବ୍ ମଧ୍ୟରେ ଫାଇନାଲ ହୋଇଥିଲା। ହୀରାକୁଦ ଆଜାଦ କ୍ଲବ ୨/୦ ଚାମ୍ପିଅନ ହୋଇଥିଲା। ହୀରାକୁଦ କ୍ରୀଡା ସଂସଦର ପ୍ରତାପ କୁମାର ତାଣ୍ଡି ସାଧାରଣ ସମ୍ପାଦକ ମୁଖ୍ୟ ଅତିଥି, ଯୁଗ୍ମ ସମ୍ପାଦକ କାର୍ତ୍ତିକ କଲେତ, ବିଘ୍ନେଶ୍ୱର ପାଣିଗ୍ରାହୀ, ସୁଦେଶ ନାଗ, ପିଣ୍ଟୁ ସୁନା, ଜଟା ଧାରୀ ଛନ୍ଦ, ରୁପେଶ ନାୟକ ଯୋଗ ଦେଇଥିଲେ। ପ୍ରହଲ୍ଲାଦ ଚନ୍ଦ୍ର ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ଆଜାଦ କ୍ଲବକୁ ପାଞ୍ଚ ହଜାର ଟଙ୍କା ସହ ଟ୍ରଫି ଓ ହିଣ୍ଡାଲକୋ ଦଳକୁ ତିନି ହଜାର ସହ ଟ୍ରଫି ଓ ତୃତୀୟ ବିଜେତା ହିଣ୍ଡାଲକୋ ବି ଦଳକୁ ନଗଦ ଦୁଇ ହଜାର ଟଙ୍କା ପ୍ରଦାନ କରାଯାଇଛି।

# ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**କୁଚିଣ୍ଡା, ୧୬।୩(ସମିସ):** କୁଚିଣ୍ଡା ସହର ୱାର୍ଡ ନଂ ୭ ଜ୍ୟୋତିପଡ଼ାର ୨୦ବର୍ଷୀୟ ଯୁବତୀ ପ୍ରତିମା ଛତ୍ରିଆ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପୁଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି କୁଚିଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇଛି। ଏନେଇ କୁଚିଣ୍ଡା ଥାନା କେସ ନଂ ୧୧/୨୬ ରେ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ଘରେ କେହି ନ ଥିବା ସମୟରେ ପ୍ରତିମା ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ସନ୍ଦେହ ହେଉଛି।

# ଅଘଟଣ ଅପେକ୍ଷାରେ ମୁକୁଳା ଟ୍ରାନ୍ସଫର୍ମର

**ଭେଡେନ, ୧୬।୩(ସମିସ):** ଭେଡେନ ବ୍ଲକ ବକଟି ପଞ୍ଚାୟତ କୁଶନପୁରୀ (ପଧାନ ଟିକିରାରେ) ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଫଳରେ କୌଣସି ମୁହୂର୍ତ୍ତରେ ମଧ୍ୟ ଅଘଟଣ ହେବାର ସମ୍ଭାବନା ରହିଛି। ଟ୍ରାନ୍ସଫର୍ମର ଚାରିପାଖ ମଇଳା ଥିବାରୁ ବିଶେଷତଃ ଗାଈଗୋରୁଙ୍କ ପ୍ରତି ବିପଦ ରହିଛି। କୁଶନପୁରୀ-ଚିଚିଣ୍ଡା ରାସ୍ତାର ପଧାନ ଟିକିରା ମୁଖ୍ୟ ରାସ୍ତା ନିକଟରେ ଏହି ଟ୍ରାନ୍ସଫର୍ମର ରହିଛି। ଫଳରେ ଚାରି ଚକିଆ ଓ ଦୁଇ ଚକିଆ ଯାନରେ ଆସୁଥିବା ଲୋକେ ଟ୍ରାନ୍ସଫର୍ମରରେ ପିଟି ହୋଇ ଅନେକ ସମୟରେ ଦୁର୍ଘଟଣା ହୋଇଥିବା ନଜିର ମଧ୍ୟ ଅଛି। ଗତକାଲି ଏକ ବାଇକ ଆରୋହୀ ଏହି ଟ୍ରାନ୍ସଫର୍ମରରେ ପିଟି ହୋଇ ବିଦ୍ୟୁତ୍ ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଲାଇନ କାଟିବାରୁ ଏକ ବିରାଟ ଅଘଟଣ ଟଳି ଯାଇଥିଲା। ଅନେକ ସମୟରେ ଛୋଟ ପିଲାମାନେ ନିକଟରେ ଖେଳୁଥିବାରୁ ସେମାନଙ୍କ ପ୍ରତି ବିଶେଷ ଭାବେ ବିପଦ ରହିଛି। ଏଣୁ ତୁରନ୍ତ ଟ୍ରାନ୍ସଫର୍ମର ଚାରି ପାଖରେ ଏକ ପାଚେରି ନିର୍ମାଣ ପାଇଁ ଟିକ୍ରାବାସୀଙ୍କ ମତ ପ୍ରକାଶ କରିଛନ୍ତି।

### ପଦ୍ମପୁର ଏନ୍‌ଏସି ବୈଠକରେ ହଙ୍ଗାମା

# ଅଧାରୁ ଉଠି ଚାଲିଲେ କାଉନସିଲର

**ପଦ୍ମପୁର, ୧୬।୩(ସମିସ):** ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷା ସାବିତ୍ରୀ ବାଗଙ୍କ ଅଧ୍ୟକ୍ଷତାରେ ରବିବାର ସ୍ୱତନ୍ତ୍ର ବୈଠକର ଆୟୋଜିତ ହୋଇଯାଇଛି। କିନ୍ତୁ ବୈଠକରେ କାଉନସିଲର ମାନେ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କ ବିଭିନ୍ନ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକଟ କରିବା ସହ ବୈଠକକୁ ଅଧାରୁ ଛାଡି ଚାଲି ଆସିଛନ୍ତି। ନିର୍ବାହୀ ଅଧିକାରୀ କାହାରି କଥା ନ ଶୁଣି ନିଜ ମନ ମୁତାବକ କାର୍ଯ୍ୟ କରୁଥିବା କାଉନସିଲର ପ୍ରିୟରଞ୍ଜନ ଭୋଇ ଓ ଚିନ୍ମୟ ପଣ୍ଡା ଅଭିଯୋଗ କରିବା ସହ ବୈଠକରେ ପ୍ରବଳ ହଙ୍ଗାମା ହୋଇଥିଲା। ସହରର ଦୋକାନ ଗୃହ ଆବଣ୍ଟନରେ ଘୋର ଅନିୟମିତା ହୋଇଥିବା କାଉନସିଲର ମାନେ ଅଭିଯୋଗ ଆଣିଥିଲେ। ବିନା କୌଣସି ନୋଟିସରେ ପଦ୍ମପୁର ଡାକ୍ତରଖାନା ନିକଟରେ ତିଆରି ହୋଇଥିବା ତିନି ଗୋଟି ଦୋକାନ ଗୃହ ନିର୍ବାହୀ ଅଧିକାରୀ ନିଜ ମନ ମୁତାବକ ଆବଣ୍ଟନ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଏହା ସହ ପଦ୍ମପୁର ଆହାର କେନ୍ଦ୍ରକୁ ମଧ୍ୟ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁହାଇଲା ଭଳି ନିୟମ କରାଯାଛି ଏବଂ ବେନିୟମ ଭାବେ ସେହି ଗୋଷ୍ଠୀକୁ ପରିଚାଳନା ଦାୟିତ୍ୱ ଦେଇ ଦିଆଯାଇଥିବାରୁ ବୈଠକରେ ଘୋର ଅସନ୍ତୋଷ ଦେଖା ଦେଇଥିଲା। ଏହାସହ ସ୍ଥାନୀୟ ସତରବନ୍ଧ ନିକଟରେ ପ୍ରସ୍ତାବିତ ଦୋକାନ ଗୃହ ପାଇଁ ଗରିବ ଦୋକାନୀମାନଙ୍କ ଠାରୁ ଆବେଦନ ଫର୍ମ ପାଇଁ ହଜାରେ ଟଙ୍କା ଲେଖାଏଁ ଅସୁଲ କରାଯିବା ନେଇ ଅସନ୍ତୋଷ ଦେଖା ଦେଇଥିଲା। ସହରର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଥିବା, ସହରରେ ଥିବା ଏକମାତ୍ର ପାର୍କ ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇ ପଡ଼ିରହିବା, ପରିଷଦ କାର୍ଯ୍ୟାଳୟର କିଛି କର୍ମଚାରୀ କାଉନସିଲର ମାନଙ୍କୁ ସହଯୋଗ ନ କରିବା ଏବଂ ସେମାନେ ମନମୁଖୀ କାର୍ଯ୍ୟକଳାପ ଚଳାଉଥିବା ଅଭଯୋଗ କରି ଆଜି ବୈଠକରେ ଉପସ୍ଥିତ ସମସ୍ତ କାଉନସିଲର ଦସ୍ତଖତ ନ ଦେଇ ସଭାକାର୍ଯ୍ୟ ଅଧାରୁ ଛାଡି ଚାଲି ଆସିଥିଲେ।

# ସଙ୍ଗୀତା ମିଶ୍ରଙ୍କୁ ମାଟିଲଗ୍ନା ସେବାରତ୍ନ ଓ ସାହିତ୍ୟଶ୍ରୀ ସମ୍ମାନ

**ବରଗଡ଼, ୧୬।୩(ସମିସ):** ବରଗଡ଼ ମାଟିର ଝିଅ ସମାଜସେବୀ ତଥା କବୟିତ୍ରୀ ସଙ୍ଗୀତା ମିଶ୍ର ମାଟିଲଗ୍ନା ସେବାରତ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ମାଟିଲଗ୍ନା ସାହିତ୍ୟ ସଂସଦ, ଓଡ଼ିଶାର ରାଜ୍ୟସ୍ତରୀୟ ସାହିତ୍ୟ ସମାବେଶ ଲକ୍ଷ୍ମୀପୁରରେ ବାସନ୍ତୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ସଭାପତି କିଶୋର ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ କୋରାପୁଟ ଝିନ ହିକ୍କା, ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ଦାସ, ଅଶୋକ ମହାନ୍ତି ପ୍ରମୁଖ ଯୋଗ ଦେଇ ଭାଷା ସାହିତ୍ୟ, ଓଡ଼ିଆ ସଂସ୍କୃତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ନୁରାବତି ସାହୁ, ମୁଖ୍ୟ ପରିଚାଳକ ନରସିଂହ ପ୍ରସାଦ ନାୟକ, ମୁଖ୍ୟ ଉଦ୍ୟୋକ୍ତା ସଙ୍ଗୀତା ମିଶ୍ର, ସମ୍ପାଦକ ଜୟନ୍ତ ମହାଲିକ ଓ ବରିଷ୍ଠ ସାହିତ୍ୟିକ ମହାଦେବ ଶତପଥୀ ମଞ୍ଚାସୀନ ଥିଲେ। ଡ.କିଶୋର ଚନ୍ଦ୍ର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ଶିଶୁ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ, ଓଡ଼ିଶୀ ନୃତ୍ୟ, ଢେମସା ନାଚ, ସମ୍ବଲପୁରୀ ନୃତ୍ୟ ଆଦି ପରିବେଷଣ ହୋଇଥିଲା। ୧୨ଟି ଜିଲ୍ଲାରୁ ୧୨୦ ଜଣ କବି, କବୟିତ୍ରୀ ଅଂଶଗ୍ରହଣ କରି କବିତା ପାଠ କରିଥିଲେ। ଅନେକ ପ୍ରତିଭାବାନ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଥିଲା। ଏହି ଅବସରରେ ଲକ୍ଷ୍ମୀପୁର ସାହିତ୍ୟ ସଂସଦର ସାହିତ୍ୟିକା ସଙ୍ଗୀତା ମିଶ୍ରଙ୍କୁ ମାଟିଲଗ୍ନା ସେବରତ୍ନ ସମ୍ମାନ ଓ ମାଟିଲଗ୍ନା ସାହିତ୍ୟଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ମୋହନ ଭଞ୍ଜ, ମନୋରଞ୍ଜନ ଚାନ୍ଦ, ଶୁଭ୍ରାଂଶୁ ଶେଖର ପାଢ଼ୀ, ଭଗବାନ ସିଂ ମାଝୀ, ରାଜେନ୍ଦ୍ର ତୁରିଆ, ଦୋଳମନି ଶତପଥୀ, ଲକ୍ଷ୍ମୀ ଆମ୍ମା, ଗୋଦାବରୀଶ ଦାସ, ସୁବାସ ତାରିଣୀ, ସୋଭାଗିନି ନନ୍ଦ, ସ୍ୱପ୍ନା ମହାନ୍ତି, ବାସନ୍ତୀ ଜେନା, ଶ୍ରଦ୍ଧାଞ୍ଜଳି ତ୍ରିପାଠୀ, ଅନିମା ଚକ୍ରବର୍ତ୍ତୀ, ପ୍ରତିମା ମହାରଣା ପ୍ରମୁଖ ଅନେକ ଲେଖକ, ଲେଖିକା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଓ ଶୂନ୍ୟ ମନ୍ଦିର ପୁନଃପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ଅମ୍ବାଭୋନା, ୧୬।୩ (ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଚିଚୋଲି ଗ୍ରାମବାସୀଙ୍କ ତରଫରୁ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ, ମହିମା ବାଲ୍ୟଲୀଳା ଓ ଶୂନ୍ୟ ମନ୍ଦିରର ପୁନଃପ୍ରତିଷ୍ଠା ଅବସରରେ ୨୪ ପ୍ରହରୀ ମହିମା ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ସକାଳେ ପ୍ରକାଶପୁର ସ୍ଥିତ ମହିମା ଆଶ୍ରମ ପୋଖରୀରୁ ପବିତ୍ର ଜଳରେ କଳସ ଭର୍ତ୍ତି କରି ଶ୍ରଦ୍ଧାଳୁମାନେ ଘଣ୍ଟ, ଢୋଲ ଓ ବିଭିନ୍ନ ବାଦ୍ୟ ଧ୍ୱନି ସହିତ ଏକ ବିରାଟ ଶୋଭାଯାତ୍ରାରେ ଚିଚୋଲି ଗ୍ରାମ ଅଭିମୁଖେ ଯାତ୍ରା। କରିଥିଲେ। ମହିଳାମାନେ ମୁଣ୍ଡରେ କଳସ ଧାରଣ କରି ଭଜନ ଓ ନାମସଂକୀର୍ତ୍ତନ କରି ଚିଚୋଲି ଗ୍ରାମସ୍ଥିତ ଶୂନ୍ୟମନ୍ଦିରରେ ପହଞ୍ଚିଥିଲା। ଏହି ଧାର୍ମିକ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇ ବୁଧବାର ପର୍ଯ୍ୟନ୍ତ ଚାଲିବ। ଏହାର ଅଂଶରୂପ ୨୪ପ୍ରହରୀ ମହିମା ନାମଯଜ୍ଞ, ଭଜନ, କୀର୍ତ୍ତନ ଓ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଆୟୋଜିତ ହେବାକୁଥିବା ସୂଚନା ମିଳିଛି। ଏହି ଅବସରରେ ପଶ୍ଚିମାଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥିବା ସିଦ୍ଧ ସାଧୁ ବୃନ୍ଦ, ମହିମା ସମାଜର ସଦସ୍ୟମାନେ ଏବଂ ତ୍ୟାଗୀ ବୈରାଗୀମାନେ ସାମିଲ ହୋଇ ଯଜ୍ଞ ଓ ନାମସଂକୀର୍ତ୍ତନରେ ଅଂଶଗ୍ରହଣ କରିଥିଲେ। ଯଜ୍ଞମାଧ୍ୟମରେ ବିଶ୍ୱଶାନ୍ତି, ସମାଜର ମଙ୍ଗଳ ଓ ସମସ୍ତଙ୍କ କଲ୍ୟାଣ କାମନା କରାଯାଉଥିବା ଆୟୋଜକମାନେ ପ୍ରକାଶ କରିଛନ୍ତି। ଏହି ଅନୁଷ୍ଠାନକୁ ସଫଳ କରିବା ପାଇଁ ଚିଚୋଲି ଗ୍ରାମବାସୀ ଓ ମହିମା ଭକ୍ତମଣ୍ଡଳୀ ସକ୍ରିୟ ଭୂମିକା ଗ୍ରହଣ କରୁଥିବା ଦେଖିବାକୁ ମିଳିଛି।

# ଜିଏମ୍‌ୟୁ ମ୍ୟାନେଜମେଣ୍ଟ ବିଭାଗରେ ଜାତୀୟ କର୍ମଶାଳା

**ସମ୍ବଲପୁର, ୧୬।୩ (ସମିସ) :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମ୍ୟାନେଜମେଣ୍ଟ ବିଭାଗ ପକ୍ଷରୁ ପିଏମ୍ ଉଷା ଯୋଜନା ଅଧୀନରେ 'ବୃହତ୍ ଡାଟା ଆନାଲିଟିକ୍ସ: ଏସ୍‌ପିଏସ୍‌ଏସ୍, ଆର୍ ଏବଂ ସ୍ମାର୍ଟ ପିଏଲ୍‌ଏସ୍ ବ୍ୟବହୃତ ମୌଳିକ ପ୍ରୟୋଗ' ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାର ଲକ୍ଷ୍ୟ ଥିଲା ଗବେଷଣା ଓ ଶିଳ୍ପକ୍ଷେତ୍ରରେ ବ୍ୟବହୃତ ଆଧୁନିକ ଡାଟା ଆନାଲିସିସ ଟୁଲ୍‌ସ ସମ୍ବନ୍ଧରେ ଅଂଶଗ୍ରାହୀମାନଙ୍କୁ ପ୍ରାୟୋଗିକ ଜ୍ଞାନ ଓ ହ୍ୟାଣ୍ଡସ-ଅନ୍ ତାଲିମ ପ୍ରଦାନ କରିବା। କର୍ମଶାଳାର ଉଦ୍‌ଘାଟନ ସଭାରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡଃ ସୁଶାନ୍ତ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନର ଡାଟା-ନିର୍ଭର ଯୁଗରେ ଗବେଷଣା, ବ୍ୟବସାୟ ନିଷ୍ପତ୍ତି ଓ ନୀତି ନିର୍ମାଣରେ ଡାଟା ଆନାଲିଟିକ୍ସର ଗୁରୁତ୍ୱ ଉଲ୍ଲେଖ କରିଥିଲେ। ଏସ୍‌ପିଏସ୍‌ଏସ୍, ଆର୍ ଏବଂ ସ୍ମାର୍ଟ ପିଏଲ୍‌ଏସ୍ ପରି ସଫ୍ଟୱେର ବ୍ୟବହାରରେ ଦକ୍ଷତା ଆଧୁନିକ ଗବେଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ଜିଏମ୍‌ୟୁ ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ତଥା କର୍ମଶାଳାର ଆବାହକ ଡଃ ଶ୍ରୀନିବାସ ଦାଶ ସ୍ୱାଗତ ଭାଷଣ ଦେବାସହ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଏବଂ ଅଂଶଗ୍ରାହୀମାନଙ୍କୁ ବୈଷୟିକ ଅଧିବେଶନରେ ସକ୍ରିୟ ଭାଗନେବାକୁ ଉତ୍ସାହିତ କରିଥିଲେ।

ବୈଷୟିକ ଅଧିବେଶନ ଗୁଡ଼ିକରେ ଆଇଆଇଏମ୍ ସମ୍ବଲପୁରର ପ୍ରଫେସର ଡଃ ହେମଚନ୍ଦ୍ର ପ୍ରଧାନ, ରାୟପୁରସ୍ଥିତ ରବିଶଙ୍କର ଶୁକ୍ଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ରାଜୀବ ଚୌଧୁରୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ଡଃ ରୋହିତ କୁମାର ମିଶ୍ର ପ୍ରମୁଖ ସାଧନ କର୍ମୀଭାବେ ଯୋଗ ଦେଇଥିଲେ। ସେମାନେ ଏସ୍‌ପିଏସ୍‌ଏସ୍, ଆର୍ ଏବଂ ସ୍ମାର୍ଟ ପିଏଲ୍‌ଏସ୍ ବ୍ୟବହାର କରି ଡାଟା ଆନାଲିସିସର ପ୍ରାୟୋଗିକ ପ୍ରଦର୍ଶନ କରିଥିଲେ। କର୍ମଶାଳାର ଦ୍ୱିତୀୟ ଦିନରେ ବିଭିନ୍ନ ଅଧିବେଶନ ମାଧ୍ୟମରେ ଅଧିକ ପ୍ରାୟୋଗିକ ଅଭ୍ୟାସ ଓ ପ୍ରଦର୍ଶନ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମ୍ୟାନେଜମେଣ୍ଟ ବିଭାଗୀୟ ମୁଖ୍ୟ ଡଃ ଶ୍ରୀନିବାସ ଦାଶ କର୍ମଶାଳାର ରିପୋର୍ଟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗବେଷକ, ବୃତ୍ତିଗତ ବିଶେଷଜ୍ଞ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଶେଷରେ ମ୍ୟାନେଜମେଣ୍ଟ ବିଭାଗର ସହକାରୀ ଅଧ୍ୟାପିକା ଶିବାନୀ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।




### ସରକାରୀ ନୀତିନିୟମକୁ ବେଖାତିର

# ବେଧଡକ ଗଢ଼ା ଚାଲିଛି ମାଟିଇଟା

**କୁଚିଣ୍ଡା, ୧୬।୩(ସମିସ)**

କୁଚିଣ୍ଡା ଥାନା ମହଦା, କେନାଡ଼ିପା, ଧୁଡ଼ିପାଲି ଆଦି ଅଞ୍ଚଳରେ ବେଧଡକ ଭାବେ ବେଆଇନ ଇଟା ଭାଟି ଚାଲିଛି। ଫଳରେ ଗ୍ରାମ୍ୟଜଙ୍ଗଲ କ୍ଷୟ ହେବାର ଲାଗିଛି। ଗ୍ରୀଷ୍ମ ପ୍ରବାହ ସହିତ ଜଙ୍ଗଲ ପରିବେଶ ଦୂଷିତ ହେଉଥିବା ବେଳେ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜନସାଧାରଣ ରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ପରିବେଶ ସୁରକ୍ଷା ପାଇଁ ନିର୍ମାଣ କାର୍ଯ୍ୟରେ ମାଟି ତିଆରି ଇଟା ବ୍ୟବହାର ଉପରେ ସରକାରୀସ୍ତରରେ ପ୍ରତିବନ୍ଧକ ଲାଗୁ ହୋଇଥିଲେ ମଧ୍ୟ ବ୍ୟବସାୟୀ ଏହାକୁ ଅବମାନନା କରି ବେଧଡକ ଇଟା ପୋଡ଼ା ଚାଲିଛି। ଜମନକିରା ତହସିଲ ଅଞ୍ଚଳରେ ଏକାଧିକ ବେଆଇନ ମାଟି ଇଟାଭାଟି ଚାଲୁଥିବା ବେଳେ ପ୍ରତିଦିନ ଲକ୍ଷ ଲକ୍ଷ ଇଟା ପୋଡ଼ାଯାଉଛି। ଏହି ଇଟା ସବୁ ଲଇଡ଼ା, ରେଙ୍ଗାଲି ତଥା



ଜିଲ୍ଲା ବାହାରେ ମଧ୍ୟ ବିକ୍ରି କରାଯାଉଛି। ମାଫିଆମାନେ ଇଟା ବିକ୍ରି କରି ମାଲେମାଲ ହେଉଥିବା ବେଳେ ସରକାର କିନ୍ତୁ ରାଜସ୍ୱ ହରାଉଛନ୍ତି। ମହଦା, କର୍ଡାଖମନ, ଅଙ୍କଡିହି, ବିଜାଗୁଡା, ବେଲୁଆମାଲ, ଆଖଡାଦଣ୍ଡ, ଫାଶିମାଲ, ଲାଡମ୍ବପାଲି, ମନାପାଲି, ଆଦି ଅଞ୍ଚଳରେ ଛତୁ ଫୁଟିଲା ପରି ବେଆଇନ ଇଟାଭାଟି ଚାଲିଛି। ଗୁଣ୍ଡୁରୁଟୁଆ ଆରଆଇ ଅଞ୍ଚଳ ଏବଂ ଫାସୀମାଲ ଆରଆଇ ଅଞ୍ଚଳରେ ଏକାଧିକ ବେଆଇନ ଇଟାଭାଟି ଚାଲିଛି। ଦିର୍ଘ ବର୍ଷ ବର୍ଷ ଧରି ବେଆଇନ କାରବାର ଚାଲିଥିବା ବେଳେ କେହି ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ପ୍ରତିଦିନ ଟ୍ରାକ୍ଟର ଯୋଗେ ମୁଖ୍ୟ ରାସ୍ତା ଉପରେ ଇଟା ବୁହାହେଉଥିବା ବେଳେ ଏଥିପ୍ରତି ପ୍ରଶାସନର ନଜର ନପଡ଼ିବା ପରିତାପର ବିଷୟ ହୋଇଛି। ପରିବେଶ ସୁରକ୍ଷା ପାଇଁ ମାଟିଇଟା ତିଆରି ଓ ବ୍ୟବହାର ଉପରେ କଟକଣା କେବଳ କାଗଜକଲମରେ ସୀମିତ ହୋଇ ରହିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ବର୍ଷ ବର୍ଷ ଧରି ଭାଟି ମାଲିକ ଓ ସରକାରୀ ବାବୁଙ୍କ ମଧୁ ଚକ୍ରିକାରେ ବେଆଇନ ଇଟାଭାଟି ଚାଲି ଆସୁଥିବା ଅଭିଯୋଗ ହେଉଛି। ଯୁଆଡ଼େ ଦେଖିବ ସେଠି ଇଟା ଭାଟି ନଦୀ ଠାରୁ ଆରମ୍ଭ କରି ରାସ୍ତା କଡ଼ରେ ଚାଷ ଜମିରେ ଏପରିକି ଘର ଅଗଣାରେ ପାଲଟିଛି ଇଟାଭାଟି। ଭଟାର ବିଶାକ୍ତ ଧୂଆଁ ଓ ପାଉଁଶ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଅଣନିଃଶ୍ୱାସୀ ହୋଇପଡୁଛନ୍ତି ଲୋକେ। ପ୍ରଦୂଷଣ ଆଇନର ଖୋଲା ଖୋଲି ଉଲ୍ଲଂଘନ କରାଯାଉଛି। ପ୍ରତି ବର୍ଷ ଧରି ଖୁଲମଖୁଲା ବେଆଇନ ଇଟାଭାଟି ପାଇଁ ଜାଳେଣି କାଠ ଓ କୋଇଲା ଏତେ ପରିମାଣ କେଉଁଠୁ ଆସୁଛି। ତେଣୁ ଅସାଧୁ ଇଟାଭାଟି ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି।

# ଭିମସାର୍‌ରେ 'ଚିନ୍ତନ' ଆୟୋଜିତ



**ସମ୍ବଲପୁର, ୧୬।୩ (ସମିସ) :** ନେସନାଲ ମେଡିକୋସ୍ ଆସୋସିଏସନ୍ (ଏନ୍‌ଏମ୍‌ଓ) ଭିମସାର୍ ୟୁନିଟ୍ ପକ୍ଷରୁ 'ଚିନ୍ତନ' - ମେଡିକ୍ୱିଜ୍ ଏବଂ ଭାରତ କୁଇଜ୍ ଆୟୋଜିତ ହୋଇଯାଇଛି। ଏହା ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ଚିକିତ୍ସା ବିଜ୍ଞାନ ଏବଂ ଭାରତର ସମୃଦ୍ଧ ଐତିହ୍ୟ, ଇତିହାସ ଏବଂ ସମସାମୟିକ ବିକାଶରେ ସେମାନଙ୍କର ଜ୍ଞାନ ବୃଦ୍ଧି କରିବା ସକାଶେ ଏକ ବୌଦ୍ଧିକ କାର୍ଯ୍ୟକ୍ରମ ଥିଲା। କାର୍ଯ୍ୟକ୍ରମରେ ଦ୍ୱିତୀୟ ବର୍ଷର ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯାହା ଏହି କାର୍ଯ୍ୟକ୍ରମକୁ ପ୍ରତିଯୋଗିତାମୂଳକ ଏବଂ ଶୈକ୍ଷିକ ଭାବରେ ସମୃଦ୍ଧ କରିଥିଲା। ଏହି କାର୍ଯ୍ୟକ୍ରମରେ ଏନ୍‌ଏମ୍‌ଓ ଭିମ୍‌ସାର୍ ୟୁନିଟ୍ ଅଧ୍ୟକ୍ଷା ଡା. ସାଗ୍ନିକା ତ୍ରିପାଠୀ, ଆନାଟୋମି ବିଭାଗର ମୁଖ୍ୟ ଡା. ମମତା ସାର, ଏନ୍‌ଏମ୍‌ଓର ରାଜ୍ୟ ସଂଗଠନ ସଚିବ ଡା. ଏସ. କେ. ମିଶ୍ର ଏବଂ ଏନ୍‌ଏମ୍‌ଓର କୋଷାଧ୍ୟକ୍ଷ ଡା. ରୋହନ କୁମାର ନାୟକଙ୍କ ସମେତ ଅତିଥିମାନେ ଯୋଗ ଦେଇଥିଲେ। ଅତିଥିମାନେ ଏଭଳି ପଦକ୍ଷେପକୁ ପ୍ରଶଂସା କରିବାସହ ଛାତ୍ରଛାତ୍ରୀମାନଙ୍କୁ ଶୈକ୍ଷିକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନିଶା, ମନୀଷ, କ୍ରିତିକା, ଶୁଭମ, ଶୁଭଙ୍କର, ଦେବୀ, ଦିବ୍ୟଦର୍ଶନ, ଦୀପ୍ତି, ଦୀପକ, ଶକ୍ତି, ନମନ ପ୍ରମୁଖ ସହଯୋଗ କରିଥିଲେ।

# ମଉଳିଗଲାଣି ବ୍ୟାରେଜ ସ୍ୱପ୍ନ

ବଲାଙ୍ଗିର,୧୬।୩(ସମିସ)

ବଲାଙ୍ଗିର ଜିଲ୍ଲାର ଜଳସେଚନ ହାରର ଅବସ୍ଥା ସମସ୍ତଙ୍କୁ ଉଣା ଅଧିକେ ଜଣା। ଜଳସେଚନ ହାର ଅତି ଦୁର୍ବଳ ଥିବାରୁ ଜିଲ୍ଲାରେ ପ୍ରାୟତଃ ଚାଷୀମାନେ ସବୁବେଳେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି। ବଡ ନଦୀ ସ୍ରୋତ ମଧ୍ୟ ନ ଥିବାରୁ ଜିଲ୍ଲାର ପ୍ରାୟ ସମସ୍ତ ଅଞ୍ଚଳରେ ଭୂତଳ ଜଳ ସ୍ତର ବର୍ଷକୁ ବର୍ଷ ନିମ୍ନଗାମୀ ହେବାରେ ଲାଗିଛି। ବୃହତ ଜଳସେଚନ ପ୍ରକଳ୍ପ କହିଲେ ଲୋୟର ସୁକତେଲ ପ୍ରକଳ୍ପ। ତାହା ମଧ୍ୟ ଠିକ ଭାବେ କାର୍ଯ୍ୟକ୍ଷମ ହୋଇନାହିଁ। ଗତ ଦୁଇ ତିନି ବର୍ଷ ହେଲା ଡ୍ୟାମ୍‌ରେ ପାଣି ଗଚ୍ଛିତ ନ ରଖି ଛାଡି ଦିଆଯାଉଛି। ଏହାଫଳରେ ଏବେ ଜିଲ୍ଲା ଦେଇ ବହିଯାଇଥିବା ସମସ୍ତ ନଦୀ ଶୁଷ୍କ ଅବସ୍ଥାରେ ରହିଛି। ଆଗକୁ ଏହାର ପ୍ରଭାବ ଲୋକଙ୍କ ପାନୀୟ ଜଳ ମଧ୍ୟ ଉପରେ ପଡିବାର ସମ୍ଭାବନା ରହିଛି। ଏହାର ସମାଧାନ ପୂର୍ବକ ବିଜେଡି ସରକାର ସମୟରେ ବଡ ଡ୍ୟାମ୍ ପରିବର୍ତ୍ତେ ନଦୀରେ ବ୍ୟାରେଜ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହିକ୍ରମରେ ଜିଲ୍ଲା ପାଇଁ ୮ଟି ବ୍ୟାରେଜକୁ ମଞ୍ଜୁର ମିଳିଥିଲା। ବର୍ତ୍ତମାନ ଗୋଟିଏ କାମ ସରିଛି। ଆଉ ଗୋଟିଏ ନିର୍ମାଣାଧୀନ ରହିଛି। ବାକି ଡବଲ ଇଞ୍ଜିନ ସରକାର ଆସିବା ପରେ ଆରମ୍ଭ ହୋଇପାରି ନ ଥିବା ଅଭିଯୋଗ ହୋଇଛି।

ବଲାଙ୍ଗିର ସହରର ପାନୀୟ ଜଳ ସମସ୍ୟାକୁ ସମାଧାନ କରିବା ପାଇଁ ଏକ ବଡ ପଦକ୍ଷେପ ନିଆଯାଇଛି। ନିକଟସ୍ଥ ସୁକତେଲ ନଦୀ ଉପରେ ତିଆରି ହୋଇଥିବା ବ୍ୟାରେଜରୁ ସହରକୁ ପାଣି ଆଣିବା ପାଇଁ ପ୍ରକଳ୍ପ କାମ ଆରମ୍ଭ ହୋଇଛି। ବଲାଙ୍ଗିର ସଦର ବ୍ଲକ୍ ଅଧୀନ କିରାବାହାଲରେ ନିର୍ମାଣ ହୋଇଥିବା ଏହି ବ୍ୟାରେଜ ଏବେ ସାଧାରଣ ଲୋକଙ୍କ କାମରେ ଲାଗିଛି। ଏହି ବ୍ୟାରେଜ ନିର୍ମାଣ କରିବା ପାଇଁ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କ ଉଦ୍ୟମ କ୍ରମେ ତତ୍‌କାଳୀନ ବିଜେଡି



ସରକାର ୧୪୨ କୋଟି ଟଙ୍କା ମଞ୍ଜୁର କରିଥିଲେ। ୨୦୨୧ ଡିସେମ୍ବରରେ ଏହି କାମକୁ ମଞ୍ଜୁରି ମିଳିଥିଲା। ୨୦୨୪ ଜୁନ ସୁଦ୍ଧା ସଂପୂର୍ଣ୍ଣ ହୋଇଥିଲା। କେବଳ ଏହି ଗୋଟିଏ ନୁହଁ; ବଲାଙ୍ଗିର ଜିଲ୍ଲାରେ ଏହିଭଳି ବିଭିନ୍ନ ନଦୀରେ ୮ଟି ବ୍ୟାରେଜ ନିର୍ମାଣ କରିବା ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ; କିନ୍ତୁ ଏହି ୮ଟି ମଧ୍ୟରୁ ୬ଟି ବ୍ୟାରେଜ ସ୍ୱପ୍ନ ଆଜି ବି ସ୍ୱପ୍ନ ହୋଇରହିଯାଇଛି। କିରବାହାଲ ପରେ ୨୦୨୨ ଜାନୁୟାରୀରେ ରାଉଲ ନଦୀରେ ଉପରେ ଗୁଡଭେଲାଠାରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ବ୍ୟାରେଜ ମଞ୍ଜୁର ହୋଇଥିଲା। ତାହା ନିର୍ମାଣାଧୀନ ରହିଛି; କିନ୍ତୁ କାମରେ ଅନେକ ବିଳମ୍ବ ହୋଇସାରିଛି। ସେହିପରି ତେଲ ନଦୀ ଉପରେ କୁକେଡମାଲଠାରେ ବ୍ୟାରେଜ ନିର୍ମାଣ କରିବା ପାଇଁ ୫୮୨ କୋଟି ଟଙ୍କା ମଞ୍ଜୁର ହୋଇଛି। ୧୮୨ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି; କିନ୍ତୁ ପୁଣିଥରେ ଟେଣ୍ଡର କରାଯାଇଛି। ବଙ୍ଗୋମୁଣ୍ଡା ବ୍ଲକ୍‌ର ଇନ୍ଦ୍ର ନଦୀ ଉପରେ କୁରସୁଡଠାରେ ୧୬୪ କୋଟି ଟଙ୍କା ବ୍ୟୟରେ ବ୍ୟାରେଜ ନିର୍ମାଣ ପାଇଁ ମଞ୍ଜୁର ହୋଇଛି। ପ୍ରାୟ ୫କୋଟି ଟଙ୍କା ଖର୍ଚ୍ଚ କରାଯିବା ପରେ ଆଉ ଥରେ

- ବିଜେଡି ସମୟରେ ମଞ୍ଜୁର ବ୍ୟାରେଜର ଭାଗ୍ୟ ଅନିଶ୍ଚିତ
- ସରକାର ଗଠନର ୨ ବର୍ଷ ପରେ ମଧ୍ୟ ତ୍ୱରାନ୍ୱିତ ହୋଇନାହିଁ
- ଗୋଟିଏ ବ୍ୟାରେଜକୁ ଛାଡିଦେଲେ ୭ ବ୍ୟାରେଜର ଭାଗ୍ୟ ଝୁଲୁଛି

କାମ ବନ୍ଦ କରି ନୂତନ ଟେଣ୍ଡର ଆହ୍ୱାନ କରାଯାଇଛି। ସେହିପରି ଟିଟିଲାଗଡ ପଥର୍ଲାଠାରେ ୧୭୪ କୋଟି ଟଙ୍କା ବ୍ୟୟରେ ବ୍ୟାରେଜ ନିର୍ମାଣ ପାଇଁ ଆର୍ଥିକ ଅନୁଦାନ ଦିଆଯାଇଥିଲା। କାମ ମଧ୍ୟ ଆରମ୍ଭ ହୋଇଥିଲା; ହେଲେ ପ୍ରାୟ ୫ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ପରେ ଏହି ବ୍ୟାରେଜ କାମ ବନ୍ଦ କରି ପୁନଃ ଟେଣ୍ଡର କରାଯାଇଛି। ଏହି ସବୁ ପ୍ରକଳ୍ପ କାମ ୨୦୨୫ରେ ଆରମ୍ଭ ହୋଇଛି। ୨୦୨୮ ସୁଦ୍ଧା ସରିବା କଥା; କିନ୍ତୁ ସରକାର ବଦଳିବା ପରେ ଏହି କାମ ସବୁ ଅଟକାଇ ଦିଆଯାଇଛି। କେବେ ପୁଣି କାମ ଆରମ୍ଭ ହେବ ତାହା କହି ହେଉନି। ଅନ୍ୟପକ୍ଷରେ ସଇଁନ୍ତଲା ବ୍ଲକ୍ ଲାନ୍ଥ ନଦୀ ଉପରେ ତୁଷ୍ଟାପାଲି ଗାଁରେ ୧୩୪ ବ୍ୟାରେଜ ପାଇଁ ୧୩୪ କୋଟି ଟଙ୍କା ତତ୍‌କାଳୀନ ସରକାର ମଞ୍ଜୁର କରିଛନ୍ତି। ପ୍ରକଳ୍ପ ପାଇଁ ବୈଷୟିକ ସଂଶୋଧନ ପ୍ରକ୍ରିୟାରେ ଅଟକି ରହିଛି। ଆଗଲପୁର ବ୍ଲକ୍ କୁଟାସିଂହାରେ ଅଙ୍ଗ ନଦୀ ଉପରେ ବ୍ୟାରେଜ ନିର୍ମାଣ କରିବା ପାଇଁ ପୂର୍ବ ସରକାର ସମୟରେ ୨୪୭ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହା ସହ ଦେଓଗାଁ ବ୍ଲକ୍ ସିକୁଆଁଠାରେ ବ୍ୟାରେଜ ନିର୍ମାଣ ପାଇଁ ପାଖାପାଖି ୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ତେବେ ଗତ ପ୍ରାୟ ୨ ବର୍ଷ ହେଲା ଏହି ପ୍ରକଳ୍ପ ମଧ୍ୟ ପଡିରହିଛି। ଡିପିଆର ପ୍ରସ୍ତୁତି ପ୍ରକ୍ରିୟାରେ ଏହି କାମ ପଡିରହିଛି। ଆଗକୁ ଏହା କେବେ ଆରମ୍ଭ ହେବ ତାହା କହି ହେଉନି। ବଲାଙ୍ଗିର ଜିଲ୍ଲାରେ ଜଳସେଚନ ହାର ବୃଦ୍ଧି, ଭୂତଳ ଜଳସ୍ତର ବୃଦ୍ଧି ତଥା ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଏହିଭଳି ବ୍ୟାରେଜ ନିହାତି ଆବଶ୍ୟକ। ପୂର୍ବ ସରକାର ସମୟରେ ଏହା ମଞ୍ଜୁର ହୋଇଥିବାରୁ ନୂତନ ସରକାର ରାଜ୍ୟରେ ଗଠନ ହେବା ପରେ ଉଦ୍ଦେଶ୍ୟମୂଳକ ଭାବେ ଅଟକାଇ ରଖାଯାଇଥିବା ଅଭିଯୋଗ ହୋଇଛି। ଯେଉଁ ବିଧାୟକ, ପୂର୍ବତନ ବିଧାୟକମାନେ ଏହି ବ୍ୟାରେଜ ପାଇଁ ସେହି ସମୟରେ ଦାବି କରୁଥିଲେ ଏବେ ନିଜେ ସରକାରରେ ଥାଇ ମଧ୍ୟ ଏନେଇ ମୁହଁ ନ ଖୋଲିବା ନିହାତି ଭାବେ ଦୁର୍ଭାଗ୍ୟଜନକ। ଏହି ସବୁ ବ୍ୟାରେଜକୁ କିଭଳି ଶୀଘ୍ର ତ୍ୱରାନ୍ୱିତ କରାଯିବ ସେ ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ ନ କରିବା ଚିନ୍ତାର ବିଷୟ ହୋଇଛି।

## ବାଇକ୍ ଧକ୍କାରେ ୪ ଗୁରୁତର

କଣ୍ଟାବାଞ୍ଜି,୧୬।୩(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି-ଗୁଡିଘାଟ ରାସ୍ତା ମୁରିବାହାଲ ଥାନା କୁର୍ଲୁବାହାଲ ଗାଁ ନିକଟରେ ଦୁର୍ଘଟଣା ଘଟିଛି। ଏଥିରେ ୪ ଜଣ ଗୁରୁତର ହୋଇଛନ୍ତି। ଏମାନେ ହେଲେ ବେଲପଡା ଥାନା ଆମପଡାର ବିକ୍ରମ ନାଗ, ଲଥାକେନ୍ଦ ଗାଁର ରମାକାନ୍ତ ମାଝି, କଣ୍ଟାବାଞ୍ଜି ଥାନା କୁକୁଡାହାଡ ଗାଁର ଦୁର୍ଣ୍ଣ ବାଗ, ମୁରିବାହାଲ ଥାନା ବଡସାଇମରା ଗାଁର ନବୀନ ମୁଗ୍ରୀ। ସମସ୍ତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ନବୀନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେତୁ ତାଙ୍କୁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ମୁରିବାହାଲ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବ୍ରେକ୍ ଫେଲ୍; ଘରେ ପଶିଗଲା ସ୍କର୍ପିଓ





ବେଲପଡା,୧୬।୩(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡା ଥାନା ମଣ୍ଡଳ ଗାଁରେ ଏକ ବଡ଼ ଦୁର୍ଘଟଣା ଘଟିଛି। ସ୍କର୍ପିଓ ଧକ୍କାରେ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗିଛି। ତେବେ ଗାଡିରେ ବସିଥିବା କିଛି ଲୋକ ଆହତ ହୋଇଛନ୍ତି। ସୋମବାର ଦିନ ୧୨ଟାରେ ବେଲପଡା ଥାନା ବାଗୁଡା ଗାଁର ଗୁଣମଣି ଭାଟି ନିଜ ସ୍କର୍ପିଓ (ଓଡି ୦୮ ୧୬୧୬)ରେ ପରିବାର ଲୋକଙ୍କ ସହ କର୍ଲାବାହାଲି ଗାଁକୁ ଯାଉଥିଲେ। ମଣ୍ଡଳ ଗାଁର ନିକଟରେ ହଠାତ ଗାଡିରେ ବ୍ରେକ୍ ଫେଲ୍ ହେବା ହୋଇଥିଲା। ଏଥିଯୋଗୁଁ ଗାଡିଟି ଭାରସାମ୍ୟ ହରାଇ ପ୍ରଥମେ ପାଣି ପୋଷ୍ଟ ଏବଂ ପରେ ଅନନ୍ତ ନାଗଙ୍କ ଘରକୁ ଧକ୍କା ଦେଇଥିଲା। ଏହି ଧକ୍କା ଯୋଗୁଁ ଘର ଭାଙ୍ଗି ଯାଇଥଲେ ମଧ୍ୟ ଅଳ୍ପକେ ପରିବାର ଲୋକ ବଞ୍ଚିଯାଇଛନ୍ତି। ବେଲପଡା ପୁଲିସ ପହଞ୍ଚି ଗାଡି ଜବତ କରି ଆହତଙ୍କୁ ଡାକ୍ତରଖାନା ପଠାଇଛି।

● ଜିଲ୍ଲାସ୍ତରୀୟ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ

## 'ଉଲ୍ଲାସ' ପରୀକ୍ଷା ଦେଲେ ୧୬୫୮୧ ନବ ସାକ୍ଷର





ବଲାଙ୍ଗିର,୧୬।୩(ସମିସ): କେନ୍ଦ୍ର ସରକାରଙ୍କ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ "ଉଲ୍ଲାସ" ଅଧୀନ ୨୦୨୫-୨୬ ଶିକ୍ଷା ବର୍ଷର ଦ୍ୱିତୀୟ ପର୍ଯ୍ୟାୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ମୂଲ୍ୟାୟନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ୧୪ଟି ବ୍ଲକରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ବ୍ଲକର ପରୀକ୍ଷା କେନ୍ଦ୍ରରେ ୧୫ବର୍ଷରୁ ଅଧିକ ବୟସର ୧୬୫୮୧ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିଲେ। ଜିଲ୍ଲା ଓ ବ୍ଲକ ସ୍ତରରେ ଏହି ପରୀକ୍ଷାକୁ ତଦାରଖ କରିବା ନିମନ୍ତେ ସ୍ୱତନ୍ତ୍ର ମନିଟରିଂ ଦଳ ନିୟୋଜିତ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ରୀନା କୁମାରୀ ବେହେରା ଓ ସେବାଶ୍ରୀ ଭୋଇଙ୍କ ସମେତ ୧୪ଟି ବ୍ଲକର ବିଇଓ,ଏବିଇଓ, ସିଆରସିସି ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

### ବେଲପଡ଼ା ବ୍ଲକ୍‌ର ୧୪୦ କେନ୍ଦ୍ରରେ ୧୦୦୩ ପରୀକ୍ଷାର୍ଥୀ

ବେଲପଡା: କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ଅଧୀନ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଦ୍ୱିତୀୟ ମୂଲ୍ୟାଙ୍କନ ପରୀକ୍ଷା ବେଲପଡା ବ୍ଲକ୍‌ରେ ସୁଚାରୁ ଭାବେ ଅନୁଷ୍ଠିତ ହୋଇଛି। ବ୍ଲକ୍‌ର ୧୩ଟି କ୍ଲଷ୍ଟର ଅଧୀନରେ ମୋଟ ୧୪୦ଟି ପରୀକ୍ଷା କେନ୍ଦ୍ର ଗଠନ କରାଯାଇଥିଲା। ୧୦୦୩ ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ଅଭିନବ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମଗ୍ର ପରୀକ୍ଷା ପ୍ରକ୍ରିୟା ଆୟୋଜିତ ହୋଇଥିଲା। ସମସ୍ତ କ୍ଲଷ୍ଟରରେ ପୂର୍ବ ପ୍ରସ୍ତୁତି, ପ୍ରଶ୍ନପତ୍ର ବଣ୍ଟନ, ପରୀକ୍ଷା ପରିଚାଳନା ଓ ପର୍ଯ୍ୟବେକ୍ଷଣ ସୁଚାରୁ ଭାବରେ କରାଯାଇଥିଲା। ୧୫ ବର୍ଷରୁ ଅଧିକ ବୟସ୍କ ଅଣସାକ୍ଷର ବ୍ୟକ୍ତିଙ୍କୁ ସର୍ଭେ ମାଧ୍ୟମରେ ଶିକ୍ଷକମାନେ ଚିହ୍ନଟ କରିଥିଲେ। ପରେ ସେମାନଙ୍କୁ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାସେବୀ ଶିକ୍ଷକ ଓ ଶିକ୍ଷାସେବୀଙ୍କ ଦ୍ୱାରା ନିୟମିତ ଶିକ୍ଷାଦାନ କରାଯାଇଥିଲା। ମୌଳିକ ପଢ଼ା, ଲେଖା ଓ ଗଣନା କୌଶଳ ମୂଲ୍ୟାଙ୍କନ ପାଇଁ ଏହି ପରୀକ୍ଷା ଆୟୋଜନ କରାଯାଇଥିଲା। ଏବିଇଓ ଚତୁର୍ଭୁଜ ମିର୍ଦ୍ଧା ନୋଡାଲ ଅଫିସର ଭାବେ କାର୍ଯ୍ୟ କରିଥିଲେ। ସିଆରସିସି ନିଜ ନିଜ କ୍ଲଷ୍ଟରର ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

## ଆନ୍ଦୋଳନରେ ସ୍ୱାସ୍ଥ୍ୟ କର୍ମଚାରୀ; ରୋଗୀ କଲବଲ

● ଡାକ୍ତରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ
● ସକାଳ ୯ରୁ ଦିନ ୧୨ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ

କଣ୍ଟାବାଞ୍ଜି,୧୬।୩(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ସମ୍ମୁଖୀନରେ ସୋମବାର ଆଉଟସୋର୍ସିଂ କର୍ମଚାରୀ ସେମାନଙ୍କ ବିଭିନ୍ନ ସଦସ୍ୟା ତଥା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆଉଟସୋର୍ସିଂ ବଦଳରେ ସ୍ଥାୟୀ ନିଯୁକ୍ତି ଦେବା ସହ ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତି ସଂପୂର୍ଣ୍ଣ ରୂପେ ବନ୍ଦ କରିବା ଏବଂ ସମାନ କାମକୁ ସମାନ ଦରମା ପାଇଁ ସେମାନେ ଦାବି କରିଛନ୍ତି। ଦୀର୍ଘ ୨୦ ବର୍ଷ ହେଲା ଆଉଟସୋର୍ସିଂରେ ସେମାନେ କାମ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ମାଝୀ କିନ୍ତୁ ସେମାନଙ୍କ ଦାବି ଶୁଣୁନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ମାସିକ ଦରମା ମଧ୍ୟ ମିଳୁନାହିଁ। ସରକାର ଦରମା ଦେବାରେ ମଧ୍ୟ ବିଫଳ ହୋଇଛନ୍ତି ବୋଲି କହି ଏମାନେ କ୍ଷୋଭ ପ୍ରକାଶ କରିଛନ୍ତି। ମାସିକ ୧୦ ହଜାର ଟଙ୍କାରେ ଏମାନେ କାମ କରୁଛି। ଏତିକି ଟଙ୍କାରେ କ'ଣ ଚଳାଇବା ସମ୍ଭବ ବୋଲି ସେମାନେ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଶ୍ନ କରିଛନ୍ତି। ମାସିକ ଦରମା ବୃଦ୍ଧି ନ କରିବା ଚିନ୍ତାର ବିଷୟ ବୋଲି ଏମାନେ କହିଛନ୍ତି। ମାସେରୁ ଅଧିକ ସମୟରେ ହେଲା ଭୁବନେଶ୍ୱରରେ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ଆନ୍ଦୋଳନ କରୁଛି। ସରକାର କିନ୍ତୁ ଆଦୌ ଗୁରୁତ୍ୱ ଦେଉ ନାହାନ୍ତି। ସବୁ ଜାଣି ମଧ୍ୟ ସରକାରଙ୍କ ଉପରେ ଏହାର ପ୍ରଭାବ ପଡୁନି। ସରକାର କୌଣସି ପ୍ରକାର ପଦକ୍ଷେପ ନାହାନ୍ତି। ଶେଷରେ ସୋମବାର ପ୍ରତ୍ୟେକ



ଡାକ୍ତରଖାନା ସମ୍ମୁଖରେ ଆନ୍ଦୋଳନ କରିବାକୁ ସଂଘ ଆହ୍ୱାନ ଦେଇଥିଲା। ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଏହି ନିର୍ଦ୍ଦେଶକକୁ ପାଳନ କରି କଣ୍ଟାବାଞ୍ଜି ଡାକ୍ତରଖାନା ସମ୍ମୁଖରେ ଆଉଟସୋର୍ସିଂ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ ଏମାନେ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ କରିଥିଲେ। ଏଣୁ ରୋଗୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ଆନ୍ଦୋଳନରେ କଣ୍ଟାବାଞ୍ଜି ଡାକ୍ତରଖାନାରେ ଆଉଟସୋର୍ସିଂ ଅଧୀନରେ କାର୍ଯ୍ୟରତ ଥିବା ନର୍ସିଂ ଅଫିସର ରିତୁ ବାରିକ, ସାଗରିକା ମାହାନନ୍ଦ, ସଂଜୁ ଛତ୍ରିଆ, ସରୋଜ ମାହାନନ୍ଦ, ପୂଜାରାଣୀ ଛତ୍ରିଆ, ମୀନା ପୁଟେଲ୍, ଜୟସିନି ଦାସ, ସୀତୁ ମାହାନନ୍ଦ, ଯଶୋବନ୍ତି ଶବର, ଆଲୋକ ସା, ଅମର ପୁଟେଲ୍, ଚନ୍ଦ୍ରଭାନୁ ଖର୍ସେଲ, ପୂର୍ଣ୍ଣ ନାଗ, ଅଜିତ ପୁଟେଲ୍, ସେହେଜାଦ ଖାଁ, ପୁରନ୍ଦର ରଣା, ସୁରକ୍ଷା କର୍ମୀ, ନାଗେଶ୍ୱର ଭୋଇ, ଅଜୟ ଦୀପ, ଲକ୍ଷ୍ମୀକାନ୍ତ ମାହାନନ୍ଦ, ସୁଶାନ୍ତ ମାହାନନ୍ଦ, ଅଞ୍ଜଳି ବାଗ, ସୁମିତ୍ରା ବାଗ, ଜୟଦେବ ସେଠ, ଦେବରାଜ ନାଗ, ଅନିଲ ସୁନା, ଭିବିସନ ଭୋଇ, ସଂଜୟ ଖୁରା, ବାଦଲ ହାତୀ, ଆକାଶ ନାଗ, ବିକାଶ ନାଗ, ମାଧବ କୁମାର, ପରେଶ ନାଏକ, ଏଲ.ଟି ଗଜପତି ବେହେରା, ବିଟୁ ତାନ୍ତି, ଏମଆର୍ ଅମବିତ ବାଇକର, ସଫେଇ କର୍ମଚାରୀ ପଦ୍ମନାଭ ମେହେର, ଆନନ୍ଦ ମଛଖଣ୍ଡ, ମାୟା କୁମାର, ଅଜନା ମଛଖଣ୍ଡ, ସୋନିଆ ପାତ୍ର, ଅସମନ ପାତ୍ର, ସ୍ୱରସତୀ ଭରାସାଗର, ପାୟଲ ଭରାସାଗର, ନିଧି ସୁନା, ରାହୁଲ ନାଗ, ନନ୍ଦୀନି ଭରାସାଗର, ପ୍ରଶାନ୍ତ ଭରାସାଗର, ମେଘନାଥ କୁମାର, ଅରବିନ୍ଦ ଦୀପ, ସହ କର୍ମଚାରୀ ଭବାନୀ ଶଙ୍କର, ନାରାୟଣ ସୁନ୍ଦରୀ ସୁନାମ, ହେମସାଗର ନାଗ, ବନିତା ସେଠ, ଜତି ସେଠ ପ୍ରମୁଖ ସାମିଲ ହୋଇଛନ୍ତି। ଯେତେଦିନ ପର୍ଯ୍ୟନ୍ତ ସରକାର ଏମାନଙ୍କ ଦାବି ପୂରଣ ନ କରିବେ ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ପ୍ରତିଦିନ ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ କରିବେ ବୋଲି ସେମାନେ କହିଛନ୍ତି।

## ସହଯୋଗ ଫାଉଣ୍ଡେସନ୍ ସମ୍ମାନିତ



ବଲାଙ୍ଗିର,୧୬।୩(ସମିସ): ବଲାଙ୍ଗିର ଜିଲ୍ଲାର ଅନ୍ୟତମ ସାମାଜିକ ସଂଗଠନ ସହଯୋଗ ଫାଉଣ୍ଡେସନ ସମ୍ବଲପୁରରେ ଆୟୋଜିତ ପ୍ରାନ୍ତୀୟ ଅଧିବେଶନ ଶିଖର-୨୦୨୬ରେ ସମ୍ମାନିତ ହୋଇଛି। ଏହି କାର୍ଯ୍ୟକ୍ରମ ଓଡିଶା ପ୍ରାଦେଶିକ ମାରୱାଡ଼ି ସମ୍ମେଳନ ଦ୍ୱାରା ଆୟୋଜିତ ହୋଇଥିଲା। ୬ ବର୍ଷ ଧରି ସମାଜ କଲ୍ୟାଣ ଓ ମାନବ ସେବା କ୍ଷେତ୍ରରେ ନିରନ୍ତର ଓ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସହଯୋଗ ଫାଉଣ୍ଡେସନ୍‌କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

## ପାଟଣାଗଡ଼ରେ ୫୧ ଅଭିଯୋଗର ଶୁଣାଣି



ବଲାଙ୍ଗିର,୧୬।୩(ସମିସ): ପାଟଣାଗଡ଼ ପଞ୍ଚାୟତ ସମିତି ବୈଠକ ଗୃହରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଗୌରଓ ଶିୱାଜୀ ଇସଲୱାର ଏବଂ ଏସ୍‌ପି ଅଭିଳାଷ ଜି ଯୋଗ ଦେଇଥିଲେ। ଉଭୟ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଦାଖଲ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକ ଯଥା ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶିବିରରେ ମୋଟ ୫୧ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୪୮ଟି ଏବଂ ସାମୂହିକ ୩ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ ମେହେରଙ୍କ ସମେତ ଜିଲ୍ଲା, ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ସିଏସ୍‌ଏସ୍ ପୋଷ୍ଟ ନିଯୁକ୍ତିରେ ଜାଲିଆତି

ପାଟଣାଗଡ଼,୧୬।୩ (ସମିସ)

- ଟଙ୍କା କାରବାର ଅଭିଯୋଗ
- ବ୍ଲକ୍ ସଂଯୋଜକଙ୍କୁ ଲାଞ୍ଚ ନ ଦେଲେ ମିଳୁନି ଦରମା
- ମହିଳାଙ୍କୁ ଅପବ୍ୟବହାର ସହ ଏକଛତ୍ରବାଦ ଚାଲିଛି
- ନ୍ୟାୟ ନ ମିଳିଲେ ଆନ୍ଦୋଳନ ଚେତାବନୀ

ରାଜ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାଙ୍କୁ ସଶକ୍ତିକରଣ କରାଯିବ। ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗାଁ ସ୍ତରରୁ ଗୋଷ୍ଠୀ ସ୍ୱୟଂ ସହାୟିକା ସଙ୍ଘ ଗଠନ କରି ସେମାନଙ୍କୁ ତଦାରଖ ପାଇଁ ପଞ୍ଚାୟତସ୍ତରୀୟ ଜିପିଏଲଏଫ ଇସି ମେମ୍ବର ସଙ୍ଘ ଗଠନ କରାଯାଇଛି। ଜିପିଏଲଏଫ ଇସି ସଦସ୍ୟାଙ୍କୁ ମାସପିଛା ୧୫୦୦ ଟଙ୍କା ଲେଖାଏଁ ପ୍ରତି ୬ ମାସରେ ଥରେ ଦରମା ପ୍ରଦାନ କରାଯାଉଛି; କିନ୍ତୁ ବ୍ଲକ୍ ସଂଯୋଜକଙ୍କୁ ଲାଞ୍ଚ ନ ଦେଲେ ଦରମା ମିଳୁନି। ନିକଟରେ ହୋଇଥିବା ଗାଁ ସ୍ତର ଓ ପଞ୍ଚାୟତ ସ୍ତରୀୟ ସିଏସଏସ ପୋଷ୍ଟ ପାଇଁ ଜାଲିଆତି ସହ ଏକ ବଡ଼ ଧରଣର ଲାଞ୍ଚ କାରବାର ହୋଇଥିବା ଭଳି ସାଙ୍ଘାତିକ ଅଭିଯୋଗ ହୋଇଛି।

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ଲରମ୍ଭା ପଞ୍ଚାୟତର ଜିଏଲଏଫ ମହିଳା ସଦସ୍ୟା ସସ୍ମିତା ମାଝୀଙ୍କ ଅନ୍ୟ ସଦସ୍ୟାଗଣ ଏହି ଅଭିଯୋଗ ଆଣିଛନ୍ତି। ସେମାନଙ୍କ ଅଭିଯୋଗନୁସାରେ ଲରମ୍ଭା ଜିପିରେ ୮୦ଟି ଏସଏଚଜି ଗ୍ରୁପକୁ ନେଇ ୨୦ ଜଣିଆ ଜିପିଏଲଏଫ ଇସି ମେମ୍ବର ରହିଛନ୍ତି। ୨ ମାସ ତଳେ ପାଟଣାଗଡ଼ ବ୍ଲକରେ ଥିବା ପ୍ରତ୍ୟେକ ଗାଁ ସ୍ତର ପାଇଁ ଭିଏଲଏଏମ ପୋଷ୍ଟ ଓ ପଞ୍ଚାୟତସ୍ତର ପାଇଁ ଏମବିକେ ପୋଷ୍ଟ ଗୋଟିଏ ଲେଖାଏଁ ପାଇଁ ବିଜ୍ଞପ୍ତି ବାହାରିଥିଲା। ବିଜ୍ଞପ୍ତିରେ ୧୮ ବର୍ଷରୁ ୪୫ ବର୍ଷ ସମୟସୀମା ରହିଛି; କିନ୍ତୁ ଲରମ୍ଭା ଜିପିର ଜିଏଲଏଫ ଇସି ଗ୍ରୁପର ସଭାପତି ଯାଜ୍ଞସେନି ଦଣ୍ଡସେନା ଶେଷ ବୟସ ସୀମା ୩୫ ବର୍ଷ ରହିଥିବା ଦର୍ଶାଇ ନିଜେ ଉକ୍ତ ପଦବୀକୁ ବେଆଇନ ଭାବେ ହାତେଇଛନ୍ତି। ଏହାଫଳରେ ଏହି ପଦବୀ ପାଇଁ ଯୋଗ୍ୟତା ଥାଇ ସୁଦ୍ଧା ଭୁଲ୍ ତଥ୍ୟ ଯୋଗୁଁ ଏହି ଜିପିର ଅନ୍ୟାନ୍ୟ ମହିଳା ସଦସ୍ୟାମାନେ ଏହି ପଦବୀରୁ ବଞ୍ଚିତ ହୋଇଛନ୍ତି। ଏହି ପଦବୀ ପାଇଁ ବ୍ଲକ୍‌ସ୍ତରରେ ମୋଟା ଅଙ୍କର ଲାଞ୍ଚ କାରବାର କରାଯାଇଛି। ଏଥିସହ ଗୋଟିଏ ପଦବୀରେ ଥାଇ ସୁଦ୍ଧା ସେହି ପଦବୀରୁ ଇସ୍ତଫା ନ ଦେଇ କିଭଳି ଶ୍ରୀମତୀ ଦଣ୍ଡସେନା ଏହି ପଦବୀ ପାଇଁ ଯୋଗ୍ୟ



ବିବେଚିତ ହୋଇଛନ୍ତି ଏହାର ତଦନ୍ତ ପାଇଁ ଦାବି କରିଛନ୍ତି।

ଅନ୍ୟପଟେ ବ୍ଲକ୍ ସଂଯୋଜକ ବିଚିତ୍ରାନନ୍ଦ ମୁଦୁଲି ଅନେକ ସମୟରେ ଗୋଷ୍ଠୀ ସହାୟିକା ମହିଳାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ପ୍ରତିବାଦ କଲେ ପଦବୀରୁ ବହିଷ୍କାର କରିଦେବା ଧମକ ଦେଉଥିବା ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଲରମ୍ଭା ଜିପିର ୨୦ ଜଣିଆ ଜିଏଲଏଫ ସଦସ୍ୟା ତାଙ୍କ ଦରମା ପାଇବା ପାଇଁ ଗତ ୨ ବର୍ଷରେ ଅନେକ ଥର ୨୦ ହଜାର, ୧୦ ହଜାର ଓ ୪ ହଜାର ଲେଖାଏଁ ଦୁଇଥର ସମସ୍ତ ସଦସ୍ୟାଙ୍କଠାରୁ ଟଙ୍କା ଆଦାୟ କରାଯାଇ ସଭାପତି ଯାଜ୍ଞସେନି ଦଣ୍ଡସେନାଙ୍କ ମାଧ୍ୟମରେ ବ୍ଲକ୍ ସଂଯୋଜକ ବିଚିତ୍ର ମୁଦୁଲିଙ୍କୁ ଦେବାପାଇଁ ଦେଇଛନ୍ତି। ଟଙ୍କା ନ ଦେଲେ ଶ୍ରୀ ମୁଦୁଲି ଦରମା ଟଙ୍କା କରାଇବେ ନାହିଁ ଓଲଟା ସଦସ୍ୟା ପଦରୁ ବହିଷ୍କାର କରିବାର ଧମକ ଦେଉଥିବା ମହିଳା ସଦସ୍ୟା ଅଭିଯୋଗ ଆଣିଛନ୍ତି। ନିକଟରେ ଶ୍ରୀ ମୁଦୁଲି ଲରମ୍ଭା ଜିପିକୁ ଏକ ବୈଠକ ପାଇଁ ଆସି ମହିଳା ସଦସ୍ୟାଙ୍କୁ ଅପମାନିତ କରିଛନ୍ତି। ତେବେ ମାସକୁ ୧୫ଶହ ଟଙ୍କା ଦରମା ପାଇବାକୁ ହେଲେ ବ୍ଲକରେ ଲାଞ୍ଚ ଦେବାକୁ ପଡୁଥିବା ମହିଳା ସଦସ୍ୟା ସସ୍ମିତା ଛତ୍ରିଆ କ୍ଷୋଭର ସହ କହିଛନ୍ତି। ଏହି ଘଟଣାରେ ପାଟଣାଗଡ଼ ବିଡ଼ିଓଙ୍କୁ ଏକ ଲିଖିତ ଅଭିଯୋଗ କରାଯାଇଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଏମାନେ ଅଭିଯୋଗ ଆଣିଛନ୍ତି। ଏହି ପଦବୀ ପୋଷ୍ଟିଂରେ ବ୍ଲକ ସ୍ତରରେ ଏକ ବଡ଼ ଧରଣର ଜାଲିଆତି କରାଯାଇଛି। ଏହାଫଳରେ ବ୍ଲକର ୧୪ଟି ପଞ୍ଚାୟରେ ଅନେକ ମହିଳା ସଦସ୍ୟା ଯୋଗ୍ୟତା ଥାଇ ମଧ୍ୟ ଭୁଲ୍ ମାର୍ଗଦର୍ଶନ ଯୋଗୁଁ ଏହି ପଦବୀରୁ ବଞ୍ଚିତ ହୋଇଥିବା ଅଭିଯୋଗ ଆଣିଛନ୍ତି।

ନିଜ ଇଚ୍ଛାନୁସାରେ ମୋଟା ଅଙ୍କର ଟଙ୍କା କାରବାର କରାଯାଇ ଏହି ପଦବୀ ଦିଆଯାଇଛି। ଏହି ଘଟଣାର ଏକ ଉଚ୍ଚ ସ୍ତରୀୟ ବିଧିବଦ୍ଧ ତଦନ୍ତ କରାଯାଇ ଜାଲିଆତି ହୋଇଥିବା ନିଯୁକ୍ତିକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇ ପୁନଃ ଆବେଦନ ପ୍ରକ୍ରିୟା କରାଯାଉ। ବ୍ଲକ୍ ସଂଯୋଜକ ଶ୍ରୀ ମୁଦୁଲିଙ୍କୁ ତୁରନ୍ତ ବହିଷ୍କାର କରାଯାଉ ବୋଲି ମହିଳା ସଦସ୍ୟା ସସ୍ମିତା ମାଝୀ, ଜୟଶ୍ରୀ ପଷାୟତ, ଆରତୀ କର୍ମି, କରିସ୍ମା ବେହେରା, ରେବତୀ ଭୁଏ, ଦୀପାଞ୍ଜଳି ଖରସେଲ, ମମତା ବରିହା, ହେମଲତା ବାଗ, ଆଶାଲତା ସାହୁ, କମଳିନୀ ସେଠଙ୍କ ସହ ଅନ୍ୟ ସଦସ୍ୟାଗଣ ଦାବି କରିଛନ୍ତି। ନଚେତ ଆନ୍ଦୋଳନାତକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଘଟଣାରେ ବ୍ଲକ୍ ସଂଯୋଜକ ବିଚିତ୍ର ମୁଦୁଲିଙ୍କୁ ପଚାରିବାରୁ ଯେଉଁମାନେ ଏହି ପଦବୀରୁ ବଞ୍ଚିତ ହୋଇଛନ୍ତି ବର୍ତ୍ତମାନ ତାଙ୍କ ନାମରେ ମିଥ୍ୟା ଅଭିଯୋଗ ଆଣୁଛନ୍ତି। ସବୁ ଭିତ୍ତିହୀନ ବୋଲି ସେ କହିଛନ୍ତି।

### ଅଭିଯୋଗ ଶୁଣାଣି ଶିବିରରେ କଥା ପଡ଼ିଲା

ପାଟଣାଗଡ଼: ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଲରମ୍ଭା ଜିପିରେ ଥିବା ଜିପିଏଲଏଫ ସଭାପତି ଯାଜ୍ଞସେନି ଦଣ୍ଡସେନା ଦରମା ଟଙ୍କା ମଞ୍ଜୁର କରିବାକୁ ଗ୍ରୁପର ୧୯ ଜଣ ସଦସ୍ୟାଙ୍କଠାରୁ ଟଙ୍କା ନେଇଛନ୍ତି। ସେ ଏହି ଟଙ୍କା ନେଇ ବ୍ଲକ୍ ସଂଯୋଜକ ବିଚିତ୍ରା ମୁଦୁଲିଙ୍କୁ ଦେଇଛନ୍ତି। ଏହାସହ ପ୍ରତି ଗାଁ ଓ ପଞ୍ଚାୟତ ପାଇଁ ହୋଇଥିବା ସିଏସଏସ ନିଯୁକ୍ତିରେ ଜାଲିଆତି କରାଯାଇଛି। ଏଭଳି ଅଭିଯୋଗ ଆଣି ସୋମବାର ବ୍ଲକରେ ହୋଇଥିବା ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କଠାରେ ଲିଖିତ ଅଭିଯୋଗ ହୋଇଛି। ଲରମ୍ଭା ଜିପିର ଜିପିଏଲଏଫ ସଦସ୍ୟାଗଣ ଏହି ଅଭିଯୋଗ କରିଛନ୍ତି। ଏଥିସହ ଲାଞ୍ଚ ସମୟର ଏକ ଅଡ଼ିଓ ପ୍ରମାଣ ମଧ୍ୟ ସେମାନେ ଜିଲ୍ଲପାଳଙ୍କୁ ଦେଇଛନ୍ତି। ଏହି ଘଟଣାରେ ତଦନ୍ତ କରାଯାଇ ଦୃଢ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ଏମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗ ପତ୍ର ଦେବା ସମୟରେ ସଦସ୍ୟା ସସ୍ମିତା ଛତ୍ରିଆ, ଜୟଶ୍ରୀ ପଶାୟତ, ଆରତୀ କର୍ମୀ, କମଳିନୀ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ୨୦ରୁ ମ୍ୟୁଜିକ୍ ସର୍କଲର ବସନ୍ତୋତ୍ସବ




**ରାଉରକେଲା, ୧୬।୩(ସମିସ):** ରାଉରକେଲାର ସମ୍ଭ୍ରାନ୍ତ ସାଂସ୍କୃତିକ ଅନୁଷ୍ଠାନ 'ମ୍ୟୁଜିକ୍ ସର୍କଲ'ର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ 'ବସନ୍ତ ଉତ୍ସବ - ୨୦୨୬' ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବ। ଏହା ତିନିଦିନ ଧରି ଚାଲିବ। ଅନୁଷ୍ଠାନର ନିଜସ୍ୱ ମେହେର ମଣ୍ଡପଠାରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଅନୁଷ୍ଠାନର ପ୍ରମୁଖ ଉପଦେଷ୍ଟା ପ୍ରଫେସର ଡ. ସମର ମୁଦାଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ପ୍ରତ୍ୟେକ ଦିନ ସକାଳ ୯ଟାରୁ ଦିବସ ବ୍ୟାପୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ସଙ୍ଗୀତ, ବାଦ୍ୟ ଏବଂ ନୃତ୍ୟ ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସନ୍ଧ୍ୟା ସାଢେ ୬ଟାରୁ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କୃତି ପ୍ରତିଯୋଗୀଙ୍କୁ ଆର୍ଥିକ ପ୍ରୋତ୍ସାହନ ସହ ଫଳକ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ତଥା ଓଡ଼ିଶା ବାହାରର କଳାକାରମାନେ ଯୋଗଦେବେ। ଉଦ୍‌ଯାପନୀ ସନ୍ଧ୍ୟାରେ ମ୍ୟୁଜିକ୍ ସର୍କଲର କଳାକାରମାନଙ୍କ ଦ୍ୱାରା 'ଏଇ ଆମ ଟିକି ଗାଆଁ' ଏବଂ କଲିକତାର ପୁଷ୍ପିତା ମୁଖାର୍ଜୀଙ୍କ ନେତୃତ୍ୱରେ କଳାକାରମାନେ ବସନ୍ତ ରାଗରେ ରବୀନ୍ଦ୍ର ସଙ୍ଗୀତରେ ନୃତ୍ୟ ପରିବେଷଣ କରିବେ। ଏହି ଅବସରରେ, ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କଳାକାରମାନଙ୍କୁ ବସନ୍ତ ସମ୍ମାନ, ମୁକ୍ତିକାନ୍ତ ନାଟ୍ୟ ସମ୍ମାନ, ସଙ୍ଗୀତ ରତ୍ନ ସମ୍ମାନ, ପ୍ରଭାତ ନଳିନୀ ସାହିତ୍ୟ ସମ୍ମାନ, ଡା. ପ୍ରଭାତ କୁମାର ଚାନ୍ଦ ସ୍ମୃତି ସମ୍ମାନ ଯଥାକ୍ରମେ ଲକ୍ଷ୍ମୀକାନ୍ତ ପାଲିତ, ଶଙ୍କର ପ୍ରସାଦ ତ୍ରିପାଠୀ, ନମ୍ରତା ବର୍ମା, ଡ. ଆଲୋକ ବରାଳ ଏବଂ ଡ. ପ୍ରିୟଙ୍କା ଦାସଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ସମ୍ମିଳନୀରେ ସୂଚାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଡ. ମୁଦାଲୀଙ୍କ ସହ ଅନ୍ୟତମ ଉପଦେଷ୍ଟା ଲକ୍ଷ୍ମଣ ନାଥ ଦାସ, ସହ ସାଧାରଣ ସମ୍ପାଦକ ବିବେକାନନ୍ଦ ପଣ୍ଡା, ସାଂସ୍କୃତିକ ସମ୍ପାଦିକା ସ୍ନେହଲତା ନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟା ସନ୍ଧ୍ୟା ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ସହ ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ, କୋଷାଧ୍ୟକ୍ଷ ନିଖିଳେଶ୍ୱର ଦାଶ, ଉମାକାନ୍ତ ମଲ୍ଲିକ ପ୍ରଭୃତି ଏଥିରେ ସହାୟତା କରିଥିଲେ। ଶେଷରେ ଲକ୍ଷ୍ମଣ ନାଥ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜୁ ଛକର ଷ୍ଟିଲ ରେଲିଂ, ଡିଭାଇଡର ମରାମତି ଦାବି




**ବଣାଇଁ, ୧୬।୩(ସମିସ):** ବଣାଇଁଗଡ଼ ସହର ଉପକଣ୍ଠ ବିଜୁ ଛକ ନିକଟରେ ଲଲେଇ ସେତୁ ନିର୍ମାଣ ପରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା। ସମ୍ମୁଖରେ ରେଲିଂ ଓ ଗାଡି ଚାଳକଙ୍କ ସୁରକ୍ଷା ସହ ଟ୍ରାଫିକ ନିୟନ୍ତ୍ରଣ ନିମନ୍ତେ ଡିଭାଇଡର ନିର୍ମାଣ କରାଯାଇଥିଲା। କିନ୍ତୁ ଦୀର୍ଘ ଦିନ ହେବ ଏହା ଭଗ୍ନ ଅବସ୍ଥାରେ ପଡ଼ି ରହିଥିବାବେଳେ ଛକଟି ଦିନକୁ ଦିନ ନିଜ ସୌନ୍ଦର୍ଯ୍ୟ ହରାଉଛି। ଅଳ୍ପ ଦିନ ପୂର୍ବରୁ ବିଜୁ ବାବୁଙ୍କ ଜୟନ୍ତୀ ଯାଇଥିବା ବେଳେ ଏହି ଭଗ୍ନ ଛକରେ ବିଜୁ ବାବୁଙ୍କ ପ୍ରତି ଅସମ୍ମାନ ପ୍ରଦର୍ଶନ ହେଉଥିବା ନେଇ ସାଧାରଣରେ ମତ ପ୍ରକାଶ ପାଇଛି। ତେଣୁ ବିଭାଗୀୟ ଅଧିକାରୀ ତୁରନ୍ତ ଏହା ଉପରେ ଦୃଷ୍ଟି ଦେଇ ଛକର ଷ୍ଟିଲ ରେଲିଂ ଓ ଡିଭାଇଡରକୁ ମରାମତି କରିବାକୁ ସାଧାରଣରେ ଦାବି ହୋଇଛି। ଏନେଇ ବଣାଇଁ ପୂର୍ତ୍ତ ବିଭାଗ ନିର୍ବାହୀ ଅଧିକାରୀ ପ୍ରତୀକ ପ୍ରିୟଦର୍ଶୀ ଦାଶଙ୍କୁ ପଚାରିବାରୁ ଏହାକୁ ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି କହିଛନ୍ତି।

# ରାଉରକେଲା ମଜଦୂର ସଭାର ଯୁବ ଚେତନା ଦିବସ




**ରାଉରକେଲା, ୧୬।୩(ସମିସ):** ରାଉରକେଲା ମଜଦୂର ସଭାର ସହର ଶାଖା କାର୍ଯ୍ୟାଳୟ ସି/୮ ସେକ୍ଟର-୬ଠାରେ ସ୍ୱର୍ଗତ ରାଜକିଶୋର ସାମନ୍ତରାୟଙ୍କ ଜନ୍ମଦିନ ଅବସରରେ 'ଯୁବ ଚେତନା ଦିବସ' ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୟୁନିଅନର ଉପସାଧାରଣ ସମ୍ପାଦକ ଖଗେନ୍ଦ୍ର ବେହେରା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ୟୁନିଅନର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକ ଯୋଗଦେଇ ସ୍ୱର୍ଗତ ରାଜୁବାବୁ କଥାରେ ନୁହେଁ କାର୍ଯ୍ୟରେ କରିବା ପାଇଁ ଭଲ ପାଉଥିଲେ ବୋଲି କହିଥିଲେ। ଏହି ଅବସରରେ ଆଇଜିଏଚର ଅବସରପ୍ରାପ୍ତ କର୍ମଚାରୀ ଜଗନ୍ନାଥ ସାହୁଙ୍କୁ ୟୁନିଅନର ଉପଦେଷ୍ଟା ପିକେ ଚମ୍ପତିରାଏ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରିଥଲେ। ୟୁନିଅନର ଉପ ସଭାପତି ସତ୍ୟାନନ୍ଦ ବେହେରା ମାନପତ୍ର ପାଠ କରିଥଲେ। ସଭାପତି ଶଶଧର ନାୟକ, ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଏନ ଦାସ ଓ ଉପ ସଭାପତି ଗୁଣନିଧି ବଳ ମଜଦୂର ସଭାକୁ ଅଧିକ ଶକ୍ତିଶାଳୀ କରିବାକୁ ଯୁବ ନେତୃତ୍ୱମାନଙ୍କର ଆବଶ୍ୟକତା ରହିଛି ବୋଲି କହିଥିଲେ। ଗାଙ୍ଗପୁର ମଜଦୂର ମଞ୍ଚର ସଧାରଣ ସମ୍ପାଦକ ଗୋପାଳ ଦାସ, ଉପସଭାପତି ଦିଲ୍ଲୀପ ଜେନା, ପ୍ରମୋଦ ଦାସ ଆଗାମୀ ଦିନରେ ଅଧିକରୁ ଅଧିକ ସଂଖ୍ୟାରେ ଯୁବକ ଶ୍ରମିକ ୟୁନିଅନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସଙ୍ଗଠନ ସମ୍ପାଦକ ଅମିୟ ଜେନା, ପ୍ରଫୁଲ୍ଲ ବେହେରା, ନୃପାନନ୍ଦ ନାୟକ, ଉପସଭାପତି କଳାକାର ସାହୁ, ସିଦ୍ଧେଶ୍ୱର ବଳ ଉପସ୍ଥିତ ଥିଲେ। ଜଗଦୀଶ ପଣ୍ଡା, ସରୋଜ ରାଉଳ, ରମେଶ ମହାରଣା, ଶରତ ଜେନା, ବସନ୍ତ ପରିଡ଼ା, ଦିଗାମ୍ବର ମହାନ୍ତି, ଏସଏନ ଜେନା, ବଂଶୀଧର ସାହୁ, ଦିଲ୍ଲୀପ ଦାସ, ଦିବାକର ସାହୁ, ଜ୍ଞାନ ରାୟ, ପ୍ରକାଶ ସାହୁ, ଲକ୍ଷ୍ମୀଧର ଭୋଇ, ଜଗନ୍ନାଥ ଦାସ, ଗୋବର୍ଦ୍ଧନ ବେହେରା, ସୂର୍ଯ୍ୟଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଲେଖକ ସାମ୍ମୁଖ୍ୟର ମାସିକ ସାହିତ୍ୟ ଆସର




**ରାଉରକେଲା, ୧୬।୩(ସମିସ):** ସୁନ୍ଦରଗଡ଼ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠଗାର ମିଳିତ ଆନୁକୂଲ୍ୟରେ ମାସିକ ସାହିତ୍ୟ ଆସର ଛେଣ୍ଡ ସ୍ଥିତ ପାଠାଗାର ପରିସରରେ ଅନୁଷ୍ଠିତ ହେଇଯାଇଛି। ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱ ଓ ବିଜୟ କୁମାର ବରାଳଙ୍କ ସଂଯୋଜନରେ ଆୟୋଜିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ସମାଜସେବୀ ମୀନତି ଦେବତା ଯୋଗଦେଇଥିଲେ। ଅନ୍ୟତମ ବକ୍ତା ଡ. ଗୀତାଞ୍ଜଳି ପତ୍ରୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ନୃସିଂହ ଚରଣ ବିଶ୍ୱାଳ ଯୋଗଦେଇ ଜଳ ସ୍ଥଳ ଓ ଆକାଶ କ୍ଷେତ୍ରରେ ନାରୀ ଆଜି ପୁରୁଷର ସମକକ୍ଷ ହୋଇପାରିଛି ବୋଲି କହିଥିଲେ। ପ୍ରାରମ୍ଭରେ କବି ସୁଶାନ୍ତ କୁମାର ନାୟକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପେନ୍ଦ୍ର କୁମାର ବସ୍ତିଆ ଓ ଜ୍ଞାନ ରଞ୍ଜନ ମିଶ୍ର ଗଳ୍ପ ପାଠ କରିଥିଲେ। କବିତା ଆସରକୁ ମଞ୍ଜୁଳା କୁମାରୀ ରଥ ସଭାପତିତ୍ୱ ଓ ଗୀତାରାଣୀ ବେହେରା ସଂଯୋଜନା କରିଥିଲେ। କବି ପରେଶ ବିଶ୍ୱାଳ, ପ୍ରତାପ ପଣ୍ଡା, ଅଜୟ କୁମାର ମହାନ୍ତି, ନିରୁପମା ନାୟକ, ପ୍ରଫୁଲ୍ଲ ସାମଲ, ବଳରାମ ଦାଶ, ନିକୁଞ୍ଜ ବିହାରୀ ଦାଶ, ଦିବାକର ଦାଶ, ସ୍ନେହଲତା ପଟ୍ଟନାୟକ, ବ୍ରହ୍ମାନନ୍ଦ ପାଢ଼ି, ସୁନିଲ ମହାନ୍ତି ପ୍ରମୁଖ ୨୨ ଜଣ କବି କବିତା ପାଠ କରିଥିଲେ। ଶେଷରେ ଡ. ପ୍ରଭାକର ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟମଣି ପଣ୍ଡା, ରାଖାଲ ମହାନ୍ତି, ଅଶୋକ ଶୁକ୍ଳ, ସଂଯୁକ୍ତା କର, ଆଶାଲତା ରାଉତ, ରେଖାଶ୍ରୀ ସାହୁ, ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଡ଼ଗାଁରେ ଅଭିଯୋଗ ଶୁଣାଣି



**ରାଉରକେଲା, ୧୬।୩(ସମିସ):** ବଡ଼ଗାଁ ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଏଥିରେ ମୋଟ ୮୧ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୦ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୨୪ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏଥିମଧ୍ୟରୁ ୧୩ ଗୋଟି ଅଭିଯୋଗ ଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୪ ଗୋଟି ଆବେଦନ ଏବଂ ରେଡକ୍ରସରୁ ଆର୍ଥିକ ସହାୟତା ନିମନ୍ତେ ୩ ଗୋଟି ଆବେଦନ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ରାଉରକେଲା ଇସ୍ପାତ କାରଖାନାରେ ସ୍ୱଚ୍ଛତା ପକ୍ଷ




**ରାଉରକେଲା, ୧୬।୩(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ମାର୍ଚ୍ଚ ୧୬ ତାରିଖରୁ ସ୍ୱଚ୍ଛତା ପକ୍ଷ ପାଳନ ଆରମ୍ଭ ହୋଇଛି। ଏହି ଅବସରରେ ଆସନ୍ତା ୧୫ ଦିନ ବ୍ୟାପି କାରଖାନା ଓ ଟାଉନସିପ୍‌ରେ ବିଭିନ୍ନ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଯାହା ମାର୍ଚ୍ଚ ୩୧ପର୍ଯ୍ୟନ୍ତ ଜାରି ରହିବ ବୋଲି ଜଣାପଡ଼ିଛି। ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଆଜି ମନ୍ଥନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଶପଥ ଗ୍ରହଣ ସମାରୋହରେ ଉପସ୍ଥିତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ସମାଧାନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଅନୁରୂପ ଉତ୍ସବରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ସିଜିଏମ ମାନସ ରଞ୍ଜନ ରଥଙ୍କ ସହ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମାନ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ସେହିପରି ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଶପଥ ଗ୍ରହଣ ସମାରୋହର ନେତୃତ୍ୱ ନେଇ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ।ପୂର୍ବରୁ ସହର ସେବା ବିଭାଗରେ ସମାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଟିଜି କାନେକର ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଉପସ୍ଥିତ ସମସ୍ତଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ।

# ସାକ୍ଷର ପରୀକ୍ଷା ଦେଲେ ୨୩୨୯ ପରୀକ୍ଷାର୍ଥୀ

**ଲହୁଣୀପଡ଼ା, ୧୬।୩(ସମିସ):** ସାକ୍ଷର ଭାରତ ଅଭିଯାନ ତରଫରୁ ଲହୁଣୀପଡ଼ା ଗୋଷ୍ଠୀ ଶିକ୍ଷା ବିଭାଗ ତରଫରୁ ରବିବାର ଆୟୋଜିତ 'ଉଲ୍ଲାସ' କାର୍ଯ୍ୟକ୍ରମରେ ଲହୁଣୀପଡ଼ା ବ୍ଲକର ୨୩୨୯ ଜଣ ପରୀକ୍ଷାର୍ଥୀ ସାକ୍ଷରତା ପରୀକ୍ଷା ଦେଇଥିଲେ। ସଙ୍ଗପୋଷରେ ୬୪ ପୁରୁଷ, ୧୧୮ ମହିଳା, କଲେଇପୋଷରେ ୫ ପୁରୁଷ, ୩୧ ମହିଳା, କୁଡେଇକଳାରେ ୩୬ ପୁରୁଷ ଓ ୬୩ ମହିଳା, ମହୁଲପଦାରେ ୨୯ ପୁରୁଷ ଓ ୪୧ ମହିଳା, ଢୁଡିରେ ୩୦ ପୁରୁଷ ଓ ୫୭ ମହିଳା, ଭୁତୁଡାରେ ୧୫୧ ପୁରୁଷ ଓ ୨୫୬



ଲହୁଣୀପଡ଼ା ଗୋଷ୍ଠୀ ଶିକ୍ଷା ବିଭାଗର ୧୬ କ୍ଲଷ୍ଟର ମଧ୍ୟରୁ କୁଳିପୋଷରେ ୪୮ ପୁରୁଷ ଓ ୭୨ ମହିଳା ବଡଜଲରେ ୯୩ ପୁରୁଷ ଓ ୧୨୭ ମହିଳା, ଲମସିରେ ୨୨ ପୁରୁଷ ଓ ୫୨ ମହିଳା, ବ୍ରାହ୍ମଣ ଗାଁରେ ୧୨ ପୁରୁଷ ଓ ୧୪ ମହିଳା, ଦର୍ଜିରେ ୭୩ ପୁରୁଷ ଓ ୮୯ ମହିଳା, ଖୁଣ୍ଟୁଗାରେ ୬୦ ପୁରୁଷ ଓ ୫୩ ମହିଳା, ରେଙ୍ଗାଲିରେ ୩୧ ପୁରୁଷ ଓ ୭୩ ମହିଳା, ଲହୁଣୀପଡ଼ାରେ ୨୧ ପୁରୁଷ ଓ ୩୩ ମହିଳା, ତାଲବାହାଲିରେ ୩୮ ପୁରୁଷ ଓ ୧୩୨ ମହିଳା, ମହିଳା ଏବଂ ଶଶ୍ୟକଳାରେ ୧୩୫ ପୁରୁଷ ଓ ୨୭୨ ଜଣ ମହିଳା ପରୀକ୍ଷାର୍ଥୀଙ୍କ ମିଶାଇ ମୋଟ ୨୩୨୯ ଜଣ ପରୀକ୍ଷା ଦେଇଛନ୍ତି। ଏଥିମଧ୍ୟରୁ ଆଦିବାସୀ ୧୮୭୭, ହରିଜନ ୨୭୪ ଏବଂ ଜେନରାଲ ବର୍ଗରେ ୧୭୮ ଜଣ ରହିଥିବା ଜଣାପଡ଼ିଛି। ଲହୁଣିପଡ଼ା ଗୋଷ୍ଠି ଶିକ୍ଷା ଅଧିକାରୀ ଭଗବାନ ବଙ୍କିରା ଏବଂ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ନରହରୀ କିଷାଙ୍କ ତତ୍ତ୍ୱାବଧାନରେ ସମସ୍ତ ସିଆରସିସିଙ୍କ ମିଳିତ ପ୍ରୟାସରେ ପରୀକ୍ଷା ସମ୍ପାଦିତ ହୋଇଥିଲା।

# ଜଙ୍ଗଲ ନିଆଁ ନିବାରଣ ସଚେତନତା




**ରାଉରକେଲା, ୧୬।୩(ସମିସ):** ରାଉରକେଲା ବନଖଣ୍ଡ ପକ୍ଷରୁ ଡିଏଫଓ ଯଶୋବନ୍ତ ସେଠିଙ୍କ ନିର୍ଦ୍ଦେଶ କ୍ରମେ କୁଆଁରମୁଣ୍ଡା ଓ ପାନପୋଷ ବନାଞ୍ଚଳର ବିଭିନ୍ନ ସ୍ଥାନରେ ଜଙ୍ଗଲ ନିଆଁ ନିବାରଣ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ଧମୁଣ୍ଡା ଦୈନିକ ବଜାର, କଲୁଙ୍ଗା ସାପ୍ତାହିକ ହାଟ, ରାମଯୋଡି ହାଟ ଓ ଜଲଦା ହାଟ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିବେକାନନ୍ଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ପଥପ୍ରାନ୍ତ ନାଟକ ମାଧ୍ୟମରେ କଳାକାର ବୃନ୍ଦ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଅଞ୍ଚଳବାସୀମାନେ ଶୁଖିଲା ପତ୍ରରେ ନିଆଁ ନ ଲଗାଇବା ଓ ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା ପାଇଁ ସମ୍ମତି ଜଣାଇଥିଲେ। ନିଆଁ ଦାଉରୁ ଜଙ୍ଗଲର ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବାକୁ ଆହ୍ୱାନ କରାଯାଇଥିଲା। ହାତୀକୁ ବିଚଳିତ ନକରିବା ଏବଂ ହାତୀ ଯୋଗୁଁ ଧନ ଜୀବନ କ୍ଷତି ହେଲେ ଏଥିପାଇଁ ରହିଥିବା କ୍ଷତିପୂରଣ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଜଙ୍ଗଲରେ ନିଆଁ ନଲଗାଇବା ଓ ଜାଳେଣି ପାଇଁ କଞ୍ଚା ଗଛ ନ କାଟିବାକୁ ନିବେଦନ କରାଯାଇଥିଲା।

# ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ



**ରାଉରକେଲା, ୧୬।୩(ସମିସ):** ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି) ପକ୍ଷରୁ ଏହାର ସିଏସଆର ପଦକ୍ଷେପ ଅଧୀନରେ ଆଲିମକୋ (କୃତ୍ରିମ ଅଙ୍ଗ ବିକାଶ ନିଗମ) ସହିତ ମିଳିତ ଭାବରେ ଦିବ୍ୟାଙ୍ଗଙ୍କ ପାଇଁ ପ୍ରୋସ୍ଥେଟିକ୍ସ ଏବଂ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ସହର ସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକର, କୋଏଲ ନଗର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି ବଣ୍ଟନ ଶିବିରରେ ଯୋଗ ଦେଇଥିଲେ। ଏହି ଅବସରରେ ଜିଏମ ଇନଚାର୍ଜ (ସିଏସଆର) ମୁନମୁନ ମିତ୍ର, ଡିଜିଏମ (ସିଏସଆର) ଆରଏସ ବାରା ଓ ଟିବି ଟପ୍ପୋ ଏବଂ କାରଖାନା ଓ ଆଲିମକୋର ଅନ୍ୟାନ୍ୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଅତିଥିମାନେ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକମାନଙ୍କୁ ବ୍ୟାଟେରୀ ଚାଳିତ ମୋଟର ଟ୍ରାଇସାଇକେଲ, ହାତ ଚାଳିତ ଟ୍ରାଇସାଇକେଲ, ଚକଯୁକ୍ତ ଚେୟାର, ଶ୍ରବଣ ଯନ୍ତ୍ର, ସ୍ମାର୍ଟ/ସୁଗମ୍ୟ ବେତ, ଆଶାବାଡ଼ି ଆକ୍ସିଲା ସହିତ ଅନ୍ୟାନ୍ୟ ସହାୟକ ଉପକରଣ ବଣ୍ଟନ କରିଥିଲେ।

# ଖୁଣ୍ଟୁଗାଁରେ କଳାକାର ସମ୍ମିଳନୀ



**ଲହୁଣୀପଡ଼ା, ୧୬।୩(ସମିସ):** ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଖୁଣ୍ଟୁଗାଁଠାରେ ବାବା ଆଖଣ୍ଡଳମଣି ଆଞ୍ଚଳିକ କଳାସଂସ୍କୃତି ସଂଘ ତରଫରୁ ୧୩ତମ କଳାକାର ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରଞ୍ଜିତ କିଷାନ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିପ୍ରଚରଣ ଜୟପୁରିଆ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ଖୁଟୁଗା ସରପଞ୍ଚ ସୁମିତ୍ରା ଚାରଦିଆ, ପୂର୍ବତନ ସରପଞ୍ଚ ଅଜୟ କୁମାର ନାୟକ, ଖଗେଶ୍ୱର ବାରିକ, ଲହୁଣୀପଡ଼ା ବ୍ଲକ ବିକେଏସ୍‌ଏସ୍ ଉପସଭାପତି ପ୍ରଫୁଲ୍ଲା ପଲେଇ, ବିଧାୟକ ପ୍ରତିନିଧି ସମୀର କୁମାର ନାୟକ, ବିଜେପି ମଣ୍ଡଳ ସଭାପତି ନିରାକାର ନାୟକ ଯୋଗଦେଇଥିଲେ। ସଂଘର ସଭାପତି ଶୁକଦେବ ପଲେଇଙ୍କ ନେତୃତ୍ୱରେ ବରିଷ୍ଠ ସଦସ୍ୟ ହୃଦାନନ୍ଦ ବଗର୍ତ୍ତି, ସୋମନାଥ ମୁଣ୍ଡାରୀ, ବିଷ୍ଣୁ ଚରଣ ନାୟକ, ରସାନନ୍ଦ ଧରୁଆ ଓ ପ୍ରହ୍ଲାଦ ଛଦିଆ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ଲୋକନୃତ୍ୟ, ଭଜନ ଓ ପାରମ୍ପରିକ ସଙ୍ଗୀତ ପ୍ରଦର୍ଶନ ହୋଇଥିଲା। ପ୍ରକୃତିପ୍ରେମୀ ତଥା ଯୁବ କଳାକାର ଭୁବନାନନ୍ଦ କିଷାନ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ।

# ପାଇପ୍ ଫାଟି ରାସ୍ତାରେ ଭାସୁଛି ପାଣି



**ରାଉରକେଲା, ୧୬।୩(ସମିସ):** ବାସନ୍ତୀ କଲୋନୀ ଇଏମ /୪ ସମ୍ମୁଖରେ କିଛି ଦିନ ହେବ ପାଇପ ଫାଟି ରାସ୍ତାରେ ପାଣି ଭାସୁଥିବାରୁ ରାସ୍ତା କାଦୁଅ ହେଉଛି। ଫଳରେ ଲୋକେ ଯାତାୟାତ ପାଇଁ ହଇରାଣ ହେଉଛନ୍ତି। ବିଭାଗ ନିକଟରେ ଅଭିଯୋଗ କରିବା ସତ୍ତ୍ୱେ ବି ଶୁଣୁ ନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ମୁତାବକ, ପ୍ରାୟ ୨୫ ଦିନ ହେବ ପାଣି ପାଇପ ଫାଟି ଯାଇଥିବାରୁ ସଦାବେଳେ ପାଣି ରାସ୍ତାରେ ଭାସି କାଦୁଅ ପରିସ୍ଥିତି ଉପୁଜୁଛି। ଉକ୍ତ ରାସ୍ତା ଦେଇ ଲୋକେ ଯାତାୟତ କରି ପାରୁ ନାହାଁନ୍ତି। ଗାଡ଼ି ଚକା ସ୍ଲିପ ହେଉଛି। ଛୋଟ ପିଲା ମଧ୍ୟ ଖସି ପଡୁଛନ୍ତି। ଟିକେ ଅସାବଧାନତା ହେଲେ ଦୁର୍ଘଟଣା ଘଟୁଛି। ଉକ୍ତ ସମସ୍ୟାକୁ ନେଇ ବିଭାଗୀୟ ୱାଟକୋ ନିକଟରେ ଅଭିଯୋଗ ମଧ୍ୟ କରାଯାଇଛି। ହେଲେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ସ୍ଥାନୀୟ ଲୋକେ ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି।

# ଦୋକାନରେ ଅଗ୍ନିକାଣ୍ଡ

**ରାଉରକେଲା, ୧୬।୩(ସମିସ):** ପାନପୋଷ ସ୍ଥିତ କାଳୀ ମନ୍ଦିର ନିକଟରେ ଥିବା ଏକ ଟିଣସେଡ୍ ଦୋକାନରେ ରବିବାର ବିଳମ୍ବିତ ରାତ୍ରରେ ଅଗ୍ନିକାଣ୍ଡ ଘଟିଛି। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ସୂଚନା ଦେବା ପରେ ଅଗ୍ନିଶକ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ କିପରି ଲାଗିଲା ତାହାର ପ୍ରକୃତ କାରଣ ଜଣାପଡ଼ିନାହିଁ।

# ଶୁଖିଲା ଭାସ୍କେଲ ନଦୀ, ଚିନ୍ତାରେ ଚାଷୀ



କୋଷାଗୁମୁଡା,୧୬।୩(ସମିସ): ଦିନ ଥିଲା ଭାସ୍କେଲ ନଦୀର ପାଣିକୁ ଉପଯୋଗ କରି ଅଞ୍ଚଳର ଚାଷୀମାନେ ହଜାର ହଜାର ହେକ୍ଟର ଜମିରେ ଚାଷକରି ଭଲ ଅମଳ ପାଉଥିଲେ । ହେଲେ ବର୍ତମାନ କୋଷାଗୁମୁଡ଼ାର ଜୀବନ ରେଖା ଭାସ୍କେଲ ନଦୀ ଶୁଖିଲା ପଡିଛି । ନଦୀର ଉଭୟ ପାଶ୍ୱର୍ରେ ଧାନ, ମକା, ପନିପରିବା ଆଦି ଚାଷ କରିଥିବା ଚାଷୀମାନେ ଚାଷ ପାଇଁ ପାଣି ନମିଳିବାରୁ ମୁଣ୍ଡରେ ହାତଦେଲେଣି ଚାଷୀ ଛପାଣି ଅଭାବ ଯୋଗୁଁ କିଛି ଚାଷୀଙ୍କ ବିଲର ଗଛ ସବୁ ଶୁଖିଗଲାଣି ତ ଆଉ କିଛି ଚାଷୀଙ୍କ ବିଲରେ ଥିବା ଶସ୍ୟଗଛର ପତ୍ରସବୁ ଝାଉଁଳି ଗଲାଣି। ଏପ୍ରିଲ ମାସ ପୂର୍ବରୁ ଶୁଖିଗଲା ଭାସ୍କେଲ ନଦୀର ପାଣି। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର ଜୀବନରେଖା କୁହାଯାଉଥିବା ଭାସ୍କେଲ ନଦୀ ଏବେ ସମ୍ପୂର୍ଣ୍ଣ ଶୁଷ୍କ । ଆଗରୁ ନଦୀରେ ଭରପୁର ପାଣି ରହୁଥିଲା ଓ ନଦୀର ଉଭୟପାଶ୍ୱର୍ରେ ଜମିଥିବା ଚାଷୀମାନେ ଖରାଟିଆ ଚାଷ କରି ଭଲ ଅମଳ ପାଉଥିଲେ। ହଜାର ହଜାର ହେକ୍ଟର ଜମିରେ ଖରାଟିଆ ଚାଷ ହେଉଥିଲା ଛହେଲେ ଚଳିତ ବର୍ଷ ନଦୀରେ ପାଣି ମୁହାଏ ନାହିଁ । ପୂର୍ବରୁ ଲୋକେ ଚାଷ ବ୍ୟତୀତ କୌଣସି ସାମାଜିକ କାର୍ଯ୍ୟ ଯେମିତି କି କାହାର ମୃତ୍ୟୁ ହେଲେ ଦଶାହ କ୍ରିୟା କରିବା, ଗାଈ, ମଇଁଷି, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁମାନଙ୍କୁ ପାଣି ପିଆଇବା, ଗାଧୋଇବା ଭଳି ସମସ୍ତ କାର୍ଯ୍ୟ ପାଇଁ ଏହି ନଦୀ ପାଣି ହିଁ ଏକମାତ୍ର ଭରସା ଥିଲା । ହେଲେ ନଦୀପଠାରୁ ବାରମ୍ବାର ବାଲି କାଟିବା ଦ୍ୱାରା ନଦୀର ଏଭଳି ଅବସ୍ଥା ହୋଇଥିବା ଚାଷୀମହଲରେ ଚର୍ଚ୍ଚା ହେଉଛି । ବାଲି ମାଫିଆମାନେ ପ୍ରତିଦିନ ନଦୀରୁ ଶହ ଶହ ଟିପର ବାଲି ଉଠାଉଛନ୍ତି। ଫଳରେ ନଦୀର ଜଳ ଶୁଖିଯାଉଥିବା ଚଟାଣ ସବୁ ବାହାରି ଆସିଥିବା ଚାଷୀମାନେ ଅଭିଯୋଗ ଆଣୁଛନ୍ତି। ନଦୀ ଜଳକୁ ଭରସା କରି ଯେଉଁ ଚାଷୀମାନେ ନିଜ ନିଜ ଜମିରେ ଧାନ, ମକା ଓ ବିଭିନ୍ନ ପନିପରିବା ଚାଷ କରିଥିଲେ। ଏବେ ଜଳାଭାବ ଦେଖା ଦେବାରୁ ମୂଳ ବୁଡିଯିବା ଆଶଙ୍କାରେ ଚିନ୍ତାରେ ପଡିଛନ୍ତି । ଶହ ଶହ ହେକ୍ଟର ଜମିର ଚାଷ ଏବେ ନଷ୍ଟ ହେବା ଅବସ୍ଥାରେ। ପ୍ରଶାସନିକ ବାଲି ମାଫିଆ ମାନଙ୍କ ଉପରେ ଅଙ୍କୁଶ ଲଗାଇବା ସହ ନଦୀରେ କେତୋଟି ଚେକଡ୍ୟାମ କରିଦେଲେ, ହୁଏତ ଅଞ୍ଚଳର ଚାଷୀମାନେ ଉପକୃତ ହୋଇପାରନ୍ତେ ବୋଲି ଚାଷୀମହଲରେ ଦାବି ହେଉଛି । ଭାସ୍କେଲ ନଦୀର ନାମ ଇତିହାସ ପୃଷ୍ଠାରେ ରହିଯିବକି ବୋଲି ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଅନେକ ଥର ଏହି ଭାସ୍କେଲ ନଦୀର ସୁରକ୍ଷାକୁ ନେଇ ସ୍ଥାନୀୟ ସଂଗଠନ ଓ ଯୁବନେତା ,ସମାଜସେବୀ ବିଭିନ୍ନ ସରକାରୀ କାର୍ଯ୍ୟର ବୈଠକରେ ଆଲୋଚନା କରିଥିଲେ ସୁଦ୍ଧା ସରକାରଙ୍କ ପକ୍ଷରୁ କୌଣସି ନଦୀର ସୁରକ୍ଷା ବ୍ୟବସ୍ଥା ଉପରେ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଦୁଃଖର ବିଷୟ ଯେ, ୧୦ବର୍ଷ ତଳେ ଶସ୍ୟ ଶ୍ୟାମଳା ଦୁଇ କୂଳ ଚିରସ୍ରୋତା ଭାସ୍କେଲ ଏବେ ଶୁଷ୍କ ହୋଇଯାଇଛି। ସରକାର ଯଥାଶୀଘ୍ର ଉଚିତ ପଦକ୍ଷେପ ଗ୍ରହଣ କରି ଭାସ୍କେଲ ନଦୀକୁ ଉଦ୍ଧାର କରିବା ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଅଞ୍ଚଳବାସୀ ଓ ଚାଷୀ ସମୂହ ଦାବି କରିଛନ୍ତି।

● ପାଣି ନେବାକୁ ନେଇ ବଚସା ଘଟଣା

# ସ୍କୁଲରେ ଜିଲ୍ଲା ଅଧିକାରୀଙ୍କ ତଦନ୍ତ



ରାଇଘର, ୧୬।୩(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଣି ପିଇବା ପାଇଁ ନେବା ସମୟରେ ଛାତ୍ରଙ୍କ ମଧ୍ୟରେ ବଚସା ହୋଇ ଗାଳି ଦେବା ଫଳରେ ଅନ୍ୟ ଜଣେ ଛାତ୍ର ଭିଡିଓ ଉଠାଇ ଭାଇରଲ କରିବା ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ ଗତ ମାର୍ଚ୍ଚ ୮ ତାରିଖ ରାତ୍ର ସମୟରେ ପିଇବା ପାଇଁ ପାଣି ନେବାକୁ ଆସିଥିଲେ। ସେହି ସମୟରେ ଅନ୍ୟ ଦୁଇ ଜଣ ଯୁବକ ଆମେ ଆଗ ନେବୁ କହିବାରୁ ଅନ୍ୟ ଜଣେ ଛାତ୍ର ସେହି ଦୁଇ ଜଣକୁ ଗାଳି ଦେଇଥିଲା। ସେହି ଦୁଇ ଜଣ ଛାତ୍ର ଗାଳି ଦେଇଥିବା ଛାତ୍ରକୁ ମାଡ଼ ମାରିଥିଲେ। ପାଟି ଶୁଣି ସ୍କୁଲର ପ୍ରଧାନ ଶିକ୍ଷକ ଆସି ଦେଖି ମାଡ଼ ହୋଇଥିବା ଛାତ୍ରକୁ ମେଡିକାଲକୁ ନେଇ ତାର ଚିକିତ୍ସା କରିଥିଲେ। ସେ ପିଲାର ଅବସ୍ଥା ଗୁରୁତର ନ ଥିବା ପ୍ରଧାନ ଶିକ୍ଷକ କହିଛନ୍ତି। କିନ୍ତୁ ଛାତ୍ରଛାତ୍ରୀଙ୍କୁ ମୋବାଇଲ ରଖିବାକୁ ବାରଣ କରି କିଛି ମୋବାଇଲ୍ ବି ସିଜ୍ କରି ରଖିଥିବା ପ୍ରଧାନ ଶିକ୍ଷକ କହିଛନ୍ତି। ମୋବାଇଲ୍ ବାରଣ ସତ୍ତ୍ୱେ ମୋବାଇଲ୍ କେମିତି ଆସିଲା ଏବଂ ଭିଡ଼ିଓ ଉଠାଇ ସୋସିଆଲ ମିଡିଆରେ ଭାଇରଲ ହେବା ସାଧାରଣରେ ଚର୍ଚ୍ଚା ହେଉଥିବା ଜଣାଯାଇଛି। ସୂଚନା ପାଇ ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର ଓ ଶିଶୁ କଲ୍ୟାଣ ଅଧିକାରୀ ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରି ଯେଉଁ ଦୁଇ ଜଣ ଛାତ୍ର ମାରପିଟ କରିଥିଲେ, ତାଙ୍କର ଘରେ ଏହି ବିଷୟରେ ଜଣାଇବା ସହ ସାର୍ଟିଫିକେଟ ନେଇ ଯିବାକୁ କହିଥିବା ଜଣାପଡ଼ିଛି। ଏହି ଘଟଣା ପରେ ରାଇଘର ମଙ୍ଗଳ ଅଧିକାରୀ ଶ୍ୟାମ ସୁନ୍ଦର ଧରୁଆଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଗତ ୮ ତାରିଖ ଦିନ ଘଟିଥିଲା। ସେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟରେ ପରୀକ୍ଷା ଚାଲିଥିବାରୁ ଜିଲ୍ଲା ଅଧିକାରୀ ୧୨ ତାରିଖ ଦିନ ଆସି ବିଦ୍ୟାଳୟକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଭାବକଙ୍କୁ ଏହି ବିଷୟରେ ଅବଗତ କରି ସ୍କୁଲରୁ ସାର୍ଟିଫିକେଟ୍ ନେବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ଜନଗଣନା କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ନବରଙ୍ଗପୁର, ୧୬।୩(ସମିସ): ଆଜି ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଜନଗଣନା କ୍ଷେତ୍ର ପ୍ରଶିକ୍ଷକ ଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ ଡ ମହେଶ୍ୱର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନଗଣନା କାର୍ଯ୍ୟକୁ କିଭଳି ସୁଚାରୁରୂପେ ପରିଚାଳନା କରାଯିବ ତା ଉପରେ ଉପସ୍ଥିତ ସମସ୍ତ ତାଲିମଦାତାଙ୍କୁ ମାର୍ଗଦର୍ଶନ କରିଥିଲେ।ଏହି ପ୍ରଶିକ୍ଷଣ କର୍ମଶାଳା ରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ବିଶ୍?ଜିତ ଚନ୍ଦ୍ର ବର୍ମନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ,ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ଜନଗଣନା ଅଧିକାରୀ ପ୍ରକାଶ କୁମାର ମିଶ୍ର,ତହସିଲଦାର ତେନ୍ତୁଳିଖୁଣ୍ଟି ତଥା ପ୍ରମୁଖ ତାଲିମଦାତା ପୁଷ୍ପାଞ୍ଜଳି ଦଣ୍ଡପାଟ,ତହସିଲଦାର ଉମରକୋଟ ତଥା ପ୍ରମୁଖ ତାଲିମ ଦାତା ମାଧବନ ବାଗ,ଡେପୁଟୀ କଲେକ୍ଟର ନିବେଦିତା ଶତପଥୀ,ସହକାରୀ ଜିଲ୍ଲାପାଳ ଶିବ ଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ମୋଟ ୩୬ ଜଣ କ୍ଷେତ୍ର ପ୍ରଶିକ୍ଷକ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ଆସନ୍ତା ଏପ୍ରିଲ ୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ମୋବାଇଲ ଆପ ଜରିଆରେ ଜନ ସାଧାରଣ ୩୩ଟି ପ୍ରଶ୍ନର ସ୍ୱୟଂ ଜନଗଣନା ତଥ୍ୟ ପ୍ରଦାନ କରିବେ ଏବଂ ଏପ୍ରିଲ ୧୬ ରୁ ମେ ୧୫ ପର୍ଯ୍ୟନ୍ତ ଘରକୁ ଘର ଯାଇ ଜନ ଗଣନାକାରୀ ତଥ୍ୟ ସଂଗ୍ରହ କରିବେ। ଆଜି ଶେଷ ଦିନ ତାଲିମ କାର୍ଯ୍ୟକ୍ରମ ପରେ ପ୍ରଶିକ୍ଷକ ମାନେ କ୍ଷେତ୍ର ପରିଦର୍ଶନ କରି ପ୍ରାୟୋଗିକ ଅଭିଜ୍ଞତା ହାସଲ କରିବା ସହ ବାସ୍ତବ ସ୍ଥିତିରେ ଆସୁଥିବା ସମସ୍ୟାର ସମାଧାନ ଶିଖିଥିଲେ।ଏହି ପ୍ରଶିକ୍ଷଣ ପାଇଥିବା କ୍ଷେତ୍ର ପ୍ରଶିକ୍ଷକ ମାନେ ନିଜ ନିଜ ଚାର୍ଜ ଅଞ୍ଚଳରେ ପ୍ରଶିକ୍ଷଣ ଦେଇ ଜନଗଣନା କାର୍ଯ୍ୟକୁ ଆଗେଇ ନେବେ। ତାଲିମ କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାପାଳ ତଥା ପ୍ରମୁଖ ଜନଗଣନା ଅଧିକାରୀ କ୍ଷେତ୍ର ପ୍ରଶିକ୍ଷକଙ୍କ ସାର୍ଟିଫିକେଟ୍ ଓ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ।

# ଜିଲ୍ଲା ଚିକିତ୍ସାଳୟରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନେଇ ସମୀକ୍ଷା

ଜୟପୁର,୧୬ ।୩(ସମିସ)

ଆଜି କଟକ ସ୍ଥିତ ଶ୍ରୀ ରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ନିଆଁ ଲାଗିବା ଯୋଗୁଁ ପ୍ରାୟ ୧୦ ଜଣ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟର ଅନ୍ୟାନ୍ୟ ସରକାରୀ ଓ ଘରୋଇ ଚିକିତ୍ସାଳୟର ଅଗ୍ନି ନିର୍ବାପକ ବ୍ୟବସ୍ଥା କେତେ ସୁରକ୍ଷିତ ରହିଛି ସେଥିନେଇ ସମୀକ୍ଷାର ଆବଶ୍ୟକ ରହିଛି। ଏହି ପରିପ୍ରେକ୍ଷୀରେ କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟର ଅଗ୍ନି ନିର୍ବାପକ ବ୍ୟବସ୍ଥା କେତେ ସୁଦୃଢ ସେଥିନେଇ ସମୀକ୍ଷାର ଆବଶ୍ୟକତା ରହିଛି। ଏହିପରି ଗତ ୨ ମାସ ପୂର୍ବରୁ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ଥାନୀୟ ଜିଲ୍ଲା ଚିକିତ୍ସାଳୟରେ ସମୀକ୍ଷା କରିବା ସହିତ କିଛି ଅଗ୍ନି ନିର୍ବାପକରେ ରହିଥିବା କିଛି ତ୍ରୁଟି ସମ୍ପର୍କରେ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଅବଗତ କରିବା ସହିତ ଏହାର ପ୍ରତିକାର କରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ଏଥିନେଇ ଚିକିତ୍ସାଳୟରେ କୌଣସି ସୁଧାର ହୋଇପାରିନାହିଁ। ଏହିପରି ଆଜି କଟକ ଏସସିବି ମେଡିକାଲ କଲେଜରେ ଅଘଟଣ ଘଟିବା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ଏଥିନେଇ ଆଜି ଚିକିତ୍ସାଳୟ କର୍ତ୍ତୃପକ୍ଷ ଅଗ୍ନି ଜନିତ ଅଘଟଣ ଏଡାଇବା ପାଇଁ ଅଗ୍ନିଶମ ବିଭାଗ ସହିତ ବୈଠକ ମାଧ୍ୟମରେ ଆଲୋଚନା କରିଛନ୍ତି।



ଅଗ୍ନିଶମ ବିଭାଗର ସମୀକ୍ଷା ପରେ ତ୍ରୁଟି ଠାବ କରିବା ପରେ ଏହାର ସୁଧାର ପାଇଁ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏଥିନେଇ ଚିକିତ୍ସାଳୟ କର୍ତ୍ତୃପକ୍ଷ ନିର୍ମାଣକାରୀ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ମଧ୍ୟ ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବାକୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। କିନ୍ତୁ ଆଜି ସୁଦ୍ଧା କୌଣସି ସୁଧାର ହୋଇନଥିବା ବେଳେ ଆଜି କଟକର ଅଘଟଣ ପରେ ପ୍ରଶାସନ ଓ ଚିକିତ୍ସାଳୟ କର୍ତ୍ତୃପକ୍ଷର ନିଦ ଭାଙ୍ଗିଥିବା ବେଳେ ଏଥିନେଇ ତତ୍ପରତା ପ୍ରକାଶ ପାଇଛି। ଜୟପୁର ଜିଲ୍ଲା ଚିକିତ୍ସାଳୟର ମୁଖ୍ୟ ଭବନ ୫ ମହଲା ବିଶିଷ୍ଟ ହୋଇଥିବା ବେଳେ ଗ୍ରାଉଣ୍ଡ ମହଲାରେ କାର୍ଯ୍ୟାଳୟ ପ୍ରଥମ ମହଲାରେ ରୋଗିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବର୍ହିଃ ବିଭାଗ, ରକ୍ତ ଯାଞ୍ଚ, ଟିକଟ କାଉଣ୍ଟର, ରକ୍ତ ଭଣ୍ଡାର ରହିଛି। ଦ୍ୱିତୀୟ ମହଲାରେ ଫିଜିଓଥୋରପି ଏବଂ ଅନ୍ୟାନ୍ୟ ବିଭାଗ ରହିଛି। ତୃତୀୟ ମହଲାରେ ଶଲ୍ୟ ବିଭାଗ, ଅସ୍ଥିଶଲ୍ୟ ବିଭାଗ ଏବଂ ଏହାର ଅସ୍ତ୍ରପୋଚାର ଗୃହ ରହିଛି। ୪ର୍ଥ ମହଲାରେ ମହିଳା ଓ କ୍ୟାନସ ରୋଗିଙ୍କ ୱାର୍ଡ, ପଞ୍ଚମ ମହଲାରେ ପୁରୁଷ ରୋଗି ୱାର୍ଡ ଏବଂ ଷଷ୍ଠ ମହଲାରେ ରୋଗି ମାନଙ୍କ କ୍ୟାବିନ ରହିଛି। ତେଣୁ ଉପର ତିନୋଟି ମହଲା ରୋଗି ମାନେ ରହୁଥିବା ଯୋଗୁଁ କୌଣସି ଅଘଟଣ ହେଲେ ସେମାନଙ୍କ ଉଦ୍ଧାର କରିବା ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ତୁରନ୍ତ କିଭଳି ଅଗ୍ନିକୁ ନିୟନ୍ତ୍ରଣ କରାଯିବ ସେଥିନେଇ ଜରୁରୀ କାଳୀନ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି। ଅନ୍ୟ ପକ୍ଷରେ ମୁଖ୍ୟ ଭବନ ପାଶ୍ୱର୍ମ ମାତୃ ଓ ଶିଶୁ ଚିକିତ୍ସାଳୟ ଏବଂ ଔଷଦ ସମେତ ଅନ୍ୟାନ୍ୟ ଗୋଦାମ ରହିଛି। ତେଣୁ ଏଥିରେ ରହିଥିବା ଲିଫ୍ଟ ଓ ଅନ୍ୟାନ୍ୟ ଅଗ୍ନି ନିର୍ବାପକ ନେଇ ସଦୃଢ ବ୍ୟବସ୍ଥାର ମଧ୍ୟ ଆବଶ୍ୟକ ରହିଛି। ଜୟପୁର ସହକାରୀ ଅଗ୍ନିସମ ଅଧିକାରୀ ସୁରେଶ ବାରିକ କହିଛନ୍ତି ଯେ, ଅଗ୍ନି ନିର୍ବାପର ବ୍ୟବସ୍ଥାର ତ୍ରୁଟି ପାଇଁ ବିଭାଗକୁ ପୂବାରୁ ଅବଗତ କରାଯାଇଥିଲା। ଆଜି ପୁଣି ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚି ସମୀକ୍ଷା କରାଯାଇଥିବା ବେଳେ ଚିକିତ୍ସାଳୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିବା ନେଇ କହିଛନ୍ତି। ଜିଲ୍ଲା ଚିକିତ୍ସାଳୟ ଅଧିକାରୀ ତଥା ଅଧିକ୍ଷକ ଡା. ଅକ୍ଷୟ କୁମାର ରଥ କହିଛନ୍ତି ଯେ, ଅଗ୍ନିସମ ବିଭାଗର ପରାମର୍ଶ କ୍ରମେ ନିର୍ମାଣକାରୀ ସଂସ୍ଥାକୁ ଜିଲ୍ଲା ଚିକିତ୍ସାଳୟରେ ରହିଥିବା ବିଭିନ୍ନ ତ୍ରଟିର ସମାଧାନ ନେଇ ନିର୍ମାଣ କରିବାକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ନିର୍ମାଣକାରୀ ବିଭାଗ ପକ୍ଷରୁ ଏହାର ସୁଧାର କରାଯିବା ନେଇ ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବେ ବୋଲି ଆଶା କରାଯାଉଛି।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଧାରଣା



କୁନ୍ଦୁରା, ୧୬।୩(ସମିସ): ୩ ଦଫା ଦାବି ନେଇ କୁନ୍ଦୁରା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକ ଆଗରେ ଧାରଣାରେ ବସିଥିଲେ ମେଡିକାଲର ଆଉଟ୍ ସୋର୍ସିଙ୍ଗ କର୍ମଚାରୀ । ଓଡ଼ିଶା ସରକାରୀ ଆଉଟ ସୋର୍ସିଙ୍ଗ କର୍ମଚାରୀ ମହାସଂଘର ନିଷ୍ପତ୍ତି ପ୍ରକାରେ ଜିଲ୍ଲା ସଭାପତି ସଦାଶିବ ନାୟକଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିଲା। ଛଟେଇ କରାଯାଇଥିବା କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେବା, କର୍ମଚାରୀଙ୍କ ଦୀର୍ଘ ଅଭିଜ୍ଞତା ଓ ସନ୍ତୋଷଜନକ ସେବାକୁ ବିଚାରକରି ସ୍ଥାୟୀ ନିଯୁକ୍ତି ଦେବା ଓ ତୃତୀୟ ପକ୍ଷ ଦ୍ୱାରା ନିଯୁକ୍ତ ଆଉଟସୋର୍ସିଂ ଓ ଡେଲିୱେଜେସ ଭଳି ଦୁଇ ପ୍ରକାର ବ୍ୟବସ୍ଥାକୁ ଏକ କରି ସମାନ ନ୍ୟାୟ ଦେବା ଆଦି ତିନୋଟି ଦାବି କଲେ କର୍ମଚାରୀ । ଏଥିରେ ବ୍ଲକର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଷ୍ଟାଫ୍‌ନର୍ସ, ଏଲଟି, ଏମଆର, ଆଟେଡାଣ୍ଡ, ସୁଇପର, ଗାର୍ଡେନର ଓ ସିକ୍ୟୁରିଟି ଗାର୍ଡ ପମୁଖ ୩୫ ଜଣ ସାମିଲ ହୋଇଥିଲେ। ସରକାର ଦାବି ଗୁଡ଼ିକ ପୂରଣ ନ କଲେ ଆସନ୍ତା କାଲି ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲା ସଭପତି ଶ୍ରୀ ନାୟକ।

# ଜଳ ହିଁ ଜୀବନ ନେଇ ସଚେତନତା ଶୋଭାଯାତ୍ରା

ଜୟପୁର, ୧୬ ।୩ (ସମିସ): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ଜଳର ସଞ୍ଚୟ ଓ ସଦ୍ ବିନିଯୋଗ ନିମନ୍ତେ 'ଜଳ ହିଁ ଜୀବନ' ସଚେତନ ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ସ୍ନାତକ ଶ୍ରେଣୀର ଜାତୀୟ ସେବା ଯୋଜନା ପକ୍ଷରୁ ଏହି ଶୋଭାଯାତ୍ରାରେ ମହାବିଦ୍ୟାଳୟର ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା ଅଧିକାରୀ ସୀମା ମହାପାତ୍ର ଓ ସ୍ନାତକ ଶ୍ରେଣୀ ସେବା ଯୋଜନା ଅଧିକାରୀ ସୁନୀତା କୁମାରୀ ପ୍ରଧାନ, ବିଦ୍ୟାଧର ମାଳି,ବର୍ଷା ରାଣୀ ନାୟକ,ସ୍ୱନ୍ଦନ ରାଓ,ଦୀପକ କୁମାର ଦାସ,ରାଜେନ୍ଦ୍ର ରଣା, କାହ୍ନୁ ଚରଣ ବରଡ଼,ରୂପାଲି ନାଗ, ରୂପା ମିସ୍ତ୍ରୀ,ସତ୍ୟ ନାରାୟଣ କାଣ୍ଡ,ଭୀମସେନ ସୁନା,ବନ୍ଦନା ମହାରଣା,ସୁରଜ୍ ପାତ୍ର,ସନ୍ତୋଷ କୁମାର ପଟ୍ଟନାୟକ, ସୁକାନ୍ତି କୁମାରୀ ବେନୀୟା, ଅଜୟ ପାତ୍ର, ଅଭିପସା ମହାପାତ୍ର ସମେତ ଅଧ୍ୟାପକ ଅଧ୍ୟାପିକାମାନେ ଯୋଗ ଦେଇଥିଲେ। ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଯୋଗଦେଇ ସ୍ଲୋଗାନ, ପୋଷ୍ଟର, ପ୍ରଚାର ପତ୍ର ମାଧ୍ୟମରେ ଲୋକମାନଙ୍କୁ ଜଳର ଅପଚୟ ନକରିବା ନିମନ୍ତେ ସଚେତନ କରିବା ସହ ବର୍ଷା ଜଳ ସଂରକ୍ଷଣ, ଜଳର ସଞ୍ଚୟ, ଆବଶ୍ୟକତା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିଥିଲେ।

# ବାଛୁରୀକୁ ସେବା ଯୋଗାଇଲେ ଯନ୍ତ୍ରୀ ଓ ଡାକ୍ତର



ତେନ୍ତୁଳିଖୁଣ୍ଟି,୧୬।୩(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା କଲୋନୀ ଠାରେ ଏକ ବାଛୁରୀ ଯନ୍ତ୍ରଣା ର ଛଟପଟ ହୋଇ ମୂର୍ମୂଷୁ ଅବସ୍ଥାରେ ପଡିରହିଥିଲା। ଏହା ଦେଖି ନିକଟରେ ରହୁଥିବା ଯୁବ ଯନ୍ତ୍ରୀ ଇଂ.ଅନୁରାଗ ବେହେରା ଏବଂ ବରିଷ୍ଠ ଡାକ୍ତର ଡ. ପ୍ରଦୀପ୍ତ କୁମାର ପ୍ରହରାଜ ସେଠାରେ ପହଞ୍ଚି ପ୍ରାଥମିକ ସେବା ଯୋଗାଇ ଦେଇଥିଲେ। ଏହାପରେ ତେନ୍ତୁଳିଖୁଣ୍ଟି ପଶୁ ଚିକିତ୍ସା ଅଧିକାରୀ ଡ. ମହେନ୍ଦ୍ର କୁମାର ସମରଥଙ୍କୁ ଖବର ଦେଇଥିଲେ। ଡ. ସମରଥ ତୁରନ୍ତ ବିଭାଗୀୟ ପଶୁ ଚିକିତ୍ସକ ସୌମ୍ୟ ରଞ୍ଜନ ସେଠୀଙ୍କୁ ଘଟଣା ସ୍ଥଳକୁ ପଠାଇ ପ୍ରାଥମିକ ଚିକିତ୍ସା ଯୋଗାଇ ଦେଇଥିଲେ। ଉଭୟ ଯନ୍ତ୍ରୀ ଏବଂ ଡାକ୍ତରଙ୍କ ଏହିଭଳି ତ୍ୱରିତ ପଦକ୍ଷେପ ପାଇଁ ବାଛୁରୀର ଜୀବନ ରକ୍ଷା ହୋଇପାରିଥିଲା। ଖାତିଗୁଡା ଗ୍ରାମର ଟଙ୍କ କୁମାର ଏବଂ କୁମାରୀ ଖିଲ ମଧ୍ୟ ବାଛୁରୀକୁ ସେବା ଯୋଗାଇବାରେ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ପୋଡ଼ାଗଡ଼,୧୬।୩(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତର ରାଜୀବ ଗାନ୍ଧି ସେବାକେନ୍ଦ୍ରରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ୧୧ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୮ ଅଭିଯୋଗ ଗୋଷ୍ଠୀଗତ ହୋଇଥିବାବେଳେ ୩ଟି ବ୍ୟକ୍ତିଗତ ବୋଲି ସୂଚନା ଦେଇଛନ୍ତି ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିକାଶ। ସେଥି ମଧ୍ୟରୁ ପ୍ରାୟ ପାନୀୟ ଜଳ ଓ ରାସ୍ତା ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଏହି ଅଭିଯୋଗ ଶୁଣାଣି ଶିବିର ପରିଚାଳନା କରିଥିଲେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିକାଶ। ଅଭିଯୋଗ ଶୁଣାଣି ଶିବିରରେ ମୁଖ୍ୟ ଭାବେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଯେତିକି ଅଭିଯୋଗ ଆସିଥିଲା, ତାହାର କପି ଜିଲ୍ଲା ପ୍ରଶାସନକୁ ଅବଗତ କରି ସମସ୍ୟାର ସମାଧାନ ଅତିଶିଘ୍ର କରାଯିବ ବୋଲି କହିଛନ୍ତି। ଏହି ଅଭିଯୋଗ ଶୁଣାଣି ଶିବିରରେ ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସେହି ପରି କୋରାପୁଟ ସଦର ବ୍ଲକ ଅଧିନସ୍ଥ ମାସ୍ତିପୁଟ ପଞ୍ଚାୟତର ରାଜୀବଗାନ୍ଧୀ ସେବାକେନ୍ଦ୍ର ରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସ୍ଥାନୀୟ ବ୍ଲକ ଅଧକ୍ଷା ନମିତା ମାଝୀଙ୍କ ସମେତ ସମସ୍ତ ବ୍ଲକସ୍ତରୀୟ ଜନ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣୀ ଶିବିରରେ ସର୍ବମୋଟ ୨୭ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ଗୋଷ୍ଠୀଗତ ୨୬, ଓ ବ୍ୟକ୍ତିଗତ ୧ ଟି ଆସିଥିବା ସୂଚନା ଦେଇଛନ୍ତି ସ୍ଥାନୀୟ ଏଡିଓ ମନୋଜ କୁମାର ହିଆଳ। ସେଥିମଧ୍ୟରୁ ପ୍ରାୟ ପାନୀୟ ଜଳ ସମସ୍ୟା ସହ ରାସ୍ତାଘାଟ ସମସ୍ୟା ଥିବା ଦେଖା ଦେଇଛି। ଅଭିଯୋଗ ଶୁଣାଣି କାର୍ଯ୍ୟ ପରିଚାଳନା କରିଥିଲେ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁବନ ନାୟକ। ସମସ୍ତ ଅଭିଯୋଗ ଶୁଣାଣି ପରେ ଏହାର ସମାଧାନ କରିବା ନିମନ୍ତେ ପଦକ୍ଷେପ ନିଆଯିବା ନେଇ ଉପସ୍ଥିତ ଅଧିକାରୀମାନେ କହିଛନ୍ତି। ଶେଷରେ ଏଡିଓ ମନୋଜ କୁମାର ହିଆଲ ଧନ୍ୟବାଦ ଅର୍ପଣ କରିଥିଲେ।


# ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ ପାଇଁ ଦାବି



ବୈପାରୀଗୁଡ଼ା,୧୬।୩(ସମିସ): ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ ପାଇଁ ବିଡିଓଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ । ଆଜି ସକାଳେ ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁବ୍ରତ ସାହୁଙ୍କୁ ଭେଟି ଗୋଷ୍ଠୀ ଶୌଚାଳୟ କାର୍ଯ୍ୟକ୍ଷମ ପାଇଁ ଦାବିପତ୍ର ପ୍ରଦାନ କଲେ ଗ୍ରାମବାସୀ। ଦାବି ଅନୁଯାୟୀ, ଗତ ୨୧ ତାରିଖ ଦିନ ଜନ ସାଧାରଣଙ୍କ ସୁବିଧା ନିମନ୍ତେ ସହିଦ ଲକ୍ଷ୍ମଣ ନାୟକ ମୁଖ୍ୟ ଛକ ନିକଟରେ ରାଞ୍ଚି ବିଜୟୱାଡା ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହେଲା। ଅଞ୍ଚଳବାୀଙ୍କ ମନରେ ଖୁସିର ଲହରୀ ଖେଳିଗଲା । ବିଶେଷ କାରି ଦୂରଦୂରାନ୍ତରୁ ଆସୁଥିବା ପଥଚାରୀ ଏବଂ ମହିଳାମାନଙ୍କ ସୁବିଧା ହେବ ବୋଲି ଆଶା କରିଥିଲେ । ହେଲେ ଗ୍ରାମବାସୀଙ୍କ ଆଶା ଆଶାରେ ରହିଗଲା। ଦୀର୍ଘ ୩ ବର୍ଷ ବିତିଲା ତଥାପି ଦିନେ ହେଲେ ବି ଶୌଚାଳୟ ବ୍ୟବହାର ହୋଇପାରିଲା ନାହିଁ । ସରକାରୀ ଅର୍ଥରେ ନିର୍ମିତ ଶୌଚାଳୟ ଅତି ଶୀଘ୍ର କାର୍ଯ୍ୟକ୍ଷେମ ପାଇଁ ଦାବୀ କରିଛନ୍ତି ଗ୍ରାମବାସୀ କ୍ଷ ସେପଟେ ବିଡ଼ିଓ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇଛନ୍ତି ଯେ ,ଏଥିପ୍ରତି ଦୃଷ୍ଟି ଦେଇ ଅତି ଶୀଘ୍ର ଶୌଚାଳୟ କାର୍ଯ୍ୟକ୍ଷେମ କରାଯିବ

# ୩୮ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ନାରାୟଣପାଟଣା,୧୬।୩(ସମିସ): ଆଜି କୋରାପୁଟ ଜିଲ୍ଲାପାଳ ମନୋଜ୍ ସତ୍ୟବାନ୍ ମହାଜନ ନାରାୟଣପାଟଣା ବ୍ଲକ ସଭାଗୃହରେ ଜନ ଅଭିଯୋଗ ଶୁଣାଣି କରିଛନ୍ତି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡାକ୍ତର ରୋହିତ ବର୍ମା , ଜିଲ୍ଲା ମୁଖ୍ୟ ଉନୟନ ଅଧିକାରୀ ବେଣୁଧର ଶବର , ଉପଜିଲ୍ଲାପାଳ ମୋନଜ ହିଆଲ , ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ରବି ନାରାୟଣ ମିଶ୍ର , ବିଡିଓ ବିକ୍ରମ କୁମାର ଦୋରା, ବ୍ଲକ ଅଧକ୍ଷ ଗୋଲାଦି ତ୍ରୀନାଥଙ୍କ ସମେତ ଜିଲ୍ଲାର ସମସ୍ତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଙ୍କ ଉପସ୍ଥିତିରେ ଜନସାଧାରଣ ଙ୍କ ଅଭିଯୋଗ ଶୁଣାଣି ହୋଇଥିଲା। ଯେଉଁ ଥିରେ ସର୍ବୋମୋଟ ୩୮ ଗୋଟି ଅଭିଯୋଗ ଶୁଣାଣି କରି ତୁରନ୍ତ ସମାଧାନ ଦିଗରେ ବିହିତ ପଦକ୍ଷେପ ନେଇ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟକ୍ତିଗତ ୧୫ ଓ ସାମୁହିକ ୨୩ ଟି ଅଭିଯୋଗ ଶୁଣାଣି କରିଥିଲେ ଜିଲ୍ଲାପାଳ ।ବୋରିଗି ପଞ୍ଚାୟତର କେଲୁବାଡି ଗାଁକୁ ପକ୍କା ରାସ୍ତା ସହ ବ୍ରିଜ୍ ନିର୍ମାଣ ପାଇଁ ସରପଞ୍ଚ ସୁରେନ୍ଦ୍ର ପାଙ୍ଗି ଦାବି କରିଛନ୍ତି। ୨୨ କୋଟି ଟଙ୍କା ବିନିମୟରେ ତିଆରି ହେବାକୁ ଥିବା ନୂତନ ସିଏଚ୍‌ସି ବିଳମ୍ବ ଯୋଗୁଁ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଶୀଘ୍ର ଯୁକ୍ତ ତିନି ଡୀଗ୍ରୀ କଲେଜ ନିର୍ମାଣ କରିବାକୁ ବି ଅନୁରୋଧ କରିଥିଲେ ସ୍ଥାନୀୟ ଲୋକେ। ଲଙ୍ଗଲବେଡା ପଂଚାୟତରେ ସାନ୍ତା କେସଲା ଠାରେ ନୁତନ ଏମ୍ ଆଇ ପି କେନାଲ କରିବାକୁ ପୁବତନ ସରପଞ୍ଚ ପାପେୟା ପିଡିକା ଦାବି କରିଥିଲେ। ତେନ୍ତୁଳିପଦର ,ବିଜାଘାଟି ,ଲଙ୍ଗଲବେଡା ,ବାଲିପେଟା ପଞ୍ଚାୟତର ଅଧିକାରୀ ପାହାଡ଼ିଆ ଅଞ୍ଚଳରେ ସବୁଦିନିଆ ବିଜୁଳି ପହଞ୍ଚି ନଥିବାରୁ ଯଥାଶୀଘ୍ର ଜିଲ୍ଲାପାଳ ହସ୍ତକ୍ଷେପ କରି ବିଜୁଳି ସଂଯୋଗ କରିବାକୁ ଗୁହାରି କରିଥିଲେ ସରପଞ୍ଚ ଓ ଗ୍ରାମବାସୀ।ସ୍ଥାନୀୟ ବାସିନ୍ଦା ପଞ୍ଚାୟତ ପରିସରରେ ଏକ ଶିଶୁ ଉଦ୍ୟାନ ନିର୍ମାଣ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଯେଉଁ ସବୁ ପ୍ରକଳ୍ପ ରହିଛି, ତୁରନ୍ତ ସାରିବା ସହ ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଲୋ କେସଲା ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଘର ନିର୍ମାଣ କରିବାକୁ କହି ଜଣେ ଠିକାଦାର ୩୦ରୁ ଅଧିକ ହିତାଧିକାରୀଙ୍କ ଅର୍ଥ ହଡ଼ପ କରି ବର୍ଷ ବର୍ଷ ଧରି ନ କରିବା ଘଟଣାରେ ଜିଲ୍ଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ଅଭିଯୋଗ ଥାନାରେ ଦେବାକୁ ହିତାଧିକାରୀଙ୍କୁ କହିଥିଲେ। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହିତାଧିକାରୀଙ୍କୁ କହିଥିଲେ। ନିର୍ମାଣଧିନ ଜଗନ୍ନାଥ ମନ୍ଦିର କାର୍ଯ୍ୟ ତଦାରଖ କରିଥିଲେ। କାମ ମନ୍ଥର ଗତିରେ ଚାଲୁଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ କାମ ସାର, ନଚେତ ଅନୁଦାନ ବନ୍ଦ କରାଯିବ ବୋଲି ରୋକ୍‌ଠୋକ କହିଥିଲେ ଜିଲ୍ଲାପାଳ। ପରେ କୁମ୍ଭାରୀ ପଞ୍ଚାୟତ ଗ୍ରସ୍ତ କରି ଦୁରୁଗୁଣ୍ଡା ଘାଟି ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ କରି ସ୍କୁଲର ଭିତ୍ତିଭୂମି ନୂତନ ସ୍କୁଲ କୋଠା ଦେଖିବା ସହ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇ ଥିଲେ। ଜଣେ ଶିକ୍ଷୟିତ୍ରୀ ଅନୁପସ୍ଥିତ ଦୀର୍ଘ ଦିନ ଧରି ରହିଥିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ। ଦୁଇ ଦିବ୍ୟାଙ୍ଗଙ୍କୁ ସାଇକେଲ ପ୍ରଦାନ କରିଥିଲେ। ଦୁଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫ ଲକ୍ଷ ଟଙ୍କାର ଚେକ୍ ବି ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଥାନା ଅଧିକାରୀ ମମତା ପଣ୍ଡା ଉପସ୍ଥିତ ରହି ଶାନ୍ତିଶୃଙ୍ଖଳ ପାଇଁ ପୁଲିସ ମୁତୟନ କରାଯାଇଥିଲା।



● ସୁଙ୍କି ନିକଟରେ ଟ୍ରଲର ଦୁର୍ଘଟଣା

## ଆନ୍ତଃରାଜ୍ୟ ଗାଡ଼ି ଚଳାଚଳ ଠପ୍



ପଟାଙ୍ଗି,୧୬।୩(ସମିସ): ଓଡ଼ିଶା ସୀମାନ୍ତ ସୁଙ୍କି ଗ୍ରାମ ନିକଟ ୨୬ ନଂ ଜାତୀୟ ରାଜପଥର ଏକ ଘାଟି ରେ ଓଲଟିଲା ଟ୍ରଲର। ଫଳରେ ଉଭୟ ଆନ୍ଧ୍ର ଏବଂ ଓଡ଼ିଶାକୁ ଯାଉଥିବା ଭାରିଯାନ ଯାତାୟାତ ବନ୍ଦ ରହିଛି। ସୂଚନା ଅନୁଯାୟୀ ଆଜି ଛତିଶଗଡ ରାଜ୍ୟରୁ ଓଡ଼ିଶା ଦେଇ ଆନ୍ଧ୍ର ପ୍ରଦେଶକୁ ଏକ ଟ୍ରଲର ଯାଉଥିଲା। ଟ୍ରଲରଟି ସୁଙ୍କି ଗ୍ରାମ ପୂର୍ବରୁ ଥିବା ଘାଟିଟିକୁ ଓହ୍ଲାଉ ଥିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗସ୍ତ ହୋଇଥିଲା। ଟ୍ରଲରଟି ଦୁର୍ଘଟଣା ଗସ୍ତ ହୋଇ ରାସ୍ତା ଅବରୋଧ ହୋଇ ରହିଥିଲା। ଫଳରେ ଉଭୟ ଆନ୍ଧ୍ର ଏବଂ ଓଡ଼ିଶାକୁ ଯାଉଥିବା ଭାରିଯାନ ଯାତାୟାତ ବନ୍ଦ ରହିଅଛି। ଘଟଣା ସ୍ଥଳରେ ସୁଙ୍କି ଥାନା ଅଧିକାରୀ ଚତୁର୍ଭୁଜ ନାୟକ ନିଜ ପୋଲିସ କର୍ମଚାରୀଙ୍କ ସହ ପହଞ୍ଚିଥିଲେ। ଦୁର୍ଘଟଣା ଗସ୍ତ ଗାଡ଼ିକୁ ପୁଲିସ କ୍ରେନ୍ ସହାୟତାରେ ହଟାଇବା ନିମନ୍ତେ ପ୍ରୟାସ ଆରମ୍ଭ କରିଥିଲା। ଟ୍ରଲରଟି ଅପରାହ୍ନ ୩ଟା ସମୟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ବେଳେ ପ୍ରାୟ ରାତ୍ର ୮.୩୦ ସମୟରେ ଟ୍ରଲରଟିକୁ ରାସ୍ତାରୁ ହଟାଇଥିବା ନେଇ ପୋଲିସ ସୂଚନା ଦେଇଛି।ଦୀର୍ଘ ୫ ଘଣ୍ଟା ୩୦ ମିନିଟ ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିବା ନେଇ ଜଣାପଡିଛି।

## ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ କିଶୋରୀ ବାଳିକା ଶିବିର



ରାୟଗଡ଼ା,୧୬।୩ (ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ପେଣ୍ଟା ସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ କିଶୋରୀ ବାଳିକା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ଗୌଡଙ୍କ ଅଧକ୍ଷତାରେ ଶିବିରର କାର୍ଯ୍ୟକ୍ରମ ପରିଚାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତି ମୀନତି ଦେଓ ଯୋଗ ଦେଇଥିବା ବେଳେ ଲକ୍ଷ୍ମୀପତ ସିଂଘଣିଆ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରୀମତି ବିନିତା ସିହ୍ନା, ଶିକ୍ଷ୍ୟୋଗୀ ଅଞ୍ଜଳି ପଣ୍ଡା, ଡାକ୍ତର ସସ୍ମିତା ଆଚାର୍ଯ୍ୟ ଏବଂ ଜିଲ୍ଲା ସଂଯୋଜକ ସୁରେନ୍ଦ୍ର କୁମାର ସାଠୁଆ ଯୋଗଦାନ କରିବା ସହିତ ଅଂଶଗ୍ରହଣକାରୀ ବାର୍ତା ପ୍ରଦାନ କରିଥିଲେ। ଶ୍ରୀମତି ଦେଓ ପକ୍‌ସୋ ଆକ୍ଟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିବା ବେଳେ ଶ୍ରୀମତି ସିହ୍ନା ଚରିତ୍ର ଗଠନ ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରି ବିଭିନ୍ନ କାର୍ଯ୍ୟକ୍ରମ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରି ସୁଚାରୁ ରୂପେ ଶିବିରକୁ ସମାପନ କରିଥିଲେ।

## ଦାଦନ ଖଟି ଯାଇଛନ୍ତି ୱାର୍ଡ ସଭ୍ୟ



ବୈପାରୀଗୁଡ଼ା,୧୬।୩(ସମିସ): ପେଟ ପାଇଁ ଦି ମୁଠା ଦାନା ଯୋଗାଡ଼ କରିବା ପାଇଁ ଭିଟାମାଟି ଛାଡ଼ି ଅନ୍ୟ ରାଜ୍ୟକୁ ଦାଦନ ଖଟି ଯାଇଛନ୍ତି ୱାର୍ଡ ସଭ୍ୟ। ଏଭଳି ଅଭାବନୀୟ ଚିତ୍ର କୋଟପାଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ୍ ଅଧିନ ରାମଗିରି ପଞ୍ଚାୟତର ଦଶ ନମ୍ବର ୱାର୍ଡ ମାଳିଗୁଡା ଗାଁ ରୁ ଆସିଛି। ଏଠିକାର ନିର୍ବାଚିତ ୱାର୍ଡ ସଭ୍ୟ ମଦନ ବଡ଼ନାୟକ। ଗତ ଦୁଇ ମାସ ହେଲା ବିଜୟିୱାର୍ଡକ୍ଷ ରାଜ୍ୟକୁ ଦାଦନ ଖଟି ଯାଇଛନ୍ତି। ତେବେ ଲୋକଙ୍କ ସୁଖଦୁଃଖ ବୁଝିବା ପାଇଁ ନିର୍ବାଚିତ ହୋଇଥିବା ୱାର୍ଡ ସଭ୍ୟ ନିଜେ ଦାଦନ ଯିବା ଘଟଣା ଦୁଃଖର ବିଷୟ ବୋଲି କହିଛନ୍ତି ସ୍ଥାନୀୟ ସମିତି ସଭ୍ୟ ମୋହନଲାଲା ମାଛ। ସରକାରଙ୍କ କୋଟିକୋଟି ଟଙ୍କାର ଗରିବ କଲ୍ୟାଣ ଯୋଜନା ସତ୍ତ୍ୱେ ଆଜି ବି ଲୋକେ ପେଟ ପାଟଣା ପାଇଁ ରାଜ୍ୟ ବାହାରକୁ ଦାଦନ ଖଟି ଯାଉଛନ୍ତି। ତେବେ ଏହା ଏବେ ଆହୁରି ଗୁରୁତର ସମସ୍ୟା ଭାବେ ଉଭା ହୋଇଛି, ଯେତେବେଳେ ଦି ପଇସା ରୋଜଗାର ପାଇଁ ନିର୍ବାଚିତ ଲୋକ ପ୍ରତିନିଧି ଦାଦନ ଶ୍ରମିକ ସାଜିଛନ୍ତି

**ଅପହଞ୍ଚ ଅଞ୍ଚଳରେ ଦୁଇ ଯୁବ ଆଇଏଏସ୍ ଅଧିକାରୀ**

# ପାହାଡ଼ ଚଢ଼ି ଲୋକଙ୍କ ସମସ୍ୟା ବୁଝିଲେ ଜିଲ୍ଲାପାଳ



ରାୟଗଡ଼ା/ ଗୁଡ଼ାରୀ,୧୬।୩ (ସମିସ): ରାୟଗଡ଼ା ଜିଲ୍ଲା ଗୁଡାରି ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ସରିବା ପରେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଳକର୍ଣ୍ଣି ଓ ଗୁଣପୁର ଉପ ଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲ୍ଲୀପ ଗୁଡାରି ବ୍ଲକ ମଧୁବନ ପଞ୍ଚାୟତର ପାହାଡ଼ ଶିଖର ଗ୍ରାମ କର୍ଲଗୁଡି, ରେଙ୍ଗାପଦର ଓ କେପିଟି ଆଦି ଗସ୍ତ କରିଥିଲେ। ଦୀର୍ଘ ୫ରୁ ୭କିମି ପାଦରେ ଚାଲି ପାହାଡ଼ ଚଢି ନାଳ ପାର ହୋଇ ସମସ୍ତ ଗ୍ରାମ ଗସ୍ତ କରି ଲୋକଙ୍କ ମୌଳିକ ସୁବିଧା ପଚାରି ବୁଝିଥିଲେ। ଆଧାର କାର୍ଡ ଓ ଖାଉଟି କାର୍ଡ ସମସ୍ୟା ବହୁ ପରିମାଣରେ ଥିବା ଯୋଗୁଁ ତୁରନ୍ତ ଏକ କ୍ୟାମ୍ପ କରି ଲୋକଙ୍କ ଆଧାର ଓ ଖାଉଟି କାର୍ଡ କରିବା ସହ ସେମାନଙ୍କୁ ଆଧାର ଓ ଖାଉଟି କାର୍ଡ ଯୋଗାଇ ଦେବାକୁ ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାର ସମୀକ୍ଷା କରି ତିନି ଗ୍ରାମକୁ ରାସ୍ତା କରିବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତିକରଣ ସୁନିଶ୍ଚିତ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତିନି ଗ୍ରାମର ଲୋକଙ୍କୁ ଅନ୍ତର୍ଭୁକ୍ତ କରିବା ସହ କାର୍ଯ୍ୟାଦେଶ ପ୍ରଦାନ କରି ଘର ଶୀଘ୍ର ଶେଷ କରିବାକୁ ଲୋକଙ୍କୁ ସଚେତନ କରିବା ନିମନ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଙ୍ଗନବାଡି କେନ୍ଦ୍ର, ବିଦ୍ୟାଳୟ କାର୍ଯ୍ୟ ତୁରନ୍ତ କରିବା ନିମନ୍ତେ ଶିଶୁ ବିକାଶ ଯୋଜନା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଲୋକଙ୍କ ପାଖରେ ପହଞ୍ଚି ଲୋକଙ୍କ ମୌଳିକ ସୁବିଧା ପାଉଛନ୍ତି ନା ନାହିଁ ସେସବୁ ବିଷୟରେ ଜିଲ୍ଲାପାଳଙ୍କୁ ପଚାରି ବୁଝିଥିଲେ। ୩ ଗ୍ରାମର ଲୋକେ ହଠାତ୍ ଜିଲ୍ଲା ସ୍ତରୀୟ ଅଧିକାରୀ ସେମାନଙ୍କ ଗ୍ରାମରେ ପହଞ୍ଚି ସେମାନଙ୍କ ସହ ବିଭିନ୍ନ ଉନ୍ନୟନ ମୂଳକ ଆଲୋଚନା କରିବା ଦେଖି ଗ୍ରାମବାସୀ ଯେତିକି ଆଶ୍ଚର୍ଯ୍ୟ ହୋଇଥିଲେ, ସେତିକି ଆନନ୍ଦ ହୋଇଥିବା ଗ୍ରାମବାସୀ ପ୍ରକାଶ କରିଥିଲେ। ଜିଲ୍ଲା ପ୍ରଶାସନ ଆଗାମୀ ଦିନରେ ପ୍ରତି ଶେଷ ଗ୍ରାମ ବା ଅପହଞ୍ଚ ଗ୍ରାମକୁ ଗସ୍ତ କରି ଲୋକଙ୍କ ମୌଳିକ ସୁବିଧା ବୁଝିବା ସହ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ କୂଳକର୍ଣ୍ଣି ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଗୁଣପୁର ଉପ ଜିଲ୍ଲାପାଳ ଶ୍ରୀ ଦୁଧାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଡାରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଚିସ୍ମିତା ବେହେରା, ଗୁଡାରି ତହସିଲଦାର ଆଡାଲା ସ୍ନେହଲତା, ଗୁଡାରି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ମଧୁବନ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଗସ୍ତ କରିଥିଲେ।

> ଆଧାର କାର୍ଡ ଓ ଖାଉଟି କାର୍ଡ ମୁଖ୍ୟ ସମସ୍ୟା
> ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ

## ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର



ଜୟପୁର, ୧୬।୩ (ସମିସ) : ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ପୁରୁଷ ଓ ମହିଳା ଶାଖା ଜାତୀୟ ସେବା ଯୋଜନା ଏବଂ ଶିକ୍ଷକ ଶିକ୍ଷା ବିଭାଗ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆଜି ଅନୁଷ୍ଠିତ ହୋଇଥିଲା। ରକ୍ତଦାନ ଶିବିରକୁ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ବ୍ୟୁରୋ ମୁଖ୍ୟ ତଥା କାର୍ଯ୍ୟକ୍ରମ ସଂଯୋଜକ ଡ.ମନୋରଞ୍ଜନ ପ୍ରଧାନ ଉଦ୍‌ଘାଟନ କରିଥିବା ବେଳେ କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ ଶିବିରରେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ପ୍ରମାଣ ପତ୍ର ବଣ୍ଟନ କରିଥିଲେ। କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ରକ୍ତ ସଂଗ୍ରହକାରୀ ଦଳଙ୍କ ତତ୍ୱାବଧାନରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାନ ଶିବିର ପରିଚାଳନା ଓ ରକ୍ତ ସଂଗ୍ରହରେ ସୁଶୀଲ ଶବର,ବି ଗଙ୍ଗାଧର, ଅଜିତ୍ କୁମାର ଗୌଡ, ରବିନ୍ଦ୍ର କୁମାର ମିଶ୍ରଙ୍କ ସମେତ ସମାଜସେବୀ ପ୍ରମୋଦ ରାଉଳ, ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରଥମଥର ପାଇଁ ରକ୍ତଦାନ କରୁଥିବା ଯୁବ ସ୍ୱେଚ୍ଛାସେବୀ ମାନଙ୍କ ଉତ୍ସାହ ଶିକ୍ଷଣୀୟ ଓ ପ୍ରେରଣାଦାୟୀ ଥିଲା। କାର୍ଯ୍ୟକ୍ରମ ଅଧିକାରୀ ସୁକାନ୍ତି ସୋ ଓ ଲୋକେଶ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ ଡ. ପ୍ରଧାନ, ସହକାରୀ ପ୍ରଫେସର ଡ.ନରେନ୍ଦ୍ର କୁମାର ମହାରଣା, କସ୍ତୁରୀ ଆଚାର୍ଯ୍ୟ, ଅନିତା ପଟ୍ଟନାୟକ, ଅନୁପମା ମିଶ୍ର, ପରିଚିତା ମହାପାତ୍ର, ଅଧ୍ୟାପକ ଯପ୍ରତ୍ ପାଣ୍ଡେ, ଅଭୟ ପରିଡ଼ା, ଅନ୍ତର୍ଯ୍ୟାମୀ ମହଲା ଓ ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ବନ୍ଦ ଘରୁ ଶିକ୍ଷକଙ୍କ ମୃତଦେହ ଉଦ୍ଧାର

**ମୃତ୍ୟୁର କାରଣ ଅସ୍ପଷ୍ଟ**

ପଦ୍ମପୁର,୧୬।୩ (ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ମୁଖ୍ୟ ବଜାର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଭଡ଼ାଘରୁ ଜଣେ ଶିକ୍ଷକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଶିକ୍ଷକ ଜଣକ ହେଲେ ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲର ଭକେସ୍ ନାଲ୍ ଶିକ୍ଷକ ରଞ୍ଜିତ୍ କୁମାର ପ୍ରଧାନ (୨୮)। ତାଙ୍କ ଘର ବାଣପୁର ବୋଲି ଜଣାପଡିଛି। ଆଜି ଶିକ୍ଷକ ସ୍କୁଲ ଯାଇନଥିବାରୁ ହାଇସ୍କୁଲର ଶିକ୍ଷକ ମାନେ ତାଙ୍କ ଘରକୁ ଆସିବା ପରେ ଭିତର ପଟୁ କବାଟ ଦିଆଯାଇଥିବା ଦେଖିଥିଲେ। ବହୁତ ଡାକିବା ପରେ ମଧ କବାଟ ନ ଖୋଲିବାରୁ ଆଖପାଖ ଲୋକ ମାନେ ବହୁକଷ୍ଟରେ କବାଟ ଖୋଲି ଦେଖିବା ସମୟରେ ଶିକ୍ଷକ ମୃତ ଅବସ୍ଥାରେ ପଡ଼ିଥିବା ଦେଖି ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପଦ୍ମପୁର ଡାକ୍ତର ବହୁ ଆଗରୁ ଶିକ୍ଷକଙ୍କ ମୃତ ହୋଇଥିବା କହିଥିଲେ। ପୁଲିସ ଶବକୁ ଜବତ କରିଛି। ପରିବାର ଲୋକେ ଆସିବା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି କହିଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ



ରାମନାଗୁଡ଼ା,୧୬।୩(ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ଥାନା ସଦର ମହକୁମା ଠାରୁ ଏକ କିଲୋମିଟର ଦୂର ୩୨୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଏକ ଗଛରେ ଆଜି ଜଣେ ଯୁବକ ବେକରେ ଦୌଡ଼ି ଦେଇ ଆତ୍ମହତ୍ୟା କରିବାକୁ ଯୋଜନା କରୁଥିବା ଦେଖି ସ୍ଥାନୀୟ ଲୋକ ମାନେ ତୁରନ୍ତ ଉକ୍ତ ଘଟଣା ସମ୍ପର୍କରେ ରାମନାଗୁଡ଼ା ପୋଲିସକୁ ଖବର ଦେଇଥିଲେ। ରାମନାଗୁଡ଼ା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆତ୍ମହତ୍ୟା ଉଦ୍ୟମ କରୁଥିବା ଯୁବକଙ୍କୁ ଉଦ୍ଧାର କରି ଥାନାକୁ ନେଇ ପଚରାଉଚରା କରିବା ସହ ଯୁବକଙ୍କ ବାଇକ୍ ସହିତ ଫାଶୀ ପାଇଁ ବ୍ୟବହୃତ ଦୌଡ଼ିକୁ ଜବତ କରି ଯୁବକଙ୍କୁ ଥାନାରେ ଅଟକ ରଖିଥିଲେ। ସୂଚନା ଅନୁଯାୟୀ ଯୁବକ ଜଣକ ହେଲେ ବିଷମକଟକ ଥାନା ଅନ୍ତର୍ଗତ ଡୁମୁରୁନେଲି ପଞ୍ଚାୟତ ଅଧୀନରେ ଥିବା ଦଣ୍ଡାପଡା ଗ୍ରାମର ରାଜେଶ କଲକା (୨୬)। ସେ ବିଷମକଟକ ଥାନା ଅଞ୍ଚଳର ଜନୈକ ଯୁବତୀଙ୍କୁ ଏକ ପାଖିଆ ପ୍ରେମ କରୁଥିବା ବେଳେ ଯୁବତୀ ଜଣଙ୍କ ଯୁବକଙ୍କ ପ୍ରେମ ନିବେଦନକୁ ସ୍ୱୀକାର ନ କରିବା ସହ କଥାରେ ରାଜି ନହେବାରୁ ବେକରେ ଦୌଡ଼ି ଦେଇ ଆତ୍ମହତ୍ୟା କରୁଥିବା ନେଇ ଯୁବକ ଜଣଙ୍କ କହିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଯୁବକଙ୍କ ଆବହତ୍ୟା ଉଦ୍ୟମ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଚାଲିଥିବା ବେଳେ ଗ୍ରାମବାସୀଙ୍କ ଉଦ୍ୟମ ଫଳରେ ଏକ ଅପମୃତ୍ୟୁ ଟଳି ଯାଇଥିବା କୁହାଯାଉଛି। ପୋଲିସ ପକ୍ଷରୁ ଯୁବକଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିବା ବେଳେ ପରିବାର ଲୋକଙ୍କ ଉପସ୍ଥିତିରେ ଯୁବକଙ୍କୁ ବୁଝାସୁଝା କରି ନିରାପଦ ଭାବେ ଘରକୁ ପଠାଇ ଦିଆଯାଇଥିବା ଜଣାପଡିଛି।

● ୫ବର୍ଷ ଗୋଟିଏ ସ୍କୁଲରେ କାର୍ଯ୍ୟ କରିଥିଲେ ବଦଳି ହେବ: ଜିଲ୍ଲାପାଳ

## ନୂତନ ବିଧାନସଭା ନିର୍ବାଚନମଣ୍ଡଳୀ ଗଠନ ନେଇ ପ୍ରସ୍ତୁତି ବୈଠକ



କୁନ୍ଦୁରା, ୧୬।୩(ସମିସ): କୁନ୍ଦୁରା ସ୍ଥାନୀୟ ଜଗନ୍ନାଥ କଲ୍ୟାଣ ମଣ୍ଡପ ଠାରେ ନୂତନ ବିଧାନ ସଭା ନିର୍ବାଚନମଣ୍ଡଳୀ ଗଠନ ଦାବୀକୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହିଳା ବିକାଶ ସଂଗଠନ ଉପଦେଷ୍ଟା ଚନ୍ଦ୍ର ସଗରିଆଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୁନ୍ଦୁରା ବ୍ଲକକୁ ଏକ ବିଧାନସଭା ନିର୍ବାଚନମଣ୍ଡଳୀ ଗଠନକୁ ନେଇ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ବୁଦ୍ଧିଜୀବୀ ଓ ସମାଜସେବୀଙ୍କ ମତାମତ ଗ୍ରହଣ କରାଯାଇଥିଲା। କୁନ୍ଦୁରା ଓ କୋଟପାଡ଼ ବ୍ଲକକୁ ଛାଡ଼ିଦେଲେ ବୋରିଗୁମ୍ମା ଓ ବୈପାରୀଗୁଡ଼ା ବ୍ଲକର ଆଂଶିକ ପଞ୍ଚାୟତ କୋଟପାଡ ନିର୍ବାଚନ ମଣ୍ଡଳୀରେ ରହିଛି। ଏଣୁ ବୈପାରୀଗୁଡ଼ା ଓ କୁନ୍ଦୁରା ବ୍ଲକକୁ ନେଇ କୁନ୍ଦୁରାକୁ ଏକ ନୂତନ ନିର୍ବାଚନ ମଣ୍ଡଳୀ ଗଠନ ପାଇଁ ଦାବୀ କରିବା ଯୁକ୍ତିଯୁକ୍ତ ପ୍ରସଙ୍ଗ ଅଟେ। କୁନ୍ଦୁରା ଓ ବୈପାରୀଗୁଡ଼ା ବ୍ଲକ ହେଉଛି ଆଦିବାସୀ ଅଧ୍ୟୁଷିତ, ଅନୁନ୍ନତ ଅଞ୍ଚଳ ଅଟେ। ଏଣୁ ଏହି ଅଞ୍ଚଳର ଉନ୍ନତି ଆବଶ୍ୟକ। ଏହି ପ୍ରସ୍ତୁତି ବୈଠକରେ ସଂଘ ଉପଦେଷ୍ଟା ରାଧାପ୍ରସାଦ ପାତ୍ର,ସଂସାଦ ପ୍ରତିନିଧି ଅମ୍ପୁ ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ସୁରେନ୍ଦ୍ର ପରଜା, ବୁଦ୍ଧିଜୀବୀ ତଥା ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ବିଜୟ କୁମାର ଭଟ୍ଟ,ବୁଦ୍ଧିଜିବୀ ରାଧାନାଥ ଭଟ୍ଟ,କଂଗ୍ରେସ ବ୍ଲକ ସଭାପତି ଗୋକୁଳ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଦୈତାରୀ ମଲ୍ଲିକ,ବରିଷ୍ଠ ମହିଳା ନେତ୍ରୀ ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆ,ପିସିସି ସଦସ୍ୟ ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ସରପଞ୍ଚ ଶିବ ପ୍ରଧାନୀ, ଲବ ପରଜା, ସହିଦ୍ ଲକ୍ଷଣ ନାୟକ ମୂଳ ଅଧିବାସୀ ସଂଘ ସଭାପତି ଭଜମନ ସାନ୍ତା, ସମ୍ପାଦକ ତ୍ରିନାଥ ସମରଥ, ସମାଜ ସେବୀ ଶିବ ବାନ୍ଧିଆ,ମହିଳା ବିକାଶ ସଂଗଠନର କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଯୁଜିସି ନୂଆ ନିୟମକୁ ବଳବତ୍ତର ରଖିବା ପାଇଁ ଦାବି



କୋରାପୁଟ,୧୬।୩(ସମିସ) ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ବା ୟୁଜିସ ଦ୍ୱାରା ଜାରି ନୂଆ ନିୟମକୁ ବଳବତ୍ତର ରଖିବା ନେଇ କୋରାପୁଟ ଜିଲ୍ଲାର ଏସସି, ଏସଟି, ଓବିସି ଆଦି ବିଭିନ୍ନ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ନୂଆ ନିୟମରେ ଭେଦଭାବକୁ ନେଇ ସାରା ଦେଶରେ ବିତର୍କ ଓ ବିବାଦ ଦେଖା ଦେଇଥିଲା। ଅନ୍ୟପଟେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରା ଲାଗୁ ହୋଇଥିବା ସ୍ଥଗିତାଦେଶ କୁ ହଟାଇବା ଓ ୟୁଜିସ ନିୟମାବଳୀ ୨୦୨୬ ର କାର୍ଯ୍ୟକାରିତା ପାଇଁ ତୁରନ୍ତ ପ୍ରଧାନମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ବୋଲି ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି। ଅନୁରୂପ ଭାବେ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ରେ ବୈଷମ୍ୟ, ଅସମାନତା ଭଳି ସମସ୍ୟାର ସମାଧାନ ପାଇଁ ଦାବୀପତ୍ରରେ ଉଲ୍ଲେଖ କରାଯାଇଛି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କୋରାପୁଟ ଜିଲ୍ଲାର ଏସସି, ଏସଟି, ଓବିସି ଓ ସଂଖ୍ୟାଲଘୁ ସଂପ୍ରଦାୟର ବ୍ୟକ୍ତିବିଶେଷ ମାନେ ନାରାବାଜି ଓ ସ୍ଲୋଗାନ ସହ ନିୟମକୁ ବଳବତ୍ତର ରଖିବା ପାଇଁ ଦାବୀ କରିଥିଲେ। ଦାବୀପତ୍ର ପ୍ରଦାନ ସମୟରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ସାଂସଦ ଝିନ୍ନ ହିକକା, ଜିଲ୍ଲା ପରିଷଦ ଅଧକ୍ଷା ସସ୍ମିତା ମେଲେକା, କୋରାପୁଟ ପୌର ପରିଷଦ ଅଧକ୍ଷ ଲଲାଟ ରଞ୍ଜନ ସେଠୀ, ବିଜୟ ଖିଲ, ସୋମନାଥ ଖରା, ତ୍ରିଲୋଚନ ମୁଦୁଲି, ବୈକୁଣ୍ଠ ମଣ୍ଡଳଙ୍କ ସମେତ ଅନେକ ଯୁବ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବାକୁ ଗୁହାରି କଲେ ୨୨ ଖଣ୍ଡ ଗ୍ରାମବାସୀ




ନାରାୟଣପାଟଣା,୧୬।୩(ସମିସ): ସପ୍ତାହ ତଳେ ଲଙ୍ଗଳବେଡ଼ା ପଞ୍ଚାୟତର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜାମି ସତ୍ୟନାରାୟଣଙ୍କ ବିରୋଧରେ କିଛି ସ୍ଥାନୀୟ ଗ୍ରାମବାସୀ ସ୍କୁଲରେ ଦୁର୍ନୀତି, ସ୍କୁଲରେ ସରକାରୀ ଅର୍ଥକୁ ଅନିୟମିତତା କରିଥିବା ଅଭିଯୋଗ କରିଥିଲେ। ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ପଞ୍ଚାୟତର ସରପଞ୍ଚ ଲାକମୀ ପିଡିକା, ପୂର୍ବତନ ସରପଞ୍ଚ ପାପେୟା ପୀଡ଼ିକାଙ୍କ ସମେତ ୨୨ ଗୋଟି ଗ୍ରାମର ଦୁଇ ଶହରୁ ଅଧିକ ଗ୍ରାମବାସୀ ଛାତ୍ରଛାତ୍ରୀଙ୍କ ଅବିଭାବକ ପ୍ରଧାନଶିକ୍ଷକଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ମିଥ୍ୟା ଭିତ୍ତିହୀନ, ପୂର୍ବଶତ୍ରୁତା ବୋଲି କହି ସପକ୍ଷରେ ଗୁହାରୀ କରିଥିଲେ। ଯେଉଁ ମାନେ ଅଭିଯୋଗ କରିଥିଲେ ସେମାନଙ୍କ ସହ ସ୍କୁଲ ସହ କୌଣସି ସମ୍ପର୍କ ନାହିଁ। ସ୍କୁଲ , ପଞ୍ଚାୟତକୁ ବଦନାମ୍ କରାଇବାକୁ କିଛି ଅସାମାଜିକ ବ୍ୟକ୍ତି ଏହା କରିଛନ୍ତି। ଆଜି ଲଙ୍ଗଲବେଡା ପଞ୍ଚାୟତର ସରପଞ୍ଚ ଲାକମୀ ପିଡିକା ନେତୃତ୍ୱରେ କାକଣପୁଟ, ଫୁଲବିଡି, ବେର୍ଲା, କାଡ୍ରାକାବାରିଙ୍ଗି, ନାଟିକାବାରିଙ୍ଗି, ରାଇବାଲସା,ସେକ୍ରମ, ତଳୋଲୁବାଡି, ଉପରୋ, ଓଲୁବାଡି, ପେଦାଇଟିକି, ତଳଲଛା, କେଲୁବାଡି, ଦିହୁଡା, ତଳକେସଲା, କାସପାବାଲସା, କୋଣ୍ଡାବୋରିଗି ପରି ୨୨ ଖଣ୍ଡ ଗ୍ରାମବାସୀ ଅବିଭାବକ ଜିଲ୍ଲାପାଳଙ୍କୁ ଭେଟି ଗୁହାରୀ କରିଛନ୍ତି। ୧୫ ବର୍ଷ ତଳେ ଏହି ଗାଁକୁ ଭଲ ରାସ୍ତା ନଥିଲା ,ମାଓବାଦୀଙ୍କ ଦବଦବା ଥିଲା। ସ୍କୁଲକୁ ଆଦିବାସୀ ପିଲା ଯାଉନଥିଲେ। କିନ୍ତୁ ଜାମି ସତ୍ୟନାରାୟଣ ଦାୟିତ୍ୱ ନେବା ପରେ ସ୍କୁଲ ଯାଇ ପାଠ ପଢୁଥିଲେ । ଯେଉଁ ମାନେ ଅଭିଯୋଗ କରିଥିଲେ ଗତ ଦିନରେ ସେମାନଙ୍କ କୌଣସି ପିଲା ସ୍କୁଲରେ ପଢନ୍ତି ନାହିଁ। ତେଣୁ ସ୍କୁଲ ପଞ୍ଚାୟତକୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି ବୋଲି ପାପେୟା ପିଡିକା ,ସିଦାରାମ୍ପୁ ଜାଙ୍ଗାମା, ନରେନ୍ଦ୍ର ପିଡିକା, ପାପାନା ନାଟିଖା, କୋଣ୍ଡତାମରା ନିଲାମଣି, ପ୍ରକାଶ ପିଡିକା, ଭୀମା କାଡ୍ରାକା, ସୁକା ନିମାକା, ପାଲାକା ପରି ଅବିଭାବକ ଜିଲ୍ଲାପାଳଙ୍କୁ ଗୁହାରୀ କରିଥିଲେ । ଅନ୍ୟପଟେ ଜିଲ୍ଲାପାଳ ଗ୍ରାମବାସୀଙ୍କୁ ବୁଝାଇଥିଲେ। ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ କହିଥିଲେ। ଅନ୍ୟପଟେ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଜିଲ୍ଲାପାଳ କହିଥିଲେ ଯେ ଡିଏଲ୍ସି ବୈଠକ ଅନୁଷ୍ଠିତ ହେବ। ଯେଉଁ ସ୍ଥାନରେ ୫ ବର୍ଷ କାର୍ଯ୍ୟ କରିଥିବେ ସେମାନଙ୍କୁ ବଦଳି କରାଯିବ। ଏହା ପୁରା ଜିଲ୍ଲା, ୧୪ ବ୍ଲକରେ କାର୍ଯ୍ୟ ହେବ। ଶିକ୍ଷାକୁ ନେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ କୌଣସି ସାଲିସ କରାଯିବନି ବୋଲି କହିଥିଲେ। ଅନ୍ୟପଟେ କିଛି ହାତଗଣତି ଶିକ୍ଷକ ନାରାୟଣପାଟଣା ବ୍ଲକରେ ରହି ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଦେଇଛି। କିଛି ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ବ୍ଲକ ବାହାରକୁ ବଦଳି କରିବାକୁ ଅନୁରୋଧ କରିଥିଲେ ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ।

# ଭୁବନେଶ୍ୱର ସିଟି



# ନିଖୋଜଙ୍କ ପତ୍ତା ମିଳୁନି; ମୃତଦେହର ପରିଚୟ ମିଳୁନି

## ପୁଲିସ କାର୍ଯ୍ୟଦକ୍ଷତା ନେଇ ସାଧାରଣରେ ପ୍ରଶ୍ନବାଚୀ

ଭୁବନେଶ୍ୱର, ୧୬।୩(ସମିସ)): ଗତ ଶୁକ୍ରବାରରେ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ବରିମୁଣ୍ଡ ଗ୍ରାମ ବ୍ୟାଙ୍କ ଅଫ୍ ଇଣ୍ଡିଆନ ସମ୍ମୁଖ କୁଆଖାଇ ନଦୀରୁ ଏକ ଅଜଣା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ଖବର ପାଇ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତଦେହରେ ଏକ ପଇତା ଥିବା ବେଳେ ଜିଭ କାମୁଡ଼ି ହୋଇ ରହିଛି। ମଞ୍ଚେଶ୍ୱର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଜଣାନାହିଁ ମୃତ୍ୟୁର କାରଣ ଜଣାପଡ଼ିବ କି ନାହିଁ। ଅପରପକ୍ଷେ ଅନେକ ମାମଲା ରହିଛି ଯେଉଁଠାରେ ନିଖୋଜ ମାମଲା ନେଇ ଲୋକେ ଥାନାରେ ଅଭିଯୋଗ କରୁଥିଲେ ମଧ୍ୟ ପୁଲିସ ସେମାନଙ୍କୁ ପାଇପାରୁ ନାହିଁ। ପରବର୍ତ୍ତୀ ସମୟରେ ସେମାନଙ୍କ ମୃତଦେହ କିମ୍ବା କଙ୍କାଳ ମିଳୁଛି। ଏପରିସ୍ଥଳେ ପୁଲିସ କାର୍ଯ୍ୟ ଦକ୍ଷତା ନେଇ ଉଠିଛି ପ୍ରଶ୍ନ।

ବିଭିନ୍ନ ସମୟରେ ରାଜଧାନୀରୁ ନାବାଳକ ଓ ନାବାଳିକା ଅପହରଣ ଠାରୁ ଆରମ୍ଭ କରି ଅଧିକ ବୟସ୍କ ଲୋକମାନେ ନିଖୋଜ ହେବା ମାମଲା ବଢ଼ିଚାଲିଛି। ଖୋଜାଖୋଜି କରି ନ ପାଇବାରୁ ପରିବାର ଲୋକେ ନିକଟସ୍ଥ ଥାନାର ଦ୍ୱାରସ୍ଥ ହେଉଛନ୍ତି। ୧୮ ବର୍ଷରୁ କମ୍ ବୟସର ପିଲା ନିଖୋଜ ହୋଇଥିଲେ ପୁଲିସ ଅପହରଣ ମାମଲା ରୁଜୁ କରୁଥିବା ବେଳେ ଅଧିକ ବୟସ ଲୋକଙ୍କ କ୍ଷେତ୍ରରେ ମ୍ୟାନ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜୀକରଣ କରୁଛି। ଅପହରଣ ମାମଲାକୁ ପୁଲିସ ଗୁରୁତ୍ୱ ଦେଉଥିଲେ ମଧ୍ୟ ଏମ୍‌ଏମ୍‌ଆରକୁ ଅଗ୍ରାଧିକାର ମିଳୁନାହିଁ। ଫଳରେ ନିଖୋଜ ବ୍ୟକ୍ତି ବା ମହିଳାଙ୍କର ଦୀର୍ଘବର୍ଷ ଯାଏଁ ପତ୍ତା ମିଳୁ ନ ଥିବା ବେଳେ କେତେ ଜଣଙ୍କର ମୃତଦେହ ଠାବ ହେଉଛି। ପଳାଶୁଣି ଅଞ୍ଚଳରୁ ନିଖୋଜ ହୋଇଥିବା କଟକ ଜିଲ୍ଲା କୁଳଶ୍ରୀ ଗାଁର ସୁନୀଲ ସାହୁଙ୍କର ମୃତଦେହ ୧୫ ଦିନ ପରେ ଜଙ୍କିଆ ଥାନା ଅଞ୍ଚଳରୁ ଠାବ ହୋଇଥିଲା। ଏହି ଘଟଣାରୁ କମିସନରେଟ ପୁଲିସ ଏମ୍‌ଏମ୍‌ଆରକୁ କେତେ ଗୁରୁତ୍ୱ ଦେଉଛି, ତାହା ସ୍ପଷ୍ଟ ହୋଇଛି।

ପୁଲିସ ସୂଚନା ଅନୁଯାୟୀ ଭୁବନେଶ୍ୱରର ବିଭିନ୍ନ ଥାନାକୁ ପ୍ରତିଦିନ ୫ରୁ ୧୦ଟି ୧୮ ବର୍ଷରୁ ଅଧିକ ବୟସ୍କ ଲୋକ ନିଖୋଜ ହେଉଥିବା ନେଇ ଅଭିଯୋଗ ଆସୁଛି। ଯୁବତୀ, ମହିଳାଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକମାନଙ୍କୁ ନପାଇ ପରିବାର ଲୋକେ ଥାନାରେ ଦ୍ୱାରସ୍ଥ ହେଉଛନ୍ତି। ପୁଲିସ ସେମାନଙ୍କ



ଅଭିଯୋଗ ଅନୁସାରେ ମ୍ୟାନ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜୀକରଣ କରୁଛି। ସେମାନଙ୍କ ଫଟୋ କପି ରାଜ୍ୟର ବିଭିନ୍ନ ଥାନାକୁ ମଧ୍ୟ ପଠାଉଛି। ପ୍ରେମ ଓ ପରକୀୟା ପ୍ରୀତି ଦ୍ୱାହି ଦେଇ ପୁଲିସ ଅନେକ ମାମଲାଗୁଡ଼ିକରୁ ଦୂରେଇ ରହୁଥିବା ଅଭିଯୋଗ ହେଉଛି।

ତେବେ ଏମ୍‌ଏମ୍‌ଆରକୁ ଗୁରୁତ୍ୱ ନ ଦେବା ଘଟଣା କମିସନରେଟ ପୁଲିସ ପାଇଁ ନୂଆ ନୁହେଁ, ବରଂ ପୂର୍ବରୁ ମଧ୍ୟ ପୁଲିସ ଏମ୍‌ଏମ୍‌ଆରକୁ ଗୁରୁତ୍ୱ ଦେଉ ନ ଥିବାର ନଜିର ରହିଛି। ପାତ୍ରପଡ଼ା ଅଞ୍ଚଳରେ ଘରୋଇ ସହାୟିକା ଭାବେ କାମ କରୁଥିବା ରଣପୁର ଥାନା ହରିପୁରର ନିରୂପମା ପରିଡ଼ା ଗତ ଜାନୁଆରୀ ୨୪ ତାରିଖ ଠାରୁ ନିଖୋଜ ହୋଇ ଯାଇଥିଲେ। ଏନେଇ ଭରତପୁର ଥାନାରେ ଅଭିଯୋଗ ହେବାପରେ ପୁଲିସ ଏମ୍‌ଏମ୍‌ଆର ପଞ୍ଜୀକରଣ କରିଥିଲା। ପରିବାର ଲୋକେ ନିରୂପମାଙ୍କ ପ୍ରେମିକ ଦେବାଶିଷକୁ ସନ୍ଦେହ କରି ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ନିଖୋଜର ୭ ମାସ ପରେ ପୁଲିସ ଦେବାଶିଷକୁ ଗିରଫ କରିବା ସହ ତାପଙ୍ଗ ଖଣିରୁ ନିରୂପମାଙ୍କ କଙ୍କାଳ ଜବତ କରିଥିଲା। ପୁଲିସ ଏମ୍‌ଏମ୍‌ଆରକୁ ଗୁରୁତ୍ୱ ନଦେବାରୁ ନିରୁପମା ହତ୍ୟାର ଶିକାର ହେଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ।

ଗତ ସେପ୍ଟେମ୍ବର ୬ ତାରିଖ ଦିନ ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁ ନିଖୋଜ ହେବା ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଏମ୍‌ଏମ୍‌ଆର ପଞ୍ଜୀକରଣ କରିଥିଲେ ମଧ୍ୟ କୌଣସି ସୁରାକ ପାଇନଥିଲା। ଏହାର ୧୨ ଦିନ ପରେ ଘଟଗାଁ ଜଙ୍ଗଲରୁ ଶୁଭମିତ୍ରାଙ୍କ ମୃତଦେହ ଠାବ କରିବା ସହ ହତ୍ୟା ଅଭିଯୁକ୍ତ କନେଷ୍ଟବଳ ଦୀପକକୁ ଗିରଫ କରିଥିଲା।

ସେପଟେ କଟକ ଜିଲ୍ଲା କାନପୁର ଥାନା ବାଲିଝରି ଗାଁର ବିଶ୍ୱଜିତ ନାୟକ କମିସନରେଟ ପୁଲିସରେ କନେଷ୍ଟବଳ ଭାବେ ନିଯୁକ୍ତି ପାଇଥିଲେ। ତମାଣ୍ଡୋ ଥାନାରେ କାର୍ଯ୍ୟରତ ଥିବା ବିଶ୍ୱଜିତ ଗତ ଏପ୍ରିଲ ମାସରୁ ନିଖୋଜ ଅଛନ୍ତି। ପରିବାର ଲୋକେ ଏ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏମ୍‌ଏମ୍‌ଆର ପଞ୍ଜିକରଣ କରିଛି। ହେଲେ ଏଯାଏଁ ବିଶ୍ୱଜିତଙ୍କୁ ଠାବ କରି ପାରିନାହିଁ। ଖୋଦ୍ ନିଖୋଜ ପୁଲିସ କର୍ମଚାରୀଙ୍କୁ କମିସନରେଟ ପୁଲିସ ପାଉନଥିବା ବେଳେ ସାଧାରଣ ଲୋକଙ୍କ ଏମ୍‌ଏମ୍‌ଆରକୁ କେତେ ଗୁରୁତ୍ୱ ମିଳୁଥିବ, ତାହା ଏଥିରୁ ଅନୁମେୟ।

## ପୁରୁଣା ଫଟୋ: ପୁରୁଣା ସ୍ମୃତି



ଭୁବନେଶ୍ୱର, ୧୬।୩(ସମିସ): ଓଡ଼ିଶା ରାଜନୀତିରେ ବିଜୁ ପଟ୍ଟନାୟକଙ୍କ ଛବି ସଦା ଅମଳିନ ହୋଇ ରହିଛି ଏବଂ ଆଗକୁ ରହିବ। ଜାତୀୟ ରାଜନୀତିରେ ବିଜୁ ବାବୁଙ୍କ ଉତ୍ତୁଙ୍ଗ ବ୍ୟକ୍ତିତ୍ୱକୁ କେହି ଅସ୍ୱୀକାର କରିହେବ ନାହିଁ। ଏପରିସ୍ଥଳେ ବହୁ ଜାତୀୟ ନେତା ବିଜୁଙ୍କ ସହ ଘନିଷ୍ଠ ସମ୍ପର୍କରେ ରହିଥିଲେ। ଏପରିସ୍ଥଳେ ବିଜୁବାବୁଙ୍କ ସହ ପୂର୍ବତନ ରାଷ୍ଟ୍ରପତି, ଭାରତର ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ଶଙ୍କର ଦୟାଳ ଶର୍ମାଙ୍କର ମଧ୍ୟ ଥିଲା ଘନିଷ୍ଠ ସମ୍ପର୍କ। ଏମିତି କି ବିଜୁବାବୁଙ୍କ ଶେଷଦର୍ଶନ ପାଇଁ ଶଙ୍କରଦୟାଳ ଶର୍ମା ଆସି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଜିର ଦିନରେ ବିଜୁବାବୁଙ୍କ ସହ ଶଙ୍କରଦୟାଲ୍ ଶର୍ମାଙ୍କ ଏକ ପୁରୁଣା ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି।

● ଗିରଫ ଲୁଟେରା ବିଦେଶୀଙ୍କ ଅପରାଧ କୁଣ୍ଡଳୀ

# ବୟସ ୨୬; ମାମଲା ୨୨

ଭୁବନେଶ୍ୱର, ୧୬।୩ (ସମିସ): ରାଜଧାନୀରେ ଲୁଟ୍ ପାଟ କରୁଥିବା କୁଖ୍ୟାତ ଲୁଟେରାକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୬ ସଡ଼କ ବସ୍ତିର ବିଦେଶୀ ଦଳେଇ (୨୬)। ତା' ଠାରୁ ସୁନା ଚେନ, ମୁଦି ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ମାତ୍ର ୨୬ ବର୍ଷ ବୟସ୍କ ବିଦେଶୀ ନାମରେ ଏପର୍ଯ୍ୟନ୍ତ ମୋଟ ୨୨ଟି ମାମଲା ରହିଥିବା ପୁଲିସ କହିଛି।



ପୁଲିସ ସୂଚନାନୁଯାୟୀ, ୟୁନିଟ୍ ୮ ରେ ରହୁଥିବା ସ୍ମୃତିରେଖା ସାହୁ ଗତ ଶନିବାର ପ୍ରାତଃ ସମୟରେ ୫ଟା ସମୟରେ କାର୍ ଯୋଗେ ଡେଲ୍ଟା ଛକକୁ ଯାଇଥିଲେ। କାରକୁ ସରକାରୀ ଡାକ୍ତରଖାନା ନିକଟରେ ପାର୍କିଂ କରି ପାଖ ମନ୍ଦିରକୁ ଯାଇଥିଲେ। ସେହି ସମୟରେ ବିଦେଶୀ ଆସି ସ୍ମୃତିରେଖାଙ୍କ କାର୍ ଭିତରେ ଥିବା ଭ୍ୟାନିଟି ବ୍ୟାଗ ଚୋରିକରି ନେଇଥିଲା। ଚୋରି ହୋଇଥିବା ଭ୍ୟାନିଟ୍ ଭିତରେ ଗୋଟିଏ ସୁନା ଚେନ୍, ଗୋଟିଏ ସୁନା ମୁଦି, ମୋବାଇଲ ଫୋନ ଓ ୧୧୦୦ ଟଙ୍କା ଥିଲା। ସ୍ମୃତିରେଖା ମନ୍ଦିରରୁ ଫେରିବା ବେଳକୁ କାର ଭିତରୁ ତାଙ୍କ ଭ୍ୟାନିଟି ବ୍ୟାଗ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଘଟଣାସ୍ଥଳ ଓ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ବିଦେଶୀ ହିଁ ଚୋରି କରିଥିବା ଜାଣିବାକୁ ପାଇଥିଲା। ସୋମବାର ସଡ଼କ ବସ୍ତିରେ ଚଢ଼ଉ କରି ବିଦେଶୀକୁ ଗିରଫ କରିବା ସହ ସୁନା ଚେନ, ସୁନା ମୁଦି ଓ ଏକ ମୋବାଇଲ ଫୋନ ଜବତ କରିଥିଲା। ସେ ଚୋରି କରିଥିବା ଭ୍ୟାନିଟିକୁ ଜଳାଇ ଦେଇଥିବା ବେଳେ ଟଙ୍କାକୁ ଖର୍ଚ୍ଚ କରି ଦେଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ବିଦେଶୀ ନାମରେ ପୂର୍ବରୁ ନାମରେ ବିଭିନ୍ନ ଥାନାରେ ୨୨ଟିରୁ ଅଧିକ ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

# ଦୁର୍ଘଟଣାରେ ପୁଅ ମୃତ, ମାଆ ଗୁରୁତର


ଭୁବନେଶ୍ୱର, ୧୬।୩(ସମିସ): ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରୁଥିବା ବେଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ମାଆ ଗୁରତର ଆହତ ହୋଇ ଏବେ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ କାହ୍ନା ମିଶ୍ର। କାହ୍ନାଙ୍କ ଘର ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଧର୍ମରାହିପୁର ଗ୍ରାମରେ। ପୁଲିସ ସୂଚନା ମୁତାବକ ମା' ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସା ନିମନ୍ତେ କାହ୍ନା ଆଣିଥିଲେ। ସେଠାରେ ୭ ଦିନ କାଳ ଚିକିତ୍ସା ପରେ ସୋମବାର ଡିସ୍‌ଚାର୍ଜ ହୋଇ ଘରକୁ ପଠାଯାଇଥିଲା। କାହ୍ନା ବାଇକ୍ ଯୋଗେ ମାଆଙ୍କୁ ନେଇ ଘରକୁ ଫେରୁଥିବା ବେଳେ ଜାତୀୟ ରାଜପଥର ପାତ୍ରପଡ଼ା ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଏହାପରେ ଦୁର୍ଘଟଣା ଘଟାଇଥିବା ଗାଡ଼ିଟି ଫେରାର୍ ହୋଇଯାଇଥିଲା। ଘଟଣାସ୍ଥଳରେ କାହ୍ନା ଏବଂ ତାଙ୍କ ପୁଅ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିଲେ। ଖବର ପାଇ ପୁଲିସ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ତେବେ ଡାକ୍ତର କାହ୍ନାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଲିସ ବାଇକ୍‌ଟିକୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଯୁବକଙ୍କୁ ଚାପୁଡ଼ା ମାରିବା ମାମଲା

# ଅବସରପ୍ରାପ୍ତ ସେନା କର୍ମଚାରୀ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୧୬।୩ (ସମିସ): ଯୁବକଙ୍କୁ ଚାପୁଡ଼ା ମାରିବା ଘଟଣାର ରାୟ ସୋମବାର ପ୍ରକାଶ ପାଇଛି। ଭୁବନେଶ୍ୱରସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୪ରବିଚାରପତିସୋମେଶସୋମ୍ୟଜିତପଣ୍ଡା ମାମଲାର ବିଚାର କରି ଅବସରପ୍ରାପ୍ତ ସେନା କର୍ମଚାରୀ ଶ୍ରୀକାନ୍ତ କୁମାର ପଣ୍ଡାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁଯାୟୀ, ବାସୁଆଘାଇ ଲକ୍ଷ୍ମୀ ବିହାର ଅଞ୍ଚଳରେ ରହୁଥିବା ସୁଷମା ପାଢ଼ୀ ଓ ତାଙ୍କ ପୁଅ ଅନିଶ ଗତବର୍ଷ ମେ' ମାସ ୨୬ ତାରିଖ ସନ୍ଧ୍ୟାରେ କ୍ୟାପିଟାଲ ହସ୍ପିଟାଲରୁ ଫେରିବା ପରେ ଗ୍ୟାରେଜରେ କିଛି ଜୋକ ଚାଲୁଥିବାର ଦେଖିଥିଲେ। ଅନିଶ ଜୋକଗୁଡ଼ିକୁ ନେଇ ଘର ସାମ୍ନାରେ ଥିବା ଏକ ଖାଲି ପଡ଼ିଆରେ ପକାଇଥିଲେ। ସେତିକିବେଳେ ନିକଟସ୍ଥ ବାଲକୋନୀରୁ ଅବସରପ୍ରାପ୍ତ ସେନା କର୍ମଚାରୀ ଶ୍ରୀକାନ୍ତ କୁମାର ପଣ୍ଡାଙ୍କ ଶାଶୂ ପାଟି କରିବା ସହ ସେଠାରେ ନ ପକାଇବା ଲାଗି ଚେତାବନୀ ଦେଇଥିଲେ। ଅନିଶ ତାଙ୍କ କଥାକୁ ନ ଶୁଣିବାରୁ ସେ ଗାଳି କରିବା ସହ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାରି ଭିତରେ ଶ୍ରୀକାନ୍ତ ଓ ତାଙ୍କ ପତ୍ନୀ ତଳକୁ ଆସି ଅନିଶଙ୍କୁ ଶକ୍ତ ଚାପୁଡ଼ା ମାରିଥିଲେ। ଫଳରେ ତାଙ୍କ କାନରୁ ରକ୍ତସ୍ରାବ ହୋଇଥିଲା। ପୁଅର ପାଟି ଶୁଣି ଗ୍ୟାରେଜ ଭିତରେ ଓଳାଉଥିବା ସୁଷମା ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଏହାପରେ ଶ୍ରୀକାନ୍ତ, ତାଙ୍କ ପତ୍ନୀ, ଶାଶୂ-ଶଶୁର ଓ ଦୁଇ ଝିଅ ମିଶି ସୁଷମାଙ୍କୁ ଆକ୍ରମଣ କରିବା ସହ ଧମକଚମକ ଦେଇଥିଲେ। ଘଟଣା ସମ୍ପର୍କରେ ପୁଲିସକୁ ସୂଚନା ଦେଲେ ଦୁଇ ମା ଓ ପୁଅଙ୍କୁ ଜୀବନରୁ ମାରିଦେବେ ବୋଲି



ଶ୍ରୀକାନ୍ତ ଧମକ ଦେଇଥିଲେ। ଖବରପାଇ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ବୁଝାସୁଝା କରି ଫେରିଆସିଥିଲା। ପିସିଆର ଫେରିଯିବା ପରେ ଅଭିଯୁକ୍ତ ଶ୍ରୀକାନ୍ତ ପୁଣିଥରେ ସୁଷମା ଓ ତାଙ୍କ ପୁଅ ଅନିଶଙ୍କୁ ଧମକ ଦେଇଥିଲା। ସେ ସେନାରେ ଚାକିରି କରୁଥିଲେ ସେଥିଲାଗି ପୁଲିସ ତାଙ୍କର କିଛି କରିପାରିବେନି ବୋଲି କହିଥିଲେ। ଏହାସତ୍ତ୍ୱେ ଯଦି ସେମାନେ ଥାନାରେ ଅଭିଯୋଗ କରନ୍ତି, ତେବେ ଜୀବନରୁ ମାରିଦେବେ ବୋଲି ଶ୍ରୀକାନ୍ତ ଧମକ ଦେଇଥିଲେ। ପତ୍ନୀ ଓ ପୁଅକୁ ଆକ୍ରମଣ ହୋଇଥିବା ନେଇ ମହେନ୍ଦ୍ର କୁମାର ପାଢ଼ୀ ଅଭିଯୋଗ କରିବା ପରେ ବଡ଼ଗଡ଼ ଥାନା କେସ୍ ନଂ - ୨୯୭/୨୫ରେ ୨୯୬(ବି)/୧୧୫(୨)/ ୩୫୧(୩)/୩(୫) ବିଏନ୍‌ଏସ୍ ଲଗାଇ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରିଣୀ ସବ୍ ଇନ୍ସପେକ୍ଟର ପ୍ରିୟଦର୍ଶିନୀ ବେହେରା ଘଟଣାର ତଦନ୍ତ କରି ଶ୍ରୀକାନ୍ତକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୫ଜଣ ସାକ୍ଷୀ ଓ ୭ଟି ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ଅଭିଯୁକ୍ତ ଶ୍ରୀକାନ୍ତ କୁମାର ପଣ୍ଡାଙ୍କୁ ବିଏନ୍‌ଏସର ଧାରା-୧୧୫ (୨) ଦୋଷୀ ସାବ୍ୟସ୍ତ କରିବା ସହ ୫ ହଜାର ଜୋରିମନା ଆଦେଶ ଦେଇଛନ୍ତି। ଜୋରିମନା ଅନାଦେୟ କ୍ଷେତ୍ରରେ ୩୦ ଦିନର ସରଳ କାରାଦଣ୍ଡ ଲାଗି ମଧ୍ୟ ଆଦେଶ ଦେଇଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।

# ଗ୍ରାମ୍ୟ ଜଙ୍ଗଲ ଆଗରେ ମୁଣ୍ଡ ନୁଆଁଇଲା ପ୍ରଶାସନ

## ୨୦୨୪ରେ ଯୋଗ ଓ ନେଚରପାଥି କେନ୍ଦ୍ରର ହୋଇଥିଲା ଶିଳାନ୍ୟାସ

ଯାଁଳା, ୧୬।୩(ସମିସ): ଖୋର୍ଦ୍ଧା ଜିଲ୍ଲା ଜଟଣୀ ବ୍ଲକ ଛତାବର ପଞ୍ଚାୟତ ବିନ୍ଧ୍ୟଗିରୀ ଗ୍ରାମ୍ୟ ଜଙ୍ଗଲକୁ କାଟି ସେଠାରେ କେନ୍ଦ୍ର ସରକାରଙ୍କ ଆୟୁଷ ବିଭାଗ ପକ୍ଷରୁ ଯୋଗ ଓ ନେଚରପାଥି କେନ୍ଦ୍ର କରିବାକୁ ଯୋଜନା କରିଥିଲା। ମାମଲା ଏନଜିଟିକୁ ଯିବା ପରେ ଜିଲ୍ଲା ପ୍ରଶାସନ ଏହି ପ୍ରକଳ୍ପକୁ ଅଲକର ମୌଜାକୁ ଉଠାଇ ନେଇଛି। ଏଥିପାଇଁ ଅଲକର ମୌଜାରେ ୧୫ ଏକର ଜମି ଚିହ୍ନଟ ହୋଇଛି। ପ୍ରଶାସନର ଏହି ନିଷ୍ପତ୍ତି ପରେ ଗ୍ରାମ୍ୟ ଜଙ୍ଗଲକୁ ରକ୍ଷା କରିବା ପାଇଁ ବିନ୍ଧ୍ୟଗିରୀ ଗ୍ରାମବାସୀ ଆଶ୍ୱସ୍ତ ହୋଇଛନ୍ତି।


କେନ୍ଦ୍ର ଆୟୁଷ ବିଭାଗ ଏହି ଯୋଗ ଓ ନେଚରପାଥି କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଠାରୁ ସରକାରୀ ଜମି ଲୋଡ଼ିଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜଟଣୀ ତହସିଲଦାର ବିନ୍ଧ୍ୟଗିରୀ ମୌଜାରେ ୨୦ ଏକର ଜମି ଚିହ୍ନଟ କଲେ। ମାତ୍ର ଦୁର୍ଭାଗ୍ୟର କଥା ଉକ୍ତ ଜମିଟିରେ ଠିଆ ହୋଇଥିଲା ଗ୍ରାମ୍ୟ ଜଙ୍ଗଲ। ବିନ୍ଧ୍ୟଗିରୀ ବାସି ଓ ଅନ୍ୟମାନେଙ୍କ ମିଳିତ ଉଦ୍ୟମରେ ଏହି ଗ୍ରାମ୍ୟ ଜଙ୍ଗଲଟି ସୁରକ୍ଷିତ ଥିଲା। ଦୀର୍ଘ ୬୦ ବର୍ଷ ଧରି ଗ୍ରାମବାସୀମାନେ ଏହି ଜଙ୍ଗଲକୁ ଜଗି ରହିଥିଲେ। ଚନ୍ଦକା ଅଭୟାରଣ୍ୟକୁ ଲାଗି ରହିଥିବା ଏହି ଜଙ୍ଗଲଟି ବେଶ ଘଞ୍ଚ ଥିଲା। ଚନ୍ଦକା ଅଭୟାରଣ୍ୟରୁ ଲୋପ ପାଇଯାଇଥିବା ବହୁ ପ୍ରଜାତିର ଗଛ ଏହି ଜଙ୍ଗଲରେ ଦୃମ ଆକାରରେ ଠିଆ ହୋଇଥିଲା। କେବଳ ସେତିକି ନୁହେଁ ମୟୂର, ଠେକୁଆ, ବିଲୁଆ କୋକିଶିଆଳି ଆଦି ବନ୍ୟ ପ୍ରାଣୀ ଏହି ଜଙ୍ଗଲରେ ନିର୍ଭୟରେ ରହୁଥିଲେ। ସକାଳେ ଓ ଅପରାହ୍ନରେ ଶହ ଶହ ମୟୂରଙ୍କ ଚରାବୁଲା ଦେଖି ଲୋକମାନେ ବେଶ ଖୁସି ଅନୁଭବ କରୁଥିଲେ। ଜଙ୍ଗଲ କଟା ହୋଇ ଯୋଗ ଓ ନେଚରପାଥି କେନ୍ଦ୍ର ନିର୍ମାଣ ହେବ ବୋଲି ଶୁଣିବା ପରେ ଗ୍ରାମବାସୀ ମାନଙ୍କ ଭିତରେ ଭାଳେଣି ପଡ଼ିଗଲା। ବହୁ ଯତ୍ନରେ ବଢ଼ାଇଥିବା ଜଙ୍ଗଲକୁ କାଟିବାକୁ ଦେବେ ନାହିଁ ବୋଲି ନିଷ୍ପତ୍ତି କରି ଗ୍ରାମବାସୀ ମାନେ ଲଢ଼ିବାକୁ ବାହାରି ପଡ଼ିଲେ। ତହସିଲ ପ୍ରଶାସନ ଠାରୁ ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଲିଖିତ ଅବେଦନ କରାଗଲା। ବିନ୍ଧ୍ୟଗିରୀର ଶତାଧିକ ପୁରୁଷ ଓ ମହିଳ ଜୋରଦାର ବିରୋଧ କଲେ। ପୁଲିସ କେତେ ଜଣଙ୍କୁ ଗିରଫ କଲା ଏବଂ ସାମୟିକ ଭାବେ ଜମି ଅଧିଗ୍ରହଣ ସ୍ଥଗିତ ରହିଲା। ୨୦୨୪ ରେ ଭୁବନେଶ୍ୱର ସାଂସଦ ଜଙ୍ଗଲ ଜମିରେ ଯୋଗ ଓ ନେଚରପାଥି କେନ୍ଦ୍ରର ଶିଳାନ୍ୟାସ କଲେ। ଗ୍ରାମବାସୀମାନେ ଏନଜିଟିର ଦ୍ୱାରସ୍ଥ ହେଲେ। ଏବେ ଏହି ସରକାରୀ ଜମିରେ ଥିବା କିଛି ଜବର ଦଖଲକାରୀଙ୍କୁ ଉଚ୍ଛେଦ ନୋଟିସ ଦିଆଯାଇଛି। ଆସନ୍ତା ମାସ ସୁଧା ସେମାନେ ସରକାରୀ ଜମିରୁ ନ ହଟିଲେ ଆଇନ ଅନୁସାରେ ଉଚ୍ଛେଦ କରାଯିବ ବୋଲି ଜଣଟି ତହସିଲଦାର ନୋଟିସ କରିଛନ୍ତି।

# ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାରକୁ ସିପିଆଇ(ଏମ୍) ନିନ୍ଦା

ଭୁବନେଶ୍ୱର, ୧୬।୩(ସମିସ): ରାଜ୍ୟସଭା ନିର୍ବାଚନରେ ନିଜର ଆବଶ୍ୟକ ସଂଖ୍ୟା ନ ଥିବା ସତ୍ତ୍ୱେ ଶାସକ ଦଳ ପ୍ରାୟୋଜିତ ସ୍ୱାଧୀନ ପ୍ରାର୍ଥୀ ଘୋଡା ବେପାର ଓ ଅନୈତିକ ରାଜନୈତିକ କୌଶଳ ମାଧ୍ୟମରେ ବିଜୟୀ ହେବା ଘଟଣା ଗଣତନ୍ତ୍ର ପାଇଁ ଗଭୀର ଚିନ୍ତାଜନକ ଓ ଲଜ୍ଜାଜନକ ଘଟଣା ବୋଲି ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏକ ପ୍ରେସ ବିବୃତ୍ତିରେ କୁହାଯାଇଛି। ଏହି ପରିସ୍ଥିତି ଗଣତାନ୍ତ୍ରିକ ପ୍ରକ୍ରିୟା, ସଂସଦୀୟ ପରମ୍ପରା ଓ ସମ୍ବିଧାନିକ ମୂଲ୍ୟବୋଧକୁ ଗୁରୁତର ଭାବେ ଆଘାତ କରିଛି। ନିଜ ନିର୍ବାଚନମଣ୍ଡଳୀରେ ଜନତା ଦେଇଥିବା ରାୟକୁ ଅସମ୍ମାନ କରି ଶାସକ ବିଜେପି ଦଳ ଦ୍ୱାରା ଧନବଳ, ପଦବଳ ଓ ରାଜନୈତିକ ଚାପ ମାଧ୍ୟମରେ ଏପରି ଭାବେ ନିର୍ବାଚନୀ ଫଳାଫଳକୁ ପ୍ରଭାବିତ କରାଯିବା ଦ୍ୱାରା ଗଣତନ୍ତ୍ରକୁ କଳଙ୍କିତ କରାଯାଇଛି। ସିପିଆଇ(ଏମ୍) ଓଡ଼ିଶା ରାଜ୍ୟ କମିଟି ଏହି ଅନୈତିକ ଓ ଗଣତନ୍ତ୍ର ବିରୋଧୀ କାର୍ଯ୍ୟ ତୀବ୍ର ଭାବେ ନିନ୍ଦା କରୁଛି। ଏପରି ପଦକ୍ଷେପ ଲୋକମାନଙ୍କ ମଧ୍ୟରେ ସଂସଦୀୟ ଗଣତନ୍ତ୍ର ପ୍ରତି ଆସ୍ଥାକୁ ଦୁର୍ବଳ କରିଥାଏ ଏବଂ ରାଜନୀତିର ନୈତିକ ମୂଲ୍ୟବୋଧକୁ ଅବକ୍ଷୟ କରେ। ରାଜ୍ୟର ସମସ୍ତ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତିମାନଙ୍କୁ ସିପିଆଇ(ଏମ୍) ଆହ୍ୱାନ କରୁଛି ଯେ, ଗଣତନ୍ତ୍ର, ସାମ୍ବିଧାନିକ ମୂଲ୍ୟବୋଧ ଓ ସଂସଦୀୟ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ଏପରି ଅନୈତିକ ରାଜନୀତି ବିରୋଧରେ ସଂଗଠିତ ଭାବେ ସ୍ୱର ଉତ୍ତୋଳନ କରିବାକୁ ଦଳର ସମ୍ପାଦକ ସୁରେଶଚନ୍ଦ୍ର ପାଣିଗ୍ରାହୀ ପ୍ରେସ ବିବୃତି ମାଧ୍ୟମରେ ଆହ୍ୱାନ ଦେଇଛନ୍ତି।

## ଆମ ରାଜଧାନୀ ଆମ ଐତିହ୍ୟ

# ଶୈଳୋଦ୍ଭବ କାଳରେ ନିର୍ମିତ ପର୍ଶୁରାମେଶ୍ୱର ମନ୍ଦିର



ଭୁବନେଶ୍ୱର, ୧୬।୩(ସମିସ): ଓଡ଼ିଶାର ବିଭିନ୍ନ ଐତିହ୍ୟସ୍ଥଳୀ ରାଜ୍ୟ ତଥା ଦେଶବିଦେଶରେ ପରିଚିତି ଲାଭ କରିଛି। ଇତିହାସରେ ସାଇତି ହୋଇ ରହିଥିବା ଗାଥାକୁ ଏହି ଐତିହ୍ୟଗୁଡ଼ିକ ହିଁ ଜୀବିତ ରଖିଛନ୍ତି। ନିର୍ଦ୍ଦିଷ୍ଟ ସମୟର ଇତିହାସକୁ ଜାଣିବାକୁ ହେଲେ ଏହି ସବୁ ଐତିହ୍ୟ ସ୍ଥାନକୁ ନେଇ ଗବେଷଣା କରିବାର ଆବଶ୍ୟକତା ରହିଛି। ରାଜ୍ୟରେ ଥିବା ଏଭଳି ଏକ ଐତିହ୍ୟସ୍ଥଳୀ ହେଉଛି ରାଜଧାନୀର ପର୍ଶୁରାମେଶ୍ୱର ମନ୍ଦିର।

ଏହି ମନ୍ଦିରଟି ରାଜଧାନୀର ସବୁଠୁ ପ୍ରାଚୀନତମ ମନ୍ଦିରମାନଙ୍କ ମଧ୍ୟରୁ ଅନ୍ୟତମ। ମନ୍ଦିରଟି ସପ୍ତମରୁ ଅଷ୍ଟମ ଶତାବ୍ଦୀର ମଧ୍ୟ ଭାଗରେ ଶୈଳୋଦଭବ କାଳରେ ନିର୍ମିତ ବୋଲି ଇତିହାସ କୁହେ। ଏହା ରାଜଧାନୀର ସବୁଠୁ ପୁରୁଣା ମନ୍ଦିର ମଧ୍ୟରୁ ଗୋଟିଏ। କେତେକ ଐତିହାସିକଙ୍କ ମତରେ ଏହା ଶତ୍ରୁଘ୍ନେଶ୍ୱର, ଭରତେଶ୍ୱର ଓ ଲକ୍ଷ୍ମଣେଶ୍ୱର ମନ୍ଦିର ନିର୍ମାଣ ପରେ ଏହି ମନ୍ଦିର ତିଆରି ହୋଇଛି। ପର୍ଶୁରାମେଶ୍ୱର ମନ୍ଦିର ତ୍ରିରଥ ଶୈଳୀରେ ନିର୍ମିତ। ପର୍ଶୁରାମେଶ୍ୱର ମୌଳିକଭାବେ ପରଶବର ବୋଲି ଖ୍ୟାତ ଯାହାକି ଜଣେ ଲକୁଳିଶ ଶିକ୍ଷକଙ୍କ ନାମରେ ନାମିତ। ଶୈବ ମନ୍ଦିର ହେବା ସତ୍ତ୍ୱେ ଏଠାରେ ସାଧାରଣତଃ ଶାକ୍ତମନ୍ଦିର ମାନଙ୍କରେ ଦେଖିବାକୁ ମିଳୁଥିବା ଅନେକ ମୂର୍ତ୍ତୀ ରହିଛି। ଲକୁଳିଶ ପ୍ରତିମୂର୍ତ୍ତି ବ୍ୟତୀତ ଏଠାରେ ନଟରାଜ, ଦୁର୍ଗା, ସପ୍ତମାତୃକା, ସୂର୍ଯ୍ୟ, ସଙ୍ଗୀତଜ୍ଞ ସମୂହ ଦେବଦେବୀଙ୍କର ବର୍ଣ୍ଣନା ଅନ୍ୟତମ। ଶିବଙ୍କର ଉପାଖ୍ୟାନ ମୁଖ୍ୟମନ୍ଦିରର ତିନୋଟି ଭିନ୍ନ ଭିନ୍ନ ଛକରେ ଦେଖିବାକୁ ମିଳେ। ପ୍ରଥମଟି ସମ୍ମୁଖ ମୁହଁ ହୋଇ ଜଗମୋହନ ଉପରେ ଅବସ୍ଥିତ। ଜୁନ-ଜୁଲାଇ ମାସରେ ପାଳିତ ହେଉଥିବା ପର୍ଶୁରାମାଷ୍ଟମୀ ଏହି ମନ୍ଦିରରେ ହେଉଥିବା ଏଠାକାର ପର୍ବ ଅଟେ।

### ଏବେ କେମିତି ରହିଛି

ଏହି ପର୍ଶୁରାମେଶ୍ୱର ମନ୍ଦିରଟି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ପରିଚାଳିତ। ମନ୍ଦିରର କାରୁକାର୍ଯ୍ୟ ବହୁ ପୁରାତନ। ଯାହାକି ଏବେ ମଧ୍ୟ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରୁଥିବା କିଛି ପର୍ଯ୍ୟଟକ ମତ ଦେଇଛନ୍ତି। ମନ୍ଦିରକୁ ଲାଗି ଏକ ବଗିଚା ମଧ୍ୟ ରହିଛି। ଏହା ସହିତ ଉଦ୍ୟାନ ତଥା ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ନିୟୋଜିତ ରହିଛନ୍ତି। ମନ୍ଦିରଟିର ଗତବର୍ଷ ମନ୍ଦିରକୁ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ମରାମତି କାର୍ଯ୍ୟ କରାଯାଇଥିବା ସେଠାରେ ଥିବା କର୍ମଚାରୀଙ୍କଠୁ ଜାଣିବାକୁ ମିଳିଥିଲା।

# ଅଲୌକିକ କଳସ କହି ଠକିନେଲେ ୮୦ ଲକ୍ଷ

ଭୁବନେଶ୍ୱର/କଟକ, ୧୬।୩(ସମିସ): 'ଆମ ପାଖରେ ଅଲୌକିକ ଦିବ୍ୟ କଳସ ଅଛି। ଏହା ଯାହା ପାଖରେ ରହିଛି ସେ ମାଲାମାଲ ହୋଇଛି। ତା ଜୀବନରେ ସର୍ବସିଦ୍ଧି ଘଟୁଛି'। ଏଭଳି ଲୋଭ ଦେଖାଇ ଅଭିନବ ଉପାୟରେ ଲୋକଙ୍କ ଠାରୁ ଅର୍ଥ ଠକି ନେଉଥିବା ଅଭିଯୋଗରେ ଚୌଦ୍ୱାର ପୁଲିସ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଯାଜପୁର କୋରେଇ ଅଞ୍ଚଳର ଅଜୟ ମହାପାତ୍ର, ଗଞ୍ଜାମ ଜିଲ୍ଲା ଜରଡ଼ା ଗ୍ରାମର ବି. ରବୀନ୍ଦ୍ର ପାତ୍ର ଓ ମହାରାଷ୍ଟ୍ର କୋହ୍ଲାପୁର ଅଞ୍ଚଳର ଶଶାଙ୍କ ଭୂପାଲ ସିଲାକେ। ପୁଲିସ ସୂଚନା ଅନୁଯାୟୀ ସ୍ଥାନୀୟ ଦେବୀ ନଗରସ୍ଥିତ ମହାବୀର ଜିମ୍‌ର ମାଲିକ କପାଳେଶ୍ୱର ଅଞ୍ଚଳର ରାଜେଶ କୁମାର ସାହୁ ଥାନାରେ ଅଭିଯୋଗ କରିଥିଲେ ଯେ, ଅଭିଯୁକ୍ତ ୩ଜଣ ତାଙ୍କ ଜିମ୍ ସେଣ୍ଟରକୁ ଆସି ତାଙ୍କ ପାଖରେ ଏକ ଅଲୌକିକ ଦିବ୍ୟ କଳସ ଥିବା ପ୍ରକାଶ କରି ଯାହା ବିରଳ ଏବଂ ଏହା ଯାହା ପାଖରେ ରହେ ତାର ସର୍ବସିଦ୍ଧି ହୋଇଥାଏ ବୋଲି ରାଜେଶଙ୍କ ବିଶ୍ୱାସ ଜନ୍ମାଇଥିଲେ। ରାଜେଶ ଏଥିରେ ପ୍ରଲୋଭିତ ହୋଇ ସେମାନଙ୍କୁ ନଗଦ ୮୦ଲକ୍ଷ ଟଙ୍କା ପ୍ରଦାନ କରି କଳସଟିକୁ ସେମାନଙ୍କ ନିକଟରୁ କିଣିଥିଲେ। ପରେ ସେ ନେଇଥିବା ଅଲୌକିକ କଳସଟି କୌଣସି ଚମତ୍କାରୀ କଳସ ନୁହେଁ ବୋଲି ଜାଣିବାକୁ ପାଇଥିଲେ। କଳିସଟି ଏକ ମାଟି କଳସ ଏବଂ ଏହା ଉପରେ ସୁନା ରଙ୍ଗ ଦିଆଯାଇ ଅବିକଳ ସୁନା କଳସ ପରି କରାଯାଇଥିବା ଜଣାପଡ଼ିଥିଲା। ଅଭିଯୁକ୍ତମାନେ ଅନ୍ୟ ଏକ ବେପାର ପାଇଁ ଯୋଜନା କରୁଥିବା ଖବର ପାଇ ପୁଲିସ ଉକ୍ତ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।







### ଆସିଗଲାଣି ଖରାଦିନିଆ ପରିବା

# ଲୋକାଲ ମାଲ୍ ଏବେ ଖାଇଥାଅ; ଆଗକୁ ମିଳିବନି

ଭୁବନେଶ୍ୱର, ୧୬।୩(ସମିସ): ଖରା ବଢ଼ିବା ସାଙ୍ଗକୁ ବଜାରରେ ଖରାଦିନିଆ ଖାଦ୍ୟ, ପାନୀୟ ଓ ପୋଷାକର ଚାହିଦା ମଧ୍ୟ ବଢ଼ିବାରରେ ଲାଗିଛି। ଏଥିସହିତ ବଜାରରେ ଖରାଦିନିଆ ସ୍ୱତନ୍ତ୍ର ଫଳ ଓ ପରିବା ମଧ୍ୟ ବିକ୍ରି ହେଉଛି। ଫଳ ଭିତରେ ତରଭୁଜ ବିକ୍ରି ଅଧିକ ହେଉଥିବା ବେଳେ ପନିପରିବା ଭିତରେ ପୋଟଳ, ସଜନା ଛୁଇଁକୁ ପଣସକଠା ଓ କାକୁଡ଼ି ଅଧିକ ବିକ୍ରି ହେଉଛି। ତେବେ ଏବେ ସ୍ଥାନୀୟ ଅଞ୍ଚଳର ପରିବାର ବଜାରରେ ଉପଲବ୍ଧ

- **ଆଗକୁ ଆସିବ ବାହାର ରାଜ୍ୟର ପରିବା**
- **ଖୋଜାପଡ଼ୁଛି ପୋଟଳ, ସଜନା ଛୁଇଁ, ପଣସକଠା**



ହେଉଥିବା ବେଳେ ଆଗକୁ ଏହି ସରିଯିବା ପରେ ରାଜଧାନୀବଜାରରେ ଅନ୍ୟରାଜ୍ୟର ପରିବା ବିକ୍ରି ହେବ।

ବଜାରରେ ପରିବା ମଧ୍ୟ ଋତୁ ଅନୁଯାୟୀ ବଜାରକୁ ଆସେ। ବର୍ତ୍ତମାନ ଖରାଦିନ ହୋଇଥିବାରୁ ଖରାଦିନିଆ ପରିବା ବଜାରରେ ବେଶୀ ଦେଖିବାକୁ ମିଳୁଛି। ଖରାଦିନେ ଉପଲବ୍ଧ ହେଉଥିବା ପରିବା ମଧ୍ୟରୁ ପୋଟଳ, ପଣସକଠା, କଲରା, ଭେଣ୍ଡି, ବାଇଗଣ, ସଜନା ଛୁଇଁ ଓ କାକୁଡ଼ିର ଚାହିଦା ଅଧିକ ଥାଏ। ଏହା ବ୍ୟତୀତ ଜହ୍ନି, ଅମୃତ ଭଣ୍ଡା, କଖାରୁ, ଲାଉ ଏବଂ କଞ୍ଚାଲଙ୍କା ମଧ୍ୟ ଏହି ଖରାଦିନିଆ ପରିବାରେ ଅନ୍ତର୍ଭୁକ୍ତ। ଏହିସବୁ ପରିବା ବର୍ତ୍ତମାନ ସ୍ଥାନୀୟ ଉତ୍ପାଦନ ପରିବା, ଯାହା ଆଖପାଖ ଜିଲ୍ଲାରୁ ରାଜଧାନୀ ବଜାରକୁ ଆସୁଛି। କିନ୍ତୁ ଆରି ଭିତରେ କିଛି କଲାକତାର ପୋଟଳ କେତେକ ମାତ୍ରାରେ ଉପଲବ୍ଧ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳର ଦେଶୀ ପୋଟଳ ମଧ୍ୟ ବଜାରରେ ମିଳୁଛି। କୋଲକାତା ପୋଟଳର ମୂଲ୍ୟ ୪୦ ଟଙ୍କା ଥିବାବେଳେ ଦେଶୀ ପୋଟଳ ୬୦ ଟଙ୍କା ଦରରେ ହାଟରେ ବିକ୍ରି ହେଉଛି। ଅନ୍ୟ ପରିବାର ମୂଲ୍ୟ ପୋଟଳଠୁ ଟିକେ କମ ଥିବାବେଳେ ୩୦ରୁ ୪୦ ଟଙ୍କା ଭିତରେ ହିଁ ତାର ମୂଲ୍ୟ ରହୁଛି। ବର୍ତ୍ତମାନ କେବଳ ଦେଶୀ ପରିବା ମିଳୁଥିବାବେଳେ ଏପ୍ରିଲ ୧୫ ପରେ ସବୁ ବାହାର ରାଜ୍ୟର ପରିବା ରାଜଧାନୀ ବଜାରକୁ ଆସିବ। ସେ ସମୟରେ ସ୍ଥାନୀୟ ଉତ୍ପାଦନ ପରିବାର ସମୟ ସରିଯିବା ପରେ ବାହାର ପରିବା ଆସିବ ବୋଲି କୁହାଯାଉଛି। ତାର ମୂଲ୍ୟ ମଧ୍ୟ ଦେଶୀଠୁ ଟିକେ ଅଧିକ ଥାଏ ବୋଲି କଞ୍ଚା ପରିବା ବ୍ୟବସାୟୀ ସଂଘର ସଭାପତି କବିରାଜ ସ୍ୱାଇଁ କହିଛନ୍ତି।

ସେହିପରି ହାଟର ଜଣେ ବ୍ୟବସାୟୀଙ୍କ କହିବା ଅନୁଯାୟୀ ସବୁ ପରିବା ଏବେ ସବୁ ସମୟରେ ମିଳିଯାଉଛି। କିନ୍ତୁ ଖରାଦିନିଆ ପରିବା ଭିତରେ ଏବେ ଲୋକ ପୋଟଳ ଓ କାକୁଡ଼ି ଓ ପଣସକଠାକୁ ବେଶୀ ଖୋଜୁଛନ୍ତି।

ଏ ନେଇ ଖଣ୍ଡଗିରି ଅଞ୍ଚଳର ସସ୍ମିତା ବାରିକଙ୍କ କୁହନ୍ତି, ଏବେ ବଜାରରେ ଆମେ ସବୁ ଋତୁର ପରିବା ସବୁ ସମୟରେ ପାଇଯାଉଛୁ। କିନ୍ତୁ ଖରାଦିନିଆ ପରିବା ଖରାଦିନେ ହିଁ ଅଧିକ ସ୍ୱାଦିଷ୍ଟ ହୋଇଥାଏ। କାରଣ ଏହା ନଗଦ ଉତ୍ପାଦନ ହୋଇ ବଜାରକୁ ଆସିଥାଏ। ସେହିଭଳି ଦର ଦୃଷ୍ଟିରୁ ଋତୁ ଅନୁଯାୟୀ ପରିବାର ଦାମ୍ ମଧ୍ୟ କମ୍ ଥାଏ।

## ନିସ୍‌ର ବାର୍ଷିକ ଉତ୍ସବ 'ଡ୍ରିମଫେଷ୍ଟ'



ଭୁବନେଶ୍ୱର, ୧୬।୩(ସମିସ): ମଦନପୁରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ବାର୍ଷିକ ଉତ୍ସବ ଡ୍ରିମଫେଷ୍ଟ-୨୦୨୬ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଜଜ୍ଞେଶ୍ୱର ଦଣ୍ଡପାଟ ଯୋଗଦେଇଥିବା ବେଳେ ଜିନ୍ଦଲ ଷ୍ଟିଲ କମ୍ପାନୀର ସାମାଜିକ ଦାୟିତ୍ୱବୋଧ ବିଭାଗର ମୁଖ୍ୟ ପ୍ରଶାନ୍ତ ହୋତା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ଓଏସ୍‌ଡି ସମରେନ୍ଦ୍ର ଭୂତିଆ, ପୂର୍ବତନ ବିଧାୟକ ତଥା ପ୍ରେରଣା ଫାଉଣ୍ଡେସନ୍ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ନିସ୍ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଡ. ସୁଭାଷ ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ଦେଇ ଦୀର୍ଘ ୨୬ ବର୍ଷର ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିବା ସହ ଛାତ୍ରଛାତ୍ରୀ ଓ ଶିକ୍ଷାନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ସହପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଟ୍ରଷ୍ଟି ସାଇସମ୍ବିତ ନାୟକଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ବଲିଉଡ୍ ଗାୟକ ନୀରଜ ବକ୍ସି ଓ ସୁସ୍ମିତା ମଲ୍ଲିକଙ୍କ ଗ୍ରୁପ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଅଭିରୁଚି ନାରୀ ପ୍ରତିଭା ସମ୍ମାନ ପ୍ରଦାନ



ଭୁବନେଶ୍ୱର, ୧୬।୩(ସମିସ): ସତ୍ୟନଗର ଲେଡ଼ିଜ୍ ଫୋରମ୍ ପକ୍ଷରୁ ରବିବାର ବୁଦ୍ଧ ମନ୍ଦିରଠାରେ 'ଆନ୍ତର୍ଜାତିକ ମହିଳା ଦିବସ' ଓ 'ଅଭିରୁଚି ନାରୀ ପ୍ରତିଭା ସମ୍ମାନ' ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସମ୍ପାଦିକା ଅନୁରାଧା ଦାଶଙ୍କ ତତ୍ତ୍ୱାବଧାନରେ ଅତିଥି ଭାବରେ ବିଧାୟିକା ସୋଫିୟା ଫିର୍ଦ୍ଦୋସ, କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ, ସମ୍ ହସ୍ପିଟାଲର ପ୍ରଫେସର ଡା. ବନାନୀ ଜେନା ଏବଂ ବିଜୁ ଜନତା ଦଳର ରାଜ୍ୟ ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରବକ୍ତା ସୋନାଲି ସାହୁ, ଜାଭିୟର ହାଇସ୍କୁଲ କେଦାରଗୌରୀ ଭୁବନେଶରର ଅଧ୍ୟକ୍ଷା ଅର୍ଚ୍ଚନା ମିଶ୍ରା ଏବଂ ସାମାଜିକ କର୍ମୀ ମୋନାଲିସା ଗନ୍ତାୟତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୨ଜଣ ନାରୀ ପ୍ରତିଭା ଅନୁସୟା ନାୟକ, ଅରୁନ୍ଧତି ମଲ୍ଲିକ, ଡ. ମନିଷା ମହାନ୍ତି, ମନ୍ଦାକିନୀ ଜେନା, ଡ. ଅନୁସୟା ନାଥ, ଦେବଯାନୀ ଦେଘୁରିଆ, ସୁଷମା ନନ୍ଦ, ଅନାମିକା ସ୍ୱାଇଁ ପଟ୍ଟନାୟକ, ଶୀତଳ ବସ୍ତିଆ, ଗୀତାଞ୍ଜଳି ପ୍ରଧାନ, ଅନ୍ନପୂର୍ଣ୍ଣା ଦେହୁରୀ, ଲିନା ଦାସଙ୍କୁ 'ଅଭିରୁଚି ନାରୀ ପ୍ରତିଭା ସମ୍ମାନ'ରେ ସମ୍ମାନୀତ କରାଯାଇଥିଲା। ପରେ ପରେ ପ୍ରତିଯୋଗୀମାନେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ୍ର ବସ୍ତ୍ର ପରିଧାନ କରିଥିଲେ। ଫୋରମ୍‌ର କୋଷାଧକ୍ଷା ଶୋଭେଦିତା ରୟ, ଆନି ଶତପଥୀ ସଂଯୋଜନା କରିଥିଲେ। ଫୋରମ୍‌ର ସଭାନେତ୍ରୀ ଦିପ୍ତିପ୍ରଭା ରଥ ଧନ୍ୟବାଦ ଦେଇଥିଲେ।

## ଅଷ୍ଟ୍ରେଲୀୟ ମୁଖ୍ୟ ବାଣିଜ୍ୟ ଦୂତଙ୍କ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପରିଦର୍ଶନ

ଭୁବନେଶ୍ୱର, ୧୬।୩(ସମିସ): କୋଲକାତାର ଅଷ୍ଟ୍ରେଲୀୟ ମୁଖ୍ୟ ବାଣିଜ୍ୟ ଦୂତ ବର୍ଣ୍ଣାଡ୍ଲିଞ୍ଚ୍ ଏବଂ ଅଷ୍ଟ୍ରେଲୀୟ କନସୁଲେଟ୍-ଜେନେରାଲ୍‌ର ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନ ଅଧିକାରୀ ଅନଘା ଭୁବନେଶ୍ୱରସ୍ଥିତ ସିଏସଆଇଆର-ଆଇଏମଏମଟି ପରିଦର୍ଶନ କରିଛନ୍ତି। ସେ ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଏବଂ ବରିଷ୍ଠ ବୈଜ୍ଞାନିକଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ ଏବଂ ଉନ୍ନତ ଖଣିଜ ପ୍ରକ୍ରିୟାକରଣ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ-ଅଷ୍ଟ୍ରେଲୀଆ ସହଯୋଗକୁ ସୁଦୃଢ଼ କରିବା ବିଷୟରେ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ଲିଞ୍ଚ୍ ଅନୁଷ୍ଠାନର ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ଏଥିସହ ସେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ଚାଲିଥିବା ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ବ୍ୟବସାୟ ବିକାଶ ଏବଂ ସିଏସଆଇଆର-ଆଇଏମଏମଟି ସେଣ୍ଟର ଅଫ୍ ଏକ୍ସଲେନ୍ସର ମୁଖ୍ୟ ଡ. କାଳୀ ସଞ୍ଜୟ, ଅଷ୍ଟ୍ରେଲିଆ-ଭାରତ ଷ୍ଟ୍ରାଟେଜିକ ରିସର୍ଚ୍ଚ ଫଣ୍ଡ ମାଧ୍ୟମରେ ଆଡିଲେଡ୍ ବିଶ୍ୱବିଦ୍ୟାଳୟ ଏବଂ ଅଷ୍ଟ୍ରେଲିଆର କମନୱେଲଥ୍ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ସଂଗଠନଭଳି ପ୍ରମୁଖ ଅଷ୍ଟ୍ରେଲୀୟ ଅନୁଷ୍ଠାନଗୁଡ଼ିକ ସହ ସିଏସଆଇଆର-ଆଇଏମଏମଟିର ଚାଲିଥିବା ସହଯୋଗ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ଶେଷରେ ସିଏସଆଇଆର-ଆଇଏମଏମଟି ପରିସରରେ ଏକ ବୃକ୍ଷରୋପଣ କରାଯାଇଥିଲା।

## 'ଯୁବସମାଜର ସମସ୍ୟା ଓ ସମାଧାନ ଦିଗରେ ଶ୍ରୀମଦ୍ ଭଗବଦ୍‌ଗୀତାର ଭୂମିକା' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୧୬।୩(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ସଂସ୍କୃତ ବିଭାଗ, କାଉନସେଲିଂ ଓ ୱେଲନେସ ସେଣ୍ଟର୍ ସହ ଗୀତାନାରାୟଣ ଆଧ୍ୟାତ୍ମିକ ପରିବାର ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ 'ଯୁବସମାଜର ସମସ୍ୟା ଓ ସମାଧାନ ଦିଗରେ ଶ୍ରୀମଦ୍ ଭଗବତ ଗୀତାର ଭୂମିକା' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ସଭାରେ ପଣ୍ଡିତ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବର୍ତ୍ତମାନ ସମୟରେ ଭଗବତ୍ ଗୀତା ହିଁ ଯୁବପିଢି ମାନଙ୍କ ସମସ୍ତ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବ ବୋଲି ମତ ପ୍ରକାଶ କରିଥିଲେ। ଏଥିରେ କୁଳପତି ପ୍ରଫେସର ଚଣ୍ଡୀ ଚରଣ ରଥ ତଥା କୁଳସଚିବ ମନସ୍ୱିନୀ ସାହୁ ଯୋଗଦେଇ ଛାତ୍ରୀଙ୍କୁ ଗୀତାର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଗୀତାନାରାୟଣ ଆଧ୍ୟାତ୍ମିକ ପରିବାର ଟ୍ରଷ୍ଟର ସମ୍ପାଦକ ସୁଯୋଗ୍ୟ ମିଶ୍ର ଏହି ଟ୍ରଷ୍ଟର ପରିଚୟ ପ୍ରଦାନ କରିଥିବା ବେଳେ ସଂସ୍କୃତ ବିଭାଗର ଡ. ଅଖିଳ ରଞ୍ଜନ ପାର୍ହି ଯୋଗ ଦେଇଥିଲେ। ସଂସ୍କୃତ ବିଭାଗର ସଂଯୋଜିକା ଡ. ସ୍ନେହଲତା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାଉନସେଲିଂ ଏଣ୍ଡ ୱେଲନେସ ସେଣ୍ଟରର ସଂଯୋଜିକା ଡ. ସାୟନ୍ତନୀ ବେଉରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଜାତୀୟ ଭାସ୍କର୍ଯ୍ୟକଳା କର୍ମଶାଳା

ଭୁବନେଶ୍ୱର, ୧୬।୩(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଭାସ୍କର୍ଯ୍ୟକଳା ବିଭାଗ ପକ୍ଷରୁ ଦଶଦିନିଆ ଦକ୍ଷତାଭିତ୍ତିକ ଜାତୀୟ ଭାସ୍କର୍ଯ୍ୟକଳା କର୍ମଶାଳା 'ଆର୍ଟିଷ୍ଟ ଇନ୍ ରେସିଡେନ୍ସ' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଭାସ୍କର୍ଯ୍ୟବିତ୍ ବିକ୍ରାନ୍ତ ବାବୁରାଓ ମଞ୍ଜୋରକର, କୁଳସଚିବ ଅନାମିକା ଅଧିକାରୀ, ବିତ୍ତ ନିୟନ୍ତ୍ରକ ସୁଶ୍ରୀ ସୁନନ୍ଦା ଷଡଙ୍ଗୀ, ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା, ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା, ସହକାରୀ ପ୍ରଫେସର ଅଞ୍ଜନ କୁମାର ସାହୁ, ସହଯୋଗୀ ପ୍ରଫେସର ଡ. ଉମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ଗବେଷଣା ପରିଷଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୬।୩(ସମିସ): ଓଡ଼ିଆ ଗବେଷଣା ପରିଷଦର ୪୬ତମ ବାର୍ଷିକ ଉତ୍ସବ କଟକର ଶତାବ୍ଦୀ-ପୁରାତନ ଶ୍ରୀରାମଚନ୍ଦ୍ର ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ 'ବିଦ୍ୟାର ନୃତତ୍ତ୍ୱ' ଶୀର୍ଷକରେ ଏକ ସମ୍ପାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଭାଷାର ନୃତତ୍ତ୍ୱ', 'ସାହିତ୍ୟର ନୃତତ୍ତ୍ୱ' ଓ 'ସଙ୍ଗୀତର ନୃତତ୍ତ୍ୱ' ବିଷୟରେ ପ୍ରଫେସର ସନ୍ତୋଷ କୁମାର ରଥ, ପ୍ରଫେସର ଦୀପ୍ତିରଞ୍ଜନ ପଟ୍ଟନାୟକ, ସୃଷ୍ଟିସ୍ୱରୂପା ମିଶ୍ର ଓ

**ନିଖିଳ ପଟ୍ଟନାୟକ ଓ ଦୁର୍ଯ୍ୟୋଧନ ଦାସ ପୁରସ୍କୃତ**



ବ୍ରାଜିଲ୍‌ର ଗବେଷିକା ମିସ୍ ରାଏସ୍ ପ୍ରବନ୍ଧ ପାଠ କରିଥିଲେ। ଏହି ସମ୍ପାନର ନିର୍ଦ୍ଦେଶକ ଥିଲେ କବି ତଥା ଗବେଷକ ଶୈଳଜ ରବି। ପରିଷଦର ସଭାପତି ସୁଧୀର ଚନ୍ଦ୍ର ବେହୁରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଉପସଭାପତି ଅସିତ ମହାନ୍ତି ଓ ସମ୍ପାଦକ ଗୌରାଙ୍ଗ ଚରଣ ଦାଶ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କମଳକାନ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଜଟାଧାରୀ ମହାପାତ୍ରଙ୍କ ସମ୍ପାଦିତ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରଣୀତ 'ଗୀତାଭିଧାନ'ର ପାଠାଧାରିତ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ 'କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ପୁରସ୍କାର' ଅନୁବାଦକ ଓ ବିଜ୍ଞାନ ଲେଖକ ନିଖିଳମୋହନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ଏହାସହ 'କୃଷ୍ଣଚରଣ କାବ୍ୟପୁରୁଷ ପୁରସ୍କାର' ସାହିତ୍ୟିକ ଓ ଗବେଷକ ଦୁର୍ଯ୍ୟୋଧନ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଉଭୟଙ୍କୁ ଦଶହଜାର ଟଙ୍କା ଲେଖାଏଁ ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ମାନପତ୍ର ପାଠ କରିଥିଲେ ସୁରଞ୍ଜନ ଲେଙ୍କା ଏବଂ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ ସୁବାସ ଚନ୍ଦ୍ର ପଟ୍ଟନାୟକ। କାର୍ଯ୍ୟକ୍ରମରେ ଅପରାହ୍ଣରେ ପରିଷଦର ବାର୍ଷିକ ସାଧାରଣସଭା ଏବଂ ସନ୍ଧ୍ୟାରେ ସମାବର୍ତ୍ତନ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଶେଷରେ ଗୌରହରି ମହାନ୍ତି ଓ ମନୋଜ କୁମାର ମହାପାତ୍ର ନ୍ୟବାଦ ଅର୍ପଣ କରିଥିଲେ।

## ଏଆଇଟିୟୁସି ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ ଉଦ୍‌ଯାପିତ

ଭୁବନେଶ୍ୱର, ୧୬।୩(ସମିସ): ରୋଟାରୀ ଭବନଠାରେ ଆୟୋଜିତ ଏଆଇଟିୟୁସିର ଜାତୀୟ କାର୍ଯ୍ୟକାରୀ କମିଟି ବୈଠକ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଆଇଟିୟୁସିର ସଭାପତି କମ୍ରେଡ୍ ରମେନ୍ଦ୍ର କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ବାଣିଜ୍ୟ ଚୁକ୍ତି, କଳା ଶ୍ରମ କୋଡ୍, ଯୁଦ୍ଧ ଓ ଦେଶବ୍ୟାପୀ ଉତ୍ପନ୍ନ ସଙ୍କଟ ଉପରେ ବ୍ୟାପକ ଚର୍ଚ୍ଚା ହୋଇଥିଲା। ଏହି ଦୁଇଦିନିଆ ବୈଠକରେ ଏଆଇଟିୟୁସି ସାଧାରଣ ସମ୍ପାଦକ କମ୍ରେଡ୍ ଅମରଜିତ୍ କାଉର ଦେଶରେ ସାମ୍ପ୍ରତିକ ସଙ୍କଟ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ବିଭିନ୍ନ ପର୍ଯ୍ୟାୟରେ ଦେଶବ୍ୟାପୀ ଆନ୍ଦୋଳନର ନିଷ୍ପତ୍ତି ସମ୍ପର୍କରେ



ସୂଚନା ଦେଇଥିଲେ। ଭାରତର ସ୍ୱାଧୀନତା ପୂର୍ବରୁ ଓ ପରେ ପ୍ରଣୀତ ୪୪ଟି କେନ୍ଦ୍ରୀୟ ଶ୍ରମ ଆଇନ୍ ମଧ୍ୟରୁ ୧୫ଟି ସମ୍ପୂର୍ଣ୍ଣ ରଦ୍ଦ କରିବା ସହ ୨୯ଟି ଶ୍ରମ ଆଇନ୍‌କୁ ୪ଟି ଶ୍ରମକୋଡ୍ କରାଇ ଶ୍ରମିକମାନଙ୍କ ଅଧିକାର ଖର୍ବ କରିବା ସହ ଶ୍ରମ ଶୋଷଣକାରୀ କର୍ପୋରେଟ୍ ଓ ମାଲିକଙ୍କ ସ୍ୱାର୍ଥରେ ପ୍ରଣୟନ କରାଯାଇଛି ବୋଲି କୁହାଯାଇଛି। ତେଣୁ ଏହା ବିରୋଧରେ ଦେଶବ୍ୟାପୀ ଆସନ୍ତା ମାସ ୧ତାରିଖରେ କଳାଦିବସ ପାଳିତ ହେବ। ମାତ୍ର ୧ ଏପ୍ରିଲ୍ ସ୍ୱତନ୍ତ୍ର ଓଡ଼ିଶା ପ୍ରତିଷ୍ଠା ଦିବସ ହୋଇଥିବାରୁ ଓଡ଼ିଶାରେ ୨ ତାରିଖରେ କଳାଦିବସ ପାଳିତ ହେବ। ସେହିଭଳି ଅଙ୍ଗନବାଡ଼ି କର୍ମୀ ଆସନ୍ତା ମାସ ୨୧ତାରିଖରେ ସଂସଦ ଅଭିଯାନ କରିବେ। ଭାରତ-ଆମେରିକା-ଉପନିବେଶବାଦୀ ବାଣିଜ୍ୟ ଚୁକ୍ତି ଓ ଭାରତ-ୟୁରୋପ ମୁକ୍ତ ବାଣିଜ୍ୟ ଚୁକ୍ତି ବିରୋଧରେ ଚଳିତ ମାସ ୨୩ ତାରିଖରେ ଭଗତ ସିଂହ, ସୁଖଦେଓ ଓ ରାଜଗୁରୁଙ୍କ ବଳିଦାନ ଦିବସରେ ସାମ୍ରାଜ୍ୟବାଦ ବିରୋଧୀ ସଂଘର୍ଷ ଦିବସ ରୂପେ ଦେଶବ୍ୟାପୀ ପାଳିତ ହେବ। ରାଜ୍ୟ ଏଆଇଟିୟୁସି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏଆଇଟିୟୁସିର ଜାତୀୟ ଉପସଭାପତି ବିଦ୍ୟାସାଗର ଗିରି, ସମ୍ପାଦିକା ଉଷା ସାହାଣୀ, ସମ୍ପାଦକ ଆର୍ ପ୍ରସାଦ, ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଓ ସଭାପତି ଅଶୋକ ଦାଶ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

## ଦିବ୍ୟାଙ୍ଗ ଓ ଅନଗ୍ରସରଙ୍କ ଗଣ ବିବାହ



ଭୁବନେଶ୍ୱର, ୧୬।୩(ସମିସ): ନାରାୟଣ ସେବା ସଂସ୍ଥାନ ପକ୍ଷରୁ ଉଦୟପୁରର ସେବା ମହାତୀର୍ଥ, ଲିୟୋଁ କା ଗୁଡା କ୍ୟାମ୍ପସରେ ଦିବ୍ୟାଙ୍ଗ ଓ ଅର୍ଥନୈତିକ ଦୁର୍ବଳ ବର୍ଗର ଦମ୍ପତିଙ୍କ ୪୫ତମ ଗଣ ବିବାହ ସମାରୋହ ଅନୁଷ୍ଠିତ ହୋଇଛି। ଏହି ଦୁଇ ଦିନିଆ ସମାରୋହରେ ଦେଶର ବିଭିନ୍ନ ପ୍ରାନ୍ତର ୫୧ଜଣ ଦିବ୍ୟାଙ୍ଗ ଦମ୍ପତି ବେଦ ପାଠ ଓ ପବିତ୍ର ରୀତିନୀତି ମଧ୍ୟରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଦର୍ଶନ ମେହେଟ୍ଟା, ୟଶ ମେହେଟ୍ଟା ଓ ଓମ ପ୍ରକାଶ ସୋନି ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା କୈଳାଶ ମାନବ ଅଗ୍ରୱାଲ, କମଳା ଦେବୀ, ବନ୍ଦନା ଅଗ୍ରୱାଲ, ପଲକ ଅଗ୍ରୱାଲ ଓ ବିଭିନ୍ନ ଦାତା, ସାମାଜିକ କର୍ମୀ ମଧ୍ୟ ଉପସ୍ଥିତ ଥିଲେ। ଏହି ୫୧ ଜଣ ଦମ୍ପତିଙ୍କ ମଧ୍ୟରୁ ୨୫ ଜଣ ଦିବ୍ୟାଙ୍ଗ ହୋଇଥିବା ବେଳେ ୨୬ ଜଣ ହେଉଛନ୍ତି ସମାଜର ଅର୍ଥନୈତିକ ଦୁର୍ବଳ ବର୍ଗର। ଏହି ଅବସରରେ ନାରାୟଣ ସେବା ସଂସ୍ଥାନର ସଭାପତି ପ୍ରଶାନ୍ତ ଅଗ୍ରୱାଲ କହିଛନ୍ତି ଆମର ଲକ୍ଷ୍ୟ ହେଉଛି ଦିବ୍ୟାଙ୍ଗମାନଙ୍କ ପାଇଁ ସମ୍ମାନ ବିଶ୍ୱାସ ଓ ସମାନତାର ସୁଯୋଗକୁ ନିଶ୍ଚିତ କରିବା। ନବବିବାହିତଙ୍କୁ ଅନୁଷ୍ଠାନ ପକ୍ଷରୁ ଶେଯ ସାମଗ୍ରୀ, ୱାର୍ଡରୋବ, ବାସନକୁସନ, ଷ୍ଟୋଭ, ଡିନର ସେଟ, ଫ୍ୟାନ ଆଦି ଉପହାର ଦିଆଯାଇଥିଲା।

## ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ 'ଜୟଦେବ ସମାରୋହ' ଉଦ୍‌ଘାଟିତ



ଭୁବନେଶ୍ୱର, ୧୬।୩(ସମିସ): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୭୦ତମ ବାର୍ଷିକ ଉତ୍ସବ 'ଜୟଦେବ ସମାରୋହ-୨୦୨୬' ଉତ୍କଳ ମଣ୍ଡପରେ ୪ଦିନ ବ୍ୟାପୀ ଆୟୋଜିତ ହୋଇଛି। ଉତ୍କଳ ମଣ୍ଡପ ଠାରେ ଏହି ଉତ୍ସବକୁ ଉଦ୍‌ଘାଟିତ ହୋଇଥିଲା। ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ଓଡ଼ିଶା ସରକାରଙ୍କର ବରିଷ୍ଠ ପ୍ରଶାସନିକ ଅଧିକାରୀ ଦେବପ୍ରସାଦ ଦାଶ ବିଶିଷ୍ଟ ଅତିଥି ଭାବରେ ଯୋଗ ଦେଇଥିଲେ। ଓଡ଼ିଶା ପୋଲିସ ସେବାର ବରିଷ୍ଠ ଅଧିକାରୀ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସଙ୍ଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା, ନୃତ୍ୟ ଗୁରୁ ଓ ନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଅରୁଣା ମହାନ୍ତି, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ ଏବଂ ଏହି ଉତ୍ସବକୁ ପୌରହିତ କରିଥିଲେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୁରୁ ଡ. ବିଜୟ କୁମାର ଜେନା, ଚିନ୍ତା ଚେତନାର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଗୁରୁ ଡ. ନିମାକାନ୍ତ ରାଉତରାୟ ଧନ୍ୟବାଦ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶ୍ରୀନିବାସ ଘଟୁଆରି।

# ଦୁଇମାସ ହେଲା ଯୋଗ ଓ ଫିଜିଓଥେରାପି ବନ୍ଦ

ଭୁବନେଶ୍ୱର, ୧୬।୩(ସମିସ): ଚଳିତ ବର୍ଷ ଜାନୁଆରୀ ମାସ ୧୧ ତାରିଖରୁ ଭୁବନେଶ୍ୱର ମହାନଗର ନିଗମ ଅଧିନସ୍ଥ ବିଭିନ୍ନ ଅଞ୍ଚଳରେ ରହିଥିବା ୧୮ଟି ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିରରେ ନିତିଦିନିଆ ଯୋଗ ଓ ଫିଜିଓଥେରାପି ବ୍ୟବସ୍ଥା ବନ୍ଦ କରାଯାଇଛି। ଏନଏଚଏମ୍ ଅଧୀନରେ ରହିଥିବା ଏହି ଆରୋଗ୍ୟ ମନ୍ଦିର ଗୁଡ଼ିକ ସ୍ଥାନୀୟ ଲୋକଙ୍କ ପାଇଁ ବେଶ୍ ସହାୟକ ହେଉଥିବା ବେଳେ ବିନା କୌଣସି ନୋଟିସ୍‌ରେ ଏହି ଚିକିତ୍ସା ବନ୍ଦ କରାଯାଇଥିବାରୁ ଏଠାରେ ନିୟୋଜିତ କର୍ମୀମାନେମାନେ ନିରାଶ ହୋଇଛନ୍ତି। ସେହିକ୍ରମରେ ଗତ ଦୁଇ ମାସ ହେଲା ଭିଏସ୍‌ଏସ୍ ନଗର ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗ ଓ ଫିଜିଓଥେରାପି ହେଉ ନାହିଁ।

ସୂଚନା ଅନୁସାରେ, ଭିଏସ୍‌ଏସ୍ ନଗର ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବର୍ତ୍ତନ କରି ୨୦୨୨ ମସିହା ସେପ୍ଟେମ୍ବର ୨୩ ତାରିଖ ଭୁବନେଶ୍ୱରର ପ୍ରଥମ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର ପରିଣତ ହୋଇଥିଲା। ପରବର୍ତ୍ତୀ ସମୟରେ ବରମୁଣ୍ଡା ରେଣ୍ଟାଲ କଲୋନୀ, ସାମନ୍ତରାପୁର, ଆଚାର୍ଯ୍ୟବିହାର, ଲକ୍ଷ୍ମୀସାଗର, ଆଇଗିଣିଆ, ବଡ଼ଗଡ଼ ଶବରସାହି, ଚକେଇସିଆଣି, ପଲାସପଲ୍ଲୀ, ସୁନ୍ଦରପଦା, କଳିଙ୍ଗ ବିହାର, ନୀଳାଦ୍ରିବିହାର ସେକ୍ଟର-୫, ପାତ୍ରପଡ଼ା, ଶ୍ରିବହାର, ହଂସପାଳ, ପଳାଶୁଣି, କଳାରାହାଙ୍ଗ ଆଦି ଆଦି ଅଞ୍ଚଳରେ ଏହା ଆରମ୍ଭ ହୋଇଥିଲା। ଏନଏଚଏମ୍ (ନ୍ୟାସନାଲ ହେଲଥ୍ ମିଶନ) ଦ୍ୱାରା ପରିଚାଳିତ




ଏହି କେନ୍ଦ୍ରରେ ଜଣେ ଡାକ୍ତର, ଫାର୍ମାସିଷ୍ଟଙ୍କ ସମେତ ଲାବ୍ରୋଟୋରୀ ଟେକ୍ନିସିଆନ୍‌ଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ବିଭିନ୍ନ ଔଷଧ ଉପଲବ୍ଧ ହେଉଥିଲା। ସେହିପପରି ଲାବ୍ରୋଟୋରୀ ନିର୍ମାଣ କରାଯାଇ ଜଣେ ଟେକ୍ନିସିଆନ୍ ଓ ସହାୟିକାଙ୍କୁ ମଧ୍ୟ ନିଯୁକ୍ତ କରାଗଲା। ବିଭିନ୍ନ ପରୀକ୍ଷା ମଧ୍ୟ କରାଯାଉଥିଲା। ପରବର୍ତ୍ତୀ ସମୟରେ ଯୋଗ ଗୁରୁ, ଜଣେ ଫିଜିଓଥିରାପିଷ୍ଟଙ୍କୁ ନିଯୁକ୍ତ କରାଯାଇଥିଲା। ହେଲେ ସରକାର ପରିବର୍ତ୍ତନ ପରେ ପ୍ରଥମେ 'ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର' ବଦଳରେ 'ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିର' କରାଗଲା। ଏହାପରେ ଆରୋଗ୍ୟ ମନ୍ଦିରରେ ପ୍ରଥମେ ଲାବ୍ରୋଟୋରୀ ବନ୍ଦ କରି ଦିଆଯାଇ ଏଠାରୁ ଲାବ୍ରୋଟୋରୀ ଟେକନିସିଆନ୍ ଓ ଜଣେ ସହାୟିକାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଗଲା। ଏହାର କିଛି ଦିନ ବ୍ୟବଧାନ ପରେ ଚଳିତ ଜାନୁଆରୀ ୧୧ ତାରିଖରୁ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ମନ୍ଦିରରେ ଆଉ ଯୋଗ ଓ ଫିଜିଓଥିରାପି କେନ୍ଦ୍ର ଚାଲିବ ନାହିଁ ବୋଲି ନିର୍ଦ୍ଦେଶ ଆସିବା ପରେ ନିରାଶ ହୋଇଛନ୍ତି କର୍ମଚାରୀ। ଅପରପକ୍ଷେ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ଭିଏସ୍‌ଏସ୍‌ନଗର ଉନ୍ନୟନ ପରିଷଦର କାର୍ଯ୍ୟନିର୍ବାହୀ ସମିତି ବୈଠକରେ ଉଦବେଗ ପ୍ରକାଶ ପାଇଛି। ସୋମବାର ସ୍ଥାନୀୟ ଦୁର୍ଗାପୂଜା ମଣ୍ଡପରେ ପରିଷଦର ସଭାପତି କୃପାସିନ୍ଧୁ ସାହୁଙ୍କ ସଭାପତିତ୍ୱ ଅନୁଷ୍ଠିତ ବୈଠକରେ ଏଦିଗରେ ଯଥାଶିଘ୍ର ପଦକ୍ଷେପ ନେବାକୁ ଦାବି ହୋଇଛି। ବୈଠକରେ ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି, ଯୁଗ୍ମ ସମ୍ପାଦକ ଧରଣୀଧର ରାଉତ, ପ୍ରତାପ ନନ୍ଦ, ଚିନ୍ତାମଣି ବାରିକ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ପରିଚାଳନା କରିବା ସହିତ ଆର୍ଥିକ ବିବରଣୀ ପାଠ କରିଥିଲେ ଏବଂ ଶେଷରେ ଉସଭାପତି ଡ. ଜୟନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରାକ୍ଟରର ଚକା ଫାଟି ଡ୍ରାଇଭର ମୃତ

ରାଜନଗର,୧୬।୩(ସମିସ): ଚାନ୍ଦିବାଲିଶମୂଳ ପଞ୍ଚାୟତ ଜରିମୂଳ ବଜାରରେ ଥିବା ଏକ ଗ୍ୟାରେଜରେ ଟ୍ରାକ୍ଟର ଚକା ଫାଟି ଜଣେ ଡ୍ରାଇଭର ମୃତ୍ୟୁବରଣ କରିଛନ୍ତି। ଭିତରଗଡ ପଞ୍ଚାୟତ ଶଙ୍କରପୋଖରୀ ଗ୍ରାମର ବିଷ୍ଣୁ ମଣ୍ଡଳଙ୍କ ପୁଅ ଅନୁକୂଳ ମଣ୍ଡଳ (୨୦) ଟ୍ରାକ୍ଟର ଚଳାଉଥିଲେ। ଟ୍ରାକ୍ଟର ଚକ ପଞ୍ଚର ହୋଇଥିବାରୁ ଜରିମୂଳ ବଜାରରେ ଥିବା ଗ୍ୟାରେଜକୁ ଆଣିଥିଲେ। ଅନୁକୂଳ ଚକ ଖୋଲୁଥିବାବେଳେ ଚକା ଫାଟିଯାଇଥିଲା। ଅନୁକୂଳ କିଛି ଦୂରକୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ।

## ପୋଖରୀରୁ କୁମ୍ଭୀର ଉଦ୍ଧାର

ରାଜନଗର,୧୬।୩(ସମିସ): ହାତିନା ପଞ୍ଚାୟତ ଏଣ୍ଡୁଳାପୁର ଗ୍ରାମର ଏକ ପୋଖରୀରୁ ବନ ବିଭାଗ କୁମ୍ଭୀର ଉଦ୍ଧାର କରାଯାଇଛି। ୭ ଫୁଟ ୩ ଇଞ୍ଚର ମାଈ କୁମ୍ଭୀର ଉଦ୍ଧାର କରି ହାବକ କ୍ରିକରେ ଛଡାଯାଇଛି। ଗାଁ ଠାକୁରାଣୀ ପୋଖରୀରେ କୁମ୍ଭୀର ରହିଥିଲା। ଗାଁ ଲୋକ ବନ ବିଭାଗକୁ ଜଣାଇବା ପରେ ବନ ବିଭାଗ ପକ୍ଷରୁ ପୋଖରୀରେ ଜାଲ ବୁଲାଇ କୁମ୍ଭୀରକୁ ଧରିବାକୁ ପ୍ରୟାସ ଆରମ୍ଭ ହୋଇଥିଲା। କୁମ୍ଭୀର ଅନ୍ୟ ଏକ ପୋଖରୀକୁ ଚାଲିଯାଇଥିଲା। ଗତକାଲି ରାତିରେ ପୋଖରୀରେ ଜାଲ ବିଛାଇ କୁମ୍ଭୀରକୁ ଜାକୁଡିଥିଲେ। ଫରେଷ୍ଟର ବିଜୟପାତ୍ରଙ୍କ ନେତୃତ୍ୱରେ ଫରେଷ୍ଟ ଗାର୍ଡ ଦ୍ରୌପଦୀ ପ୍ରଧାନ ଓ କର୍ମଚାରୀ ଏହି କୁମ୍ଭୀରକୁ ଧରିବାରେ ସକ୍ଷମ ହୋଇଥିଲେ।

## ପବିତ୍ରପଡ଼ା ଶ୍ରୀରାମ ନବମୀ ଯାତ୍ରା ପ୍ରସ୍ତୁତି ବୈଠକ

ଡେରାବିଶ,୧୬।୩(ସମିସ): ମୁକୁନ୍ଦପୁର ପଞ୍ଚାୟତ ଶ୍ରୀଧରପୁର ଗ୍ରାମର ଶ୍ରୀଶ୍ରୀ ବଟ ଗୋସେଇଁଙ୍କ ପାଠରେ ବଟ ମହାପୁରୁଷ ଗ୍ରାମ୍ୟ କମିଟି ସଭାପତି ସ୍ୱାଗକ ମହାନ୍ତିଙ୍କ ଆହ୍ୱାନକ୍ରମେ ପ୍ରସ୍ତୁତି ବୈଠକ ଉତ୍ତମ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।



ବୈଠକରେ ଚଳିତ ବର୍ଷ ନବମୀ ଯାତ୍ରା ପାଇଁ ବିଭିନ୍ନ ବିଭାଗ ପାଇଁ ଭିନ୍ନ ଭିନ୍ନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ୨୭ ତାରିଖ ଶ୍ରୀରାମ ନବମୀ ଦିନ ଶ୍ରୀରାମଙ୍କ ଜନ୍ମ ଉତ୍ସବ ସହିତ ଶୋଭାଯାତ୍ରା ପାଇଁ କାଗା କିଣିବାକୁ କବିସୂର୍ଯ୍ୟ ବ୍ରହ୍ମା ମଠକୁ ସମ୍ମାନର ବାଜା ବାଣ ରୋଷଣାଇରେ ଯାତ୍ରା କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ୩୧ ତାରିଖରେ ଯାତ୍ରା ଆରମ୍ଭ ହୋଇ ଏପ୍ରିଲ ୭ ତାରିଖ ରାତ୍ରରେ ପରିସମାପ୍ତି ଘଟିବ। ୮ ତାରିଖ ପ୍ରଭାତରେ ଅଭିଷେକ ଉତ୍ସବ ଅନୁଷ୍ଠିତ ହେବ। ୫ ତାରିଖ ସନ୍ଧ୍ୟାରେ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଯାତ୍ରାର ରାମସୀତା ବିବାହ ଦିବସ ଦିନ ଉପସ୍ଥିତ ଥିବା ସ୍ଥାନୀୟ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ସେବନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା।

## ଗହୀରମଥାରୁ ଟ୍ରଲର ଜବତ; ୯ ଜଣ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧୬।୩(ସମିସ): ଏକକୁଲା ନିକଟରେ ବେଆଇନ ଭାବେ ମାଛ ଧରୁଥିବାବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ବାବା ଶନିଦେବ ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗହୀରମଥା ଦାୟିତ୍ୱରେ ଥିବା ଏସିଏଫ ମାନସ ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ସଞ୍ଜୀବ ଦାସ ଓ ବନ ବିଭାଗ କର୍ମଚାରୀ ଟ୍ରଲରକୁ ଜବତ କରିଥିଲେ। ସେଥିରୁ ୨ଟି ଜିପିଏସ, ୨ଟି ଭିଏଚଏଫ, ୧ଟି ପିଏସପିଏଲଟ, ୧୦ଟି ଟ୍ରଲିଂ ନେଟ ଓ ୫ କ୍ୱିଣ୍ଟାଲ ମାଛକୁ ଜବତ କରିଛନ୍ତି। ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବନ ବିଭାଗ ସୂଚନା ଦେଇଛି।

## ପ୍ଲେଟ୍ ତିଆରି କାରଖାନାରେ ଅଗ୍ନିକାଣ୍ଡ

ରାଜକନିକା,୧୬।୩(ସମିସ): ରାଜକନିକା ଥାନା ଅନ୍ତର୍ଗତ ନମଡଗା ବଜାରର ଏକ କାଗଜ ପ୍ଲେଟ୍ ତିଆରି କାରଖାନାରେ ଅଗ୍ନିକାଣ୍ଡ ଘଟିଛି। ଆଜି ପୂର୍ବାହ୍ନ ସାଢେ ୧୧ଟା ସମୟରେ



କାରଖାନା ବନ୍ଦ ଥିବାବେଳେ ଧୂଆଁ ବାହାରିଥିଲା। ମାଲିକ ରତିରଞ୍ଜନ ସାହୁ ପହଞ୍ଚି ଘର ଖୋଲି ଦେଖିବା ବେଳକୁ ଜଳୁଥିଲା ଓ ଭିତରକୁ ଯିବା ସମ୍ଭବ ହୋଇ ନ ଥିଲା। ଗାଁ ଲୋକ ନିଆଁ ଲିଭାଇବାକୁ ଆପ୍ରାଣ ଉଦ୍ୟମ କରିଥିଲେ। ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲେ ବି ଗୋଟିଏ ସମୟରେ ଦମକଳ ପହଞ୍ଚିବା ବେଳକୁ ସେତେବେଳକୁ ସବୁକିଛି ପୋଡି ପାଉଁଶ ହୋଇଯାଇଥିଲା। ଘରେ ଥିବା ପ୍ଲେଟ୍ ତିଆରି ମେସିନ୍ ପୋଡି ଯାଇଥିବାବେଳେ ତିଆରି ହୋଇଥିବା ସମସ୍ତ କାଗଜ ପ୍ଲେଟ ସହ ଗଚ୍ଛିତ ଥିବା ଲକ୍ଷ ଲକ୍ଷ ଟଙ୍କାର କଞ୍ଚାମାଲ ପୋଡ଼ିଯାଇଥିବା ଜଣାପଡିଛି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ପୀତବାସଙ୍କ ପରିବାରକୁ ସରକାରୀ ସହାୟତା ଦାବି

ପଟ୍ଟାମୁଣ୍ଡାଇ,୧୬।୩(ସମିସ): ଶ୍ରୀରାମପୁର ଗ୍ରାମରେ ୧୨ ତାରିଖ ଦିନ ବ୍ରାହ୍ମଣୀ ନଦୀରେ ବୁଡି ମୃତ୍ୟୁବରଣ କରିଥିବା ପୀତବାସ ପରିଡ଼ା (୬୨)ଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସାମ୍ବିଦିକ ୟୁନିଅନ୍ (ଏସୟୁଜେ) ପଟ୍ଟାମୁଣ୍ଡାଇ ଶାଖା ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ୧୨ ତାରିଖ ମଧ୍ୟାହ୍ନରେ ଶ୍ରୀରାମପୁର ନିକଟ ବ୍ରାହ୍ମଣୀ ନଦୀରେ ଦୁଇ ନାବାଳିକା ପୁତ୍ରା ମଲିକ ଓ ପରି ମଲିକ ଗାଧୋଇ ଯାଇଥିବାବେଳେ ବୁଡି ଯାଉଥିବା ଦେଖି ପୀତବାସ ପାଣିକୁ ଡେଇଁ ଉଦ୍ଧାର କରିଥିଲେ ହେଁ ନଦୀସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ଦୁଇଦିନ ପରେ ତାଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ପୀତବାସଙ୍କ ମୃତ୍ୟୁରେ ତାଙ୍କ ପରିବାର ବେସାହାରା ହୋଇପଡ଼ିଥିବାରୁ ତାଙ୍କ ପରିବାରକୁ ରାଜ୍ୟ ସରକାର ସହାୟତା ଯୋଗାଇ ଦେବା ଦାବିରେ ଏସୟୁଜେ ପଟ୍ଟାମୁଣ୍ଡାଇ ଶାଖା ସଭାପତି ଉପେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଜିଲ୍ଲା ଉପସଭାପତି ସଞ୍ଜୟ ପଣ୍ଡା, ପଟ୍ଟାମୁଣ୍ଡାଇ ଉପସଭାପତି ଶିଶିର ସେଠୀ, ସମ୍ପାଦକ ସନ୍ତୋଷ ପତି, ପ୍ରମୋଦ ଜେନା, ବ୍ରଜବନ୍ଧୁ ଦାଶ, ଅଭିମନ୍ୟୁ ସେଠୀ, ଅଶୋକ ସାହୁ, ସୁକୁମାର ପରିଡ଼ା, ମିର୍ଜା ସାଜନ ବେଗ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ ଦାବିପତ୍ର ଗ୍ରହଣ କରିଥିଲେ।

# ମିଳିତ ଜନଅଭିଯୋଗ ଶୁଣାଣି ଶିବିର | ୭ଟି ଅଭିଯୋଗର ତତ୍କାଳ ସମାଧାନ

ପଟ୍ଟାମୁଣ୍ଡାଇ,୧୬।୩(ସମିସ)



ଆଜି ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଏସପି ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଉପଜିଲ୍ଲାପାଳ ଅରୁଣ ନାୟକ, ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକ, ବିଡିଓ ଶୀତଲ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ୧୨୬ ଅଭିଯୋଗର ଶୁଣାଣି କରି ୭ଟିର ତତ୍କାଳ ସମାଧାନ କରିଛନ୍ତି।

ଆଜି ଶିବିରରେ ୧୨୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିରେ ୧୦୨ଟି ବ୍ୟକ୍ତିଗତ ଓ ୨୪ଟି ସାମୂହିକ ଅଭିଯୋଗ ଥିଲା। ଅଳପୁଆରୁ ତୁରନ୍ତ ମଦ ଦୋକାନ ହଟାଇବା ପାଇଁ ସରପଞ୍ଚ ପ୍ରତିନିଧି ରଶ୍ମିକାନ୍ତ ବେହୁରା, ସମିତି ସଭ୍ୟ ରାମଚନ୍ଦ୍ର ସେଠୀ, ତରଡ଼ିପାଳ ସରପଞ୍ଚ ନିରଞ୍ଜନ ବାରିକ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି କାଉନସିଲର ଗୋପୀବଲ୍ଲଭ ନାୟକ, ସମ୍ପାଦକ ଆଡ଼ଭୋକେଟ ଗୋପୀନାଥ ତ୍ରିପାଠୀ, ସୁରେନ୍ଦ୍ର କର, ଶରତ ମଣ୍ଡଳ, ଅମର ମଲିକ, ସୁଶାନ୍ତ ମଲିକ, ଦୀପକ ମଲିକ ପ୍ରମୁଖ ବ୍ଲକରେ ପିସି କାରବାର ଓ ବିଭିନ୍ନ ଅଫିସରେ ଲାଞ୍ଚ କାରବାର ବନ୍ଦ କରିବା, ପଟ୍ଟାମୁଣ୍ଡାଇ କଲେଜରେ ଦ୍ୱିତୀୟ ଥର ସୁବର୍ଣ୍ଣ ଜୟନ୍ତୀ ପାଳନ, ପୌର ପରିଷଦ ଅଧ୍ୟକ୍ଷଙ୍କୁ ଡକା ନ ଯିବା,୨୦୦୩ରେ ଚକ ବନ୍ଦୀ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ମଧ୍ୟ ଅଦ୍ୟାବଧି ଚକ ଚିହ୍ନଟ ନ କରିବା ଆଦି ଅଭିଯୋଗ କରିଥିବାବେଳେ ଜିଲ୍ଲାପାଳ ଅନୁପସ୍ଥିତ ରହିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ବନ୍ୟାରେ କ୍ଷତିଗ୍ରସ୍ତ ଜଳସମ୍ପଦ ବିଭାଗ ପୋଲ ପୁନଃନିର୍ମାଣ ଓ ଏଲପିଜି ଗ୍ୟାସ କଳା ବଜାରୀ ବନ୍ଦ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ମେଗା ପାନୀୟଜଳ ପ୍ରକଳ୍ପ ଅସମ୍ପୂର୍ଣ୍ଣ, ପାଇପ ସଂଯୋଗ ହୋଇ ନ ଥିବାରୁ ପାନୀୟଜଳ ଯୋଗାଣ ବନ୍ଦ, ୧୪ନଂ କେନାଲ ବନ୍ଧରେ ନବନିର୍ମିତ ଗୋବିନ୍ଦପୁର ନପଙ୍ଗ ପିଚୁ ରାସ୍ତା ମରାମତି, ପୂର୍ତ୍ତ ବିଭାଗ ନପଙ୍ଗ ବନ୍ଧସାହି ରାସ୍ତା ମାପ ଓ ବାଟିପଡା ୨ନଂ ୱାର୍ଡରେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦିହୁଡିପୁର ସରପଞ୍ଚ ନରେଶ ମଲିକ ବିଦ୍ୟୁତ ଓ ଜଳନିଷ୍କାସନ ଦୂର ପାଇଁ ଦାବି କରିଥିଲେ। ପେଣ୍ଟପାଳ ପୂର୍ବତନ ସରପଞ୍ଚ କୈଳାସ ସେଠୀ ପଞ୍ଚାୟତର ୫୭ଜଣ ହରିଶ୍ଚନ୍ଦ୍ର ଯୋଜନାରେ ସରକାରୀ ସହାୟତା ପ୍ରଦାନ ଦାବି କରିଥିଲେ। ଯୁବ ନେତା ଜ୍ୟୋତିପ୍ରକାଶ ପ୍ରଧାନ ଧାନ ମଣ୍ଡିରେ ଚାଷୀଙ୍କ ସମସ୍ୟା ଦୂର ପାଇଁ ଦାବୀପତ୍ର ପ୍ରଦାନ କରିଥିଲେ। ଶିବିରରେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା ମନୋରଞ୍ଜନ ରାଉତ, ଜିଲ୍ଲା କୃଷି ଅଧିକାରୀ ଦେବଦାସ ନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହେରା, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକ, ସହକାରୀ ଯନ୍ତ୍ରୀ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ, ଏସଡିପିଓ ସୁକାନ୍ତ ପାତ୍ର, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ମହିଳା ପ୍ରଫେସରଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

କେନ୍ଦ୍ରାପଡ଼ା,୧୬।୩(ସମିସ): କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ଜଣେ ମହିଳା ପ୍ରଫେସରଙ୍କୁ ଜଣେ କନିଷ୍ଠ ଅଧ୍ୟାପକ ମାନସିକ ନିର୍ଯାତନା ଦେଇଥିବା ନେଇ ଗୁରୁତର ଅଭିଯୋଗ ଆସିଛି। ଏ ନେଇ ସଂପୃକ୍ତ ମହିଳା ପ୍ରଫେସର ପରିଚାଳନା ପରିଷଦ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। କନିଷ୍ଠ ଅଧ୍ୟାପକ ଜଣକ ସଂପୃକ୍ତ ମହିଳା ପ୍ରଫେସରଙ୍କ ସହ ଅସାମ୍ବିଧାନିକ ଓ ଅସୌଜନ୍ୟ ଆଚରଣ କରିଥିଲେ। ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସମ୍ମୁଖରେ ସେ ଅଶୋଭନୀୟ ଭାଷା ବ୍ୟବହାର କରିଥିବା ମହିଳା ପ୍ରଫେସର ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହା ତାଙ୍କୁ ଗଭୀର ମାନସିକ ଯନ୍ତ୍ରଣା ଦେଇଥିବା ସେ କହିଛନ୍ତି। ସେ ତତକ୍ଷଣାତ୍ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ ଜେନାଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାପରେ ସଂପୃକ୍ତ କନିଷ୍ଠ ଅଧ୍ୟାପକ ଅଧିକ କ୍ରୋଧିତ ହୋଇ କଲେଜ ଅଧ୍ୟକ୍ଷଙ୍କ ଚାମ୍ବରରେ ମହିଳା ପ୍ରଫେସରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ରହିଛି। ଏପରିକି +୨ ପରୀକ୍ଷାକୁ ବନ୍ଦ କରିଦେବେ ବୋଲି ସେ ଧମକ ଦେଇଥିବା ମଧ୍ୟ ଅଭିଯୋଗରେ ଉଲ୍ଲେଖ ହୋଇଛି। ଘଟଣାକୁ ନେଇ ସେ ପୁଣିଥରେ ଅଧ୍ୟକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ସେ ବାଧହୋଇ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ଓ ପରିଚାଳନା ପରିଷଦ ସଭାପତିଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏଥିସହ ସେ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଆବାହକଙ୍କୁ ଜଣାଇଥିବାବେଳେ ସଂପୃକ୍ତ କନିଷ୍ଠ ଅଧ୍ୟାପକ ତାଙ୍କୁ ବାରମ୍ବାର ମାନସିକ ଭାବେ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ଅଭିଯୁକ୍ତ ଅଧ୍ୟାପକଙ୍କ ବିରୋଧରେ ତୁରନ୍ତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ପରିଚାଳନା ପରିଷଦ ସଭାପତିଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଅସହାୟ ବଳରାମଙ୍କୁ ସହାୟତା

ରାଜକନିକା,୧୬।୩(ସମିସ): ରାଜକନିକା ବ୍ଲକ୍ ବରୁଣାଡିହା ଗ୍ରାମର ବଳରାମ ଓଝାଙ୍କ କେହି ନ ଥିବାବେଳେ ଏବେ ଗାଁର କ୍ଲବ୍ ଘରେ ଚିକିତ୍ସା ସେବା ନ ପାଇ ପଡ଼ିରହିଛନ୍ତି। ତାଙ୍କର ଏଭଳି ଅବସ୍ଥା ସମ୍ପର୍କରେ ଖବର ପାଇ ନମୌଜାର ସହଦେବ ଦାସ ସେବା ସଂସ୍ଥା ପକ୍ଷରୁ ପାଞ୍ଚ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସଭାପତି ଗୋବିନ୍ଦ ଚନ୍ଦ୍ର ନନ୍ଦ ଓ ସମ୍ପାଦକ ରବୀନ୍ଦ୍ର ସୂତାର ବଳରାମଙ୍କୁ ଭେଟି ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ବଳରାମ କେରଳରେ ଏକ ବେସରକାରୀ ସଂସ୍ଥାରେ ଦାଦନ ଭାବେ କାମ କରୁଥିଲେ। ଯକ୍ଷ୍ମା ଓ ଶ୍ୱାସଜନିତ



ରୋଗରେ ପୀଡିତ ହୋଇ ସେଠାରେ ଚିକିତ୍ସିତ ହେବା ପରେ ଅର୍ଥାଭାବରୁ ଘରକୁ ଫେରି ଆସିଛନ୍ତି। ଏଠାରେ କୌଣସି ରୋଜଗାର ନ ଥିବାରୁ ଚିକିତ୍ସା ପାଇଁ ମିଳିଥିବା ଆବାସ ଯୋଜନାର ଅର୍ଥ ମଧ୍ୟ ଖର୍ଚ୍ଚ କରିଦେଇଛନ୍ତି। ତାଙ୍କ ସ୍ତ୍ରୀ ଓ ଦୁଇ ସନ୍ତାନ ଥିଲେ ମଧ୍ୟ ରୋଗରେ ପୀଡ଼ିତ ହୋଇ ଉପଯୁକ୍ତ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରିଛନ୍ତି। ବଳରାମ ଏବେ ଓଳାଭର ଓ ଭଦ୍ରକରେ ଚିକିତ୍ସିତ ହେଉଛନ୍ତି।

## ଧାନେଶ୍ୱରୀ ପୀଠରେ ବ୍ରହ୍ମଏକାକ୍ଷର ମେଳା

ପଟ୍ଟାମୁଣ୍ଡାଇ, ୧୬।୩(ସମିସ): ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ଅନୁଷ୍ଠିତ ହୋଇଯାଇଛି। ପୀଠାଧୀଶ ପ୍ରଫୁଲ୍ଲ ପଣ୍ଡା, ପ୍ରଶାନ୍ତ ପଣ୍ଡା, ସେବକ ରତିକାନ୍ତ ଧଳ, ଗଗନ ମହାଲିକ, କବି ନୃସିଂହ ରାଉତଙ୍କ ତତ୍ତ୍ୱାଧାନରେ ଓ ରାମଚନ୍ଦ୍ର ସେଠୀ, ବାସନ୍ତୀ ସେଠୀଙ୍କ ପୌରୋହିତ୍ୟରେ ସଂକ୍ରାନ୍ତି ଉପଲକ୍ଷେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ। ମେଳାରେ ୧୫ନଂ ଜୋନର ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ନାରଦ ବିଶ୍ୱାଳ, ସରୋଜିନୀ ଦାସ, ସୁକାନ୍ତ ରାଉତ, କିଶୋର ରାଉତ, କ୍ଷୀରୋଦ ରାଉତ, ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା, ଅନ୍ତର୍ଯ୍ୟାମୀ ନାୟକ, ହେମନ୍ତ ନାୟକ, କାଶୀନାଥ ମଲିକ, ମନୋସ୍ୱିନୀ ବିଶ୍ୱାଳ, କଳ୍ପତରୁ ନାୟକ, ପଦ୍ମନାଭ ନାୟକ, ସୁଦର୍ଶନ ବିହାରୀ ପ୍ରମୁଖ ଯୋଗ ଦେଇଥିଲେ। ରାମଚନ୍ଦ୍ର ସେଠୀ, ବାସନ୍ତୀ ସେଠୀ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ।

## ଭଉଁା ଟଙ୍କା କ୍ୟାସବୁକ୍‌କୁ ନେଇ ବିବାଦ
# ପିଇଓଙ୍କୁ ପିଟିଲେ ସରପଞ୍ଚଙ୍କ ସ୍ୱାମୀ

ମହାକାଳପଡ଼ା,୧୬।୩(ସମିସ): ଭତ୍ତା ଟଙ୍କା କ୍ୟାସବୁକ୍‌କୁ କେନ୍ଦ୍ର କରି ସରପଞ୍ଚଙ୍କ ସ୍ୱାମୀ ପଞ୍ଚାୟତର ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ମାଡ଼ ମାରିବା ସହ ଧମକ ଦେଇଥିବା ନେଇ ପିଇଓ ବିଡିଓଙ୍କ ନିକଟରେ ନ୍ୟାୟ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାଜଗଡ଼ ପଞ୍ଚାୟତର ପିଇଓ ମୃତ୍ୟୁଞ୍ଜୟ ରାଉତ ବିଡିଓଙ୍କୁ ଦେଇଥିବା ଅଭିଯୋଗ ଅନୁଯାୟୀ, ଗତ ମାସ ୧୬ ତାରିଖରେ ସେ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ସମୟରେ ସରପଞ୍ଚ ଶ୍ରୀମତୀ ମମତା ସାମଲଙ୍କ ସ୍ୱାମୀ ଅଶୋକ ମହାପାତ୍ର ପହଞ୍ଚି ତାଙ୍କୁ ଭତ୍ତା କ୍ୟାସ୍ ବୁକ୍ ମାଗିଥିଲେ। ଘରକୁ ସରକାରୀ କ୍ୟାସ୍ ବୁକ୍ କ'ଣ ପାଇଁ ନେବ ବୋଲି ପିଇଓ ଅଶୋକଙ୍କୁ ପ୍ରଶ୍ନ କରିବାରୁ ତାଙ୍କ ସ୍ତ୍ରୀ ସରପଞ୍ଚ, ତେଣୁ ସେ ଘରେ କ୍ୟାସ୍ ବୁକ୍ ଦେଖିଲା ପରେ ଦସ୍ତଖତ ଦେବ ବୋଲି କହିଥିଲେ। ସରକାରୀ କାଗଜପତ୍ର ଘରକୁ ଦିଆଯାଇପାରିବ ନାହିଁ ବୋଲି ମୃତ୍ୟୁଞ୍ଜୟ ତାଙ୍କୁ ମନା କରିବା ପରେ ସରପଞ୍ଚଙ୍କ ସ୍ୱାମୀ ବିରକ୍ତ ହୋଇ ପଳାଇଥିଲେ। ଏହି ଘଟଣାରେ ରାଗ ରଖି ଚଳିତ ମାସ ୧୨ ତାରିଖରେ ମୃତ୍ୟୁଞ୍ଜୟ ପଞ୍ଚାୟତ କାର୍ଯ୍ୟାଳୟରେ କାମ କରୁଥିବା ସମୟରେ ସରପଞ୍ଚଙ୍କ ସ୍ୱାମୀ ସରପଞ୍ଚଙ୍କୁ ସାଙ୍ଗରେ ଧରି ପଞ୍ଚାୟତ ଅଫିସରେ ପହଞ୍ଚି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଭତ୍ତା କ୍ୟାସ୍ ବୁକ୍ ମାଗିବା ସତ୍ତ୍ୱେ ନ ଦେଇ ବ୍ଲକରେ କାହିଁକି ଦାଖଲ କଲୁ ବୋଲି କହି ଧକ୍କା ମାରି, ସାର୍ଟ କଲରକୁ ଧରି ଟଣାଓଟରା କରିବା ସହ ବିଧା ଚାପୁଡ଼ା ମାରିଥିଲେ। ପିଇଓ କାର୍ଯ୍ୟାଳୟକୁ ଜଣାଇବା ପାଇଁ ଫୋନ କାଢ଼ିବା ବେଳେ ତାଙ୍କ ହାତରୁ ସେ ମୋବାଇଲ୍ ଛଡ଼ାଇ ତଳେ ଫୋପାଡି ଦେବାରୁ ତାଙ୍କ ମୋବାଇଲ୍ ଫାଟିଯାଇଥିବା ମଧ୍ୟ ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ପଞ୍ଚାୟତ ଉନ୍ନୟନ ଅଧିକାରୀ (ଜିପିଡିଓ)ଙ୍କୁ ବିଡିଓ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ବିଡିଓଙ୍କୁ ଅଭିଯୋଗ କଲେ ପିଇଓ

## ମା' ବୁଢ଼ୀ ଥାନପତିଙ୍କ ଦ୍ୱିତୀୟ ବାର୍ଷିକ ଯଜ୍ଞ

ପଟ୍ଟାମୁଣ୍ଡାଇ,୧୬।୩(ସମିସ): ବଡ଼ମୂଳବସନ୍ତ ପଞ୍ଚାୟତ ନସିପୁର ଗ୍ରାମର ଆରାଧ୍ୟା ମା' ବୁଢ଼ୀ ଥାନପତିଙ୍କ ମନ୍ଦିର ପରିସରରେ ଦ୍ୱିତୀୟ ବାର୍ଷିକ ତ୍ରିଦିନାତ୍ମକ ଯଜ୍ଞ ଓ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ଅଙ୍କୁରାରୋପଣ, ଶୁଭାଧିବାସ, କଳସ ଶୋଭାଯାତ୍ରା, ଗୋପୂଜା, ଭୂମିପୂଜା, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ମା'ଙ୍କ ଷୋଡ଼ଶ ଉପଚାର ପୂଜା, ଚଣ୍ଡୀପାଠ ଆଦି ଅନୁଷ୍ଠିତ ହୋଇଥିଲା। ଯଜ୍ଞର ପୂର୍ଣ୍ଣାହୁତି ପରେ ଦୁଇଦିନ ବ୍ୟାପି ଅଷ୍ଟପ୍ରହର ନାମଯଜ୍ଞ ଓ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ନସିପୁର ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

## କୁସୁନପୁରରେ ସିଏସ୍ଆଇଆର ସ୍ମାର୍ଟ ଗ୍ରାମ ପ୍ରୟାସର ଶୁଭାରମ୍ଭ

ରାଜନଗର/ କେନ୍ଦ୍ରାପଡ଼ା,୧୬।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ୍‌ର କୁସୁନପୁର ଗ୍ରାମରେ ଆଜି ସିଏସଆଇଆର ସ୍ମାର୍ଟ ଗ୍ରାମ ଏକ ପ୍ରୟାସର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବୈଜ୍ଞାନିକ ଓ ଶିଳ୍ପ ଗବେଷଣା ବିଭାଗ ସଚିବ ତଥା ସିଏସଆଇଆର ମହାନିର୍ଦ୍ଦେଶକ ଡକ୍ଟର ଏନ. କଲାଇସେଲଭି ଓ ଜିଲ୍ଲାପାଳ ରଘୁରାମ ଆର. ଆୟର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେଣ୍ଟ୍ରାଲ ବିଲ୍ଡିଂ ଇନ୍‌ଷ୍ଟିଚ୍ୟୁଟର ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ ରାମାନଚର୍ଲା, ଆଇଏମଏମଟିର ନିର୍ଦ୍ଦେଶକ ଡଃ ରାମାନୁଜ ନାରାୟଣ ଉପସ୍ଥିତ ଥିଲେ। ବାଲ୍ ରକ୍ଷା ଭାରତର ରାଷ୍ଟ୍ରୀୟ ମୁଖ୍ୟ ସନ୍ତାନୁ ଚକ୍ରବର୍ତ୍ତୀ, ନେଚର୍ସ କ୍ଲବ୍ ସମ୍ପାଦକ ମଧୁସ୍ମିତ ପତି




କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ୩ ବର୍ଷ ଯାଏଁ କାର୍ଯ୍ୟକାରୀ ହେବ। ସିଏସଆଇଆର ଅଧୀନରେ ଥିବା ଭାରତର ପ୍ରମୁଖ ବୈଜ୍ଞାନିକ ଅନୁସନ୍ଧାନ ସଂସ୍ଥା ନିଜର ସମସ୍ତ ଜ୍ଞାନ କୌଶଳ ପ୍ରୟୋଗ କରି ଗାଁକୁ ସ୍ମାର୍ଟ ଭିଲେଜରେ ପରିଣତ କରିବେ। ଜଳ, କୃଷି, ସୌରଶକ୍ତି, ବାଜ୍ୟବସ୍ତୁ ପରିଚାଳନା, ବାତ୍ୟା ପ୍ରତିରୋଧକ ଘର, ରାସ୍ତା, ଲୁଣା ଜଙ୍ଗଲ ଦିଗରେ ମିଳିତ ଭାବେ କାର୍ଯ୍ୟକ୍ରମ କରିବେ। ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଲଳିତ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା , ସମିତି ସଭ୍ୟା ସସ୍ମିତା ସ୍ୱାଇଁ, ଗାଁ ମୁରବି ବିଷ୍ଣୁ ଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ଅବସରରେ କୁସୁନପୁର ସ୍ମାର୍ଟ ଗ୍ରାମ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଡିପିଆର ଉନ୍ମୋଚନ ସହିତ ଗ୍ରାମରେ ନିୟୋଜିତ ହେବାକୁ ଥିବା ବିଭିନ୍ନ ସିଏସଆଇଆର ପ୍ରୟୋଗ ଶାଳାରୁ ପ୍ରସ୍ତାବିତ ପ୍ରଯୁକ୍ତି ବିଦ୍ୟା ପ୍ରଦର୍ଶନ କରାଯାଇଥିଲା।

## ଲୁଣାନଦୀରେ କୁମ୍ଭୀର, ଧରିବାକୁ ବନ ବିଭାଗର ପ୍ରୟାସ

ମହାକାଳପଡ଼ା, ୧୬।୩ (ସମିସ): ମାର୍ଶାଘାଇ ଥାନା ଅନ୍ତର୍ଗତ ଲୁଣାନଦୀର ବଡ଼କୂଳ ଅଞ୍ଚଳରେ ଦୁଇଟି କୁମ୍ଭୀର ବୁଲୁଥିବା ଦେଖାଯାଇଥିବାରୁ ଦଶମୌଜି ଅଞ୍ଚଳର ବଡ଼କୂଳ, କରଞ୍ଜି ଓ ଜୟଚନ୍ଦ୍ରପୁର ପଞ୍ଚାୟତର ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ବଡ଼କୂଳ ପଞ୍ଚାୟତ କାର୍ଯ୍ୟାଳୟ ସନ୍ନିକଟ ଷାଠିଏପଡା ବସ୍ତି ନିକଟରେ ଏହି ଦୁଇଟି କୁମ୍ଭୀର ପାଣିରେ ବୁଲୁଥିବା ଲୋକମାନେ ଦେଖି ନଦୀକୁ ଯିବାକୁ ଭୟ କରୁଛନ୍ତି। କୁମ୍ଭୀର ଦେଖାଯିବା ପରଠାରୁ ନଦୀ ସଂଲଗ୍ନ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଛି। ସ୍ନାନ ଓ ଶୌଚ ପାଇଁ ନଦୀକୁ ଯିବାକୁ ଲୋକେ ଭୟ କରୁଛନ୍ତି। ଏ ସମ୍ପର୍କରେ ସୂଚନା ପାଇ ଆଜି ଜମ୍ବୁ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୋଟିଏ କୁମ୍ଭୀର ବୁଲୁଥିବା ଦେଖିଥିଲେ। ଆସନ୍ତାକାଲି କୁମ୍ଭୀରକୁ ଧରିବା ପାଇଁ ପ୍ରୟାସ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବ୍ଲକ୍‌ସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା

ମହାକାଳପଡ଼ା,୧୬।୩ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାଜଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ କୈଳାସ ଦଳାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏବିଇଓ ବିଚିତ୍ରାନନ୍ଦ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭିନ୍ନକ୍ଷମ ପିଲା ଓ ସେମାନଙ୍କ ଅଭିଭାବକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ପ୍ରେରଣାଦାୟୀ ପରାମର୍ଶ ଦେଇଥିଲେ। ବ୍ଲକ ସମ୍ବଳ ଶିକ୍ଷକ ଶ୍ରୀଧର ଭୋଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଅଭୟକାନ୍ତ ରାଉତ, ସିଆରସିସି ନିଳେନ୍ଦ୍ରୀ ପାଇଟାଳ, ରାଜଗଡ ସରପଞ୍ଚ ମମତା ସାମଲ, ଶିକ୍ଷକ ନଟବର ସାହୁ, ରାଜେଶ ଜେନା, ବିଆରଟି ଗୀତାଞ୍ଜଳି ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପିଲାଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ଚିତ୍ରାଙ୍କନ, ମ୍ୟୁଜିକ ଚେୟାର, ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମଧୁସ୍ମିତା ମଲ୍ଲିକ, ସତୀଶ ରାଉତରାୟ, ଜୟନ୍ତୀ ଖଟୁଆ, ଅଜୟ ରାଉତ, ଚାମଲିନ ନାୟକ, ଅମୀୟବାଳା ବିଦ୍ୟାର୍ଥୀ, ସିପ୍ରା ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ସିଆରସିସି ଅଚ୍ୟୁତ ପୃଷ୍ଟି ଧନ୍ୟବାଦ ଦେଇଥିଲେ।




## ଖେଳ ପଡ଼ିଆରୁ ମାଟି ଉଠାକୁ ନେଇ ଚାପା ଉତ୍ତେଜନା
# ଜେସିବିକୁ ଅଟକ ରଖି କାମ ବନ୍ଦ କଲେ ଗ୍ରାମବାସୀ

ରାଜକନିକା,୧୬।୩(ସମିସ)



ଆଜି ଦେଉଳତରା ପଞ୍ଚାୟତ ମୁରାଦପୁର ମୌଜା ଗୋଚର (ଖେଳ ପଡ଼ିଆ)ରୁ ମାଟି ଖୋଲୁଥିବା ଏକ ଜେସିବିକୁ ଗ୍ରାମବାସୀ ଅଟକ ରଖି କାମ ବନ୍ଦ କରିଛନ୍ତି। କୌଣସି ଏକ କଲଭର୍ଟ ନିର୍ମାଣ"ନିମନ୍ତେ ଠିକାଦାର ଏଠାରୁ ମାଟି ଖୋଲି ନେଉଥିବା ଜାଣି ଦୁଇଦିନ ତଳେ ଗାଁ ଲୋକ ବନ୍ଦ କରିଥିବା ସତ୍ତ୍ୱେ ଆଜି ପୁନର୍ବାର ପଡ଼ିଆ ତାଡି ମାଟି ନେବା ବେଳେ ଗ୍ରାମବାସୀ ଅଟକାଇ ଥିଲେ। ଯାହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।

ସରକାରୀ ଜମିରୁ ମାଟି ବେଆଇନ ଭାବେ ଖୋଳାଯିବାକୁ ନେଇ ତହସିଲ, ଖଣି ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ"ମାର୍ଗଦର୍ଶିକା ରହିଛି। ଯାହାକୁ ପାଳନ କରିବା ବିଧେୟ। କେତେକ ଅମାନିଆ ଗାଡ଼ି ମାଲିକ ତାହାକୁ ନ ମାନି ନିଜ ମର୍ଜିରେ ମାଟି ବୋହୁଛନ୍ତି। ଦୁଇଦିନ ତଳେ ଗାଁମୁଣ୍ଡ ପଡ଼ିଆରୁ ମାଟି ଖୋଳାଯିବା ଦେଖି ଗ୍ରାମବାସୀ ବାରଣ କରିଥିଲେ। ପ୍ରାୟ ପଚାଶ ଟ୍ରାକ୍ଟର ମାଟି ଗୋଚର ଜମିରୁ ନେଇ ସାରିବା ପରେ ପୁନର୍ବାର ଆଉଏକ ପଡିଆରୁ ମାଟି ନେବା ବେଳେ ଗ୍ରାମବାସୀ ବନ୍ଦ କରିଥିଲେ। ଆଉ ମାଟି ନେବେ ନାହିଁ ବୋଲି ଜେସିବି, ଟ୍ରାକ୍ଟର ଫେରାଇ ନେଇଥିଲେ। ଆଜି ପୁଣି ମାଟି ନେବା ବେଳେ ଗ୍ରାମବାସୀ ପହଞ୍ଚି କ'ଣ ପାଇଁ ମାଟି ନେଉଛ କହି ଯୁକ୍ତିତର୍କ କରିଥିଲେ। ତେବେ ଦେଉଳତରା ସରପଞ୍ଚ ସଞ୍ଜୟ ପଣ୍ଡା ପହଞ୍ଚି ମାଟି ଖୋଳିବାକୁ ସେ କହିଛନ୍ତି ବୋଲି କହିବା ପରେ ଗ୍ରାମବାସୀ ଉତ୍ତେଜିତ ହୋଇଥିଲେ। କିଛି ସମୟ ପାଇଁ ସରପଞ୍ଚଙ୍କ ସହ ଉପସ୍ଥିତ ଲୋକେ ଯୁକ୍ତିତର୍କ କରି ତାଙ୍କର ଟିପ୍ପଣୀକୁ ନାପସନ୍ଦ କରିଥିଲେ। ପରେ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ମାଟି ଖୋଳା ବନ୍ଦ ହୋଇଥିଲା। ଏ ସମ୍ପର୍କରେ କନିକା ତହସିଲଦାର ଭାନୁମତୀ ମାଝୀଙ୍କୁ ପଚାରିବାରୁ ସେ କିଛି ଜାଣନ୍ତି ନାହିଁ କହିବା ସହ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ କରୁଣାକର ମଲିକ ଅବଗତ ନ ଥିବା କହିଥିଲେ। ତେବେ କାମ ବନ୍ଦ କରିବାକୁ ଆର୍‌ଆଇ ଘଟଣାସ୍ଥଳକୁ ଯିବେ ବୋଲି ତହସିଲଦାର କହିଥିଲେ। ଦୁଇ ରାଜସ୍ୱ ଅଧିକାରୀଙ୍କ ବିନା ଅନୁମତିରେ ସରକାରୀ ଗୋଚର ଅନାବାଦୀ ଜମିରୁ ବେଆଇନ ଭାବେ ମାଟି ଉଠାଣକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର,୧୬।୩(ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୯୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୫ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୪ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୯ଟି, ଆବାସ ଯୋଜନା ସମ୍ପର୍କୀୟ ୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୩ଟି, ଭତ୍ତା ପାଇବା ପାଇଁ ୫ଟି, ପୁଲିସ ସହାୟତା ପାଇବା ପାଇଁ ୭ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୧୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଜ୍ୟୋତିଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଜୀଙ୍କ୍ୟା ମାଣେ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ, ଜଗତସିଂହପୁର ଆଶୁତୋଷ ମିଶ୍ର, ତହସିଲଦାର, ଜଗତସିଂହପୁର ଅଜୟ କୁମାର ମହାନ୍ତି, ନିର୍ବାହୀ ଅଧିକାରୀ ଜଗତସିଂହପୁର ପୌର ପରିଷଦ ସୀମା ଜେନା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ।

**ମଣ୍ଡି ସମସ୍ୟା ଓ ମିଲର ରାଜ୍‌ର ବିରୋଧ**

# କୃଷକ ସଂଗଠନର ଅଭିନବ ପ୍ରତିବାଦ

ଜଗତସିଂହପୁର,୧୬।୩(ସମିସ)




ଧାନ ମଣ୍ଡିରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଏବଂ ମିଲର ରାଜ ପ୍ରତିବାଦରେ ନବନିର୍ମାଣ କୃଷକ ସଂଗଠନ ତରଫରୁ ଜଗତସିଂହପୁର ସହର ସ୍ଥିତ ଟାଉନ ହଲ୍ ଠାରୁ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଅର୍ଦ୍ଧ ଉଲଗ୍ନ ଶୋଭାଯାତ୍ରା କରାଯାଇଥିଲା। ମଣ୍ଡିରେ ଚାଷୀମାନଙ୍କୁ ନିର୍ଯାତନା ଦିଆଯାଉଛି। ସରକାର ମଣ୍ଡି ଖୋଲିବାରେ ୨୦ ଦିନ ବିଳମ୍ବ କରି ଚାଷୀମାନଙ୍କୁ ଅଭାବୀ ବିକ୍ରିର ଶିକାର ହେବା ପାଇଁ ବାଧ କରାଇଥିଲେ। ପୁଣି ମଣ୍ଡି ଖୋଲିବା ପରେ ମିଲର୍ ଦ୍ୱାରା ଚାଷୀମାନଙ୍କ ଠାରୁ କ୍ୱିଣ୍ଟାଲ ପିଛା ୫/୧୦ କେଜି ଧାନ ଠକି ନେଉଛନ୍ତି। ଚାଷୀମାନଙ୍କୁ ଏଫ୍‌ଏକ୍ୟୁ ନିୟମ ଦେଖାଇ ଭୟଭୀତ କରୁଛନ୍ତି। ଏହା ପରେ ମଧ୍ୟ ମଣ୍ଡିରେ ଧାନ କିଣାରେ ଅନିୟମିତତା କରୁଥିବାରୁ ଚାଷୀମାନେ ଆଶଙ୍କା ମଧ୍ୟରେ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୨୩ ହଜାରେ ଚାଷୀ ପ୍ରାୟ ୭ ଲକ୍ଷ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି କରି ପାରିନାହାଁନ୍ତି। ଆଉ ମାତ୍ର ୧୪ ଦିନ ପରେ ମଣ୍ଡି ବନ୍ଦ ହେଇଯିବ। ମଣ୍ଡିରେ ଚାଷୀ ଧାନ ବିକ୍ରି କରି ନପାରିଲେ କ୍ୱିଣ୍ଟାଲ ପିଛା ୧୫୦୦ ଟଙ୍କା କ୍ଷତିରେ ବେପାରୀଙ୍କୁ ଯଚେଇ ବେପାର କରିବାକୁ ବାଧ ହେବ। ଆଜିର ଏହି ଅଭିନବ ଆନ୍ଦୋଳନର ପ୍ରଭାବରେ ସତ୍ୟାଗ୍ରହ ସ୍ଥଳକୁ ଉପଜିଲ୍ଲାପାଳ, ଯୋଗାଣ ଅଧିକାରୀ, ସମବାୟ ସମିତି ଉପନିବନ୍ଧକ ଆସି ଚାଷୀମାନଙ୍କ ସହ ଆଲୋଚନା ପରେ ସତ୍ୟାଗ୍ରହ ସ୍ଥଗିତ ରଖାଯାଇଥିଲା। ଏହି ଆନ୍ଦୋଳନରେ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ରଶ୍ମିରଂଜନ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀ ପ୍ରସାଦ ମହାରଣା, ଜିଲ୍ଲା ସଂଯୋଜକ ଅଶୋକ ସ୍ୱାଇଁ, ରଘୁନାଥ ସ୍ୱାଇଁ, ଦୁର୍ଗାଚରଣ ସ୍ୱାଇଁ, ଅଶୋକ କୁମାର ସ୍ୱାଇଁ ପ୍ରଭୃତି ନେତୃମଣ୍ଡଳୀ ସାମିଲଥିଲେ।

## ଅଢ଼େଇକୁଳ ଗ୍ରାମରେ ବାଦିପାଲା

ରଘୁନାଥପୁର,୧୬।୩(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଅଢେଇକୁଳ ଗ୍ରାମରେ ବାଦିପାଲା ଚତୁର୍ଥ ଦିନରେ ଶେଷ ହୋଇଛି। ଗ୍ରାମ ଠାକୁରାଣୀ ମା' ରାମଚଣ୍ଡିଙ୍କ ପୀଠରେ ଚଳିତ ବର୍ଷ ବାଲେଶ୍ୱରର ବ୍ୟାସପୁତ୍ର ଯୁବ ଗାୟକ ଚନ୍ଦ୍ରଶେଖର ପାଢୀ ଓ କଟକ ଜିଲ୍ଲାରୁ ଆସିଥିବା ଗାୟକ ବିଶାରଦ ସଚ୍ଚିଦାନନ୍ଦ ଦାସ ପାଲା ପରିବେଷଣ କରିଥିଲେ। ଏହି ବାଦିପାଲା ଦେଖିବା ପାଇଁ ସାଦେଇପୁର, କୋଟକଣା, ନୂଆପଲେଇ, ବଡ଼କୋରକୋର, ସାନକୋରକୋର, ଖରଦାସାହି, ପଣ୍ଡାଛକ, ତଅଁରା, ରେଢୁଆ ଓ ଗୁଆଳିପୁର ଆଦି ଅଞ୍ଚଳରୁ ବହୁ ଦର୍ଶକ ଯୋଗଦେଇଥିଲେ। ଏହି ବାଦିପାଲା ପରିଚାଳନାରେ ଗ୍ରାମର ଅଶୋକ କୁମାର ବେହେରାଙ୍କ ସହିତ ରବୀନ୍ଦ୍ର ବାରିକ, ଅଜିତ ସାହୁ, ବିରଞ୍ଚି ମହାନ୍ତି, ଶକ୍ତି ପଣ୍ଡା, ତପନ ବାରିକ, ଶିବ ପ୍ରସାଦ ଦାସ, ସମୀର ବାରିକ, ସୁବାସ ବିହାରୀ, ପ୍ରଭାକର ରାଉତ ଓ ଦିଲୀପ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଅଢେଇକୁଳ ସରପଞ୍ଚ ରିନା ସ୍ୱାଇଁ ଓ ସମିତି ସଭ୍ୟା ମିତାଞ୍ଜଳୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଉଲ୍ଲାସ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ

ନାଉଗାଁ,୧୬।୩(ସମିସ): ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ପ୍ରଣୀତ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଉଲ୍ଲାସ) ନାଉଗାଁ ବ୍ଲକରେ ସଫଳତାର ସହ ସମ୍ପାଦନା କରାଯାଇଛି। ମଣ୍ଡଳ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରେ ପାଞ୍ଚ ଶହ ପଚାଶରୁ ଉର୍ଦ୍ଧ ବୟସ୍କ ଶିକ୍ଷ୍ୟାର୍ଥୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଆକଳନରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଓ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ପରିଚାଳନା କରିଥିବା ବେଳେ ପରୀକ୍ଷା କେନ୍ଦ୍ର ଗୁଡିକୁ ମଣ୍ଡଳ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ପଣ୍ଡା ତଦାରଖ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ପାରାଦୀପ,୧୬।୩(ସମିସ): ପାରାଦୀପ ଉପକଣ୍ଠ ୧୫ନମ୍ବର ଗଡ଼ା ପୂର୍ବରୁ ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଯାଇଛି। ତେବେ ଯୁବକ ଜଣକଙ୍କର ପରିଚୟ ମିଳିପାରିନାହିଁ। ସେ କଟକରୁ ପାରାଦୀପ ଆଡକୁ ଆସୁଥିଲେ। ତାଙ୍କ ବାଇକ୍‌ର ନମ୍ବର ହେଲା ଓଡି୧୪ୱାଇ୮୮୦୩। ଯୁବକ ଜଣଙ୍କ ଏକ ପଥରରେ ବାଇକ୍‌ଟିକୁ ମାଡ଼ କରି ରାସ୍ତାରେ କଚାଡ଼ି ହୋଇ ଛିଟିକି ପଡ଼ିଥିଲେ। ତେବେ ଖବର ପାଇ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ ଓ ତାଙ୍କ ସହଯୋଗୀ ଘଟଣାସ୍ଥଳରେ ପହଞ୍ଚି ଯୁବକକୁ ସ୍ଥାନୀୟ କୁଜଙ୍ଗ ମେଡିକାଲ ନେଇଛନ୍ତି।

## ମୁକ୍ତମଞ୍ଚ ନାଟକ ମହୋତ୍ସବ ଏପ୍ରିଲ ୨୦ରୁ

କୁଜଙ୍ଗ,୧୬।୩(ସମିସ): କୁଜଙ୍ଗ ବ୍ଲକ୍ କାଳିଆପାଟ ହାପି କ୍ଲବ ପକ୍ଷରୁ ଅଷ୍ଟମ ବାର୍ଷିକ ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପାଇଁ ଆଜି ଲଟେରୀ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କ୍ଲବ ପରିସରରେ ଅନୁଷ୍ଠିତ ଏହି ସମାବେଶରେ ଶିକ୍ଷାବିତ୍ ପ୍ରଦୀପ କୁମାର ରାଉତଙ୍କ ସଂଯୋଜନାରେ କ୍ଲବ୍ ସଭାପତି ବାବସ ରାଉତ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସନ୍ତା ଅପ୍ରେଲ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୫ ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ପ୍ରକାଶ କରାଯାଇଥିଲା। ଉପସଭାପତି ରାମଚନ୍ଦ୍ର ଦଳାଇ, ସମ୍ପାଦକ ସର୍ବେଶ୍ୱର ପରିଡା, ସୁଦାମ ଚରଣ ବେହେରା, ଉପଦେଷ୍ଟା କ୍ଷୀରୋଦ ଚନ୍ଦ୍ର ଦଳାଇ, ଉପେନ୍ଦ୍ର ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମ ରାତ୍ରିରେ ଏପ୍ରିଲ ୨୦ରେ ଓମଶ୍ରୀ ଗାଦୀ ମହାପୁରୁଷ କଳା ସଂସଦ, ଆଠାଟିଆ କେନ୍ଦ୍ରାପଡା ପକ୍ଷରୁ ନାଟକ 'ହା କୃଷ୍ଣ ବୋଲି ଯାଉ ଜୀବ', ୨୧ରେ ଦ୍ୱିତୀୟ ରଜନୀରେ ଆମ ନାଟକ ଭୁବନେଶ୍ୱର ପକ୍ଷରୁ 'ଦିଅଁ ପୂଜିବାକୁ ଦେଉଳ ମନା', ତୃତୀୟ ରଜନୀରେ ବିନାୟକ ନାଟ୍ୟ ସଂସଦ, ଜଗତପୁର, ଯାଜପୁର ପକ୍ଷରୁ 'କାନ୍ଦେନା ଲୁହ ସରିଯିବ', ଚତୁର୍ଥ ରଜନୀରେ ମା' ବନଦୁର୍ଗା କ୍ଲବ ଆମ କଳା ଆମ ସଂସ୍କୃତି, ନୂଆ ବାଲିସାହି 'ଏ ଆଖି କାନ୍ଦୁଚି ତୋରି ପାଇଁ', ଅନ୍ତିମ ରଜନୀରେ ମା' ନାରାୟଣୀ ନାଟ୍ୟ ରାଢଙ୍ଗ, ଜଗତସିଂହପୁର ପକ୍ଷରୁ 'ଏ ସମ୍ପର୍କର ଶେଷ ନାହିଁ' ନାଟକ ମଞ୍ଚସ୍ଥ ହେବ ବୋଲି ଆଜିର ଲଟେରୀରୁ ସ୍ପଷ୍ଟ ହୋଇଥିଲା। ଶିକ୍ଷାବିତ୍ ପ୍ରଦୀପ ରାଉତ ମଞ୍ଚ ପରିଚାଳନା କରିଥିଲେ।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ



ବାଲିକୁଦା,୧୬।୩(ସମିସ): ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବାଲିକୁଦାର ବିଭିନ୍ନ ପ୍ରାଥମିକ ସ୍ୱାସ୍ଥକେନ୍ଦ୍ରରେ କାର୍ଯ୍ୟରତ ଥିବା ଆଉଟସୋର୍ସି କର୍ମଚାରୀମାନଙ୍କ ପକ୍ଷରୁ ୩ ଦଫା ଦାବି ପୂରଣ ଦାବିରେ ମେଡିକାଲ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଫଳରେ ରୋଗୀମାନେ ନିଜର ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରିବାକୁ ଆସି ନାନାଦି ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହି ସମୟରେ ମେଡିକାଲରେ ଏକପ୍ରକାର ଅଚଳାବସ୍ଥା ଜାରି ହୋଇଥିଲା। ମେଡିକାଲ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ହୋଇଥିବା କାରଣରୁ ରୋଗୀଙ୍କ ସେବା ଉଦ୍ଦେଶ୍ୟରେ ସେମାନେ ୯.୩୦ ମିନିଟ ସମୟରୁ ୧୧. ୩୦ ମିନିଟ ପର୍ଯ୍ୟନ୍ତ ସେବା ଯୋଗାଇ ଦେବା ପରେ ତାଙ୍କ ଆନ୍ଦୋଳନ ଜାରି ରଖିଛନ୍ତି। ସରକାର ଏହି ଗୁହାରି ସମାଧାନ ନ କରିବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ଆନ୍ଦୋଳନରତ ପୀତବାସ ସେନାପତି, ଭାଗବତ ଭୋଳ, ଶୀତେନ୍ଦ୍ର ସ୍ୱାଇଁ, ଭ୍ରମରବର ଜେନା, ସସ୍ମିତା ବେହେରା, ଜୟକୃଷ୍ଣ ସେଠୀ, ନାରାୟଣ ସେନାପତି, ସୋମନାଥ ପତି, ପଙ୍କଜ ନାୟକ, ସନ୍ଧ୍ୟାରାଣୀ ମଲିକ, ଲିଙ୍କନ ଖୁଣ୍ଟିଆ, ହିମାଂଶୁ ଦାସ ପ୍ରମୁଖ। ଏନେଇ ବାଲିକୁଦା ମେଡିକାଲ ମୁଖ୍ୟ ସାଫଲ୍ୟ ଜେନା କହିଛନ୍ତି ସେମାନଙ୍କ ଆନ୍ଦୋଳନ ଯୋଗୁଁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଥିବା ବେଳେ ରୋଗୀ ଅସୁବିଧା ଭୋଗୁଛନ୍ତି। ତେବେ ସେମାନଙ୍କ ସମସ୍ୟାର ସମାଧାନ ଆମ ପାଖରେ ନାହିଁ ଏଣୁ ସେମାନଙ୍କୁ କାର୍ଯ୍ୟରେ ନିୟମିତ ସହଯୋଗ କରିବା ପାଇଁ ପରାମର୍ଶ ଦେଇଛି।

## ନିତ୍ୟାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ପ୍ରଶିକ୍ଷଣ

କୁଜଙ୍ଗ,୧୬।୩(ସମିସ): ଡିଙ୍କିଆ ପଞ୍ଚାୟତ ନିତ୍ୟାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତ୍ରିଲୋଚନପୁରରେ ନୂତନ ଭାବେ କୁଜଙ୍ଗ ବ୍ଲକ ଓ ଏରସମା ବ୍ଲକର ସ୍ମାର୍ଟ କ୍ଲାସ୍ ଯୋଗାଇ ଦିଆଯାଇଥିବା ୧୧ଟି ସ୍କୁଲ୍‌ର ୨୨ ଜଣ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି ଦୁଇଦିନିଆ ପ୍ରଶିକ୍ଷଣ ଶିବିରକୁ କୁଞ୍ଜବିହାରୀ କ୍ଲଷ୍ଟର ସିଆର୍‌ସିସି ଶେଷଦେବ ସ୍ୱାଇଁ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସ୍କୁଲର ସଭାପତି ସୁବ୍ରତ କୁମାର ରାଉତ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ବିକ୍ରମଜିତ୍ ସାମନ୍ତରାୟ ଅତିଥି ରୂପେ ଯୋଗଦେଇ ଥିବା ବେଳେ ଆଇଓସିଏଲ ସିଏସଆର୍‌ର ଏଡିସିଏଲ୍ ତତଫରୁ ରାଜ୍ୟ ମୁଖ୍ୟ ଅଭିଷେକ ପଟ୍ଟନାୟକ, ସୁକାନ୍ତ ସ୍ୱାଇଁ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନିତ୍ୟାନନ୍ଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତ୍ରିଲୋଚନପୁର ପ୍ରଧାନଶିକ୍ଷକ ମିହିର କୁମାର ଦାଶ ଅଧ୍ୟକ୍ଷତା କରିଥିବା ବେଳେ ନିର୍ଭୟ କୁମାର ସ୍ୱାଇଁ ଓ ସାରଦା ପ୍ରସାଦ ନାୟକ ପ୍ରମୁଖ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଆଇଓସିଏଲ ସିଏସ୍‌ଆର୍ ଅଧୀନ ଏହି ଜ୍ଞାନଦୋୟ ପ୍ରଶିକ୍ଷଣରେ ଏହା ୨ୟ ପର୍ଯ୍ୟାୟ ଓ ଉପକୂଳ ଅଞ୍ଚଳରେ ଶିକ୍ଷାର ଭିତ୍ତିଭୂମି ବଢ଼ାଇବା ବିଶେଷ ସହାୟକ ହେବ ବୋଲି ମୁଖ୍ୟ ଅତିଥି ଶିକ୍ଷାବିତ୍ ଶେଷଦେବ ସ୍ୱାଇଁ କହିଥିଲେ।

## ଉଲ୍ଲାସରେ ୨୮ଟା କେନ୍ଦ୍ର ୨୩୨୨ ପରୀକ୍ଷାର୍ଥୀ

କୁଜଙ୍ଗ,୧୬।୩(ସମିସ): ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ଯୋଜନାରେ ପଞ୍ଜୀକରଣ କରୁଥିବା ବ୍ୟକ୍ତିମାନେ କୁଜଙ୍ଗ ବ୍ଲକରେ ମୋଟ ୨୮ଟି ପରୀକ୍ଷା କେନ୍ଦ୍ରରେ ୨୩୨୨ଜଣ ପରୀକ୍ଷା ଦେବା ସହ ସରକାରଙ୍କ ଏହି ଯୋଜନା ସାମିଲି ହୋଇଛନ୍ତି। ବିଭିନ୍ନ ପରୀକ୍ଷା କେନ୍ଦ୍ରରେ କୁଜଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ମନୋଜ କୁମାର ବେହେରା, ସହ ମଣ୍ଡଳ ଶିକ୍ଷା ଅଧିକାରୀ ମନୋରଞ୍ଜନ ମଙ୍ଗରାଜ ଓ ପ୍ରତିମା ସୂତାରଙ୍କ ସହ ସମସ୍ତ ସିଆର୍‌ସିସି ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଦେଖିବା ସହ ଉଲ୍ଲାସ ଯୋଜନାରେ ସାମିଲ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ଉତ୍ସାହିତ କରିଥିଲେ। ୧୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଶେଷ ଯେଉଁମାନେ କୌଣସି କାରଣରୁ ପାରମ୍ପରିକ ସ୍କୁଲ୍ ଶିକ୍ଷାରୁ ବଞ୍ଚିତ କିମ୍ବା ଅନ୍ୟାନ୍ୟ କାରଣରୁ ମୌଳିକ ଶିକ୍ଷା ବିଶେଷ କରି ପଢ଼ିବା ଲେଖିବା, ସଂଖ୍ୟା, ଆଦି ଜାଣିବା ସହ ଶିକ୍ଷା ଏକ ଜୀବନ ବ୍ୟାପୀ ସବୁ ସମାଜ ପାଇଁ କାର୍ଯ୍ୟକ୍ରମ ହୋଇ ଥିବା ବେଳେ ନୂଆ ଶିକ୍ଷା ନୀତି୨୦୨୦ରେ ଏହା ପ୍ରମୁଖ ଲକ୍ଷ ରଖା ଯାଇଛି।

## ଶିଶୁ ସାହିତ୍ୟିକ ଉଦୟନାଥ ଷଡ଼ଙ୍ଗୀଙ୍କ ଜୟନ୍ତୀ



ଜଗତସିଂହପୁର,୧୬/୩(ସମିସ): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଜିଲ୍ଲାର ଖ୍ୟାତନାମା ଶିଶୁ ସାହିତ୍ୟିକ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଉଦୟନାଥ ଷଡ଼ଙ୍ଗୀଙ୍କ ୧୨୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ସ୍ଥାନୀୟ ସିପିଛକ ସ୍ଥିତ ଉଦୟନାଥ ଷଡ଼ଙ୍ଗୀଙ୍କ ପ୍ରତିମର୍ତ୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ଷଡ଼ଙ୍ଗୀଙ୍କ ନାତି ଅଭୟ ଷଡ଼ଙ୍ଗୀ, ପ୍ରଭାତ ରଞ୍ଜନ ରାଉତ, ଦୁର୍ଗାଚରଣ ମହାନ୍ତି, କ୍ଷେତ୍ରମୋହନ ସ୍ୱାଇଁ ଓ ଛାତ୍ରୀ ନିହାରିକା ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ମାନସିକ ସ୍ୱାସ୍ଥ୍ୟ ସଚେତନତା ପାଇଁ ପଥପ୍ରାନ୍ତ ନାଟକ



ପାରାଦୀପ,୧୬।୩(ସମିସ): ଗୋପିଆକୁଦ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଅଧୀନରେ ଗୋପିଆକୁଦ ଗ୍ରାମରେ ମାନସିକ ସ୍ୱାସ୍ଥ୍ୟ ସଚେତନତା ନିମନ୍ତେ ଏକ ପଥପ୍ରାନ୍ତ୍ ନାଟକ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡା. କିରଣବାଳା ଜେନା (ମେଡିକାଲ ଅଫିସର), ଜୟଶ୍ରୀ ଦାସ (ସିଏଚଓ), ସରୋଜିନୀ ଏକ୍କା (ଏଏନଏମ) ସହ ଆଶା ଓ ଅଙ୍ଗନବାଡ଼ି କର୍ମୀମାନେ ଏବଂ କିମ୍‌ସ-ଆଇସିଏମଆର କନ୍ଭର୍ଜେନ୍ସ ପ୍ରକଳ୍ପର କର୍ମଚାରୀମାନେ ଉପସ୍ଥିତ ଥିଲେ। ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରାମବାସୀଙ୍କୁ ମାନସିକ ରୋଗର ଲକ୍ଷଣ, ସମୟମତେ ଚିକିତ୍ସାର ଆବଶ୍ୟକତା ଓ ସରକାରୀ ସ୍ୱାସ୍ଥ୍ୟ ସୁବିଧା ବିଷୟରେ ସଚେତନ କରାଯାଇଥିଲା। ସେଥିସହିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଉପଲବ୍ଧ ୧୨ଟି ସ୍ୱାସ୍ଥ୍ୟ ସେବା ପ୍ୟାକେଜ ବିଷୟରେ ମଧ୍ୟ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିଲା। ବହୁ ସଂଖ୍ୟକ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଚେତନତା ଅଭିଯାନକୁ ସ୍ୱାଗତ କରିଥିଲେ।

## ତିର୍ତ୍ତୋଲରେ ଉପଭୋକ୍ତା ଦିବସ

ତିର୍ତ୍ତୋଲ,୧୬।୩(ସମିସ): ଓଡିଶା ଉପଭୋକ୍ତା ସଙ୍ଘ କଟକ ଆନୁକୂଲ୍ୟରେ ଓ ଆଞ୍ଚଳିକ ଖାଉଟି ସୁରକ୍ଷା ସଂଘ ଲଥାଙ୍ଗର ସଭାପତି ସ୍ନେହମୟୀ ଆଚାର୍ଯ୍ୟଙ୍କ ଆବାହକତ୍ୱରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭା ଓଡ଼ିଶା ଉପଭୋକ୍ତା ସଙ୍ଘ କଟକର ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଉପସଭାପତି ବିଚିତ୍ରାନନ୍ଦ ସାମଲ, ସାଧାରଣସମ୍ପାଦକ ପ୍ରଶାନ୍ତ କୁମାର ଜେନା, ଜଗତସିଂହପୁର ଡିସିଡିଆରସି, ସଭାପତି ପ୍ରଭାତ କୁମାର ପାଢ଼ୀ ଓ ସଦସ୍ୟା ମଧୁସ୍ମିତା ସ୍ୱାଇଁ, ବରିଷ୍ଠ ଆଇନଜୀବୀ ଓମପ୍ରକାଶ ଦାସ, ଆଇନୀଜୀବୀ ଟୁକୁନ ସେଠୀ, ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ଉପସଭାପତି ଶରତ କୁମାର ଦାଶ, ସାଧାରଣ ସମ୍ପାଦକ ବିବେକାନନ୍ଦ ହୋତା, ମହିଳା ଶାଖାର ସଭାପତି ସ୍ନେହମୟୀ ଆଚାର୍ଯ୍ୟ ପ୍ରମୁଖ ସ୍ୱତନ୍ତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପଣ୍ଡିତ ଡ. ସିଦ୍ଧେଶ୍ୱର ପଣ୍ଡା ମଞ୍ଚ ସଂଚାଳନ କରିଥିଲେ। ଉଲ୍ଲେଖ ନୀୟ କାର୍ଯ୍ୟ ପାଇଁ ପ୍ରାକ୍ତନ ମୁଖ୍ୟଯନ୍ତ୍ରୀ ବିରଞ୍ଚିନାରାୟଣ ମିଶ୍ର ଓ ଅଙ୍ଗନବାଡ଼ି କର୍ମୀ କବିତା ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଭୋକ୍ତା କର୍ମୀ ରଶ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଧାଂଶୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାଲିକୁଦା,୧୬।୩(ସମିସ): ମା' ବଟମଙ୍ଗଳା କ୍ରିକେଟ କ୍ଲବ ନୂଆଗାଁ ଆନୁକୂଲ୍ୟରେ ଆୟୋଜିତ ୧୮ତମ ବାର୍ଷିକ ସୁଧାଂଶୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗ୍ରାମର ରାଧିକା ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଟସ୍ ଜିତି ମାତୃଶକ୍ତି କ୍ରିକେଟ କ୍ଲବ୍ ଦଶବାଟିଆ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୫୪ ରନ ସ୍କୋର ସଂଗ୍ରହ କରିଥିଲା। ଏହାର ଜବାବରେ ମା' ଶାରଳା ସ୍ପୋର୍ଟିଂ କ୍ଲବ ନଳରା ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୩୬ କରି ପରାଜିତ ହୋଇଥିଲା। ଫଳରେ ଦଶବାଟିଆ କ୍ରିକେଟ କ୍ଲବ ଚାମ୍ପିଅନ ହୋଇଥିଲା। ମ୍ୟାଚରେ ଅମ୍ପେୟାର ଭାବେ ରମାକାନ୍ତ ବିଶ୍ୱାଳ ଓ ଦିନେଶ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରିଂରେ ବିକ୍ରମ ବାରିକ, ସଂଗ୍ରାମ ପୁହାଣ ଓ ଶେଖର ଦାସ ସହଯୋଗ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ରାହୁଲ ବେହେରା ବିବେଚିତ ହୋଇଥିବା ବେଳେ ମ୍ୟାନ ଅଫ ଦି ସିରିଜ ଆକାଶ ମହାନ୍ତି ବିବେଚିତ ହୋଇଥିଲେ। ଏହି ଅବସରରେ କବି ପ୍ରଶାନ୍ତ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ କ୍ଲବ ମ୍ୟାନେଜର କାଳନ୍ଦୀ ନାୟକ, ଶିକ୍ଷାବିତ୍ ପବିତ୍ର କୁମାର ସ୍ୱାଇଁ, ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳ, ସଭାପତି ନିହାର ରଞ୍ଜନ ରାଉତ, କୋଷାଧ୍ୟକ୍ଷ ପ୍ରିତୀମୟ ସ୍ୱାଇଁ, ସାଇ ରାଉତ ଯୋଗ ଦେଇ ଉଭୟ ଚାମ୍ପିଅନ ଓ ରନର୍ସ ଅପ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସେନା ଅଧିକାରୀ ଶରତ ଚନ୍ଦ୍ର ସ୍ୱାଇଁ, ଅବସରପ୍ରାପ୍ତ କର୍ମଚାରୀ ବିପିନ ମଲିକ, ରାଜକିଶୋର ନାୟକ, ସୁଦର୍ଶନ ରାଉତ, ଜୟରାମ ରାଉତ, ପ୍ରମୋଦ ଦାସ, ରବୀନ୍ଦ୍ର ବାରିକ, ଧର୍ମାନନ୍ଦ ଜେନା, ବିଚିତ୍ରାନନ୍ଦ ମଲିକ, କୈବଲ୍ୟ ବିଶ୍ୱାଳ, ନନ୍ଦ ରାଉତ, ନରେନ୍ଦ୍ର ପୁହାଣ, ଯୋଗେନ୍ଦ୍ର ପଳାଉରୀ, ଦୁର୍ଯ୍ୟୋଧନ ଗୋଛାୟତ, ରଞ୍ଜନ ପୁହାଣ, ହରି ପୁହାଣ, ଶିବ ପୁହାଣ, ସଦାନନ୍ଦ ବାରିକ, ସରୋଜ ବାରିକ, ଦିବାକର ସ୍ୱାଇଁ, ମନୋଜ ବାରିକ, ମାନସ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିବାରେ କ୍ଲବର ସମସ୍ତ ସଦସ୍ୟ ଓ ନୂଆଗାଁ ଗ୍ରାମବାସୀ ସହଯୋଗ ପ୍ରଦାନ କରିଥିଲେ।

# ବାଲିଘରର ୩୬ ତମ ବାର୍ଷିକୋତ୍ସବ

ତିର୍ତ୍ତୋଲ,୧୬।୩(ସମିସ)



ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ, ବାଲିଘର ଫାଉଣ୍ଡେସନ, ବାଲିଘର ଶିଶୁ କିଶୋର ସାହିତ୍ୟ ପତ୍ରିକା ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ବାଲିଘରର ୩୬ ତମ ବାର୍ଷିକୋତ୍ସବ ତିର୍ତ୍ତୋଲ ବ୍ଲକ୍ ତେନ୍ତୁଳିପଦା ସ୍ଥିତ ସାରଳା ଦାସଙ୍କ ସାଧନାପୀଠ ମୁନିଗୋସେଇଁ ମଠ, ଆଦିକବି ଭବନ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସ୍ଥାୟୀ ସଭାପତି ଅଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ଆଦିକନ୍ଦ ସାହୁ, ମୁଖ୍ୟବକ୍ତା ପ୍ରଫେସର ଡ. ନିତ୍ୟାନନ୍ଦ ସାହୁ, ଅନ୍ୟତମ ଅତିଥି ପ୍ରଫେସର ଡ. ଅଦୈତ ଚରଣ ପାତ୍ର, ମେଜର ଡ. ସୁମିତ୍ରା ମିଶ୍ର, ଅଧ୍ୟାପିକା ଡ. ସରୋଜିନୀ ପାଣି ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ଶ୍ରେଷ୍ଠ ସମ୍ମାନ ବାଲିଘର ସାହିତ୍ୟ ସମ୍ମାନ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା ବେଳେ ବାଲିଘର କବିତା ସମ୍ମାନ ଧନଞ୍ଜୟ ସ୍ୱାଇଁ, ଶିଶୁ ସାହିତ୍ୟ ସମ୍ମାନ କୁଞ୍ଜବିହାରୀ ସାହୁ, ପ୍ରବନ୍ଧ ସମ୍ମାନ ଡ. ଅଦୈତ ଚରଣ ପାତ୍ର, ଉପନ୍ୟାସ ସମ୍ମାନ ସତ୍ୟାବତୀ ସ୍ୱାଇଁ, ଗୀତି କବିତା ସମ୍ମାନ ଇଂ. ତୋଫାନ ଜେନା, ସମାଜସେବା ସମ୍ମାନ ରାଜରତନ ସିଂହ ଓ ଯୁବପ୍ରତିଭା ସମ୍ମାନ ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ ଓ ବାଲିଘର ସମ୍ମାନ ଡ. ଗଙ୍ଗାଧର ମିଶ୍ର, ଡ. ବିଷ୍ଣୁପ୍ରିୟା ଦାସ, ଭଗବାନ ସାହୁ, ପ୍ରେମାନନ୍ଦ ଖଣ୍ଡୁଆଳ, ବୈଜୟନ୍ତୀ ସାହୁ ଓ ଡ. ପ୍ରତାପ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବାଲିଘର ବାର୍ଷିକ ସଂଖ୍ୟା, ବାର୍ଷିକ କାର୍ଯ୍ୟକ୍ରମର ପୁସ୍ତିକା ଓ ଡ. ଗଙ୍ଗାଧର ମିଶ୍ରଙ୍କ ଇଂରାଜୀ ଅନୁବାଦ ପୁସ୍ତକ 'ଉତ୍ତର ରାମଚରିତ' ଉନ୍ମୋଚିତ ହୋଇଥିଲା। ପ୍ରଥମ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ସଭାରେ କବି ଉମାକାନ୍ତ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ଶଶୀଶେଖର ମହାପାତ୍ର ଯୋଗଦେଇଥିବା ବେଳେ ଅତିଥି ଭାବେ କବି ଗୋଲୋକ ବିହାରୀ ପଲାଇ, ବିଜୟ କୁମାର ଖଟେଇ ଓ ସମାଜସେବୀ ନିର୍ଲିପ୍ତ କୁମାର ଜେନା ଯୋଗଦେଇଥିଲେ। କବିତା ସଂଯୋଜନା କରିଥିଲେ ଆରତି ଦାସ ଓ ସବିତା ନାୟକ। ଏହି ଦିବସବ୍ୟାପି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ କେଶରୀ ସ୍ୱାଇଁ ପରିଚାଳନା କରିଥିଲେ। ସହଯୋଗ କରିଥିଲେ ଆଶୀଷ ପରିଜା ଓ ପ୍ରଭାତ କୁମାର ପରିଜା। ସଂପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ କବି ପ୍ରସନ୍ନ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନସେବା କେନ୍ଦ୍ର ଉଦ୍‌ଘାଟିତ



ପାରାଦୀପ,୧୬।୩(ସମିସ): ପାରାଦୀପ ଗଡ଼ ପଞ୍ଚାୟତ ଅଧୀନ ଚୂନ ବେଲାରୀ ଛକ ନିକଟରେ "ବନ୍ଦନା' ଜନସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇ ଜନସେବା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଜନସେବା କେନ୍ଦ୍ର ପାରାଦୀପ ଗଡ, ନୂଆଗଡ, ବିଶ୍ୱାଳି ଓ ଭୂତମୁଣ୍ଡାଇ ପଞ୍ଚାୟତର ଜନ ସାଧାରଣଙ୍କ ସେବା କାର୍ଯ୍ୟରେ ଆସିପାରିବ ବୋଲି ଶ୍ରୀ ବେହେରା କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଚନ୍ଦ୍ରଶେଖର ଚୌଧୂରୀ, ବିଚିତ୍ର ପ୍ରଧାନ, ୱାଡର୍ ସଭ୍ୟ ସଚ୍ଚିଦାନନ୍ଦ ମହାପାତ୍ର, ଅଙ୍ଗନବାଡ଼ି କର୍ମୀ ପୂଜାରାଣୀ ସୁତାର, ଲିପି ମହାପାତ୍ର, ଶିକ୍ଷୟତ୍ରୀ ଯଶୋମନ୍ତି ଜେନା, ରବୀନ୍ଦ୍ର ସାହୁ, ଉର୍ମିଳା ମହାରଣା, ଅବନ୍ତୀ ମହାପାତ୍ର, ପ୍ରଭାତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜନସେବା କେନ୍ଦ୍ରର ପରିଚାଳକ ତପନ କୁମାର ମହାପାତ୍ର ଧନ୍ୟବାଦ୍ ଦେଇଥିଲେ।

## ରାମନବମୀ ଉପଲକ୍ଷେ ଶ୍ରୀରାମ ସେନାର ସାମ୍ବାଦିକ ସମ୍ମିଳନୀ

ସୋର,୧୬।୩ (ସମିସ): ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀରାମ ନବମୀ ପାଳନ ଉପଲକ୍ଷେ ସୋର ଶ୍ରୀରାମ ସେନା ତରଫରୁ ଷ୍ଟେସନ ଛକ ସ୍ଥିତ ହୋଟେଲ ରୟାଲ ସଭା ଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ସଭାପତି ପ୍ରହ୍ଲାଦ ସାହୁ, ସମ୍ପାଦକ ମନିଷ ଗୁପ୍ତା ଏବଂ ଉପସଭାପତି ମନୋରଂଜନ ଧଡ଼ା ଉପସ୍ଥିତ ରହି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ। ଏଥର ନୂତନ ଭାବେ ବାଲ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରାକୁ ସ୍ଥାନିତ କରାଯାଇଥିବା ସୂଚନା ଦିଆଯାଇଛି। ଚଳିତ ବର୍ଷ ୧୯ ମାର୍ଚ୍ଚରେ ମହିଳା କଳସ ଶୋଭାଯାତ୍ରା, ୨୧ ତାରିଖରେ ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ, ୨୨ ତାରିଖରେ ରକ୍ତଦାନ ଶିବିର, ୨୩ ତାରିଖରେ ଛୋଟ ପିଲାଙ୍କୁ ନେଇ ବାଲ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରା, ୨୪ ତାରିଖରେ ବିଭିନ୍ନ ସ୍ଥାନରେ ସାମୁହିକ ହନୁମାନ ଚାଳିଶା ପାଠ, ୨୫ ତାରିଖରେ ମହିଳା ସ୍କୁଟି ଶୋଭାଯାତ୍ରା, ୨୬ ତାରିଖରେ ପୁରୁଷ ବାଇକ ଶୋଭାଯାତ୍ରା ଏବଂ ୨୭ ତାରିଖରେ ବିଶାଳ ଶ୍ରୀରାମ ନବମୀ ଶୋଭାଯାତ୍ରା ଷ୍ଟ୍ରକଚର ପଡିଆରୁ ବାହାରି ରାଇପୁର ହନୁମାନ ମନ୍ଦିର ନିକଟରେ ଶେଷ ହେବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏ ବର୍ଷ ଏହି ଶୋଭାଯାତ୍ରାରେ ଆଉ ଅଧିକ ଦୁଇଟି ମେଢ଼ ସାମିଲ ହେବ ବୋଲି ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଗୁଗୁ ଦାସ, ଅଭିଷେକ ଅଗ୍ରୱାଲ, ନରେଶ ସି, ଦୀନବନ୍ଧୁ ଦାସ, କାହ୍ନୁ କର, ଲକ୍ଷ୍ମୀଧର ମହାକୁ?, ଦିଗନ୍ତ ସାହୁ, ଆହପ୍ରକାଶ ମସ୍କରା , କାହ୍ନୁ ଚରଣ ବେହେରା ପ୍ରମୁଖଙ୍କ ସମେତ ସୋର ଶ୍ରୀରାମ ସେନାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବାଲି ବୋଝେଇ ହାଇୱା ଜବତ

ରାଜଘାଟ, ୧୬।୩ (ସମିସ): ୧୬ ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅନ୍ତର୍ଗତ ସନ୍ତୋଷପୁର ଛକ ନିକଟରୁ ଗୋଟିଏ ବାଲି ବୋଝେଇ ହାଇଓ୍ୱାକୁ ଖଣି ବିଭାଗ ଜବତ କରିଛି। ସୋମବାର ମଧ୍ୟାହ୍ନରେ ଉକ୍ତ ହାଇୱା ଜଳେଶ୍ୱର ଥାନା ଅନ୍ତର୍ଗତ ଏକତାଳି ଅଞ୍ଚଳରୁ ବାଲି ବୋଝେଇ କରି ବସ୍ତା ଥାନା ଅଭିମୁଖେ ଆସୁଥିବା କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କନିଷ୍ଠ ଖଣି ଅଧିକାରୀ ତାପସ କୁମାର ବେହେରା ସଦଳବଳେ ସନ୍ତୋଷପୁର ଛକ ନିକଟରେ ଚଢ଼ଉ କରି ତାକୁ କାବୁ କରିଥିଲେ। ତେବେ ଚାଳକ ବାଲି ପରିବହନର ବୈଧ କାଗଜପତ୍ର ନ ଦେଖାଇପାରିବାରୁ ହାଇୱାଟିକୁ ବସ୍ତା ଥାନାରେ ଜିମା ଦିଆଯାଇଛି।

### ମାଟ୍ରିକ ପରୀକ୍ଷା ଦେବାକୁ ଯିବାବେଳେ ୨ ଛାତ୍ରୀ ଦୁର୍ଘଟଣାଗ୍ରସ୍ତ ହେବା ଘଟଣା

# ଗୁରୁତର ଛାତ୍ରୀଙ୍କ ଚିକିତ୍ସାରେ ଅର୍ଥ ବାଧକ, ପ୍ରଶାସନ ନିରବ

ବାଲେଶ୍ୱର, ୧୬।୩ (ସମିସ)



ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅଭଣା ପଞ୍ଚାୟତରେ ଗତ ୨୩ ତାରିଖ ଦିନ ଦୁଇ ଜଣ ଦଶମ ଶ୍ରେଣୀର ଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ବିଷ୍ଣୁପୁର ପରୀକ୍ଷା କେନ୍ଦ୍ରକୁ ଯାଉଥିବା ବେଳେ ବିଦ୍ୟାଳୟ ଠାରୁ କିଛି ଦୂରରେ ଘଟିଥିବା ବାଇକ ଦୁର୍ଘଟଣାରେ ୨ ପରୀକ୍ଷାର୍ଥି ଛାତ୍ରୀ ମମତା ମାଝୀ ଓ ଅଭିଲିପ୍ସା ମାଝୀ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ଦୁହିଁଙ୍କୁ ଗୁରୁତର ଅବସ୍ଥାରେ ନିକଟସ୍ଥ ଗୋପାଳପୁର ମେଡିକାଲକୁ ଆଣାଯାଇଥିଲା। ହେଲେ ଅଭିଲିପ୍ସା ମାଝୀ ହାତ ପାପୁଲିରୁ ଆଙ୍ଗୁଳି ଛିଣ୍ଡି ଅଲଗା ହୋଇ ଯାଇଥିବା ବେଳେ ଗୋଡ଼ ପାଦ ଭାଙ୍ଗି ଯାଇଥିଲା। ଅବସ୍ଥା ଅଧିକ ଗୁରୁତର ଥିବାରୁ ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡିକାଲକୁ ନେଇଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ ଅପରେସନ ମାଧ୍ୟମରେ ଆଙ୍ଗୁଳିକୁ ପୁଣି ଯୋଡ଼ାଯାଇଥିଲା। କିନ୍ତୁ କିଛି ଦିନ ପରେ ଯୋଡ଼ାଯାଇଥିବା ଆଙ୍ଗୁଳି ନଷ୍ଟ ହୋଇଯାଇଥିବାରୁ ପୁଣିଥରେ ଅପରେସନ କରି ତାହାକୁ ବିଚ୍ଛିନ୍ନ କରିବାକୁ ପଡ଼ିଛି। ବର୍ତ୍ତମାନ ଛାତ୍ରୀ ଅଭିଲିପ୍ସାଙ୍କ ଉନ୍ନତ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ବୋଲି ଡାକ୍ତରମାନେ କହିଛନ୍ତି। ଏହା ଶୁଣିବା ପରେ ପରିବାର ଲୋକଙ୍କ ମୁଣ୍ଡ ଉପରେ ଯେପରି ଚଡ଼କ ପଡ଼ିଛି। ଅଭିଲିପ୍ସାଙ୍କ ବାପା ଚକ୍ରଧର ମାଝୀ ଜଣେ ଗରିବ ଦିନମଜୁରିଆ। ଦିନକୁ ଯାହା ରୋଜଗାର କରନ୍ତି ସେଥିରେ ଘର ଚାଲୁଥିବା ବେଳେ ଏତେ ବଡ଼ ଚିକିତ୍ସା ଖର୍ଚ୍ଚ ବହନ କରିବା ତାଙ୍କ ପାଇଁ ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡ଼ିଛି। ଏପରିକି ପରିବାର ପାଖରେ ରହିବାକୁ ପକ୍କା ଘର ଟିଏ ମଧ୍ୟ ନଥିବା ଜଣାପଡ଼ିଛି। ଦୁର୍ଘଟଣା ଘଟିବାରୁ ଦୁଇ ଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି। ଏକ ପଟେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ସରକାର ଓ ଶିକ୍ଷା ବିଭାଗ ବଡ଼ ବଡ଼ ଘୋଷଣା କରୁଥିବା ବେଳେ ଅନ୍ୟ ପଟେ ଏଭଳି ଦୁର୍ଘଟଣାରେ ପଡ଼ିଥିବା ଛାତ୍ରୀଙ୍କ ପାଖରେ ଠିଆ ହେବାରେ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗର ସମ୍ପୂର୍ଣ୍ଣ ନିଷ୍କ୍ରିୟତା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଏତେ ଗୁରୁତର ଘଟଣା ସତ୍ତ୍ୱେ ଏପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ କିମ୍ବା ଶିକ୍ଷା ବିଭାଗର କୌଣସି ଅଧିକାରୀ ପରିବାରକୁ ସମବେଦନା ଜଣାଇବାକୁ କିମ୍ବା ଘଟଣା ସମ୍ପର୍କରେ ଖୋଜଖବର ନେବାକୁ ପହଞ୍ଚିନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଶିକ୍ଷା ବିଭାଗ ପକ୍ଷରୁ ମଧ ଛାତ୍ରୀଙ୍କୁ କୌଣସି ସହାୟତା କିମ୍ବା ପରବର୍ତ୍ତୀ ସମୟରେ ପରୀକ୍ଷା ଦେବା ପାଇଁ ବିକଳ୍ପ ବ୍ୟବସ୍ଥା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏଭଳି ସମୟରେ ପ୍ରଶାସନର ଦାୟିତ୍ୱ ଥିଲା ଗରିବ ପରିବାର ପାଖରେ ଠିଆ ହେବା ଓ ତତ୍କାଳ ଆର୍ଥିକ ସହାୟତା ଯୋଗାଇଦେବା। କିନ୍ତୁ ପ୍ରଶାସନର ଏହି ନିରବତା ଓ ଅବହେଳା ଘଟଣାକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷକୁ ଆହୁରି ବଢ଼ାଇଛି। ଏହି ପରିସ୍ଥିତିରେ ଛାତ୍ରୀଙ୍କ ଉନ୍ନତ ଚିକିତ୍ସା ପାଇଁ ସରକାର ତତ୍କାଳ ଆର୍ଥିକ ସହାୟତା ଯୋଗାଇଦେବା ସହ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ମାମଲାରେ ହସ୍ତକ୍ଷେପ କରି ଗରିବ ପରିବାରକୁ ସହାୟତା କରିବାକୁ ଅଞ୍ଚଳବାସୀ ଓ ପରିବାର ଲୋକେ ଦାବି କରିଛନ୍ତି।

# ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ତାଇକ୍ୱୋଣ୍ଡୋ ଚାମ୍ପିଅନସିପ୍ ଆରମ୍ଭ




ବାଲେଶ୍ୱର,୧୬।୩(ସମିସ): ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏ.ଆଇ.ୟୁ), ନୂଆଦିଲ୍ଲୀଙ୍କ ସହଯୋଗରେ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ସହଭାଗୀତାରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ତାଇକ୍ୱୋଣ୍ଡୋ ଚାମ୍ପିଅନସିପ୍ ୨୦୨୫-୨୬ ବିଶ୍ୱବିଦ୍ୟାଳୟରେ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଏ.ଆଇ.ୟୁର ଧ୍ୱଜାରୋହଣ କରିଥିବାବେଳେ ସମ୍ମାନୀୟ ଅତିଥି ତଥା ଏ.ଆଇ.ୟୁ ପକ୍ଷରୁ ଯୋଗ ଦେଇଥିବା ପର୍ଯ୍ୟବେକ୍ଷକ ଦୀପକ ସି.ଏସ୍, ଆତିଥ୍ୟ ବିଶ୍ୱବିଦ୍ୟାଳୟ ଫକୀରମୋହନ ବିଶ୍ୱବିଦ୍ୟାଳୟର ଧ୍ୱଜାରୋହଣ କରିଥିଲେ। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଉପସ୍ଥିତ ଅତିଥିମାନଙ୍କ ପରିଚୟ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିବା ସମ୍ମାନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଔପଚାରିକ ଭାବେ ଏହି ଚାମ୍ପିଅନସିପ୍‌ର ଶୁଭାରମ୍ଭ ଘୋଷଣା କରିଥିଲେ। ଏହି ଅବସରରେ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ ଏବଂ ବିତ୍ତ ନିୟନ୍ତ୍ରକ କରଣ ସୋରେନ ମୂଲ୍ୟବାନ ମତାମତ ରଖି ଥିଲେ। ଏଥିସହ ଏ.ଆଇ.ୟୁ ର ପର୍ଯ୍ୟବେକ୍ଷକ ଡ଼କ୍ଟର ଦୀପକ ସି.ଏସ୍ (ଆର୍.ଭି. ୟୁନିଭର୍ସିଟି, ବେଙ୍ଗାଲୁରୁ) ମଧ୍ୟ ଅଂଶଗ୍ରାହୀମାନଙ୍କୁ ସମ୍ବୋଧନ କରି ଏପରି ଏକ ବୃହତ୍ ଜାତୀୟ କ୍ରୀଡ଼ା ଆସରକୁ ସଫଳତାର ସହିତ ଆୟୋଜନ କରିଥିବା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ଏହି ଚାମ୍ପିଅନସିପ୍‌ରେ ଦେଶର

**୧୦୦୦ରୁ ଅଧିକ କ୍ରୀଡ଼ାବିତଙ୍କ ସମାଗମ**

୨୫ଟି ରାଜ୍ୟରୁ ୧୭୯ଟି ବିଶ୍ୱବିଦ୍ୟାଳୟର ପ୍ରାୟ ୧୦୦୦ରୁ ଅଧିକ ଖେଳାଳୁ ଅଂଶଗ୍ରହଣ କରିଥିବାରୁ ଏହା ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସବୁଠାରୁ ବୃହତ୍ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା କାର୍ଯ୍ୟକ୍ରମମାନଙ୍କ ମଧ୍ୟରେ ସ୍ଥାନିତ ହୋଇଛି। ଶେଷରେ କ୍ରୀଡ଼ା ପରିଷଦର ସହକାରୀ ନିର୍ଦ୍ଦେଶକ ଡ଼କ୍ଟର ଅମିତ ଶର୍ମା ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ପ୍ରତିଯୋଗିତା ଫକୀରମୋହନ ବିଶ୍ୱବିଦ୍ୟାଳୟର ନୂଆପାଢ଼ୀ କ୍ୟାମ୍ପସ୍‌ର ଇଣ୍ଡୋର୍ ସ୍ପୋର୍ଟ୍ସ କମ୍ପେ୍ଲକ୍ସରେ ଦୁଇଟି ଭିନ୍ନ ଭେନ୍ୟୁରେ ଆୟୋଜିତ ହେଉଛି ଏବଂ ଏହା ପିଇଓ ଶ୍ରୀ ସଂଗ୍ରାମ ବିଶୋୟୀଙ୍କ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣରେ ପରିଚାଳିତ ହେଉଛି। ଏହି ମହିଳା ତାଇକୋଣ୍ଡୋ ଚ୍ୟାମ୍ପିଅନସିପ୍ ଆସନ୍ତା ୨୦ ତାରିଖରେ ଶେଷ ହେବ।

## ଚୈତ୍ର ପ୍ରଥମ ସୋମବାରରେ ଚନ୍ଦନେଶ୍ୱରଙ୍କ ପୀଠ ଚଳଚଞ୍ଚଳ



ଚନ୍ଦନେଶ୍ୱର, ୧୬।୩ (ସମିସ): ପବିତ୍ର ଚୈତ୍ରମାସର ପ୍ରଥମ ସୋମବାର ଅବସରରେ ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲ୍ଲା ଭୋଗରାଇର ବାବା ଚନ୍ଦନେଶ୍ୱର ପୀଠ ଚଳଚଞ୍ଚଳ ହୋଇଉଠିଛି। ପ୍ରାୟ ଦେଢ ଲକ୍ଷରୁ ଉର୍ଦ୍ଧ ଭକ୍ତ ଓ ଶ୍ରଦ୍ଧାଳୁ ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହିତ ଦର୍ଶନ କରିଥିଲେ। ଦୀର୍ଘ ସମୟ ଅପେକ୍ଷା କରି ସମସ୍ତେ ଶୃଙ୍ଖଳିତ ଭାବେ ମନ୍ଦିର ମଧ୍ୟରେ ପୂଜାର୍ଚ୍ଚନା କରି ଗର୍ଭ ଗୃହରେ ଶ୍ରୀଜୀଉଙ୍କୁ ପଇଡ, କ୍ଷୀର ଆଦି ଅର୍ପଣ କରିଥିଲେ। ଏହି ଅବସରରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ ପିଲା ମାନସିକ ପୂରଣ ପାଇଁ କେଶ ମଣ୍ଡନ କରିଥିଲେ। ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୁଲିସକୁ ନାକେଦମ ହେବାକୁ ପଡିଥିଲା। ତେବେ ପ୍ରସିଦ୍ଧ ଚଡକ ପର୍ବକୁ ଆଉ ମାତ୍ର ୨ ସପ୍ତାହ ରହିଛି। ସୂଚନା ଅନୁଯାୟୀ, ଆଜି ଚୈତ୍ରମାସ ପ୍ରଥମ ସୋମ୍ବାର ହୋଇଥିବାରୁ ଚନ୍ଦନେଶ୍ୱରରେ ପ୍ରାୟ ଲକ୍ଷାଧିକ ମାନସିକଧାରୀ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନ ସମେତ ବଙ୍ଗ, ଝାଡ଼ଖଣ୍ଡ, ବିହାର ଆଦି ବିଭିନ୍ନ ରାଜ୍ୟରୁ ଶୈବ ଭକ୍ତମାନେ ଆସିଥିଲେ। ହଜାର ହଜାର କାଉଡିଆ ନୀଳ ପୋଖରୀରୁ ପାଣି ନେଇ ଅନ୍ୟ ପୀଠକୁ ଯାଇଥିଲେ। ଭୋର ୪ଟାରୁ ମନ୍ଦିରର ଦୈନନ୍ଦିନ ନିତ୍ୟ ସେବାପୂଜା ଶେଷ ହେବା ବେଳକୁ ଶ୍ରଦ୍ଧାଳୁମାନେ ଲମ୍ବା ଧାଡିରେ ଅପେକ୍ଷା କରି ରହିଥିଲେ। ସମସ୍ତେ ଗର୍ଭ ଗୃହକୁ ଯାଇ ମହାଦେବଙ୍କୁ କ୍ଷୀର, ପଇଡ ଅର୍ପଣ କରିଥିଲେ। ଏହାଛଡା ଦଣ୍ଡି ମାରିବା, ବାଦଶା ହରିଲୁଟ ଆଦି ପାଇଁ ମଧ୍ୟ ପ୍ରବଳ ଗହଳି ହୋଇଥିଲା। ପ୍ରବଳ ଭିଡ ପାଇଁ ପୁରୋହିତ ମାନେ ନାଟ ମନ୍ଦିର,ନେତ୍ର କୁଣ୍ଡ,ବରଗଛ ନିକଟରେ ବସି ପୂଜାର୍ଚ୍ଚନା କରିଛନ୍ତି। ବିଶେଷ କରି ବିଜୁ ଗୋଲେଇ ଠାରୁ ମନ୍ଦିର ପର୍ଯ୍ୟନ୍ତ ଅଧିକ ଟ୍ରାଫିକ ସମସ୍ୟା ଲାଗି ରହିଥିଲା। ଏହି ଜନ ସମାଗମକୁ ଲକ୍ଷ୍ୟ ରଖି ମନ୍ଦିର ଟ୍ରଷ୍ଟବୋର୍ଡ ଓ ସେବାୟତଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସମେତ ଥାନା ଓ ଅଧିକ ୧ପ୍ଲାଟୁନ ପୁଲିସ ଶାନ୍ତି ଶୃଙ୍ଖଳା ପାଇଁ ରହିଥିଲେ। ଏପ୍ରିଲ ୩ରୁ ଚନ୍ଦନେଶ୍ୱର ଜୀଉଙ୍କ ବିଶ୍ୱ ପ୍ରସିଦ୍ଧ ପବିତ୍ର ଚଡକ ମେଳା ଶୁଭାରମ୍ଭ ହେଉଥିବାରୁ ମନ୍ଦିରରେ ଏବେଠୁ ଚଳ ଚଞ୍ଚଳ ହୋଇଉଠିଛି।

## ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ

ବାଲେଶ୍ୱର,୧୬।୩ (ସମିସ): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଓଡ଼ିଆ ଭାଷାର ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ, ନୀଳଗିରି କଲେଜ ଇଂରାଜୀ ଅଧ୍ୟାପକ ଡ. ନଳିନୀକାନ୍ତ ପାଢ଼ୀ ବକ୍ତା ଭାବେ ଯୋଗ ଦେଇଥିଲେ। ଉପସଭାପତି ଦୀନବନ୍ଧୁ ଲେଙ୍କା ପ୍ରାକ୍ ସୂଚନା ରଖିଥିବା ବେଳେ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଓ ସାଥୀମାନେ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ। ଡ. ନାୟକ ଓଡ଼ିଆ ଭାଷା ଓ ଅନ୍ୟ ଭାରତୀୟ ଭାଷାର ତୁଳନାତ୍ମକ ବକ୍ତବ୍ୟ ରଖିଥଲେ। ଯୁଗ୍ମ ସଂପାଦିକା ଶ୍ରୀମତୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ

ବାଲେଶ୍ୱର,୧୬।୩ (ସମିସ): ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ବାଧାପ୍ରାପ୍ତ ହେଉଛି ସରକାରୀ କାର୍ଯ୍ୟ। ଏହି ଆନ୍ଦୋଳନରେ ବାଲେଶ୍ୱର ଜିଲ୍ଲାରୁ ୭୦୦ରୁ ଅଧିକ କର୍ମଚାରୀ ଗାନ୍ଧୀମାର୍ଗରେ ଆନ୍ଦୋଳନରେ ବସିଛନ୍ତି। ରାଜ୍ୟ ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘର ଆନ୍ଦୋଳନ ଯୋଗୁଁ ବାଲେଶ୍ୱର ଜିଲ୍ଲା ସଦର ମହକୁମା ସହ ସମସ୍ତ ବ୍ଲକର ସମସ୍ତ ସରକାରୀ ବିଭାଗର କାର୍ଯ୍ୟ ଦିନକୁଦିନ ଠପ୍ ହେବାରେ ଲାଗିଛି। ସ୍ୱାସ୍ଥ୍ୟ, ଜଙ୍ଗଲ, ଶିକ୍ଷା, ତହସିଲ, ବ୍ଲକ, ସାହିତ୍ୟ ଓ ସଂସ୍କୃତି ବିଭାଗ ସମେତ ସମସ୍ତ ସରକାରୀ ବିଭାଗକୁ ଆସୁଥିବା ଜଣସାଧାରଣଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସରକାର ଲିଖିତ ପ୍ରତିଶ୍ରୁତି ସହ ନିର୍ଦ୍ଦେଶନାମା ଜାରି କଲେ କର୍ମଚାରୀମାନେ ପୁଣି କାର୍ଯ୍ୟକ୍ଷେତ୍ରରେ ଯୋଗଦାନ କରିବେ ବୋଲି ମହାସଂଘର ରାଜ୍ୟ ଗଣମାଧ୍ୟମ ସଂଯୋଜକ ସାନୁ କୁମାର ସାସମଲ ଏବଂ ସତ୍ୟଗୋପାଳ ଓଝା, ସତ୍ୟଜିତ ଦତ୍ତ କହିଛନ୍ତି। ରାଜ୍ୟ ସରକାର ତୁରନ୍ତ ମହାସଂଘ ସହ ଆଲୋଚନା କରି ସରକାରୀ କାର୍ଯ୍ୟ ସ୍ୱାଭାବିକ କରିବାକୁ ଜିଲ୍ଲା ସଭାପତି ମନୋଜ ରାଉତ କହିଛନ୍ତି।

## ବାରୁଣୀମେଳା ଲାଗି ତୁଟିଲାନି ଗୋଷ୍ଠୀ ବିବାଦ

ଜଳେଶ୍ୱର, ୧୬।୩ (ସମିସ) : ଶିଖରପୁର ପଂଚାୟତର ମହୁଲିଆ ଗାଁରେ ପ୍ରାୟ ୧୦୦ବର୍ଷ ଧରି ବାରୁଣୀମେଳା ଅନୁଷ୍ଠିତ ହୋଇ ଆସୁଥିଲା। ଦୁଇବର୍ଷ ତଳେ ଗ୍ରାମରେ ସାବିତ୍ରୀ ଅମାବସ୍ୟା ଓ ଚଡକମେଳା ପାଳନ ଲାଗି ବିବାଦ ସୃଷ୍ଟି ହେବାପରେ ଦୁଇଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତ ସୃଷ୍ଟି ହୋଇଥିଲା। ଫଳରେ ଗତବର୍ଷ ଗ୍ରାମର ଦୁଇଗୋଷ୍ଠୀ ମହାଦେବମନ୍ଦିର ପଡିଆରେ ବାରୁଣୀମେଳା କରିବାକୁ ଅଡି ବସିବାରୁ ଶେଷରେ ପ୍ରଶାସନ ପକ୍ଷରୁ ୧୪୪ ଜାରି କରାଯାଇଥିଲା। ଚଳିତବର୍ଷ ସେହିସ୍ଥାନରେ ଦୁଇଗୋଷ୍ଠୀ ବାରୁଣୀମେଳା ଲାଗି ପଡିଆକୁ ବ୍ୟବହାର କରିବାକୁ ଦାବି କରୁଥିବା ବେଳେ ପ୍ରଶାସନର ମୁଣ୍ଡବିନ୍ଧା ହୋଇଥିଲା। ଜଳେଶ୍ୱର ଆଇଆଇସି, ଏସ୍‌ଡିପିଓ, ତହସିଲଦାର ଓ ଉଭୟ ପକ୍ଷରୁ ୫ଜଣ ଲେଖାଏଁ ବସି ଆପୋଷ ସମାଧାନ ଲାଗି ଚେଷ୍ଟା କରାଯାଇଥିଲେ ମଧ୍ୟ ତାହାର କୌଣସି ନିର୍ଯ୍ୟାସ ନ ବାହାରିବାରୁ ଆସନ୍ତାକାଲି ସେହିସ୍ଥାନରେ ୧୪୪ ଜାରି ହେବ ବୋଲି ତହସିଲଦାର ସତ୍ୟଜିତ୍ ମହାନ୍ତି କହିଛନ୍ତି। ତେବେ ଦୁଇଗୋଷ୍ଠୀ ୫ଦିନ ଧରି ପାଳନ କରାଯିବାକୁ ଥିବା ବାରୁଣୀ ମେଳାକୁ ବ୍ୟକ୍ତିଗତ ସ୍ଥାନରେ ପାଳନ କରାଯାଉଥିବାରୁ ଗ୍ରାମରେ ଭାଇଚାରା ନଷ୍ଟ ହେଉଥିବା ବୁଦ୍ଧିଜୀବୀ କହିଛନ୍ତି।

### ବିଭାଗୀୟ କାର୍ଯ୍ୟ ସମ୍ପାଦନ ନାମରେ ଆଇଟିଡିଏ ଅଧିକାରୀଙ୍କ ପକ୍ଷପାତିତା

# ପ୍ରତିବାଦରେ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ

ନୀଳଗିରି, ୧୬।୩ (ସମିସ)



ନୀଳଗିରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଏହାର ସାମଗ୍ରିକ ବିକାଶପାଇଁ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଗଠିତ ହୋଇଥିଲା। ଏହି ସଂସ୍ଥା ବ୍ଲକର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଥାଏ। ତେବେ ପୂର୍ବ ସରକାରଙ୍କ ଅମଳରେ ଉନ୍ନତିକରଣ ପାଇଁ ବିଭିନ୍ନ ପ୍ରକଳ୍ପ ପାଇଁ ଆସିଥିବା ଟଙ୍କା ଅଦ୍ୟାବଧି ଖର୍ଚ୍ଚ ନ ହୋଇ ପଡ଼ିରହିବା ଏବଂ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ସହିତ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ଅହେତୁକ ଅନୁକମ୍ପା ଦେଖାଇ କାର୍ଯ୍ୟାଦେଶ ଦେବା ପ୍ରତିବାଦରେ ଆଜି ଆଇଟିଡିଏ ଅଫିସ ସମ୍ମୁଖରେ ନୀଳଗିରି ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀଙ୍କ ନେତୃତ୍ୱରେ ବ୍ଲକର ଅଧିକାଂଶ ପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧି ଅନଶନ ଦେଇଥିଲେ।

ପ୍ରଧାନମନ୍ତ୍ରୀ ଆଦି ଆଦର୍ଶ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପ୍ରକଳ୍ପ, ନୂତନ ଷ୍ଟାଫ କ୍ୱାର୍ଟର ନିର୍ମାଣ, ଆଦିବାସୀ ସଂସ୍କୃତିଭବନ ନିର୍ମାଣ, ଆଦିବାସୀ ପିଲାଙ୍କ ହଷ୍ଟେଲରେ ପାନୀୟଜଳ ଓ ପରିମଳ, ଛାତ୍ରାବାସ ପାଚେରୀ ଉଚ୍ଚତାବୃଦ୍ଧି, ଷ୍ଟାଫକ୍ୱାର୍ଟର ମରାମତି ଓ ରକ୍ଷଣାବେକ୍ଷଣ, ଛାତ୍ରାବାସ ମରାମତି ଓ ପୁନରୁଦ୍ଧାର ପାଇଁ ୨୦୨୨/୨୩,୨୩/୨୪,୨୪/୨୫ ,୨୫/୨୬ ଆର୍ଥିକବର୍ଷରେ ୧୪କୋଟିରୁ ଅଧିକ ଟଙ୍କା ଅନୁଦାନ ଆସିଥିଲା। ମାତ୍ର ରାଜନେତାଙ୍କ ଚାପରେ କିଛି ଠିକାଦାରଙ୍କୁ ଆଇଟିଡିଏ ପ୍ରକଳ୍ପ ଅଧିକାରୀ ଅନୁକମ୍ପା ଦେଖାଇ କାର୍ଯ୍ୟାଦେଶ ଦେଉଥିବା ଅଭିଯୋଗ କରି ନୀଳଗିରି ବିଜୁଜନତା ଦଳ ତରଫରୁ ଗତ ଜାନୁଆରୀ୨୮ ତାରିଖରୁ ଦୁଇଦିନଧରି ଧାରଣା ଦିଆଯାଇଥିଲା। ମାତ୍ର ସେତେବେଳେ ଅଧିକାରୀ ଧାରଣାସ୍ଥଳରେ ପହଞ୍ଚି ପୁନର୍ବିଚାର ପୂର୍ବକ ସମସ୍ତଙ୍କୁ ସାଥିରେ ନେଇ କାର୍ଯ୍ୟକରିବାକୁ ପ୍ରତିଶ୍ରୁତିପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅଦ୍ୟାବଧି ଏ ସମ୍ପର୍କରେ କୌଣସି ଠୋସ ପଦକ୍ଷେପ ନିଆଯାଇନଥିବା ଏବଂ ବିଭାଗୀୟ ଅଧିକାରୀଙ୍କ ଚରମ ଉଦାସୀନତା ଏବଂ ପକ୍ଷପତିତା ପ୍ରତିବାଦରେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ସମେତ ବିଜୁ ଜନତା ଦଳର ନିର୍ବାଚିତ ଲୋକପ୍ରତିନିଧି ପକ୍ଷରୁ ଆଜିର ଏହି ଅନଶନ କରାଯାଇଥିବା ଜଣାଯାଇଛି। ଏହି ଅନଶନରେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ସଞ୍ଜୟ ସିଂ,କୁଳମଣି ନାୟକ, ସୁରଥ ସିଂ, ବାହାମଣୀ ମାରାଣ୍ଡି, ମାଳତୀ ମାଝୀ, ଶାନ୍ତିଲତା ବିଶ୍ୱାଳ, ଚାନ୍ଦମଣି ମୁର୍ମୁ, ରାଜୀବ ଦାସବାବୁ, ରମାକାନ୍ତ ମହାଲିକ, ରଶ୍ମିତା ମହାପାତ୍ର, ସାବିତ୍ରୀ ସିଂ, ଟିକିସିଂ, ହରେକୃଷ୍ଣ ହେମ୍ବ୍ରମ, ପ୍ରଫୁଲ୍ଲ ପାତ୍ର ପ୍ରମୁଖଙ୍କ ସମେତ ବହୁ ବିଜେଡ଼ି କର୍ମୀ ଅନଶନରେ ବସିଥିବା ଦେଖାଯାଇଛି। ଧାରଣାରତ ଲୋକପ୍ରତିନିଧିଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଯାଞ୍ଚକରିବାକୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରୁ ଡା ସଂଗ୍ରାମ କୁମାର ମହଲ, ଫାର୍ମାସିଷ୍ଟ ତପନ କୁମାର ମହାପାତ୍ର ଆସିଥିଲେ। ସମସ୍ତଙ୍କୁ ପରୀକ୍ଷା କରିବାପରେ ଶୁଭଲକ୍ଷ୍ମୀ ମାଝୀ, ସୁରଥ ସିଂ, ମାଳତୀ ମାର୍ଣ୍ଡି, ଓ ପ୍ରଫୁଲ୍ଲ ପାତ୍ରଙ୍କ ଉଚ୍ଚ ରକ୍ତଚାପ ବଢ଼ିଥିବା ଜଣାଯାଇଛି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଡ. ମଧୁସ୍ମିତା ସାମନ୍ତରାୟ ଘଟଣା ସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ଅଭିଯୋଗକୁ ଶୁଣିବା ସହ ସେମାନଙ୍କୁ ବୁଝାସୁଝା କରିଥିଲେ। ଆଗାମୀ ଗୁରୁବାର ଏ ନେଇ ଚେୟାରମ୍ୟାନଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ କରାଯାଇ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ପ୍ରତିଶୃତି ଦେବା ପରେ ଅନଶନ ପ୍ରତ୍ୟାହାର ହୋଇଥିଲା।

## ଜାତୀୟ ସ୍ତରରେ ଟିପିଏନ୍‌ଓଡିଏଲ ସମ୍ମାନିତ

ବାଲେଶ୍ୱର,୧୬।୩ (ସମିସ): ଜାତୀୟ ସ୍ତରରେ ପୁଣି ସମ୍ମାନିତ ହୋଇଛି ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ)। ଧନ୍ଦାମୂଳକ ତାଲିମ ଜରିଆରେ ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି ଓ ସେମାନଙ୍କ ଆତ୍ମନିର୍ଭରଶୀଳତା ତଥା ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଟିପିଏନଓଡିଏଲକୁ 'ବେଷ୍ଟ ସିଏସଆର ଇନିସିଏଟିଭ୍ସ ଇନ ଭୋକେସନଲ ଟ୍ରେନିଂ ଏଣ୍ଡ ସ୍କିଲିଂ' ସମ୍ମାନରେ ସମ୍ମାନିତ କରାଯାଇଛି। ମୁମ୍ବାଇରେ "ଭାରତ ସିଏସଆର ଏଣ୍ଡ ସଷ୍ଟେନେବିଲିଟି ସମ୍ମିଟ ଏଣ୍ଡ ଏୱାର୍ଡ-୨୦୨୬' ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଟିପିଏନଓଡିଏଲର କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଗଜାନନ କାଲେ ଓ ସିଏସଆର ଅଧିକାରୀ ହିମାଂଶୁ ନାୟକ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ବୈଷୟିକ କ୍ଷେତ୍ରରେ ଉତ୍କର୍ଷତା ପାଇଁ "ଆଇଏସଜିଏଫ ଇନୋଭେସନ ସମ୍ମାନ-୨୦୨୬'ରେ ମଧ୍ୟ ଟିପିଏନଓଡିଏଲ ସମ୍ମାନିତ ହୋଇଛି। ଦିଲ୍ଲୀରେ ଆୟୋଜିତ ୧୨ତମ ସଂସ୍କରଣ ଇଣ୍ଡିଆ ସ୍ମାର୍ଟ ୟୁଟିଲିଟି ସପ୍ତାହ-୨୦୨୬ରେ "ସ୍ମାର୍ଟ ବିଟି ଲୋଡ ମେନେଜମେଣ୍ଟ ୟୁଜିଙ୍ଗ ସ୍ମାର୍ଟ ମିଟର ଏଣ୍ଡ ଜିଆଇଏସ ଡାଟା' ଏବଂ "ସୁନିଶ୍ଚିତ-ସ୍ମାର୍ଟ ଏବି ସ୍ୱିଚ ଅପରେସନ' ଆଦି ଟିପିଏନଓଡିଏଲର ଦୁଇଟି ପ୍ରକଳ୍ପ ଗୋଲ୍ଡ ଆୱାର୍ଡ ହାସଲ କରିଛି। ଏଥି ପାଇଁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟିପିଏନଓଡିଏଲ ସିଇଓ ଶ୍ରୀ କାଲେ, ସିଏମଜି ବିଭାଗ ମୁଖ୍ୟ ସଚିନ କୁମାର ଗର୍ଗ ଏବଂ ଏନର୍ଜି ଅଡିଟ ଏଚଓଜି ବେଦ ପ୍ରକାଶ ଉପାଧ୍ୟାୟ ଏହି ପୁରସ୍କାର ଗ୍ରହଣ କରିଥିଲେ।



### ବନ୍ୟା କ୍ଷତିଗ୍ରସ୍ତ ସହାୟତା ଦାବିରେ ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

# ଶତାଧିକ ଚାଷୀଙ୍କ ଆର୍‌ଆଇ ଅଫିସ ଘେରାଉ

ଆରଡ଼ି,୧୬।୩(ସମିସ)



ଭଦ୍ରକ ଜିଲ୍ଲା ଚାନ୍ଦବାଲି ତହସିଲ୍ ଅଧୀନ ଆରଡ଼ି, ନାନ୍ଦପୁର, ଓଳଗ, ସୁନ୍ଦରପୁର ପଞ୍ଚାୟତରେ ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ବୈତରଣୀ ନଦୀରେ ଆସିଥିବା ଛୋଟବଡ଼ ୬-୭ଟି ବନ୍ୟାରେ ଶହଶହ ଚାଷୀଙ୍କର ବିହନ ଓ ଧାନତଳି ଧୋଇ ନେଇଥିଲା। ବନ୍ୟା ଛାଡ଼ିବା ପରେ ଉଭୟ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ କ୍ଷେତ୍ର ପରିଦର୍ଶନ କରିବା ସହିତ ସମସ୍ତ ସହାୟତା ୨ମାସ ମଧ୍ୟରେ ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଚାଷୀମାନେ ଧାରକରଜ କରି ଧାନତଳି ଓ ବିହନ କିଣି ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଇତିମଧ୍ୟରେ ୮ ମାସ ବିତିଯାଇଥିଲେ ମଧ୍ୟ ଚାଷୀମାନଙ୍କୁ ବନ୍ୟାରେ କ୍ଷତିଗ୍ରସ୍ତ ସହାୟତା ମିଳିପାରିଲା ନାହିଁ। ଯାହାର ଦାବି କରି ବ୍ଲକ୍ ବିଜେଡି ପକ୍ଷରୁ ଚାରି ପଞ୍ଚାୟତର ଚାଷୀମାନଙ୍କୁ ନେଇ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆରଡ଼ି ରାଜସ୍ୱ ନିରୀକ୍ଷକଙ୍କୁ ଦିଆଯାଇଛି। ଏହା ପୂର୍ବରୁ ଆରଡ଼ି ବସ୍‌ଷ୍ଟାଣ୍ଡଠାରୁ ଏକ ପ୍ରତିବାଦ ଶୋଭାଯାତ୍ରା ଆରଡ଼ି ବଜାର ଦେଇ ଆର୍‌ଆଇ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ବିଜେଡିର ବରିଷ୍ଠ ନେତାଙ୍କ ସହ ଚାଷୀମାନେ ନାରାବାଜି ଦେଇଥିଲେ।

ସୂଚନା ଅନୁଯାୟୀ, ଚାନ୍ଦବାଲି ବ୍ଲକ୍ ତଳିଆ ଅଞ୍ଚଳ ଆରଡ଼ି, ଓଳଗ, ସୁନ୍ଦରପୁର, ନାନ୍ଦପୁର ୪ଟି ପଞ୍ଚାୟତର ୨୨ଟି ଗାଁର ଶତାଧିକ ଚାଷୀଙ୍କର ଗତ ବନ୍ୟାରେ ହଜାର ହଜାର ଏକର ସାରଦ ଧାନତଳି ଧୋଇ ନେଇଥିଲା। ଏପରିକି କିଏ ବ୍ଲକ୍‌ରୁ ବିହନ ଧାନ ଆଣିଥିଲା ତ ଆଉ କିଏ ବଜାରରୁ ଆଣିଥିଲା। ସବୁତକ ବିହନ ଧାନତଳିକୁ ଧୋଇ ନେଇଥିଲା ବନ୍ୟାପାଣି। ଖବର ପାଇବା ପରେ ଜିଲ୍ଲାପାଳ ବନ୍ୟାଞ୍ଚଳ ବୁଲିବା ସହ ଧାନ କ୍ଷେତ ବୁଲି ଦେଖିଥିଲେ। ଏଥିସହ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଉଭୟ ବ୍ଲକ୍ ପ୍ରଶାସନ ଓ କୃଷି ବିଭାଗର ଅଧିକାରୀଙ୍କ ପକ୍ଷରୁ ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରିବା ସହ ଚାଷୀମାନଙ୍କୁ ଭେଟିଥିଲେ। ଏପରିକି କ୍ଷୟକ୍ଷତି ହୋଇଥିବା ଚାଷର କ୍ଷତିପୂରଣ ଖୁବ୍‌ଶୀଘ୍ର ଅର୍ଥାତ୍ ଅକ୍ଟୋବର ମାସରେ ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଚାନ୍ଦବାଲି ତହସିଲ୍‌ଦାରଙ୍କ ଦପ୍ତରରୁ ଗତ ଅକ୍ଟୋବର ୨୫ତାରିଖରେ ଚିଠି ସଂଖ୍ୟା ୧ରେ ପ୍ରକାଶିତ କ୍ଷତିଗ୍ରସ୍ତ ଚାଷୀମାନେ ନିଜର ଚାଷଜମିର ପରିମାଣ, ବ୍ୟାଙ୍କ ବହିର ନକଲ, ପରିଚୟପତ୍ର ଅକ୍ଟୋବର ୨୭ରୁ ନଭେମ୍ବର ୧୫ ତାରିଖ ମଧ୍ୟରେ ଆରଡ଼ି ରାଜସ୍ୱ ଅଧିକାରୀଙ୍କ ପାଖରେ ଦାଖଲ କରିବା ପାଇଁ ଲଟ୍‌କା ଜାରି ହୋଇଥିଲା। ଏପରିକି କ୍ଷତିଗ୍ରସ୍ତ ଚାଷୀମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ ତାଙ୍କର କ୍ଷୟକ୍ଷତିର ଦସ୍ତାବିଜ୍ ଦେବା ପରେ ସହାୟତା ରାଶି ୨.୬୯କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏପରିକି ଏହି ଅଞ୍ଚଳ ଧୋୟାଞ୍ଚଳ ହୋଇଥିବାରୁ ସମସ୍ତ କ୍ଷତିର ସହାୟତା ମିଳିବ ବୋଲି ଅଧିକାରୀ ପ୍ରକାଶ କରିଥିଲେ। ବନ୍ୟାରେ ଚାଷଜମିରେ ୩୩ ପ୍ରତିଶତ କ୍ଷତି ହୋଇଥିବା ଜିଲ୍ଲା ପ୍ରଶାସନ ଘୋଷଣା କରିବା ସହ ସହାୟତା ରାଶି ନିମନ୍ତେ ଚାଷୀମାନଙ୍କର ପଞ୍ଜିକୃତ କରିଥିଲା। ହେଲେ ପୁଣି ଏବେ ୩୩ ପ୍ରତିଶତରୁ କମ୍ କ୍ଷତି ହୋଇଥିବା ଦର୍ଶାଇ ଚାଷୀଙ୍କ ପେଟକୁ ଲାତ ମାରିଛି ବିଜେପି ସରକାର ବୋଲି କହିଛନ୍ତି ବିଜେଡିର ବରିଷ୍ଠ ନେତାମାନେ। ହେଲେ ସହାୟତା ବିଳମ୍ବକୁ ନେଇ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଯଦି ଆସନ୍ତା ୫ଦିନ ମଧ୍ୟର ସହାୟତା ରାଶି ନ ମିଳେ ଆନ୍ଦୋଳନକୁ ଜୋର୍‌ଦାର କରାଯିବା ସହ ଅଖଚକ ବନ୍ଦ କରିବେ ବୋଲି ଚେତାବନୀ ଦେଇଛି ବିଜେଡି। ବିଜେଡିର ବରିଷ୍ଠ ନେତାଙ୍କ କହିବା ଅନୁଯାୟୀ, ଚାଷ ପ୍ରାରମ୍ଭରୁ ବନ୍ୟାରେ ଗଜା ଓ ବିହନ ହୋଇଯିବା ପରେ ଚାଷୀ ୨ ଗୁଣାରେ ପଡ଼ୋଶୀ ଜିଲ୍ଲାରୁ ବିହନ ଓ ଧାନତଳି କିଣି ଚାଷ କରିବା ପରେ ଭଲ ଫସଲ ହୋଇଥିଲା। ହେଲେ ବିଜେପି ସରକାର ଚାଷୀମାନଙ୍କର ସହାୟତା ଟଙ୍କାକୁ ହଡ଼ପ କରିବା ସହ ଧୋୟା ସହାୟତା(ଇନ୍‌ପୁଟ) ନ ଦେଇ ଟଙ୍କା ଫେରାଇ ନେବାକୁ ବସିଛି।

## ସାରଣା ବାଦୀପାଲା ଉଦ୍‌ଯାପିତ



ଭଣ୍ଡାରିପୋଖରୀ,୧୬।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ସାରଣା ଗ୍ରାମର 'ଗାୟକ ଅନିରୁଦ୍ଧ ପାଣିଗ୍ରାହୀ ପ୍ରାଚୀ ପାଲାପୀଠ'ର ବାର୍ଷିକ ପାଲା ପରିବେଷଣ ସୋମବାର ପ୍ରତ୍ୟୁଷରେ ଉଦ୍‌ଯାପିତ ହୋଇଯାଇଛି। ସୁନାମଧନ୍ୟ ପାଲା ଗାୟକ ତତ୍ତ୍ୱ ବିଭୂଷଣ ଡ. ଲମ୍ବୋଦର ବେହେରା ଓ ସାଥି ଏବଂ ଗାୟକ ପୀୟୂଷ ସତ୍ୟନାରାୟଣ ଜେନା ଓ ସାଥି ଉଚ୍ଚକୋଟୀର ପାଲା ପରିବେଷଣ କରିଥିଲେ। ଗୁରୁବାର ଅଧିବାସ ପାଲା ଅନୁଷ୍ଠିତ ହୋଇ ରବିବାର ରାତି ପର୍ଯ୍ୟନ୍ତ ପାଲା ପରିବେଷଣ କରାଯାଇଥିଲା। ଉଭୟ ଗାୟକ 'ଭକ୍ତ ସାଲବେଗ', 'ସତୀ ସାବିତ୍ରୀ, 'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ', 'ସୁଭଦ୍ରା ପରିଣୟ' ଓ 'ଇନ୍ଦ୍ରଦ୍ୟୁମ୍ନଙ୍କ ବଂଶନାଶ ବରଯାଚନା' ଆଦି ବିଷୟରେ ରାମାୟଣ, ମହାଭାରତ, ପୁରାଣ ଶାସ୍ତ୍ର, ଜଗନ୍ନାଥ ମାହାତ୍ମ୍ୟ ବର୍ଣ୍ଣନା ଆଦି ଆଲୋଚିତ ହୋଇଥିଲା। ଓଡ଼ିଶୀ, ଛାନ୍ଦ, ଚଉପଦୀ ଓ ବିଭିନ୍ନ ରଚନାରୁ ପଦ୍ୟାଂଶ ଆବୃତ୍ତି ସହ ତତ୍ତ୍ୱର ବ୍ୟାଖ୍ୟା ଓ ପ୍ରତିପକ୍ଷ ବ୍ୟାଖ୍ୟା ସହ ଗାୟକଙ୍କ ତାତ୍ତ୍ୱିକ ମତଭେଦ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇଥିଲା। ପାଲା କମିଟି ପକ୍ଷରୁ ହରିହର ପାଣିଗ୍ରାହୀ, ନୀଳମଣି ଦାସ, ଗୋପିନାଥ ବାରିକ, ବାବାଜୀ ବାରିକ, ନରହରି ବେହେରା, ଅର୍ଜ୍ଜୁନ ସେଠୀ, ହରିହର ସେଠୀ, ହରିହର ବେହେରା ପ୍ରମୁଖ ପାଲା ପରିଚାଳନା କରିଥିଲେ।

## ଦୁର୍ବଳ ଆଡ଼ିବନ୍ଧ ନିର୍ମାଣ; ବଢୁଛି ଚାଷୀ ଅସନ୍ତୋଷ



ଦୋଳସାହି,୧୬।୩(ସମିସ): ଭଦ୍ରକ ଓ ତିହିଡ଼ି ବ୍ଲକ୍‌ର ୪ ପଞ୍ଚାୟତର ଚାଷୀ ନିର୍ଭର କରୁଥିବା ଜଳିଆ ନଈରେ ଦୁର୍ବଳ ଆଡ଼ିବନ୍ଧ ନିର୍ମାଣ ପାଇଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଏହି ଜଳିଆ ନଈ ଭଦ୍ରକ ବ୍ଲକ୍‌ର କେଦାରପୁର ପଞ୍ଚାୟତର ରସଲପୁର ଗ୍ରାମରୁ ତିହିଡ଼ି ବ୍ଲକ୍‌ର କୁବେରା ପଞ୍ଚାୟତର ଇଟାଗଡ଼ି ଗ୍ରାମ ପର୍ଯ୍ୟନ୍ତ ହୋଇଥିବା ଜଣାପଡ଼ିଥିଲା ବେଳେ ଏହି ନଈ ଉପରେ ଭଦ୍ରକ ବ୍ଲକ୍‌ର କେଦାରପୁର ପଞ୍ଚାୟତ, ବେନ୍ତାଳ ପଞ୍ଚାୟତ ଓ ତିହିଡ଼ି ବ୍ଲକ୍‌ର ଗୁଆମାଳ ଓ କୁବେରା ପଞ୍ଚାୟତର ଚାଷୀ ନିର୍ଭର କରୁଥିବା ଜଣାଯାଇଛି। ଏହି ନଈର ଜମାବନ୍ଦୀକୁ ଜମି ମାଲିକମାନେ ମାଡ଼ି ବସି ସଂକୁଚିତ ହେଉଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ନଈ ଉପରେ ନିର୍ମାଣ ହେଉଥିବା ଆଡ଼ିବନ୍ଧ ଠିକାଦାର ଜଣକ ଦୁର୍ବଳ କରୁଥିବା ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀଙ୍କ ମଧ୍ୟରେ ଦାବି ହେଉଛି।

## ମା' ଅନ୍ନପୂର୍ଣ୍ଣା ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ



ଅସୁରାଳି,୧୬।୩(ସମିସ): ଅନ୍ନପୂର୍ଣ୍ଣା ପୂଜା କମିଟି, ଅନ୍ନପୂର୍ଣ୍ଣା ନଗର, କୋଠାର ଆନୁକୂଲ୍ୟରେ ଚଳିତ ବର୍ଷର ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଥିଲା। ଆସନ୍ତା ୨୭ ତାରିଖଠାରୁ ଆରମ୍ଭ ହେବାକୁ ଥିବା ପୂଜାକୁ କେମିତି ଭବ୍ୟ ଓ ଦିବ୍ୟ ଭାବରେ ଆୟୋଜନ କରାଯିବ, ସେଥିପାଇଁ ଗ୍ରାମବାସୀମାନେ ନିଜର ମତାମତ ଦେଇଥିଲେ। କମିଟିର ମୁଖ୍ୟ ପୁରୋଧା ଲକ୍ଷ୍ମୀନାରାୟଣ ବେହେରା, ସତ୍ୟସୁନ୍ଦର ପାଢ଼ୀ, ଅନ୍ତର୍ଯ୍ୟାମୀ ନାଥ, ସୁରେନ୍ଦ୍ର ନାୟକ, ଭରତ ନାୟକ, ଅରୁଣ ବାରିକ, ଅଧ୍ୟାପକଶ୍ରୀଧରସାହୁପ୍ରମୁଖଉପସ୍ଥିତହୋଇଥିଲେ।ସମସ୍ତେନିଜନିଜରମତଉପସ୍ଥାପନ କରିଥିଲେ ଏବଂ ପୂଜାକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ ଦେଇଥିଲେ। ବୈଠକରେ ପୂଜା ପାଇଁ ସଜାଣା, ଆଲୋକସଜ୍ଜା, ଭଜନକୀର୍ତ୍ତନ, ଭୋଜନ ବ୍ୟବସ୍ଥା ଓ ସାମୁଦାୟିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ସମସ୍ତଙ୍କର ସମ୍ମିଳିତ ପରମ ବିଷୟରେ ଆଲୋଚନା ହୋଇଥିଲା। ସମସ୍ତଙ୍କର ସମ୍ମିଳିତ ପ୍ରୟାସରେ ଏହି ବର୍ଷର ପୂଜାକୁ ଅଧିକ ଭବ୍ୟତାରେ ଆୟୋଜନ କରାଯିବାର ନିଷ୍ପତ୍ତି ଗ୍ରହଣ କରାଗଲା।

## ଆନ୍ଦୋଳନକୁ ଓହ୍ଲାଇବ ପାଚିକା ସଂଘ

ବାରିକପୁର,୧୬।୩(ସମିସ): ଦୀର୍ଘ ବର୍ଷ ହେବ ବିଦ୍ୟାଳୟମାନଙ୍କରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଥିବା ପାଚିକା ଓ ସହାୟିକାମାନଙ୍କୁ ସରକାର ଅଣଦେଖା କରୁଛନ୍ତି। ସେମାନେ ବାରମ୍ବାର ଦାବି କରୁଥିବା ସତ୍ତ୍ୱେ ସରକାର କୌଣସି କଥା ଶୁଣୁନାହାନ୍ତି। ତେଣୁ ବାଧ ହୋଇ ହଜାର ହଜାର ମହିଳା ପାଚିକା ଓ ସହାୟିକା କର୍ମଚାରୀମାନେ ଆସନ୍ତା ୧୮ ତାରିଖରୁ ମଧ୍ୟାହ୍ନଭୋଜନରେ ଅସହଯୋଗ କରିବେ। ଏହା ଛଡ଼ା ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା କରିବେ। ଏନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ରାଜ୍ୟ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି। ତେଣୁ ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲା ତଥା ଭଣ୍ଡାରିପୋଖରୀ ବ୍ଲକ୍ କମିଟି ପକ୍ଷରୁ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କମିଟି ପକ୍ଷରୁ ନନ୍ଦିତା ଦାସ, ବେଣୁଧର ସାମଲ, ମିନତି ଦାସ, ସଂଯୁକ୍ତା ସ୍ୱାଇଁ, ଜୟନ୍ତୀ ମହାରଣା, ରୂପଶ୍ରୀ ନାୟକ, ଚମ୍ପକଲତା ଓଝା ପ୍ରମୁଖ ଜିଲ୍ଲା ଓ ବ୍ଲକ୍ ଶିକ୍ଷାଧିକାରୀମାନଙ୍କୁ ଛୁଟି ମଞ୍ଜୁର ପାଇଁ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି।

## କଷଟି ଗ୍ରାମରେ ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ



ଧାମନଗର,୧୬।୩(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଅଧୀନସ୍ଥ କଷଟି ଗ୍ରାମରେ ମା' ମଙ୍ଗଳାଙ୍କ ଶକ୍ତିପୀଠରେ ୧୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଚଳିତ ଚୈତ୍ର ମାସ ୧ ଦିନ ବା ଇଂରାଜୀ ୧୫ରୁ ୧୭ ପର୍ଯ୍ୟନ୍ତ ଏହା ପାଳିତ ହେବା ସୂଚନା ମିଳିଛି। ରବିବାର ସକାଳୁ ୧୦୮ କଳସ ଶୋଭାଯାତ୍ରା ମନ୍ଦିର ନିକଟରୁ ବାହାରି କଷଟି ଗ୍ରାମ ନିକଟରେ ଥିବା ପବିତ୍ର କପାଳୀ ନଦୀରେ ବୁଡ଼ା ହୋଇ ଯାତ୍ରା ଆରମ୍ଭ ହୋଇଥିବାବେଳେ ଘଣ୍ଟଘଣ୍ଟା, ଶଙ୍ଖ ନାଦରେ ପୁରୀ ଉଠିଥିଲା ମା'ଙ୍କ ପୀଠସ୍ଥଳ। ଏଥିରେ ବହୁ ସଂଖ୍ୟାରେ ମହିଳା ଓ ମାଆ ଭଉଣୀମାନେ ଭାଗ ନେଇଥିଲେ। ମଙ୍ଗଳବାର ଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସନ୍ଧ୍ୟା ସମୟରେ ସମାପନ ହୋଇଥିଲା। ବୁଧବାର ଯଜ୍ଞ ପୂର୍ଣ୍ଣାହୁତି ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏହି ଉତ୍ସବରେ ଅନୁଷ୍ଠାନ ପକ୍ଷରୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ପାଇଁ ଦିନ ୧ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ପ୍ରସାଦସେବନର ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ଅଞ୍ଚଳର ଲୋକମାନେ ମା' ମଙ୍ଗଳାଙ୍କ ଶକ୍ତିପୀଠରେ ବହୁ ଭକ୍ତ ତା'ର ମାନସିକ ପୂରଣ ପାଇଁ ଗୁଆ, ପଇସା ବସାଇ ମାନସିକ ପୂରଣ କରିଥା'ନ୍ତି। ଏହି ୩ ଦିନ ଧରି ପ୍ରତ୍ୟହ ସନ୍ଧ୍ୟା ୭ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ଡାକ୍ତର ହରେକୃଷ୍ଣ ନାୟକଙ୍କୁ ନାଗରିକ ସମ୍ବର୍ଦ୍ଧନା

ଭଦ୍ରକ,୧୬।୩(ସମିସ): ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶା ଶାଖାର ଚଳିତ ବର୍ଷ ପାଇଁ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ସଭାପତି ଡାକ୍ତର ହରେକୃଷ୍ଣ ନାୟକଙ୍କୁ ଜୀବନବ୍ୟାପୀ ଉତ୍ସର୍ଗୀକୃତ ସେବା ଓ ସାଧନାର ସ୍ୱୀକୃତି ସ୍ୱରୂପ ଭଦ୍ରକ ନାଗରିକ ସମାଜ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଯଶସ୍ୱୀ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସମାରୋହରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ କଳ୍ପନାଦେବୀ ବୃଦ୍ଧାଶ୍ରମ ଡା. ନାୟକଙ୍କ ଉତ୍ସର୍ଗୀକୃତ ସେବାର ଜ୍ୱଳନ୍ତ ଦୃଷ୍ଟାନ୍ତ ବୋଲି ଅଭିମତ ଦେଇଥିଲେ। ଯେଉଁ ସମୟରେ ବରିଷ୍ଠମାନେ ପରିବାରରେ ଅଲୋଡ଼ା ହୋଇ ଅସହାୟ ଓ ନିରାଶ୍ରୟ ମଣୁଛନ୍ତି, ସେହି କ୍ଷେତ୍ରରେ ଏହି ବୃଦ୍ଧାଶ୍ରମ ସେମାନଙ୍କ ସୁଖ ଓ ସ୍ୱାଚ୍ଛନ୍ଦ୍ୟର ଆଶ୍ରୟସ୍ଥଳୀରେ ପରିଣତ ହୋଇଯାଉଛି। ସମ୍ମାନିତ ଅତିଥି ଭାବେ ଭଦ୍ରକର ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ରବୀନ୍ଦ୍ର କୁମାର ନାୟକ ଏବଂ ଯାଜପୁରର କାର୍ତ୍ତିକ ଚନ୍ଦ୍ର ରାଉତ, ଡା. ହରେକୃଷ୍ଣ ନାୟକ ଜୀବନର ଆଦ୍ୟ ସୋପାନରେ ଭଦ୍ରକରେ ପ୍ରଥମ ନର୍ସିଂହୋମ୍ ଏବଂ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍ ପ୍ରତିଷ୍ଠା କରି କିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଥିଲେ, ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ସମାରୋହରେ ଅନ୍ୟତମ ଅତିଥି ଭାବେ କ୍ୟାପ୍‌ଟେନ ସୁଦୀପ ସାହୁ ତାଙ୍କ କର୍ମକ୍ଷେତ୍ରରେ ଡାକ୍ତରମାନେ କିପରି ସମଗ୍ର କ୍ୟାମ୍ପ୍ ନିମନ୍ତେ ଜୀବନରେଖା ଭାବେ କାର୍ଯ୍ୟ କରନ୍ତି, ନିଜ ଅନୁଭୂତିରୁ ତାହାର ଦୃଷ୍ଟାନ୍ତ ଦେଇଥିଲେ। ସମ୍ବର୍ଦ୍ଧନାର ପ୍ରତ୍ୟୁତ୍ତରରେ ଡା. ହରେକୃଷ୍ଣ ନାୟକ ସରକାରୀ ଚାକିରିକୁ ପ୍ରତ୍ୟାଖ୍ୟାନ କରି ସାଧାରଣ ଜନତାଙ୍କର ସେବା କରିବା ପାଇଁ ସେ ଯେଉଁ ସଂକଳ୍ପ ନେଇଥିଲେ, ତାହା ବୃହତ୍ତର କ୍ଷେତ୍ରରେ ତାଙ୍କୁ ଅନୁଗୃହୀତ କରିଛି ବୋଲି ସ୍ୱୀକାର କରିଥିଲେ। ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ସେହି ପଥରେ ଅଟଳ ରହିବେ ବୋଲି ସେ ଆଉଥରେ ସଂକଳ୍ପ ନେଇଥିଲେ। ଏହି ସମ୍ବର୍ଦ୍ଧନା ସମାରୋହରେ ରୋଟାରିୟାନ ଅଭିଜିତ୍ ନାୟକ ମଞ୍ଚ ପରିଚାଳନା କରିଥିଲାବେଳେ ସମାଜସେବୀ ସୁଧାକର ରାଉତ ମଞ୍ଚ ଆମନ୍ତ୍ରଣ କରିଥିଲେ। ମେଡିସିନ ବିଭାଗର ଆସୋସିଏଟ୍ ପ୍ରଫେସର ଭାଗ୍ୟଶ୍ରୀ ପଣ୍ଡା ଡା. ନାୟକଙ୍କ ସଂକ୍ଷିପ୍ତ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ସମାରୋହରେ ଭଦ୍ରକ ରୋଟାରୀ କ୍ଲବ୍, ଇନର୍ ହ୍ୱିଲ୍ କ୍ଲବ୍, ଲାୟନ୍ସ କ୍ଲବ୍ ଭଦ୍ରକାଳୀ, ବୁଢ଼ା ଗଣେଶ ପୂଜା କମିଟି, ତେଜସ୍ୱିନୀ ମହିଳା ସଂଘ, ଭଦ୍ରକ ସାମ୍ବାଦିକ ସଂଘ, ଗାନ୍ଧୀ ବିଚାର ମଞ୍ଚ, ଭଦ୍ରକ ସାହିତ୍ୟ ପରିଷଦ, ଭାରତୀୟ ଚିକିତ୍ସକ ସଂଘ, କଟକ, ବରିଷ୍ଠ ନାଗରିକ ମହାସଂଘ ତରଫରୁ ଡା. ନାୟକଙ୍କୁ ଉପଢ଼ୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ରାଜନେତା ଚନ୍ଦ୍ରଶେଖର ନାୟକ ଡା. ନାୟକଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ମତ ରଖିଥିଲେ। ସମାରୋହକୁ ସଫଳତାର ସହ ପରିଚାଳନା କରିଥିଲେ ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ଡା. ବିକାଶ ନନ୍ଦ, ଇଂ ବସନ୍ତ କୁମାର ପାଣିଗ୍ରାହୀ, ଅଞ୍ଜନା ମିଶ୍ର, ଜଗନ୍ନାଥ ରାଉତ, ବୈଲୋଚନ ବେଉରିଆ, ଶାନ୍ତନୁ କୁମାର ରାଉତ, ସ୍ନେହଲତା ବେହେରା। ସମାରୋହରେ ଭଦ୍ରକର ଶତାଧିକ ବୁଦ୍ଧିଜୀବୀ ଯୋଗଦେଇଥିଲାବେଳେ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଦିଲ୍ଲୀପ କୁମାର ନାୟକ।



## ୧୯୯୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ



ବାରିକପୁର,୧୬।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲି ପୋଖରୀ ପଞ୍ଚାୟତ କଇଁସିରା ଗ୍ରାମ୍ୟ ଜଙ୍ଗଲଠାରେ ୧୯୯୮ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଅକ୍ଷୟ ମଲ୍ଲିକ, ବିବେକାନନ୍ଦ ରାୟ, କମଳାକାନ୍ତ ଲେଙ୍କା, ଧନେଶ୍ୱର ପ୍ରଧାନ, ବନମାଳୀ ସାହୁଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଶୁକଦେବ ଜେନା ହାଇସ୍କୁଲଠାରେ ଅଧ୍ୟୟନ କରୁଥିବା ପୁରାତନ ବନ୍ଧୁମାନେ ଯୋଗଦେଇ ବିଦ୍ୟାଳୟ ଜୀବନର ଶିକ୍ଷାଦାନ, ଅନୁଶାସନ ସହିତ ସହପାଠୀ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଏହାଛଡ଼ା ଦୀର୍ଘ ବର୍ଷ ପରେ ସମସ୍ତ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିବାରୁ ସେମାନଙ୍କ ବୃତ୍ତିଗତ ଜୀବନକୁ ନେଇ ମଧ୍ୟ ପରସ୍ପର ଆଲୋକପାତ କରିଥିଲେ। ଏଥିରେ ଦାମୋଦର ମଲ୍ଲିକ, କେଶବ ସାହୁ, ରଞ୍ଜିତା ସାହୁ, ନନ୍ଦ କିଶୋର ସାହୁ, ସ୍ମିତାରାଣୀ ତ୍ରିପାଠୀ, ଉର୍ମିଳା ରଣା, ସତ୍ୟବାନ୍ ରାଉଳ ପ୍ରମୁଖ ୪୦ରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ଜଣୈକ ଛାତ୍ର ବନ୍ଧୁ କ୍ୟାନ୍‌ସରରେ ପୀଡ଼ିତ ଥିବାବେଳେ ତାଙ୍କୁ ସମସ୍ତ ସହପାଠୀ ଆର୍ଥିକ ସହାୟତା ପ୍ରଦାନ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା।

## ୩୨ତମ ହରିନାମ ସଙ୍କୀର୍ତ୍ତନ ଉତ୍ସବ



ବାରିକପୁର,୧୬।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସରସଦା ପଞ୍ଚାୟତ ତୁଳସୀପୁରଠାରେ ୩୨ତମ ହରିନାମ ସଙ୍କୀର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ମହାଦେବ ପୋଖରୀରୁ ଘଟ ଉତ୍ତୋଳନ ପରେ ଏକ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପୂଜକ ଗଗନ ଦାଶ ବୈଦିକ ରୀତିନୀତି ଅନୁଯାୟୀ, ପଞ୍ଚସଖାଙ୍କୁ ପୂଜାର୍ଚ୍ଚନା କରି ନାମ ସଙ୍କୀର୍ତ୍ତନ ଶୁଭାରମ୍ଭ କରିଥିଲେ। ମୁଖ୍ୟ ସଂକଳ୍ପ କର୍ତ୍ତା ଭାବେ ହିମାଂଶୁ ସାମଲ ଓ ସହଯୋଗୀ ଭାବେ ଶଶିକାନ୍ତ ସାମଲ, ପ୍ରକାଶ ଚନ୍ଦ୍ର ବେହେରା, ଜଗଦିଶ ସାମଲ, ଆଦିତ୍ୟ ସାମଲ, ସୁରେଶ ସାମଲ, ପରେଶ ନାୟକ, ଦିଲ୍ଲୀପ ସାମଲ, ଗୌରାଙ୍ଗ ନାୟକ, ଖଗେଶ୍ୱର ସାମଲ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ନିକଟ ତରାଗ ଓ ସାରୁଅ ସଙ୍କୀର୍ତ୍ତନ ମଣ୍ଡଳୀ କୀର୍ତ୍ତନ ମଣ୍ଡପରେ ପହଞ୍ଚି ହରିନାମ ପରିବେଷଣ କରିଥିଲେ। ନଗର ଭ୍ରମଣ ସହିତ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଥିଲା। ୩ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦେଇଥିବା ବେଳେ ଗ୍ରାମବାସୀମାନେ ଉତ୍ସବ ପରିଚାଳନା କରିଥିଲେ।

### ● ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

## 'ଯୁବ ସମାଜ ଶସ୍ତ୍ର ଓ ଶାସ୍ତ୍ର ନିପୁଣ ହେବା ଉଚିତ୍'



ଭଦ୍ରକ,୧୬।୩(ସମିସ): ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର ସାମରାଇପୁରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଏକାଡେମୀ ସଦସ୍ୟ ଇଂ ଅଭୟ ସୂତାରଙ୍କ ପୌରୋହିତ୍ୟରେ ସମାଜସେବୀ ଶୁଭ୍ରକାନ୍ତି ଦାଶ ଓ ଶିକ୍ଷାବିତ୍ ଡ. ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। 'ଯୁବ ସମାଜ ଶାସ୍ତ୍ରାନୁରାଗି ନୁହଁନ୍ତି କାହିଁକି?' ଶୀର୍ଷକ ଆଲୋଚନାରେ ମୁଖ୍ୟଅତିଥି ଶିକ୍ଷାବିତ୍ ଅଜୟ କୁମାର କର, ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରଫୁଲ୍ଲ କର, ସମ୍ମାନିତ ବକ୍ତା ବାବାମଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ନିହାର ରଞ୍ଜନ କର, ବିଶେଷ ଅତିଥି ବେଷ୍ଟ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଇଂ ରବୀନ୍ଦ୍ର କୁମାର ଜେନା ଓ ନାଟ୍ୟକାର ଏବଂ ସମାଜସେବୀ ଲଲାଟେନ୍ଦୁ ମହାନ୍ତି, ଶିକ୍ଷାବିତ୍ ଜଗନ୍ନାଥ ନାୟକ ପ୍ରମୁଖ ଯୁବ ସମାଜ ଏକ ସୁସ୍ଥ ସମାଜ ପାଇଁ ଅସ୍ତ୍ରଶସ୍ତ୍ର ଓ ଶାସ୍ତ୍ର ନିପୁଣ ହେବା ନିହାତି ଆବଶ୍ୟକ। ଅଳସୁଆମୀ, ଅମାନିଆ ଭାବ, ବିଶୃଙ୍ଖଳ ଚିନ୍ତା ତ୍ୟାଗ କରି ଶୃଙ୍ଖଳିତ କଠିନ ପରିଶ୍ରମୀ ଓ ଜ୍ଞାନ ଭକ୍ତିରେ ଲୀନ ହୋଇ ରହିବା ନିହାତି ଆବଶ୍ୟକ ବୋଲି ମତପୋଷଣ କରିଥିଲେ। ନାଟ୍ୟକାର ଗୌରାଙ୍ଗ ଚନ୍ଦ୍ର ବାରିକ, ଅଧ୍ୟାପିକା ପ୍ରମୋଦା କୁମାରୀ ପଣ୍ଡା ଓ ସାବିତ୍ରୀ ବାନାର୍ଜୀଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ଦୟାନିଧି ବେହେରା, ଉମେଶ ଚନ୍ଦ୍ର ମହାପାତ୍ର, ହରିଶ ଚନ୍ଦ୍ର ଦାସ, ଅଧ୍ୟକ୍ଷା ଦୀପ୍ତିମୟୀ ସାହୁ, ସରୋଜିନୀ ନାୟକ, ଅଧୀବକ୍ତା ବୀଣାପାଣି ତ୍ରିପାଠୀ, ସାବିତ୍ରୀ ସେଠୀ, ସମାଜସେବୀ ବାବୁଲାଲ ଦାସ, ନାରାୟଣ ଚନ୍ଦ୍ର ତ୍ରିପାଠୀ, ନାଟ୍ୟକାର କାଳନ୍ଦୀ ମଲ୍ଲିକ, ଅରୂପାନନ୍ଦ ନାୟକ, ମହେଶ୍ୱର ସାହୁ, ଅଧ୍ୟକ୍ଷ ଡ. ଅବନୀ କୁମାର ପ୍ରଧାନ, ଶଶାଙ୍କ ଶେଖର ପଣ୍ଡା, ଶିଶୁ କବି ଅଂଶୁମାନ ସ୍ୱାଇଁ, ବସନ୍ତ ମହାନ୍ତି, ସନ୍ତୋଷ ମିଶ୍ର, ସୁରେଶ ସାହୁ, କୈଳାସ ଦାସ, ନିରଞ୍ଜନ ନାୟକ, ଶ୍ରେୟାଂଶୁ ସାହୁ, ଲୀଳାବତି ସାହୁ, ଜ୍ୟୋତିପ୍ରଭା ସାହୁ, ଅଧୀବକ୍ତା ମନୋରଞ୍ଜନ ଦାସ, ହେମନ୍ତ ରାଉତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡ. ଅନିଲ ଦାଶ ସମ୍ପାଦକୀୟ ପାଠ ଓ ଭଜନ ପରିବେଷଣ, ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ, ସହ ସମ୍ପାଦିକା ମମତାରାଣୀ ଦାଶମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିକ୍ଷାବିତ୍ ସତ୍ୟପ୍ରକାଶ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ବନ୍ୟାଞ୍ଚଳରେ ନିମ୍ନମାନର ରାସ୍ତା କାମ; ପ୍ରଶାସନ ନିରବ

# କୋଟି କୋଟି ଟଙ୍କା ପାଣିରେ ପଡ଼ିବା ଆଶଙ୍କା

ଦୋବଲ,୧୬।୩(ସମିସ)



ଧାମନଗର ବ୍ଲକ୍‌ର ଖଡ଼ିପଦା ଓ ଆନନ୍ଦପୁର ପଞ୍ଚାୟତବାସୀଙ୍କ ପାଇଁ ଜୀବନରେଖା ସଦୃଶ ଥିବା ଗୁରୁତ୍ୱପୂର୍ଣ୍ଣ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ଧାମନଗର-ଷେଣ୍ଡପୁର ପୂର୍ତ୍ତ ବିଭାଗ ରାସ୍ତାର ବେଦପୁର ଛକରୁ ମାନଲାପୁର ତାରିଣୀ ଛକ ଭାୟା ଦକ୍ଷିଣକୁରୁଆ ରାସ୍ତାର ଏହି ପ୍ରଶସ୍ତୀକରଣ କାର୍ଯ୍ୟରେ ବୈଷୟିକ ନିୟମକୁ ଜଳାଞ୍ଜଳି ଦିଆଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିୟମ ଅନୁସାରେ, ଯେକୌଣସି ସରକାରୀ ପ୍ରକଳ୍ପ ଆରମ୍ଭ ପୂର୍ବରୁ ସେଠାରେ ଏକ ସୂଚନାଫଳକ ଲଗାଯିବା କଥା। ମାତ୍ର ବେଦପୁର ଛକରୁ ମାନଲାପୁର ତାରିଣୀ ଛକ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟସ୍ଥଳରେ କୌଣସି ସୂଚନାଫଳକ ନାହିଁ। କିଏ ଏହି କାମ କରୁଛି ଏବଂ କେଉଁ ଠିକା ସଂସ୍ଥାକୁ ଏହାର ଦାୟିତ୍ୱ ଦିଆଯାଇଛି, ସେ ନେଇ ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଉ ନାହିଁ। ଜଣେ ଠିକାଦାରଙ୍କ କହିବା ଅନୁସାରେ ଏହା ୩ କୋଟି ଟଙ୍କାର ପ୍ରକଳ୍ପ, କିନ୍ତୁ ସରକାରୀସ୍ତରରେ ଏହାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ବୈତରଣୀ ନଦୀର ବନ୍ୟା ପ୍ରଭାବିତ ଅଞ୍ଚଳରେ ଅବସ୍ଥିତ। ମାତ୍ର ୪୦୦ ମିଟର ଦୂରରେ ଆନନ୍ଦପୁର ପଞ୍ଚାୟତର ଉତେଇପୁରରେ ବୈତରଣୀର ମଲ୍ଲିମାହାରା ଏସ୍‌କେପ୍ ରହିଛି। ବନ୍ୟା ସମୟରେ ଏହି ଏସ୍‌କେପ୍ ଦେଇ ଆସୁଥିବା ହଜାର ହଜାର ଘନଫୁଟ୍‌ର ପାଣି ସିଧାସଳଖ ଏହି ରାସ୍ତା ଉପରେ ପିଟି ହୋଇଥାଏ। ୨୦୨୨ ଅଗଷ୍ଟ ବନ୍ୟାରେ ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା ଏବଂ କଂକ୍ରିଟ୍ ସ୍ଲାବ୍‌ଗୁଡ଼ିକ ଧୋଇ ହୋଇଯାଇଥିଲା। ତଥାପି ବୈଷୟିକ ଆକଳନ ଅନୁସାରେ ରାସ୍ତାର ସୁରକ୍ଷା ପାଇଁ ଉଭୟ ପାର୍ଶ୍ୱରେ କାନ୍ଥ ନିର୍ମାଣ କରାଯାଉନାହିଁ।

ଅଭିଯୋଗ ଅନୁଯାୟୀ, ରାସ୍ତାଟି ଗ-୩୦ ଗ୍ରେଡ୍‌ର ସିମେଣ୍ଟ ମିକ୍ସରେ ହେବା କଥା, କିନ୍ତୁ ଏଠାରେ ବାଲି, ସିମେଣ୍ଟ ଓ ଚିପ୍ସର ଭାଗ ଅତ୍ୟନ୍ତ ନିମ୍ନମାନର ରହୁଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ପାଣିର ପ୍ରଖର ସ୍ରୋତ ସହିବା ଭଳି ଏହି ରାସ୍ତାରେ ଲୁହାରଡ୍ ବ୍ୟବହାର କରାଯାଉ ନାହିଁ। ଏହି କାରଣରୁ ଆଗାମୀ ବନ୍ୟାରେ ରାସ୍ତାଟି ପୁଣି ଧୋଇଯିବାର ଆଶଙ୍କା ଦେଖାଦେଇଛି। ଏହି ସମସ୍ୟା ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ରୂପକ ମୁଣ୍ଡାଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଉ ନାହାନ୍ତି। ଅନ୍ୟପଟେ ଧାମନଗର ବିଡିଓ ବନବିହାରୀ ଦିନ୍ଦା କହିଛନ୍ତି ଯେ ଏହା ଗ୍ରାମ୍ୟ ଉନ୍ନୟନ ବିଭାଗର କାମ ହୋଇଥିବାରୁ ବ୍ଲକ୍ ପ୍ରଶାସନର ଏଥିରେ କୌଣସି ହସ୍ତକ୍ଷେପ ନାହିଁ। ଖଡ଼ିପଦା ପଞ୍ଚାୟତର ବୈକୁଣ୍ଠି, ମୁଥାନଗର, ଆନନ୍ଦପୁର ପଞ୍ଚାୟତର ଶତପଥୀ ସାହି, ନଡ଼ିଆବାଗ, ଉତେଇପୁର, ଖଡ଼ିପଦା ପଞ୍ଚାୟତର ଦକ୍ଷିଣକୁରୁଆ ଅଞ୍ଚଳରେ ରହୁଥିବା ହଜାର ହଜାର ଲୋକଙ୍କ ସୁବିଧା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବାବେଳେ ଏପରି ନିମ୍ନମାନର କାର୍ଯ୍ୟ ସାଧାରଣ ଜନତାଙ୍କ ଅର୍ଥକୁ ପାଣିରେ ପକାଇବା ସଦୃଶ ହୋଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟର ମାନ ଯାଞ୍ଚ କରିବାକୁ ଦାବି ହେଉଛି।

# ଅଲୌକିକ କଳସ କହି ଠକିନେଲେ ୮୦ ଲକ୍ଷ, ୩ ଗିରଫ

ଚୌଦ୍ୱାର,୧୬।୩(ସମିସ): 'ଆମ ପାଖରେ ଅଲୌକିକ ଦିବ୍ୟ କଳସ ଅଛି। ଏହା ଯାହା ପାଖରେ ରହିଛି ସେ ମାଲାମାଲ ହୋଇଛି। ତା ଜୀବନରେ ସର୍ବସିଦ୍ଧି ଘଟୁଛି'। ଏଭଳି ଲୋଭ ଦେଖାଇ ଅଭିନବ ଉପାୟରେ ଲୋକଙ୍କ ଠାରୁ ଅର୍ଥ ଠକି ନେଉଥିବା ଅଭିଯୋଗରେ ଚୌଦ୍ୱାର ପୁଲିସ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଯାଜପୁର କୋରେଇ ଅଞ୍ଚଳର ଅଜୟ ମହାପାତ୍ର, ଗଞ୍ଜାମ ଜିଲ୍ଲା ଜରଡ଼ା ଗ୍ରାମର ବି. ରବୀନ୍ଦ୍ର ପାତ୍ର ଓ ମହାରାଷ୍ଟ୍ର କୋହ୍ଲାପୁର ଅଞ୍ଚଳର ଶଶାଙ୍କ ଭୂପାଲ ସିଲାକେ। ପୁଲିସ ସୂଚନା ଅନୁଯାୟୀ ସ୍ଥାନୀୟ ଦେବୀ ନଗରସ୍ଥିତ ମହାବୀର ଜିମ୍‌ର ମାଲିକ କପାଳେଶ୍ୱର ଅଞ୍ଚଳର ରାଜେଶ କୁମାର ସାହୁ ଥାନାରେ ଅଭିଯୋଗ କରିଥିଲେ ଯେ, ଅଭିଯୁକ୍ତ ୩ଜଣ ତାଙ୍କ ଜିମ୍ ସେଣ୍ଟରକୁ ଆସି ତାଙ୍କ ପାଖରେ ଏକ ଅଲୌକିକ ଦିବ୍ୟ କଳସ ଥିବା ପ୍ରକାଶ କରି ଯାହା ବିରଳ ଏବଂ ଏହା ଯାହା ପାଖରେ ରହେ ତାର ସର୍ବସିଦ୍ଧି ହୋଇଥାଏ ବୋଲି ରାଜେଶଙ୍କ ବିଶ୍ୱାସ ଜନ୍ମାଇଥିଲେ। ରାଜେଶ ଏଥିରେ ପ୍ରଲୋଭିତ ହୋଇ ସେମାନଙ୍କୁ ନଗଦ ୮୦ଲକ୍ଷ ଟଙ୍କା ପ୍ରଦାନ କରି କଳସଟିକୁ ସେମାନଙ୍କ ନିକଟରୁ କିଣିଥିଲେ। ପରେ ସେ ନେଇଥିବା ଅଲୌକିକ କଳସଟି କୌଣସି ଚମତ୍କାରୀ କଳସ ନୁହେଁ ବୋଲି ଜାଣିବାକୁ ପାଇଥିଲେ। କଳିସଟି ଏକ ମାଟି କଳସ ଏବଂ ଏହା ଉପରେ ସୁନା ରଙ୍ଗ ଦିଆଯାଇ ଅବିକଳ ସୁନା କଳସ ପରି କରାଯାଇଥିବା ଜଣା ପଡ଼ିଥିଲା। ରାଜେଶଙ୍କ ଠାରୁ ଅଭିଯୋଗ ପାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲା ପୁଲିସ। ନିକଟସ୍ଥ ଏକ କମ୍ପାନୀ ପାଖରେ ଅଭିଯୁକ୍ତମାନେ ଅନ୍ୟ ଏକ ବେପାର ପାଇଁ ଯୋଜନା କରୁଥିବା ଖବର ପାଇ ପୁଲିସ ଉକ୍ତ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ଯୋଗେଶ କୁମାର ବେଜ ସୂଚନା ଦେଇଛନ୍ତି। ଏକ କାଚବାକ୍ସ ଭିତରେ ରଖା ଯାଇଥିବା ଆକର୍ଷଣୀୟ ରଙ୍ଗ ପ୍ରଲେପ ଦିଆ ଅନ୍ୟ ଏକ କଳସକୁ ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଜବତ କରିଛି।

## ମୃତକଙ୍କ ପରିବାରକୁ ସମବେଦନା ଜଣାଇଲେ ପୂର୍ବତନ ମନ୍ତ୍ରୀ



ଭଦ୍ରେଶ୍ୱର,୧୬।୩(ସମିସ): କଟକ ଏସିବି ମେଡିକାଲ ଅଗ୍ନିକାଣ୍ଡରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ପାଇକରାପୁର ଗ୍ରାମର ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ପରିବାରବର୍ଗଙ୍କୁ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ପ୍ରତାପ ଜେନା ଗଭୀର ସମବେଦନା ଜଣାଇଛନ୍ତି। ପାଇକରାପୁର ଗ୍ରାମର ଚରଣ ବାରିକଙ୍କ ପୁତ୍ର ଗୌରାଙ୍ଗ ଚରଣ ବାରିକ ଚିକିତ୍ସାଧୀନ ଥିଲା ବେଳେ ଅଗ୍ନିକାଣ୍ଡରେ ମୃତ୍ୟୁବରଣ କରିଛନ୍ତି। ତାଙ୍କ ମରଶରୀରକୁ ପୈତୃକ ଗ୍ରାମକୁ ଅଣାଯାଇ ଶୋକାକୂଳ ପରିବେଶରେ ଦାହ କରାଯାଇଥିଲା। ମୃତକଙ୍କ ଅକାଳ ବିୟୋଗରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଜେନା ଗଭୀର ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ସିପିଆଇଏମ୍

କଟକ,୧୬।୩(ସମିସ): କଟକ ଏସସିବି ମେଡିକାଲ ଟ୍ରମା କେୟାର ୟୁନିଟ୍‌ରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡକୁ ନେଇ ସିପିଆଇ (ଏମ୍) କଟକ ଜିଲ୍ଲା କମିଟି ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଏହି ଅଘଟଣରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ସଙ୍କଟାପନ୍ନ ଏବଂ ୫ ଜଣ ନର୍ସ ଗୁରୁତର ଆହତ ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ବିଦ୍ୟୁତ ପରିଚାଳନାଗତ ତ୍ରୁଟି ଓ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ଏଭଳି ଘଟଣା ଘଟିଛି ବୋଲି ଦଳ ଅଭିଯୋଗ କରିଛି। ନୈତିକ ଦାୟିତ୍ୱ ଗ୍ରହଣ କରି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ, ଏସସିବି ସୁପରିଣ୍ଟେଣ୍ଡେଣ୍ଟ ଓ ପ୍ରଶାସନିକ ମୁଖ୍ୟଙ୍କୁ ତୁରନ୍ତ ସସପେଣ୍ଡ କରାଯାଉ, ମୃତକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯାଉ, ବିଦ୍ୟୁତ ପରିଚାଳନା ଦାୟିତ୍ୱରେ ଥିବା ଠିକା ସଂସ୍ଥାର ମାଲିକଙ୍କୁ ଗିରଫ କରାଯାଉ ଏବଂ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ପ୍ରଦାନରେ ହୋଇଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ ହେଉ ବୋଲି ଦଳ ପକ୍ଷରୁ ଦାବିଗୁଡ଼ିକ ଉପସ୍ଥାପନ କରାଯାଇଛି।

## ଏସୟୁସିଆଇ ପକ୍ଷରୁ ମେଡିକାଲ ସମ୍ମୁଖରେ ବିକ୍ଷୋଭ




କଟକ,୧୬।୩(ସମିସ): କଟକ ଏସସିବି ମେଡିକାଲ ଆଇସିୟୁରେ ଘଟିଥିବା ମର୍ମନ୍ତୁଦ ଅଗ୍ନିକାଣ୍ଡରେ ୧୧ ଜଣ ରୋଗୀଙ୍କ ମୃତ୍ୟୁ ପ୍ରତିବାଦରେ ଆଜି ଏସୟୁସିଆଇ ପକ୍ଷରୁ ମେଡିକାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାର୍ଟି ପକ୍ଷରୁ ଏହି ଘଟଣାକୁ ଏକ ଦୁର୍ଘଟଣା ନୁହେଁ, ବରଂ "ସରକାରୀ କୃତ ହତ୍ୟାକାଣ୍ଡ' ବୋଲି ଅଭିହିତ କରାଯାଇଛି। ଭୟାବହ ଅଗ୍ନିକାଣ୍ଡ ପାଇଁ ନୈତିକ ଦାୟିତ୍ୱ ଗ୍ରହଣ କରି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ। ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଏବଂ ଗୁରୁତର ଆହତଙ୍କୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉ। ମେଡିକାଲରେ ଆଉଟସୋର୍ସିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ବାତିଲ କରି ଆବଶ୍ୟକ ସଂଖ୍ୟକ ସ୍ଥାୟୀ ଡାକ୍ତର ଓ ନର୍ସ ନିଯୁକ୍ତ କରାଯାଉ। ଅଗ୍ନିକାଣ୍ଡ ଓ ଅବ୍ୟବସ୍ଥା ପାଇଁ ଦାୟୀ ଥିବା ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପାର୍ଟି ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଖଗେଶ୍ୱର ସେଠୀ, ବବି ବଳବନ୍ତରାୟ, ସିଦ୍ଧାର୍ଥ ରଥ ଓ ବସନ୍ତ ନାୟକଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ପାର୍ଟି ପକ୍ଷରୁ ମୃତକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି।

## ହୋଟେଲରୁ ୧୪ ଗ୍ୟାସ୍ ସିଲିଣ୍ଡର ଜବତ



ନରସିଂହପୁର,୧୬।୩(ସମିସ): ସାଧାରଣ ଖାଉଟିଙ୍କୁ ସିଲିଣ୍ଡର ମିଳୁନି। ଅନ୍ୟପଟେ କଳାବଜାରକୁ ରୋକିବା ପାଇଁ ଆଠଗଡ ଓ ସ୍ଥାନୀୟ ପ୍ରଶାସନ ତରଫରୁ ନରସିଂହପୁରର ବିଭିନ୍ନ ହୋଟେଲରେ ଆଜି ଚଢ଼ଉ କରାଯାଇ ଅନଧିକୃତ ଭାବେ ଗଚ୍ଛିତ ୧୪ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ଉ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି। ଯୁଦ୍ଧ ପାଇଁ ଗ୍ୟାସ ସିଲିଣ୍ଡର ଯୋଗାଣ ପ୍ରଭାବିତ ହୋଇଥିବା କୁହାଯାଉଛି। ଏଭଳି ଆଶଙ୍କାରେ ବଡ଼ ବଡ଼ ହୋଟେଲଗୁଡ଼ିକ ପ୍ରଚୁର ପରିମାଣର ସିଲିଣ୍ଡର ଗଚ୍ଛିତ ରଖୁଥିବା ଅଭିଯୋଗ ହେଉଥିଲା। ସୋମବାର ସ୍ଥାନୀୟ ଏବଂ ଆଠଗଡ଼ ଯୋଗାଣ ବିଭାଗ, ସ୍ଥାନୀୟ ଥାନା ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ ହୋଇଥିଲା। ଏହି ଟିମର ନେତୃତ୍ୱ ଏସିଏସଓ ଆଠଗଡ଼ ବିଷ୍ଣୁଚରଣ ପରିଡା ନେଇଥିବା ବେଳେ ଏଥିରେ ଥିଲେ ଆଠଗଡ଼ ଯୋଗାଣ ଅଧିକାରିଣୀ ବିଦ୍ୟୁଲତା ନାୟକ, ନରସିଂହପୁର ଯୋଗାଣ ଅଧିକାରୀ ବିଶ୍ୱରଞ୍ଜନ ମଲ୍ଲିକ, କାନପୁର ଥାନା ଏଏସଆଇଙ୍କ ସମେତ ଅନ୍ୟ କର୍ମଚାରୀ ବାଲିଝରି, ଋଷିପଡା ଆଦି ଅଞ୍ଚଳର ବିଭିନ୍ନ ହୋଟେଲରେ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଦୋକାନଗୁଡ଼ିକରେ ଅନେକ ପରିମାଣର ଗ୍ୟାସ ସିଲିଣ୍ଡର ଗଚ୍ଛିତ ଥିବା ଜଣାପଡ଼ିଥିଲା। ତେବେ ସିଲିଣ୍ଡର ଗୁଡ଼ିକର କୌଣସି ପ୍ରକାର କାଗଜପତ୍ର ନ ଥିଲା। ଏଣୁ ଦୁଇଟି ହୋଟେଲ ମଧ୍ୟରୁ ମୋଟ ୧୪ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଥିଲା। ଏଥିରେ ସମସ୍ତ ଘରୋଇ ସିଲିଣ୍ଡର ରହିଛି। ଜବତ ସିଲିଣ୍ଡରଗୁଡ଼ିକ ଏକ ଗ୍ୟାସ ଏଜେନ୍ସିକୁ ଯାଞ୍ଚ ପାଇଁ ହସ୍ତାନ୍ତର କରାଯାଇଛି। ଏଭଳି ବେଆଇନ ଭାବେ ସିଲିଣ୍ଡର ଗଚ୍ଛିତ ରଖିଲେ ଆଗାମୀ ଦିନରେ ମଧ୍ୟ ଚଢ଼ଉ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଏସ୍‌ସିବି ଅଗ୍ନିକାଣ୍ଡ; ଆହତଙ୍କୁ ଭେଟିଲେ ମେୟର



କଟକ,୧୬।୩(ସମିସ): କଟକ ଏସସିବି ମେଡିକାଲର ଜରୁରୀକାଳୀନ ଟ୍ରମା କେୟାର ବିଭାଗରେ ଗତକାଲି ବିଳମ୍ବିତ ରାତିରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ପ୍ରାୟ ୧୦ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଖବର ପାଇ ଆଜି ଭୋର ୪ଟା ସମୟରେ କଟକ ମେୟର ସୁବାସ ସିଂହ ମେଡିକାଲରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଆହତ ରୋଗୀ, ସେମାନଙ୍କ ସମ୍ପର୍କୀୟ ଏବଂ ଉଦ୍ଧାର କାର୍ଯ୍ୟରେ ଆହତ ହୋଇଥିବା ମେଡିକାଲ କର୍ମଚାରୀଙ୍କୁ ଭେଟିଥିଲେ। ଏହି ଅବସରରେ ମେୟର ଶ୍ରୀ ସିଂହ ଦାୟିତ୍ୱରେ ଥିବା ଡାକ୍ତର ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଆହତଙ୍କୁ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏସସିବିରେ ପହଞ୍ଚିବା ପରେ ମେୟର ତାଙ୍କୁ ସ୍ୱାଗତ କରିବା ସହ ଅଗ୍ନିକାଣ୍ଡର ବିଭିଷିକା ଓ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ।

## ବଡମେଡ଼ିକାଲ ଅଗ୍ନିକାଣ୍ଡରେ ଚୌଦ୍ୱାରର ରମେଶ ପରିଡ଼ାଙ୍କ ମୃତ୍ୟୁ

ଚୌଦ୍ୱାର,୧୬।୩(ସମିସ): ରବିବାର ବିଳମ୍ବିତ ରାତିରେ କଟକ ବଡ଼ ମେଡ଼ିକାଲ ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ୧୧ ଜଣଙ୍କର ଶୋଚନୀୟ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଏହି ୱାର୍ଡରେ ଗତ ସୋମବାର ଠାରୁ ଚିକିତ୍ସିତ ହେଉଥିବା ଚୌଦ୍ୱାର ଚଷାପଡ଼ା ଜେନାପୁର ଗ୍ରାମର ରମେଶ ଚନ୍ଦ୍ର ପରିଡ଼ା (୪୬) ଉକ୍ତ ଅଗ୍ନିକାଣ୍ଡରେ ପୋଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ପ୍ରକାଶ ଯେ, ରମେଶ ଗତ ସୋମବାର ଦିନ ଚାରବାଟିଆ ବଜାରରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ବଡ଼ ମେଡ଼ିକାଲର ଟ୍ରମା କେୟାର ୱାର୍ଡରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାରେ ତାଙ୍କ ଅବସ୍ଥାରେ ସୁଧାର ଆସୁଥିବାବେଳେ ହଠାତ୍ ଏଭଳି ଦୁର୍ଘଟଣାରେ ତାଙ୍କର ଜୀବନ ଚାଲିଯିବା ତାଙ୍କ ପରିବାର ଲୋକଙ୍କୁ ମର୍ମାହତ କରିଛି। ମୃତ ପରିଡ଼ାଙ୍କର ଅଷ୍ଟମ ଶ୍ରେଣୀରେ ପଢୁଥିବା ଏକମାତ୍ର ପୁତ୍ର ବାପାଙ୍କୁ ହରାଇ ଅସହାୟ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ଶବ ହସ୍ତାନ୍ତର ପରେ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଛି।

## ନରସିଂହପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ



ନରସିଂହପୁର,୧୬।୩(ସମିସ): ନରସିଂହପୁର ଅଦାଲତ ପରିସରରେ ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଚଳିତ ବର୍ଷର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନି ବିଚାରପତି ଚନ୍ଦ୍ରହାସ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଲୋକ ଅଦାଲତରେ ମୋଟ ୬୦ଟି ମାମଲାର ଫଇସଲା କରାଯାଇଥିଲା। ସେହିପରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସତ୍ୟନାରାୟଣ ଦାଶଙ୍କ ଅଦାଲତରେ ୫୦ଟି ଫୌଜଦାରୀ ମାମଲା ବିଚାର କରି ଫଇସଲା କରିଥିଲେ। ଏହା ସହିତ ୪ଟି ଦେୱାନୀ ଓ ୩ଟି ବୈବାହିକ ମାମଲାର ଆପୋଷ ବୁଝାମଣା ଭିତରେ ସମାଧାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ପାତ୍ର, ପ୍ରଫୁଲ୍ଲ ପଣ୍ଡା, ସରୋଜ ସାହୁ, ବୀରକେଶରୀ ଦେହୁରୀ, ରବୀନ୍ଦ୍ର ନାଥ ସାହୁ, ଉମାକାନ୍ତ ପାଣିଗ୍ରାହୀ, ଜ୍ଞାନ ରଞ୍ଜନ ନାୟକ, ପ୍ରକାଶ ପ୍ରଧାନ, ନର ନାରାୟଣ ବାରିକ, ଭୂପେନ ଦାସ, ରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବ୍ୟାଙ୍କର କର୍ମକର୍ତ୍ତା ଏବଂ ଅଦାଲତର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କବି ଗିରିଜା ବଳିୟାର ସିଂହଙ୍କୁ ସମ୍ବର୍ଦ୍ଧନା



କଟକ,୧୬।୩(ସମିସ): କବିତା ସଂକଳନ 'ପଦପୂରଣ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିବାକୁ ଯୋଗ୍ୟ ବିବେଚିତ ହୋଇଥିବା ବିଶିଷ୍ଟ କବି ଗିରିଜା କୁମାର ବଳୀୟାରସିଂହଙ୍କୁ ପ୍ରାଚୀନତମ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସୋମବାର ସନ୍ଧ୍ୟାରେ ତାଙ୍କ କଲ୍ୟାଣୀନଗର ବାସଭବନରେ ତାଙ୍କୁ ଅନୁଷ୍ଠାନର ଉପଦେଷ୍ଟା ପ୍ରଫେସର ଡ. ବିଜୟାନନ୍ଦ ସିଂହ, ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ସାଧାରଣ ସମ୍ପାଦକ ରାଜୀବ ଷଡଙ୍ଗୀ, କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ ଓ କାର୍ଯ୍ୟନିର୍ବାହିକା ସମିତିସଭ୍ୟ ଶିବାଶିଷ କର ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଶ୍ରୀ ବଳୀୟାର ସିଂହ ଓଡ଼ିଆ କବିତା ଓ ଫିଚର ସାହିତ୍ୟରେ ଅନନ୍ୟ ଅସାଧାରଣ ସ୍ରଷ୍ଟା।


## ଓଡ଼ିଆ ଗବେଷଣା ପରିଷଦର ବାର୍ଷିକ ଉତ୍ସବ



### ନିଖିଳ ପଟ୍ଟନାୟକ ଓ ଦୁର୍ଯ୍ୟୋଧନ ଦାସ ପୁରସ୍କୃତ

କଟକ,୧୬।୩(ସମିସ): ଓଡ଼ିଆ ଗବେଷଣା ପରିଷଦର ୪୬ତମ ବାର୍ଷିକ ଉତ୍ସବ କଟକର ଶ୍ରୀରାମଚନ୍ଦ୍ର ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ 'ବିଦ୍ୟାର ନୃତତ୍ତ୍ୱ' ଶୀର୍ଷକରେ ଏକ ସଂପାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଭାଷାର ନୃତତ୍ତ୍ୱ', 'ସାହିତ୍ୟର ନୃତତ୍ତ୍ୱ' ଓ 'ସଙ୍ଗୀତର ନୃତତ୍ତ୍ୱ' ବିଷୟରେ ପ୍ରଫେସର ସନ୍ତୋଷ କୁମାର ରଥ, ପ୍ରଫେସର ଦୀପ୍ତିରଞ୍ଜନ ପଟ୍ଟନାୟକ, ସୃଷ୍ଟିସ୍ୱରୂପା ମିଶ୍ର ଓ ବ୍ରାଜିଲ୍‌ର ଗବେଷିକା ମିସ୍ ରାଏସ୍ ପ୍ରବନ୍ଧ ପାଠ କରିଥିଲେ। ଏହି ସଂପାନର ନିର୍ଦ୍ଦେଶକ ଥିଲେ କବି ତଥା ଗବେଷକ ଶୈଳଜ ରବି। ପରିଷଦର ସଭାପତି ସୁଧୀର ଚନ୍ଦ୍ର ବେହୁରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଉପ ସଭାପତି ଅସିତ ମହାନ୍ତି ଓ ସମ୍ପାଦକ ଗୌରାଙ୍ଗ ଚରଣ ଦାଶ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କମଳାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଜଟାଧାରୀ ମହାପାତ୍ରଙ୍କ ସମ୍ପାଦିତ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପ୍ରଣୀତ 'ଗୀତାଭିଧାନ'ର ପାଠାଧାରିତ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ 'କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ପୁରସ୍କାର' ଅନୁବାଦକ ଓ ବିଜ୍ଞାନ ଲେଖକ ନିଖିଳମୋହନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ଏହାସହ 'କୃଷ୍ଣଚରଣ କାବ୍ୟପୁରୁଷ ପୁରସ୍କାର' ସାହିତ୍ୟିକ ଓ ଗବେଷକ ଦୁର୍ଯ୍ୟୋଧନ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଉଭୟଙ୍କୁ ଦଶହଜାର ଟଙ୍କା ଲେଖାଏଁ ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ। ମାନପତ୍ର ପାଠ କରିଥିଲେ ସୁରଞ୍ଜନ ଲେଙ୍କା ଏବଂ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ ସୁବାସ ଚନ୍ଦ୍ର ପଟ୍ଟନାୟକ। କାର୍ଯ୍ୟକ୍ରମରେ ଅପରାହ୍ଣରେ ପରିଷଦର ବାର୍ଷିକ ସାଧାରଣସଭା ଏବଂ ସନ୍ଧ୍ୟାରେ ସମାବର୍ତ୍ତନ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ଶେଷରେ ଗୌରହରି ମହାନ୍ତି ଓ ମନୋଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ ଦୁର୍ଘଟଣା; ଅଳ୍ପକେ ବର୍ତ୍ତିଲେ ୩ ଯାତ୍ରୀ



ତ୍ରିଶୂଳିଆ,୧୬।୩(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ତ୍ରିଶୂଳିଆ ବଜାର ନିକଟରେ ଆଜି ଅପରାହ୍ନରେ ଏକ କାର୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଖୁଣ୍ଟ ଓ ହୋର୍ଡିଂରେ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ କାର୍ ଚାଳକଙ୍କ ସମେତ ଦୁଇଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ୍ୟ ସାମାନ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଆଜି ଅପରାହ୍ନ ପ୍ରାୟ ୩ଟା ୩୦ ସମୟରେ "ଓଡି-୦୫ ବିଡି ୩୮୭୨' ନମ୍ବର ବିଶିଷ୍ଟ କାର୍‌ଟି କଟକରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଧକ୍କା ଏତେ ଜୋରରେ ଥିଲା ଯେ କାର୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ସ୍ଥାନୀୟ ଲୋକମାନେ ତୁରନ୍ତ ଆହତଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଇବା ସହ ବାରଙ୍ଗ ଥାନା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରଟିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି।

## ସରକାରୀ ଜମି ଜବରଦଖଲ ମୁକ୍ତ ପାଇଁ ଦାବିପତ୍ର



ଟିଗିରିଆ,୧୬।୩(ସମିସ): ଟିଗିରିଆ ବ୍ଲକର ବିଭିନ୍ନ ସ୍ଥାନରେ ସରକାରୀ ଜମି ଜବରଦଖଲକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜବରଦଖଲ ଉଚ୍ଛେଦ ଦାବିରେ ଆଜି ଚାରିଛକ ଓ ପାଞ୍ଚଗାଁ ଅଞ୍ଚଳର ବହୁ ଗ୍ରାମବାସୀ ତହସିଲଦାର ଧର୍ମ ରଞ୍ଜନ ପଣ୍ଡାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଅଚଳକୋଟ ପଞ୍ଚାୟତ ଚାରିଛକ ନିକଟରେ ଥିବା ସରକାରୀ ଜମିକୁ କିଛି ବ୍ୟକ୍ତି ଜବରଦଖଲ କରି ଚାଷ କରୁଥିବାରୁ ଗୃହପାଳିତ ପଶୁଙ୍କ ଚରିବା ପାଇଁ ସମସ୍ୟା ସୃଷ୍ଟି ହେଉଛି। ଏନେଇ ହରିଡାପଶି ଓ ଅଚଳକୋଟର ପ୍ରାୟ ୧୫୦ରୁ ଅଧିକ ଗ୍ରାମବାସୀ ଅଭିଯୋଗ କରିବା ପରେ ତହସିଲଦାରଙ୍କ ନିର୍ଦ୍ଦେଶରେ ରାଜସ୍ୱ ନିରୀକ୍ଷକ ଓ ଅତିରିକ୍ତ ତହସିଲଦାର ଘଟଣାସ୍ଥଳ ପରିଦର୍ଶନ କରି ସମସ୍ୟାର ସମାଧାନ କରିଛନ୍ତି। ଅପରପକ୍ଷରେ, ପାଞ୍ଚଗାଁ ଗ୍ରାମର ସାହୁଘର ଛକ ନିକଟରେ ଜଣେ ବ୍ୟକ୍ତି ସରକାରୀ ଜମି ମାଡ଼ି ବସିଥିବାରୁ ସେଠାରେ ପ୍ରସ୍ତାବିତ ଅଙ୍ଗନବାଡ଼ି ଗୃହ ନିର୍ମାଣ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତହସିଲଦାର ଶ୍ରୀ ପଣ୍ଡା କହିଛନ୍ତି ଯେ, ଯଦି ସମ୍ପୃକ୍ତ ସ୍ଥାନରେ ସରକାରୀ ଜମି ଜବରଦଖଲ ଥିବ ଏବଂ ବିଡ଼ିଓଙ୍କ ପକ୍ଷରୁ ଚିଠି ଆସିବ, ତେବେ ଅଙ୍ଗନବାଡ଼ି ନିର୍ମାଣ ପାଇଁ ତୁରନ୍ତ ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ କର୍ମଶାଳା

## ଜଳ ଓ ଜଳବାୟୁ ପରିବର୍ତ୍ତନ ଉପରେ ଆଲୋଚନା

### ସ୍ଥାୟୀ ସମାଧାନ ପାଇଁ ଏକାଠି ହେଲେ ଜର୍ମାନୀ ଓ ଜେଏନ୍‌ୟୁର ବିଶେଷଜ୍ଞ




କଟକ,୧୬।୩(ସମିସ): ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗ ପକ୍ଷରୁ 'ଜଳ ଏବଂ ଜଳବାୟୁ ପରିବର୍ତ୍ତନ: ଚ୍ୟାଲେଞ୍ଜ ଆଡାପ୍ଟେସନ୍ ଏବଂ ସଷ୍ଟେନେବଲ ସଲ୍ୟୁସନ' ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତୀୟ କର୍ମଶାଳା ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରସ୍ଥ ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍ କୋଠାର ଆନେକ୍ସ-୨ ପ୍ରେକ୍ଷାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର ଏଥିରେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଜଳ ସମ୍ପଦର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କର୍ମଶାଳାରେ ଦୁଇଜଣ ବିଶ୍ୱପ୍ରସିଦ୍ଧ ଶିକ୍ଷାବିତ୍ ନିଜର ଗବେଷଣାତକ ତଥ୍ୟ ଉପସ୍ଥାପନ କରିଥିଲେ। ଜର୍ମାନୀର ଲାଇବନିଜ୍ ସେଣ୍ଟର ଫର୍ ଟ୍ରପିକାଲ୍ ମାରିନ୍ ରିସର୍ଚ୍ଚରୁ ଆସିଥିବା ପ୍ରଫେସର ନିଲ୍ସ ମୁସଡର୍ଫ 'ଭୂତଳ ଜଳ ଓ ସମୁଦ୍ର ମଧ୍ୟରେ ଅନ୍ତରକ୍ରିୟା' ଏବଂ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟପଟେ ଜେଏନ୍‌ୟୁ ନୂଆଦିଲ୍ଲୀର ପ୍ରଫେସର ଏନ.ଜେ. ରାଜୁ ଜଳବାୟୁ ପରିବର୍ତ୍ତନ ସମୟରେ ଜଳ ସମ୍ପଦର ସ୍ଥାୟୀ ପରିଚାଳନା ପାଇଁ 'ଜିଓ-ଇଞ୍ଜିନିୟରିଂ ସଲ୍ୟୁସନ' ଉପରେ ଗୁରୁତ୍ୱ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ପତିତପାବନ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାକୁ ଡଃ ବନଜାରାଣୀ ପଣ୍ଡା ପରିଚାଳନା କରିଥିଲେ। ଜିଆରସି ଇଣ୍ଡିଆ ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ବହୁ ବରିଷ୍ଠ ଅଧ୍ୟାପକଙ୍କ ସମେତ ପିଏଚ୍‌ଡି ଗବେଷକ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଜଳବାୟୁ ପରିବର୍ତ୍ତନର ଜଟିଳତାକୁ ବୁଝିବା ଏବଂ ଏକ ସବୁଜ ଭବିଷ୍ୟତ ଗଠନ ପାଇଁ ବିଶ୍ୱସ୍ତରୀୟ ବିଶେଷଜ୍ଞଙ୍କ ସହ ଏହି ସଂପର୍କ ସ୍ଥାପନ, ଶିକ୍ଷା ଓ ସାମାଜିକ କ୍ଷେତ୍ରକୁ ନୂତନ ଦିଶା ପ୍ରଦାନ କରିବ ବୋଲି ଆଶା କରାଯାଉଛି। କର୍ମଶାଳା ଶେଷରେ ଜଳ ସଂରକ୍ଷଣ ପାଇଁ ବୈଜ୍ଞାନିକ କୌଶଳ ଆପଣାଇବାକୁ ଆହ୍ୱାନ ଦିଆଯାଇଥିଲା।

# ଏସ୍‌ସିବିରେ ଅଗ୍ନିକାଣ୍ଡ ପରେ ଚିନ୍ତାରେ ଏମ୍‌କେସିଜି କର୍ତ୍ତୃପକ୍ଷ

ବ୍ରହ୍ମପୁର,୧୬ ।୩(ସମିସ)

କଟକ ସ୍ଥିତ ଏସ୍‌ସିବି ହସ୍ପିଟାଲରେ ନିଆଁ ଲାଗି ୧୦ଜଣ ରୋଗୀଙ୍କ ମୃତ୍ୟୁ ପରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲର ଅଗ୍ନି ସୁରକ୍ଷା ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଗ୍ନି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ ପରେ ଏମ୍‌କେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଛି। ମେଡିକାଲ ପରିସରରେ ଥିବା ବାଳିକା ପିଜି







- ବିଭିନ୍ନ କୋଠାରେ ୨ବର୍ଷ ହେବ ନାହିଁ ଅଗ୍ନି ସୁରକ୍ଷା ବ୍ୟବସ୍ଥା
- ଅସୁରକ୍ଷିତ ରୋଗୀ, ଡାକ୍ତର ଛାତ୍ରଛାତ୍ରୀ ଓ କର୍ମଚାରୀ
- ଖର୍ଚ୍ଚ ନହୋଇ ପଡ଼ି ରହିଛି କୋଟି କୋଟି ଟଙ୍କା

ହଷ୍ଟେଲ, ଲେଡିସ୍ ହଷ୍ଟେଲ, ସିନିୟର୍ ରେସିଡେଣ୍ଟ ହଷ୍ଟେଲ, ଯୁଜି ବାଳିକା ହଷ୍ଟେଲ, ସୁପର ସ୍ପେସିଆଲିଟି କୋଠା, ପିଏମଏସ୍‌ଏସ୍‌ୱାଇ କୋଠା, ଆରଡିସି ଓ ଅଡିଟୋରିଅମ କୋଠା ସହିତ ୧୨ରୁ ଅଧିକ ୩ରୁ ୪ମହଲ ବିଶିଷ୍ଟ କୋଠାରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନାହିଁ। ଗତ ୧ରୁ ୨ବର୍ଷ ଧରି ମେଡିକାଲର ବିଭିନ୍ନ କୋଠାରେ ଆବଶ୍ୟକ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନଥିବା ସତ୍ତ୍ୱେ ମେଡିକାଲ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ ଓ ସାଧାରଣ ବିଦ୍ୟୁତ ବିଭାଗ ପକ୍ଷରୁ ଏହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଉପରେ ଗଞ୍ଜାମ ଜିଲ୍ଲା ସମେତ ଦକ୍ଷିଣଓଡ଼ିଶାର ୭ରୁ ଊର୍ଦ୍ଧ୍ୱ ଜିଲ୍ଲା ଓ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ଶତାଧିକ ରୋଗୀ ନିର୍ଭର କରିଥାନ୍ତି। ପ୍ରତିଦିନ ମେଡ଼ିକାଲର ବିଭିନ୍ନ ବିଭାଗରେ ଏକକାଳୀନ ୪ ହଜାରରୁ ଅଧିକ ବିଭିନ୍ନ ବର୍ଗର କର୍ମଚାରୀ କାମ କରୁଛନ୍ତି। କିନ୍ତୁ ମେଡ଼ିକାଲର ଏଭଳି ଅବ୍ୟବସ୍ଥା ଦେଖି ରୋଗୀ ଓ କର୍ମଚାରୀଙ୍କ ମନରେ ଭୟର ବାତାବାଣ ସୃଷ୍ଟି ହୋଇଛି। ପରିସରରେ ଥିବା ବିଭିନ୍ନ କୋଠା ନିକଟରେ ଥିବା ଅଗ୍ନି ସୁରକ୍ଷା ସମ୍ପର୍କିତ ଯନ୍ତ୍ରାଂଶ ଗୁଡ଼ିକର କଳଙ୍କି ଲାଗିଥିବା ଦେଖିବାକୁ ମିଳିଛି। ଉକ୍ତ ଯନ୍ତ୍ରାଂଶ ଗୁଡ଼ିକର ସ୍ଥିତି ଦେଖିଲେ, ତାହା ସଠିକ୍ ସମୟରେ ଉଚିତ କାର୍ଯ୍ୟକ୍ଷମ ହେବ ନା ନାହିଁ ତାକୁ ନେଇ ଏକ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ କେବଳ ଶତାଧିକ ଅଗ୍ନି ନିର୍ବାପକ ଯନ୍ତ୍ର ଉପରେ ମେଡ଼ିକାଲର ଅଗ୍ନି ସୁରକ୍ଷା ବ୍ୟବସ୍ଥା ନିର୍ଭର କରୁଛି। ସେଥିମଧ୍ୟରୁ ବହୁ ନିର୍ବାପକ ଯନ୍ତ୍ରରେ ଗ୍ୟାସ ନଥିବା ବେଳେ କିଛି ଯନ୍ତ୍ରରେ ସଠିକ୍ ବୈଧତା ନଥିବା ଦେଖିବାକୁ ମିଳିଛି। ଯଦି କୌଣସି କାରଣରୁ ମେଡିକାଲରେ ଅଗ୍ନିକାଣ୍ଡ ଘଟେ, ତେବେ ରୋଗୀ ଓ କର୍ମଚାରୀମାଙ୍କୁ ଭଗବାନ ଭରସା। ଏହି ପରିସ୍ଥିତିରେ ଯୁଦ୍ଧକାଳୀନ ଭିତ୍ତିରେ ମେଡିକାଲରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ସାଧାରଣ ଲୋକ ଓ ରୋଗୀ ସମ୍ପର୍କୀୟମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ମେଡିକାଲର ଅଗ୍ନି ସୁରକ୍ଷା ବ୍ୟବସ୍ଥା ସୁଧାରିବାକୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଆସୁଥିବା ସତ୍ତ୍ୱେ ତାହାକୁ ତୃଣମୂଳ ସ୍ତରରେ ସଠିକ ଭାବରେ କାର୍ଯ୍ୟରେ ଲଗାଯାଉନି। ମେଡ଼ିକାଲର ଅଗ୍ନି ସୁରକ୍ଷା ବ୍ୟବସ୍ଥା ଆଳରେ ଅର୍ଥ ବାଟବଣା ହେଉଥିବା ଅଭିଯୋଗ ମଧ୍ୟ ହେଉଛି। କଟକ ଏସ୍‌ସିବିରେ ଘଟିଥିବା ଅଭାବନୀୟ ଘଟଣା ଏମ୍‌କେସିଜି ମେଡ଼ିକାଲ କର୍ତ୍ତୃପକ୍ଷ, ସରକାର ଓ ଗଞ୍ଜାମ ଜିଲ୍ଲା ପ୍ରଶାସନ ପାଇଁ ଏହା ଏକ ସତର୍କ ଘଣ୍ଟି ନିଶ୍ଚୟ।

## ଏସ୍‌ସିବି ଅଗ୍ନିକାଣ୍ଡ ପରେ ଭାଙ୍ଗିଲା ଅଧିକାରୀଙ୍କ ନିଦ

### ଏମକେସିଜିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ଯୁଗ୍ମ ବୈଠକ

ବ୍ରହ୍ମପୁର,୧୬ ।୩(ସମିସ): ଏମ୍‌କେସିଜି ମେଡ଼ିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ସୋମବାର ପୂର୍ତ୍ତ ବିଭାଗ ଓ ସାଧାରଣ ବିଦ୍ୟୁତ ବିଭାଗ (ଜିଇଡି)ର ଅଧିକାରୀମାନଙ୍କ ଉପସ୍ଥିତିରେ ହସ୍ପିଟାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ଏକ ଯୁଗ୍ମ ବୈଠକ ଅନୁଷ୍ଠିତ ହୋଇଥିଲା। ଏମ୍‌କେସିଜି ମେଡିକାଲରେ ରହିଥିବା ସମସ୍ତ କୋଠା ଗୁଡ଼ିକରେ କିଭଳି ରହିଛି ଅଗ୍ନି ନିର୍ବାପକ ବ୍ୟବସ୍ଥା ସେ ନେଇ ଆଲୋଚନା କରାଯାଇଥିଲା। ମେଡିକାଲର ଅଗ୍ନି ନିର୍ବାପନ ବ୍ୟବସ୍ଥା, ଫାୟାର ଆଲାର୍ମ ସିଷ୍ଟମ, ବିଦ୍ୟୁତ ତାର ଓ ପ୍ୟାନେଲର ସୁରକ୍ଷା ଏବଂ ଜରୁରୀକାଳୀନ ରାସ୍ତା ସୁବିଧାକୁ ନେଇ ଆଲୋଚନା ହୋଇଥିଲା। ଏହାସହ



ମେଡିକାଲରେ ଅଗ୍ନି ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଶୀଘ୍ର କେଉଁ କେଉଁ ପଦକ୍ଷେପ ଗ୍ରହଣ କରାଯିବ ସେନେଇ ଆଲୋଚନା ହୋଇଥିଲା। ସେହିପରି ମେଡ଼ିକାଲର ଲାଇବ୍ରେରୀ କୋଠା, ସ୍ପେସାଲ୍ କ୍ୟାବିନ ବ୍ଲକ, ମାଇକ୍ରୋବାୟୋଲୋଜି କୋଠାରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନିମନ୍ତେ ଆବଶ୍ୟକ ରହୁଥିବା ଅର୍ଥ ପ୍ରଦାନ ନିମନ୍ତେ ଅନୁରୋଧ କରାଯାଇଛି। ଏହାପରେ ସେହି କୋଠାରେ ମଧ୍ୟ ଅଗ୍ନି ନିର୍ବାପନ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି। ବୈଠକରେ ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗା ମାଧବ ଶତପଥୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ-୧ ଇଂ. ସୋମନାଥ ତ୍ରିପାଠୀ, ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ତାପସ ଦାଶ, ସାଧାରଣ ବିଦ୍ୟୁତ ବିଭାଗ(ଜିଇଡି) ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ରାଜେଶ ପ୍ରଧାନଙ୍କ ସମେତ ଉଭୟ ବିଭାଗର କନିଷ୍ଠ ଯନ୍ତ୍ରୀ ଇଂ. ମମତା ପାଣିଗ୍ରାହୀ ଓ ଇଂ. ସୁରେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଚିକିଟି ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷାନୁଷ୍ଠାନରେ ବାର୍ଷିକ ଖାଦ୍ୟମେଳା



ବ୍ରହ୍ମପୁର,୧୬ ।୩(ସମିସ): ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଚିକିଟିରେ ତାଲିମ ନେଉଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ବାର୍ଷିକ ଖାଦ୍ୟମେଳା ଆୟୋଜିତ ହୋଇଯାଇଛି। ତାଲିମ ନେଉଥିବା ସମୁଦାୟ ୧୧୬ଜଣ ଗୁରୁଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସମୁଦାୟ ୩୭ଟି ଷ୍ଟଲ ମାଧ୍ୟମରେ ୧୧୧ଟି ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଏଥିରେ ଚିକିଟି ଟ୍ରେଜେରୀର କୋଷାଧ୍ୟକ୍ଷା ଜ୍ୟୋସ୍ନା କୁମାରୀ ଗମାଙ୍ଗୋ, ରାଜଲକ୍ଷ୍ମୀ ବାଳିକା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାମିନା ବେହେରା, ଅନୁଷ୍ଠାନର ଅଧ୍ୟକ୍ଷା ନିବେଦିତା ପାଢ଼ୀ ବିଚାରକ ଭାବରେ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଚିକିଟି ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନ ଅବସରପ୍ରାପ୍ତ କଳା ପ୍ରଶିକ୍ଷକ ବିନୟାନନ୍ଦ ପଟ୍ଟନାୟକ, କରବାଲୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରସିଂହ ପାଢ଼ୀ, ସହଯୋଗୀ ଶିକ୍ଷକ ନିଗମାନନ୍ଦ ପଟ୍ଟନାୟକ ଅତିଥି ରୂପେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସହକାରୀ ଶିକ୍ଷୟିତ୍ରୀ ସନ୍ତୋଷୀ କୁମାରୀ ପଣ୍ଡା, ଶାରୀରିକ ପ୍ରଶିକ୍ଷକ ରମେଶ କୁମାର ମିଶ୍ର, ସହକାରୀ ଶିକ୍ଷକ ସେଲେରୁ ଗଣେଶ, ଗ୍ରନ୍ଥାଗାରିକ ପୌଲସ୍ତି ଭୁଏ, ଭଣ୍ଡାର ରକ୍ଷକ କୁନା ସାହୁ, କନିଷ୍ଠ ସହାୟକ ମନମୋହନ ପ୍ରଧାନ ଏବଂ ରଞ୍ଜନ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଖାଦ୍ୟ ମେଳା ଦ୍ୱାରା ପ୍ରଶିକ୍ଷାର୍ଥୀମାନେ ବିଭିନ୍ନ ପ୍ରକାରର ଖାଦ୍ୟ ବିଷୟରେ ଜ୍ଞାନ ଆହରଣ ଏବଂ ବିତରଣ ସହ ସୁସ୍ଥ ଖାଦ୍ୟ ଅଭ୍ୟାସ ସମ୍ପର୍କରେ ସମୃଦ୍ଧ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

● ଗଞ୍ଜାମ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସଭା

## ରନ୍ଧନ ଗ୍ୟାସ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ରୋକିବାକୁ ଦାବି

ବ୍ରହ୍ମପୁର,୧୬ ।୩(ସମିସ): ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଗଞ୍ଜାମ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ମାସିକ ଆଲୋଚନାସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରାଧା ଚରଣ ନାୟକ, ଉପସଭାପତି ଡ଼ାକ୍ତର ପ୍ରାଣଚାନ୍ଦ ପଣ୍ଡା, ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଏବଂ ସମ୍ପାଦକ ରଜନୀକାନ୍ତ ମଣ୍ଡଳ ମଞ୍ଚାସୀନ ରହି ଉଦ୍‌ଘାଟନ କରିଥିଲେ। ସଭାପତି ଶ୍ରୀ ନାୟକ ଆୟୁଷ୍ମାନ ଭାରତ ଯୋଜନା କାର୍ଡ ମାଧ୍ୟମରେ କେତେକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ହେଲେ ସମ୍ପୃକ୍ତ ହସ୍ପିଟାଲ ପକ୍ଷରୁ ଖର୍ଚ୍ଚ ସମ୍ପର୍କରେ ଲିଖିତ ରସିଦ୍ ଦିଆଯିବ ନାହିଁ କହି କେବଳ ମୌଖିକ ଜଣାଉଛନ୍ତି ବୋଲି ଅବଗତ କରାଇଥିଲେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଯୋଗୁ ବିଭିନ୍ନ ସାମଗ୍ରୀର ଦରବୃଦ୍ଧି ବିଶେଷ କରି ରନ୍ଧନ ଗ୍ୟାସର କଳାବଜାରୀ ରୋକିବାକୁ ରାଜ୍ୟ ତଥା କେନ୍ଦ୍ର ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଗଲା। ଏଥିସହିତ ପ୍ରତ୍ୟେକ ଜନସାଧାରଣ ଉପୁଜୁଥିବା ପରିସ୍ଥିତିର ଧୈର୍ଯ୍ୟର ସହ ମୁକାବିଲା କରିବାକୁ ଅନୁରୋଧ କରାଗଲା। ଆଲୋଚନା ସଭାରେ କୋଷାଧ୍ୟକ୍ଷ ଲଡ୍ଡୁ କେଶ ମିଶ୍ର, ସଂଯୋଜକ ଗୌରୀଶଙ୍କର ପଟ୍ଟନାୟକଙ୍କ ସମେତ ହାଡ଼ିବନ୍ଧୁ ମାଳି, ସୁବାସ ଚନ୍ଦ୍ର ପାଢ଼ୀ, ସଦାଶିବ ପାଣିଗ୍ରାହୀ, ରାମକୃଷ୍ଣ ଆଚାରୀ, ସୁବାସ ଚନ୍ଦ୍ର ନାୟକ, ରବୀନ୍ଦ୍ର କୁମାର ନାୟକ, ଭିକାରୀ ଚରଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ମିଳିମିଳା ସଚେତନା ଓ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର,୧୬ ।୩(ସମିସ): ହରିହର ନଗରସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନରେ ମିଳିମିଳା ରୋଗ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆରୋଗ୍ୟ ଭାରତୀ ଅଧ୍ୟକ୍ଷ ଡା.ନକୁଳ ସାହୁ ଯୋଗଦେଇ କହିଛନ୍ତି ଯେ, ଏହି ଋତୁରେ କିଛି ଶିଶୁଙ୍କୁ ମସୁର ପରି କିଛି ଚିହ୍ନ ଦେଖାଗଲେ ପରିବାର ଲୋକ ସନ୍ଦେହରେ ବସନ୍ତ ଭାବି ବ୍ୟସ୍ତ ହୋଇପଡୁଛନ୍ତି। ଦୂଷିତ ଜଳପାନ, ଖଟା ଖାଇଲେ ଓ ଖୋଲା ପବନରେ ଅଧିକ ବୁଲିଲେ କଫ ବଢ଼ି ଭୂତାଣୁ ସଂକ୍ରମିତ ହୁଏ। ରୋଗାକ୍ରାନ୍ତ ଶିଶୁର ନାସା ସ୍ରାବ ପବନ ଦ୍ୱାରା ଯାଇ ଅନ୍ୟ ଶିଶୁମାନଙ୍କୁ ସଂକ୍ରମଣ ହୁଏ। ସାହି, ସହର, ଗ୍ରାମ ବ୍ୟାପିଯାଏ। ଆଖି ନାକରୁ ପାଣି ବହେ, ଜ୍ୱର, ଶୁଷ୍କ କାସ, ଅରୁଚି, ମୁଣ୍ଡବ୍ୟଥା, ଶରୀର ପୀଡ଼ା ସହ ମସୁର ଜାଇ ପରି ଫୋଟକା ଦେହ ସାରା ବାହାରି ପଡ଼େ। ମସୁରର ଲକ୍ଷଣ ମସୁର ମଝିରେ ବିନ୍ଦୁଟିଏ ଦବିଲା ପରି ହୋଇଥାଏ। କାରଣ ଗୁଡିକୁ ଛାଡି ଲଘୁ ଖାଦ୍ୟ, ଉଷ୍ଣଜଳ ପାନକରିବେ, ଘରେ ଭୂତାଣୁ ନାଶ ପାଇଁ ଝୁଣା ନିମ୍ବ ପତ୍ର ଧୂପ ଦେବେ, ପ୍ରତିଷେଧ ପାଇଁ ହଳଦୀଗୁଣ୍ଡ କିମ୍ବା କଲରା ପତ୍ର ରସ ସକାଳୁ ତିନିଦିନ ଖାଇବେ। ଶେଜରେ କୋମଳ ନିମ୍ବ ପତ୍ର ପକାଇବେ, ଶରୀର କୁଣ୍ଡେଇ ହେଲେ ନିମ୍ବ କାଠିରେ କୁଣ୍ଡାଇବେ। ଗୋରଚନା ବା ହଳଦୀଗୁଣ୍ଡ ଦିନରେ ତିନିଥର ମହୁ ସହ ଖାଇଲେ ଜ୍ୱର ସହ ମିଳିମିଳା ଭଲ ହୋଇଯାଏ। କାଶ ପାଇଁ ତୁଳସୀ ରସ ଦେବେ, ପଦାରେ ବୁଲିବେ ନାହିଁ। ଏହି ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ,ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀ ରୋଗ ଆଦି ବିଭିନ୍ନ ରୋଗୀଙ୍କୁ ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରିଥିଲେ। ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ।



## ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘର ଧାରଣା

ବ୍ରହ୍ମପୁର,୧୬ ।୩(ସମିସ): ଏମ୍‌କେସିଜି ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ଓଡ଼ିଶା ମେଡିକାଲ ଆଉଟସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି। ସୋମବାର ସକାଳ ୯ଟାରୁ ୧୧.୩୦ ପର୍ଯ୍ୟନ୍ତ ଆଉଟସୋର୍ସିଂ ଆଟେଣ୍ଡାଣ୍ଟ କାର୍ଯ୍ୟ ବନ୍ଦ କରି ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। କର୍ମଚାରୀଙ୍କ ମୁଖ୍ୟ ଦାବି ମଧ୍ୟରେ ଛଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି, କାମ ଅନୁଯାୟୀ ଦରମା ସହ କର୍ମଚାରୀଙ୍କୁ ଉଚିତ ପ୍ରାପ୍ୟ ସହ ସ୍ଥାୟୀ ନିଯୁକ୍ତି ନିମନ୍ତେ କର୍ମଚାରୀମାନେ ଦାବି କରିଛନ୍ତି। ପୂର୍ବରୁ ସଂଘ ପକ୍ଷରୁ ଜରୁରିକାଳୀନ ସେବାରେ ନିୟୋଜତି କର୍ମଚାରୀଙ୍କ ବ୍ୟତୀତ ଅନ୍ୟ କର୍ମଚାରୀମାନେ ଦୀର୍ଘ ୭ଦିନ ଧରି ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜି ଠାରେ ବିଭିନ୍ନ ଦାବି ନେଇ ଧାରଣାରେ ଅଛନ୍ତି। ଏହାପରେ ମଧ୍ୟ ସରକାର ସେମାନଙ୍କ ଦାବି ପୂରଣ କରିନଥିବା ବେଳେ ଏହାର ପ୍ରତିବାଦରେ ଶତାଧିକ ଆଟେଣ୍ଡାଣ୍ଟ ଧାରଣାରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ କର୍ମଚାରୀଙ୍କ ଧାରଣ କାରଣରୁ ମେଡ଼ିକାଲର ଜରୁରିକାଳୀନ ଶିଶୁ ବିଭାଗ, ଲେବର୍ ରୁମ୍ ଓ ଆଶୁ ଚିକିତ୍ସା ବିଭାଗ ସମସ୍ତେ ବିଭିନ୍ନ ସାଧାରଣ ବିଭାଗରେ ରୋଗୀ ସେବାରେ ସମସ୍ୟା ଉପୁଜିଥିବା ଦେଖିବାକୁ ମିଳିଥିଲା।



## ଜାତୀୟ ମହିଳା ଆୟୋଗ, ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ପକ୍ଷରୁ ଜନଶୁଣାଣି

ବ୍ରହ୍ମପୁର,୧୬ ।୩(ସମିସ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ମହିଳା ଆୟୋଗ ଓ ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ମୋଟ ୨୯ଟି ମକଦ୍ଦମା ଦାୟର ହୋଇଥିଲା। ତନ୍ମଧ୍ୟରୁ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ୮ଟି, ଗୋଟିଏ ପକ୍ଷର ୭ଟି ପିଟିସନ ଏବଂ ଅନ୍ୟ ଏକ ପକ୍ଷରୁ ୨ଟି ଏହିଭଳି ମୋଟ ୧୭ଟି ପକ୍ଷ ଉପସ୍ଥିତ ଥିଲେ। ସେଥିମଧ୍ୟରୁ ସହମତି କ୍ରମେ ୫ଟି ମାମଲାର ସମାଧାନ ହୋଇଥିବା ବେଳେ ୩ଟି ମୋକଦ୍ଦମା ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରେରଣ କରାଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧୀକରଣଙ୍କୁ ୪ଟି ମାମଲାର ସମାଧାନ ପାଇଁ ପ୍ରେରଣ କରାଯାଇଛି। ପରବର୍ତ୍ତି ଶୁଣାଣି ନିମନ୍ତେ ୫ଜଣଙ୍କୁ ନୋଟିସ ପ୍ରେରଣ କରାଯାଇଥିଲା। ଏଥି ସହିତ ନୂତନ ଭାବେ ୩ଟି ମାମଲାର ପଞ୍ଜୀକରଣ କରାଯାଇଥିଲା। ଏହି ଜନଶୁଣାଣିରେ ଓଡ଼ିଶା ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି, ସଭ୍ୟ ମୁକ୍ତା ସାହୁ, ପରାମର୍ଶଦାତା ବନ୍ଦନା ପଟ୍ଟନାୟକ ଓ ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲାପାଳ ଡ଼ଃ ପ୍ରମୋଦ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉଭୟ ଗଞ୍ଜାମ ଓ ଗଜପତି ଜିଲ୍ଲାର ବହୁ ବରିଷ୍ଠ ପୁଲିସ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।



C manoj

### ବିଇଏମ୍‌ସି କମିଶନର ଓ ବିଇଡିଏ ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ନେଲେ ଏ. ସସ୍ୟା ରେଡ୍ଡୀ

## 'ସମସ୍ତଙ୍କ ସହଯୋଗରେ ସହରର ବିକାଶ କାର୍ଯ୍ୟ ଆଗକୁ ନିଆଯିବ'

ବ୍ରହ୍ମପୁର,୧୬ ।୩(ସମିସ)

୨୦୨୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ସୁଶ୍ରୀ ଏ. ସସ୍ୟା ରେଡ୍ଡୀ ଆଜି ବ୍ରହ୍ମପୁର ମହାନଗର ନିଗମର କମିଶନର ଏବଂ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନିକଟରେ ଆଇଏଏସ୍ ଅଧିକାରୀଙ୍କ ବଦଳି କ୍ରମେ ପୂର୍ବ କମିଶନର ତଥା ଉପାଧ୍ୟକ୍ଷ ଆଇଏଏସ ଅଧିକାରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କର ମାଲକାନଗିରି ଜିଲ୍ଲାପାଳ ଭାବେ ବଦଳି ହୋଇଛି। ସେହିଭଳି ତାଙ୍କ ସ୍ଥାନରେ ଆଇଏଏସ ଏ.ସସ୍ୟା ରେଡ୍ଡୀଙ୍କୁ ଅବସ୍ଥାପିତ କରାଯାଇଛି। ଏଥି ପୂର୍ବରୁ ସସ୍ୟା ରେଡ୍ଡୀ ଜୟପୁରର ଉପ ଜିଲ୍ଲାପାଳ ଦାୟିତ୍ୱରେ ଥିଲେ।

ସହରର ବିକାଶ ଦିଗରେ ଜାରି ରହିଥିବା ସମସ୍ତ କାର୍ଯ୍ୟ ଆଗକୁ ଜାରି ରହିବ। ଜନସାଧାରଣଙ୍କ ଅଭିଯୋଗର ସମାଧାନ ପାଇଁ ସହରବାସୀଙ୍କ ଠାରୁ ବିଭିନ୍ନ ପ୍ରସ୍ତାବ ଓ ପରାମର୍ଶକୁ ଗ୍ରହଣ କରି ଗ୍ରାଉଣ୍ଡ ଭିଜିଟ୍ କରି ସବୁ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବି। ନିଗମର ନିଜସ୍ୱ ରାଜସ୍ୱ ଉତ୍ସ ବୃଦ୍ଧି ସହିତ ଜବରଦଖଲ ଉଚ୍ଛେଦକୁ ମଧ୍ୟ ଗୁରୁତ୍ୱ ଦିଆଯିବ। ସହରର ଉନ୍ନୟନ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ସହିତ ସାମୂହିକ ଦାୟିତ୍ୱ ରହିବା ଉଚିତ। ସ୍ୱଚ୍ଛତା ଓ ପରିମଳକୁ ପ୍ରାଥମିକତା ଦିଆଯିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ନୂତନ କମିଶନର। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବିଇଏମସି କମିଶନରଙ୍କୁ ତାଙ୍କ କାର୍ଯ୍ୟାଳୟରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କର୍ପୋରେଟର ଆପ୍ପାରାଓ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ଧୀରେଶ ସାବତ, ନରସିଂହ ସେଠୀ, ଟି. କିଶୋର, ଶ୍ୱେତାରେଖା ତ୍ରିପାଠୀ, ନିଳକଣ୍ଠ ସାହୁ, ରଂଜିତା ବେହେରା ପ୍ରମୁଖ ଉପସ୍ଥିତ ରହି କମିଶନର ସଓ୍ୟା ରେଡ୍ଡୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ସେହିଭଳି ଅପରାହ୍ନରେ ଅଧିକାରୀ ସସ୍ୟା ରେଡ୍ଡୀ ବିଇଡିଏ ଯାଇ ସେଠାରେ ମଧ୍ୟ ଉପାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ବିଇଡିଏରେ ସଚିବ ରମେଶ ଚନ୍ଦ୍ର ହଂସଦାଙ୍କ ସମେତ ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଦାୟିତ୍ୱ ଗ୍ରହଣ କରିବା ସହିତ ଆଜି ପ୍ରଥମ ଦିନରେ କମିଶନର ସୁଶ୍ରୀ ରେଡ୍ଡୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ସଚିବ ଉଷା ପାଢୀଙ୍କ ଦ୍ୱାରା ଅନୁଷ୍ଠିତ ଭର୍ଚୁଆଲ ବୈଠକରେ ସାମିଲ ହେବା ସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣିରେ ସାମିଲ ହୋଇଥିଲେ।



ମେୟର, କର୍ପୋରେଟର, ବିଇଡିଏ ସଚିବ ଓ ଅନ୍ୟ କର୍ମଚାରୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

### ୧୬ତମ ବିଜୁ ପଟ୍ଟନାୟକ ସ୍ମାରକୀ ଦିବାରାତ୍ର ଟି-୨୦ କ୍ରିକେଟ୍


## ଗ୍ରୁପ୍ 'ଏ' ସେମିଫାଇନାଲରେ ରାଜମେଣ୍ଡ୍ରୀ ବନାମ ରାଉରକେଲା

ବ୍ରହ୍ମପୁର, ୧୬ ।୩(ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଆଲ୍‌ଫା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ତମ ବିଜୁ ପଟ୍ଟନାୟକ ସ୍ମାରକୀ ସର୍ବଭାରତୀୟ ଟି-୨୦ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ରାଉରକେଲା ଓ ଯାଜପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ରାଉରକେଲା ୟୁଥ୍ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୯ ୱିକେଟ ହରାଇ ୧୪୮ ରନ କରିଥିଲା। ଜବାବରେ ଯାଜପୁର ଦଳ ୧୯.୧ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୨୩ରନ କରିଥିଲା। ଫଳରେ ରାଉରକେଲା ୨୫ ରନରେ ବିଜୟ ହାସଲ କରି ସେମିଫାଇନାଲକୁ ଦ୍ୱିତୀୟ ଦଳ ଭାବେ ପ୍ରବେଶ କରିପାରିଛି। ମ୍ୟାଚକୁ ଦେବ୍ରତ ଦେଓ ଓ ସୁଶାନ୍ତ ପଣ୍ଡା ଅମ୍ପାୟର ଭାବେ ଓ ସତ୍ୟ ନାରାୟଣ ପରିଡ଼ା ସ୍କୋର ଭାବେ ପରିଚାଳନା କରିଥିଲେ। ସେହିଭଳି ଆଜି ଟୁର୍ଣ୍ଣାମେଣ୍ଟରେ ଦୁଇଟି ମ୍ୟାଚ ଖେଳାଯାଇଥିଲା। ଗ୍ରୁପ ବି ର ପ୍ରଥମ ମ୍ୟାଚ ଭାବେ ରାଇଜିଂ ଷ୍ଟାର କ୍ରିକେଟ ଆସୋସିଏସନ ଗୁଣୁପୁର ବନାମ ଜଗତସିଂପୁରର ହିନ୍ଦୁସ୍ତାନ ସ୍ପୋର୍ଟି ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ଗୁଣୁପୁର ଦଳ ନିର୍ଦ୍ଧାରିତ ୨୦ଓଭର ଖେଳି ୬ୱିକେଟ ବିନିମୟରେ ୧୬୮ ରନ ସଂଗ୍ରହ କରିଥିଲେ। ପ୍ରତ୍ୟୁତ୍ତରରେ ଜଗତସିଂପୁର ଦଳ ୧୯.୪ଓଭରରେ ୮ୱିକେଟ ବିନିମୟରେ ବିଜୟ ପାଇଁ ଆବଶ୍ୟକ ୧୬୯ରନ ସଂଗ୍ରହ କରିଥିଲା। ଆଜିର ଦ୍ୱିତୀୟ ମ୍ୟାଚ ଗ୍ରୁପ ଏ ର ତଥା ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ ଆନ୍ଧ୍ର ପ୍ରଦେଶର ରାଜମେହ୍ନ୍ଦ୍ରି ଏକାଦଶ ବନାମ ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ରାଜମେହ୍ନ୍ଦ୍ରି ଦଳ ପ୍ରଥମେ ବ୍ୟାଟିଂ କରିଥିଲା। ରିପୋର୍ଟ ଲେଖିଯିବା ବେଳକୁ ଖେଳ ଜାରି ରହିଥିଲା।ଆସନ୍ତାକାଲି ଟୁର୍ଣ୍ଣାମେଣ୍ଟର ଗୋଟିଏ ମ୍ୟାଚ ଗ୍ରୁପ ବି ର ତଥା ଆୟୋଜକ ଆଲଫା ସ୍ପୋର୍ଟି କ୍ଲବ (ବି) ଦଳ ବନାମ କେଉଁଝରର ଫେମସ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ଆଜି ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଅତିଥି ଭାବେ ବ୍ରହ୍ମପୁରର ପୂର୍ବତନ ବିଧାୟକ ତଥା ଆଲ୍ଫା ସ୍ପୋର୍ଟିଂ କ୍ଲବର ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ଆଲ୍‌ଫା ସ୍ପୋର୍ଟି କ୍ଲବ ବନାମ କେଉଁଝର ମ୍ୟାଚ ଆଜି

୧୬/୩/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୯,୧୧,୮୦୦/- ସୁନା:୦୩.୩୦୦ ଗ୍ରାମ୍ ରୁପା: ୫୨.୭୦୦ ଗ୍ରାମ୍





## ଏସ୍‌ସିବି ଅଘଟଣ ପରେ ଚେତା ପଶିଲା

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ଯାଞ୍ଚ

**ପୁରୀ,୧୬।୩(ସମିସ):** କଟକ ଏସ୍‌ସିବି ମେଡିକାଲରେ ଅଗ୍ନିକାଣ୍ଡ ଅଘଟଣ ପରେ ପୁରୀ ଜିଲ୍ଲା ପ୍ରଶାସନର ଚେତା ପଶିଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଏକ ମିଳିତ ଟିମ୍ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ନିଜେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଆଇସିୟୁ, ଓଟି, ମହିଳା ଓ ଶିଶୁ ବିଭାଗ ବିଲ୍ଡିଂ ସହ ବିଭିନ୍ନ ୱାର୍ଡ ପରିଦର୍ଶନ କରି ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସ୍ଥିତି ପରଖିଛନ୍ତି। କେତେକ ସ୍ଥାନରେ ଅସୁରକ୍ଷିତ ଭାବେ ବିଦ୍ୟୁତ୍ ତାର ଥିବାରୁ ଏହାକୁ ତୁରନ୍ତ ବଦଳାଇବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମଙ୍ଗଳବାର ଅଗ୍ନିଶମ କେନ୍ଦ୍ର ପକ୍ଷରୁ ମକ୍ ଡ୍ରିଲ୍ କରାଯିବ। ଏଥିସହ ମଙ୍ଗଳବାଠାରୁ ୩ ଦିନ ଅଗ୍ନିକାଣ୍ଡ ଘଟିଲେ କିପରି ସଙ୍ଗେ ସଙ୍ଗେ ନିଆଁକୁ ଲିଭାଯାଇପାରିବ ସେ ନେଇ ହସ୍ପିଟାଲର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ କର୍ମଶାଳା ଆୟୋଜନ ହେବ।

ପୁରୀ ଅନ୍ତର୍ଜାତୀୟ ପର୍ଯ୍ୟଟନ ଏବଂ ଆଧ୍ୟାତ୍ମିକ ସହର। ପ୍ରତିଦିନ ଏଠାକୁ ଦେଶ ବିଦେଶରୁ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସୁଛନ୍ତି। ଏମାନେ ମଧ୍ୟ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଛନ୍ତି। ପୁରୀ ଜିଲ୍ଲାର ହଜାର ହଜାର ଲୋକ ମଧ୍ୟ ସ୍ୱାସ୍ଥ୍ୟ ସେବା ପାଇଁ ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭରଶୀଳ। ଏସ୍‌ସିବିରେ ଅଗ୍ନିକାଣ୍ଡ ଘଟଣା ପରେ ପୁରୀ ପ୍ରଶାସନ ଏ ଦିଗରେ ଆହୁରି ସତର୍କ ଏବଂ ସଚେତନ ହୋଇଛି। ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ଅଗ୍ନିଶମ ଅଧିକାରୀ, ମେଡିକାଲ ପରିଚାଳକ, ବୈଷୟିକ ଅଧିକାରୀଙ୍କୁ ନେଇ ଏକ ମିଳିତ ଟିମ୍ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ବିଶେଷକରି ଆଇସିୟୁ, ଓଟି, ମହିଳା ଓ ଶିଶୁ ବିଭାଗ ବିଲ୍ଡିଂ ସହ ବିଭିନ୍ନ ୱାର୍ଡ ପରିଦର୍ଶନ କରି ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସ୍ଥିତି ପରଖିଛନ୍ତି। ଅନ୍ୟପକ୍ଷରେ ଲୋକଙ୍କର ଜୀବନ ସୁରକ୍ଷା ପାଇଁ ମେଡିକାଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ପାଇଁ ଦାବି କରିଛନ୍ତି ପୁରୀ ବାସିନ୍ଦା ଓ ରୋଗୀଙ୍କ ସମ୍ପର୍କୀୟ। ସେହିପରି ହଠାତ୍ ଯଦି ଅଗ୍ନିକାଣ୍ଡ ଘଟେ ତେବେ ନିଆଁକୁ ପ୍ରାଥମିକ ଅବସ୍ଥାରେ କିଭଳି ଆୟତ୍ତ କରିହେବ ସେ ନେଇ ମେଡିକାଲରେ ଥିବା କର୍ମଚାରୀଙ୍କୁ ଫାୟାର ଫାଇଟିଂ ତାଲିମ୍ ଦେବାର ଆବଶ୍ୟକତା ଥିବା କହିଛନ୍ତି ବୁଦ୍ଧିଜୀବୀ। ବିଶେଷକରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ମହିଳା ଓ ଶିଶୁ ବିଭାଗର ଛଅ ମହଲା ବିଲ୍ଡିଂରେ ବ୍ୟାପକ ଭାବେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ସୁଦୃଢ଼ କରାଯିବାର ଆବଶ୍ୟକତା ରହିଛି। ଯଦି ଏହା ଉପର ମହଲାରେ ଅଗ୍ନିକାଣ୍ଡ ଘଟେ ତେବେ ରୋଗୀଙ୍କୁ ଉଦ୍ଧାର କରିବାରେ ବ୍ୟାପକ ସମସ୍ୟା ସୃଷ୍ଟି ହୋଇପାରେ? ତେଣୁ ବହୁତଳ ପ୍ରାସାଦ ବିଲ୍ଡିଂଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବାର ଆବଶ୍ୟକତା ରହିଛି ବୋଲି ଅନେକ ମତ ଦେଇଛନ୍ତି।



- ଜିଲ୍ଲାପାଳ, ଏସ୍‌ପି, ନିଜେ ସ୍ଥିତି ପରଖିଲେ
- ଆଜି ହେବ ମକ୍ ଡ୍ରିଲ୍; ୩ ଦିନ ଚାଲିବ କର୍ମଶାଳା

ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ସବୁ ପ୍ରକାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି। ଆଉ ଯାହା ବି କିଛି ସମସ୍ୟା ରହିଛି ତାହା ଶୀଘ୍ର ଦୂର କରିବା ପାଇଁ ଏକ ଯୋଜନା ପ୍ରସ୍ତୁତ କରାଯାଉଛି। ପୁରୀ ଜିଲ୍ଲାରେ ଥିବା ସବୁ ସରକାରୀ ଚିକିତ୍ସାଳୟରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ୍ ପାଇଁ କମିଟି ରହିଛି। ସେମାନଙ୍କୁ ଯାଞ୍ଚ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପୁରୀ ସହରରେ ଯେତେ ଉଚ୍ଚ ଅଟ୍ଟାଳିକା ରହିଛି ତାହାର ସର୍ଭେ କରାଯାଇଛି। ସେଠାରେ ସବୁ ପ୍ରକାରର ଅଗ୍ନି ନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲ୍ଲାପାଳ କହିଛନ୍ତି। ଅନ୍ୟପକ୍ଷରେ ପୁରୀ ଅଗ୍ନିଶମ କେନ୍ଦ୍ରର ଅଧିକାରୀ ପ୍ରଭାତ କୁମାର ରାଉତ କହିଛନ୍ତି, ଆଜି ଜିଲ୍ଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରାଯାଇଛି। ପ୍ରାୟ ସବୁ ପ୍ରକାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଅଛି। ଯାହା କିଛି ଅଳ୍ପ ସମସ୍ୟା ରହିଛି, ଏହାର ତାଲିକା କରାଯାଇଛି। ଏହି ସମସ୍ୟା ଦୂର ପାଇଁ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ। ମଙ୍ଗଳବାର ମେଡିକାଲରେ ଏକ ମକ୍ ଡ୍ରିଲ୍ କରାଯିବ। ଅଗ୍ନିକାଣ୍ଡବେଳେ କିଭଳି ଲୋକଙ୍କୁ ଉଦ୍ଧାର କରିହେବ ଏବଂ ଅଗ୍ନିକାଣ୍ଡକୁ ଆୟତ୍ତ କରାଯାଇପାରିବ ତା'ର ଡେମୋ ଦେଖାଯିବ। ସେହିପରି ଅଗ୍ନିକାଣ୍ଡର ୪ଟି ପର୍ଯ୍ୟାୟ ଥାଏ। ପ୍ରଥମ ପର୍ଯ୍ୟାୟରେ କିପରି ନିଆଁକୁ ଲିଭାଯାଇପାରିବ ବା ଆୟତ୍ତ କରାଯିବ ସେ ନେଇ ଚିକିତ୍ସାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ ନେଇ ମଙ୍ଗଳବାଠାରୁ ତିନିଦିନ କର୍ମଶାଳା ଅନୁଷ୍ଠିତ ହେବ ବୋଲି ଅଗ୍ନିଶମ ଅଧିକାରୀ ଶ୍ରୀ ରାଉତ କହିଛନ୍ତି।

---

• ଅଧିକାଂଶ ହୋଟେଲରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

## ବଢ଼ିଲା ଭକ୍ତ, ପର୍ଯ୍ୟଟକଙ୍କ ସୁରକ୍ଷା ଚିନ୍ତା

**ପୁରୀ,୧୬।୩(ସମିସ):** ଏସ୍‌ସିବି ମେଡିକାଲରେ ଅଗ୍ନିକାଣ୍ଡ ଘଟି ୧୦ଜଣ ରୋଗୀଙ୍କ ଜୀବନ ଯାଇଛି। ଏହି ଘଟଣା ପରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ହସ୍ପିଟାଲ, ହୋଟେଲ, ବଡ଼ ବଡ଼ ବ୍ୟାବସାୟିକ ପ୍ରତିଷ୍ଠାନ ଆଦିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ଚର୍ଚ୍ଚା, ଆଲୋଚନା କରାଯାଉଛି। ଏଭଳି ସ୍ଥିତିରେ ପର୍ଯ୍ୟଟନସ୍ଥଳୀ ପୁରୀ ସହରରେ ମଧ୍ୟ ଏକ ହଜାରରୁ ଊର୍ଦ୍ଧ୍ୱ ହୋଟେଲ, ଲଜ୍ ଏବଂ ଗେଷ୍ଟ ହାଉସ୍ ଥିବାବେଳେ ଏ ସବୁରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ। ସହରର କିଛି ବଡ଼ ବଡ଼ ହୋଟେଲକୁ ଛାଡ଼ିଦେଲେ ଅଧିକାଂଶ ହୋଟେଲ, ଲଜ୍ ଏବଂ ଗେଷ୍ଟ ହାଉସ୍‌ରେ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। କେବଳ କାମଚଳା ଭାବେ ଅଳ୍ପ କିଛି ଅଗ୍ନି ନିର୍ବାପକ ଯନ୍ତ୍ର ହୋଟେଲ, ଲଜ୍‌ରେ ରଖାଯାଇଥିବା ବେଳେ ଏହାକୁ ଅଗ୍ନିକାଣ୍ଡ ସମୟରେ କିଭଳି କାର୍ଯ୍ୟକାରୀ କରିହେବ ସେ ନେଇ ମଧ୍ୟ ଅନେକ ହୋଟେଲ କର୍ମଚାରୀଙ୍କର ମଧ୍ୟ ଜ୍ଞାନ ନାହିଁ। ଯାହାକି ଏହା ବେଶ୍ ଚିନ୍ତାର ବିଷୟ ହୋଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ସହରରେ ଥିବା ସବୁ ଛୋଟବଡ଼ ହୋଟେଲକୁ କଡ଼ାକଡ଼ି ଯାଞ୍ଚ୍ କରି ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସମସ୍ତ ହୋଟେଲରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ବାଧ୍ୟତାମୂଳକ କରିବାକୁ ଭକ୍ତ, ପର୍ଯ୍ୟଟକ ଦାବି କରିଛନ୍ତି।

ପଶ୍ଚିମବଙ୍ଗର ସୌଭିକ୍ ଦତ୍ତ କହିଛନ୍ତି, ଆମେ ଯେଉଁ ହୋଟେଲରେ ରହିଛୁ ସେଠାରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ଯଦି କୌଣସି କାରଣରୁ ଅଗ୍ନିକାଣ୍ଡ ଘଟେ ତେବେ ସତର୍କତା ପାଇଁ ବ୍ୟବସ୍ଥା ନାହିଁ। ପ୍ରତ୍ୟେକ ହୋଟେଲର ରୁମ୍, ରୋଷେଇ ଘରେ ସେନ୍‌ସର ଲଗାଇବା ଜରୁରୀ। ପୁରୀକୁ ହଜାର ହଜାର ଭକ୍ତ, ପର୍ଯ୍ୟଟକ ଆସୁଥିବାବେଳେ ଅନେକ ହୋଟେଲ, ଲଜ୍ ଆଦିରେ ରହୁଛନ୍ତି। ହେଲେ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ହୋଟେଲରେ ସେନ୍‌ସର୍ ବ୍ୟବସ୍ଥା ନାହିଁ। ଯଦି କେଉଁଠି ଅଗ୍ନିକାଣ୍ଡ ଘଟେ ସେନ୍‌ସର ତାହାକୁ ଠାବ କରି ଆଲାରାମ୍ ବାଜି ଉଠିବ। ଏହାଦ୍ୱାରା ହୋଟେଲରେ ରହୁଥିବା ଯାତ୍ରୀ ସୂଚନା ପାଇ ବାହାରକୁ ଆସିପାରିବେ। ଫଳରେ ଅନେକ ଧନଜୀବନ ରକ୍ଷା ପାଇପାରିବ। ସବୁ ହୋଟେଲରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ପ୍ରଶାସନ କଡ଼ାକଡ଼ି କରିବା ଆବଶ୍ୟକ ବୋଲି ଶ୍ରୀ ଦତ୍ତ କହିଛନ୍ତି। ଏ ସମ୍ପର୍କରେ ପୁରୀ ଅଗ୍ନିଶମ କେନ୍ଦ୍ରର ଅଧିକାରୀ ପ୍ରଭାତ କୁମାର ରାଉତ କହିଛନ୍ତି, ୨୦୨୩ରେ ବଡ଼ଦାଣ୍ଡସ୍ଥିତ ସମ୍ରାଟ ହୋଟେଲରେ ବଡ଼ ଧରଣର ଅଗ୍ନିକାଣ୍ଡ ଘଟିଥିଲା। ଏହି ଦୁର୍ଘଟଣା ପରେ ସହରରେ ଥିବା ଅଧିକାଂଶ ହୋଟେଲ ସଜାଗ ହୋଇଛନ୍ତି। ସେମାନେ ତାଙ୍କ ହୋଟେଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିଛନ୍ତି। ତଥାପି କେତେକରେ ଏହି ବ୍ୟବସ୍ଥା ରହିଯାଇଛି। ସେହି ହୋଟେଲ କର୍ତ୍ତୃପକ୍ଷଙ୍କୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ କୁହାଯାଉଛି।

---

• ସାମୂହିକ ବ୍ରତୋପନୟନ

## ୭ ଜଣ ହେଲେ ବ୍ରହ୍ମଚାରୀ



**ପୁରୀ,୧୬।୩(ସମିସ):** ଶ୍ରୀରାମ ଚନ୍ଦ୍ର ସ୍ୱାମୀ ଚାରିଟେବୁଲ ଟ୍ରଷ୍ଟ ତରଫରୁ ସୋମବାର ବୈଦିକ ରୀତିନୀତିରେ ସାମୂହିକ ମାଗଣା ବ୍ରତୋପନୟନ ଲୋକନାଥ ମନ୍ଦିର ନିକଟ ଥାନପତି ଆଶ୍ରମର ବାଲାଜୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିୟର ସ୍ୱାମୀ ମଠ ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଜୀଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ବ୍ରତୋପନୟନରେ ବିହାର, ଓଡ଼ିଶା ରାଜ୍ୟର ସମ୍ବଲପୁର, କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଭଦ୍ରକ, ଅନୁଗୁଳ ଜିଲ୍ଲାର ୭ ଜଣ ବ୍ରାହ୍ମଣ ବାଳକ ପରମ୍ପରା ଓ ରୀତିନୀତି ଅନୁସାରେ ବ୍ରହ୍ମଚାରୀ ହୋଇଥିଲେ। କାର୍ଯ୍ୟକ୍ରମ ସ୍ଥଳରେ ଟ୍ରଷ୍ଟ ବୋର୍ଡର ସଦସ୍ୟ ତଥା ଜିୟର ସ୍ୱାମୀ ମଠର ସନ୍ଥ ସୁଦର୍ଶନ ରାମାନୁଜ ଦାସ ଜୀ ମହାରାଜ ପ୍ରତ୍ୟକ୍ଷ ପରିଚାଳନା କରିବା ସହିତ ମହନ୍ତ ଇନ୍ଦିରା ରମଣ ରାମାନୁଜ ଦାସଜୀ ସମସ୍ତ ବ୍ରହ୍ମଚାରୀଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜିତା ପାଢ଼ୀ, ସଦସ୍ୟ ତଥା କଟକୀ ମଠର ମହନ୍ତ ଡ. ବିଜୟ ନାରାୟଣ ରାମାନୁଜ ଦାସ, ସୁରେଶ ଶର୍ମା, ରମେଶ ଶର୍ମା, କମଳ ଟିବରୱାଲ, ବିଷ୍ଣୁ ଯୋଶୀଜୀ ସହଯୋଗ କରିଥିଲେ। ବରିଷ୍ଠ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ୭ ଜଣ ବ୍ରହ୍ମଚାରୀ ବାଲାଜୀ ମନ୍ଦିର ଦର୍ଶନ କରିଥିଲେ।

## ୧୯ରେ ପାଳନ ହେବ ରାଷ୍ଟ୍ରୀୟ ନବବର୍ଷ

**ପୁରୀ,୧୬।୩(ସମିସ):** ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ତରଫରୁ ଚୈତ୍ର ଶୁକ୍ଳ ପ୍ରତିପଦ ଅବସରରେ ରାଷ୍ଟ୍ରୀୟ ନବବର୍ଷ ପାଳନ ହେବ। ଆସନ୍ତା ୧୯ ତାରିଖ ୫ଟା ୫୫ ମିନିଟ୍ ୩୯ ସେକେଣ୍ଡ ସୂର୍ଯ୍ୟୋଦୟ ସମୟରେ ଘଣ୍ଟଘଣ୍ଟା, ସଂକୀର୍ତ୍ତନ ଓ ହୁଳହୁଳି ସହ ନବବର୍ଷକୁ ସ୍ୱାଗତ କରାଯିବ। ପବିତ୍ର ମହୋଦଧି ସ୍ନାନ, ଶ୍ରୀଜଗନ୍ନାଥ ଦର୍ଶନ ସମେତ ପ୍ରତ୍ୟେକ ପରିବାର ଘର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ, ପୂର୍ଣ୍ଣକୁମ୍ଭ ସ୍ଥାପନ ଓ ଗୈରିକ ଧ୍ୱଜା ଲଗାଇ ନବବର୍ଷକୁ ସ୍ୱାଗତ କରିବା ପାଇଁ ସମିତି ପକ୍ଷରୁ ଅନୁରୋଧ କରାଯାଇଛି। ଏ ନେଇ ସୋମବାର ସମିତି ସଭାପତି ମହାବୀର ରୁଦ୍ରନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହିନ୍ଦୁ ନବବର୍ଷ ପାଳନ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ଯୋଜନା ପ୍ରସ୍ତୁତ ହୋଇଛି।

ଅନୁଷ୍ଠାନର ସମ୍ପାଦକ ଅରବିନ୍ଦ ଶତପଥୀ କହିଛନ୍ତି ଯେ, ବ୍ରହ୍ମାଙ୍କ କାଳ ଗଣନା ତଥା କିମ୍ବଦନ୍ତୀ ଅନୁଯାୟୀ ଚୈତ୍ର ଶୁକ୍ଳ ପ୍ରତିପଦାରେ କଳିଯୁଗ ଆରମ୍ଭ ହୋଇଥିଲା। ଯୁଗାବ୍ଦ ଆରମ୍ଭ, ଶକାବ୍ଦ ଓ ଶାଳିବାହନଙ୍କ ଗଣନା ଆରମ୍ଭ, ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ତଥା ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ, ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ଆର୍ଯ୍ୟସମାଜ ପ୍ରତିଷ୍ଠା ଏବଂ ମା' ଦେବୀ ଦୁର୍ଗାଙ୍କର ନବଦିନାତ୍ମକ ପୂଜା ଆରମ୍ଭ ହୋଇଥିଲା। ତେଣୁ ଏହି ଦିନ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ କରାଯିବା ଯୁକ୍ତିଯୁକ୍ତ। ଏହି ପରିପ୍ରେକ୍ଷୀରେ ଉକ୍ତ ଦିନ ଅପରାହ୍ଣ ୩ଟା ୩୦ରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସାମୂହିକ ଦୀପଦାନ କରାଯିବ। ଏକ ଧାର୍ମିକ ଶୋଭାଯାତ୍ରା ଧ୍ୱନି ସହିତ ଅପରାହ୍ଣ ୪ଟାରେ କାର୍ଯ୍ୟକର୍ତ୍ତାମାନଙ୍କୁ ନେଇ ଟାଉନ ଥାନା ନିକଟରୁ ବାହାରି ପୌରସଦନ ପର୍ଯ୍ୟନ୍ତ କରାଯିବା ପାଇଁ ସ୍ଥିର ହୋଇଛି। ସନ୍ଧ୍ୟାରେ ପୁରୀ ପୌର ସଦନରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି କର୍ମକର୍ତ୍ତାମାନେ ପରିପ୍ରକାଶ କରିଛନ୍ତି। ଏହି ପବିତ୍ର ଦିବସଟିକୁ ସ୍ମରଣୀୟ କରିବା ପାଇଁ ଶ୍ରୀମନ୍ଦିର ସିଂହଦ୍ୱାରକୁ ଫୁଲରେ ସଜାଯିବା ନିମନ୍ତେ ଆଇନ ମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ଗଜପତି ମହାରାଜ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନା କରାଯାଇଛି। ଏଥିସହ ସରକାରୀସ୍ତରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଏହାର ବ୍ୟାପକ ପ୍ରଚାରପ୍ରସାର କରିବା ସହିତ ଛୁଟି ଘୋଷଣା କରିବା ନିମନ୍ତେ ଦୃଢ଼ ଦାବି ଉପସ୍ଥାପନା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭାରତ ବିକାଶ ପରିଷଦର ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସୌମେନ୍ଦ୍ର ଦାସ, ବିଶ୍ୱ ହିନ୍ଦୁ ପରିଷଦର ରାଜେନ୍ଦ୍ର ମହାନ୍ତି, ଗୌରବ ମିଶ୍ରଙ୍କ ସମେତ ବିଭିନ୍ନ ସଂଘ ଓ ଧର୍ମାନୁଷ୍ଠାନର ପ୍ରମୁଖମାନେ ଉପସ୍ଥିତ ଥିଲେ। ରଞ୍ଜନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

---

### ଚାରୁକଳା କର୍ମଶାଳା ଉଦ୍‌ଘାଟିତ

## 'ସମର୍ଥ ନାରୀ ହିଁ ସମୃଦ୍ଧ ଭାରତର ମୂଳ ସ୍ତମ୍ଭ'

**ପୁରୀ,୧୬।୩(ସମିସ):** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ପକ୍ଷରୁ 'ସମର୍ଥ ନାରୀ: ସମୃଦ୍ଧ ଭାରତ' ଯୋଜନା ଅନ୍ତର୍ଗତ ପାଞ୍ଚ ଦିନିଆ ଚାରୁକଳା କର୍ମଶାଳା ସୋମବାର ପରିସର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ଓଡ଼ିଶାର ପାରମ୍ପରିକ କଳା ସମ୍ପର୍କରେ ଛାତ୍ରଛାତ୍ରୀ ଓ ଅଧ୍ୟାୟୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।



କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ହିମାଚଳ ପ୍ରଦେଶ ବେଦବ୍ୟାସ ପରିସରର ନିର୍ଦ୍ଦେଶକ ପ୍ରଫେସର ସତ୍ୟମ୍ କୁମାରୀ ଯୋଗଦେଇ ନାରୀ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, "ଯେତେବେଳେ ଜଣେ ନାରୀ କଳା ଓ କୌଶଳ ମାଧ୍ୟମରେ ସ୍ୱାବଲମ୍ବୀ ହୁଏ ସେତେବେଳେ ସମାଜ ଓ ରାଷ୍ଟ୍ରର ପ୍ରକୃତ ପ୍ରଗତି ହୁଏ। ସମର୍ଥ ନାରୀ ହିଁ ସମୃଦ୍ଧ ଭାରତର ମୂଳ ସ୍ତମ୍ଭ।' ପରିସରର ନିର୍ଦ୍ଦେଶକ ପ୍ରଫେସର ମହାପାତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ନିଜ ଅଭିଭାଷଣରେ କହିଥିଲେ ଯେ, ସଂସ୍କୃତ ଶିକ୍ଷା ସହିତ ଚାରୁକଳାର ସମନ୍ୱୟ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶରେ ସହାୟକ ହେବ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ଅଭିନବ ପ୍ରୟାସ ଦ୍ୱାରା ଅଧ୍ୟାୟୀମାନେ ନିଜର ସୃଜନଶୀଳ ଦକ୍ଷତା ବଢ଼ାଇବା ସହ ଆତ୍ମନିର୍ଭରଶୀଳ ହୋଇପାରିବେ। ଅନ୍ୟତମ ଅତିଥି ତଥା ସର୍ବଦର୍ଶନ ବିଭାଗ ଅଧ୍ୟକ୍ଷା ପ୍ରଫେସର ଗୌରପ୍ରିୟା ଦାଶ ସ୍ୱାଗତ ଭାଷଣ ଦେଇ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ପାଞ୍ଚ ଦିନିଆ ଶିବିରରେ ଅଭିଜ୍ଞ ପ୍ରଶିକ୍ଷକମାନଙ୍କ ମାଧ୍ୟମରେ ଅଧ୍ୟାୟୀମାନଙ୍କୁ ପଟ୍ଟଚିତ୍ର, ବାଲୁକା ଶିଳ୍ପ, ଆପ୍ଲିକ୍ କାର୍ଯ୍ୟ ଇତ୍ୟାଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରମାନଙ୍କ ଦ୍ୱାରା ମଙ୍ଗଳାଚରଣ ଓ କୁଳଗୀତ ଗାନ କରାଯାଇଥିଲା। ସହଯୋଗୀ ଆଚାର୍ଯ୍ୟ ଡ. ସାଗରିକା ନନ୍ଦ ପ୍ରାସ୍ତାବିକ ଭାଷଣ ରଖିଥିବାବେଳେ ଡ. ରଶ୍ମି ମିଶ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଞ୍ଚାଳନ କରିଥିଲେ। ଶେଷରେ ଡ. ରାଜଶ୍ରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହ ରାଷ୍ଟ୍ରଗାନ ସହ ସମ୍ପନ୍ନ ହୋଇଥିଲା।

---

■ ସମୁଦ୍ର ସ୍ନାନବେଳେ ଅଘଟଣ

## ଦୁଇଦିନ ହେଲା ବିଟେକ୍ ଛାତ୍ର ନିଖୋଜ

**ପୁରୀ,୧୬।୩(ସମିସ):** ପୁଣି ପୁରୀ ସମୁଦ୍ରରେ ଅଘଟଣ। ସ୍ନାନ କରିବା ସମୟରେ ଜଣେ ବିଟେକ୍ ଛାତ୍ର ନିଖୋଜ ହୋଇଯାଇଛନ୍ତି। ଦୁଇଦିନ ହେଲାଣି ତାଙ୍କର କୌଣସି ସୁରାକ୍ ମିଳୁନାହିଁ। ନିଖୋଜ ଛାତ୍ର ହେଉଛନ୍ତି ଭୁବନେଶ୍ୱର ସୋଆ ବିଶ୍ୱବିଦ୍ୟାଳୟର ବିଟେକ୍ କମ୍ପ୍ୟୁଟର ସାଇନ୍ସର ଦ୍ୱିତୀୟ ବର୍ଷର ଅନିମେଶ ସା। ରବିବାର ଅନିମେଶ ତାଙ୍କର କିଛି ସାଙ୍ଗଙ୍କ ସହ ପୁରୀ ବୁଲିବାକୁ ଆସି ଅପରାହ୍ଣରେ ୧୦ ନମ୍ବର ସେକ୍ଟର ତଥା ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ସ୍ନାନ କରୁଥିଲେ। ସ୍ନାନ କରିବା ସମୟରେ ଅନିମେଶ ଗଭୀର ସମୁଦ୍ର ଭିତରକୁ ଭାସି ଯାଇଥିଲେ। ତେବେ ଉଚ୍ଚ ଜୁଆର ମାଡ଼ ଓ ରିପ୍ କରେଣ୍ଟରେ ପଡ଼ି ଗଭୀର ସମୁଦ୍ରକୁ ଚାଲିଯାଇଥିଲେ। ଇତିମଧ୍ୟରେ ଦୁଇଦିନ ହେଲାଣି ତାଙ୍କର କୌଣସି ପତ୍ତା ମିଳୁନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ପୁରୀ ବେଳାଭୂମି ସମେତ ପେଣ୍ଠକଟା, ନୂଆନଈ, ବେଲେଶ୍ୱର, ରାମଚଣ୍ଡୀ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ଲାଇଫଗାର୍ଡଙ୍କ ତରଫରୁ ଅହରହ ଖୋଜାଖୋଜି ଜାରି ରହିଛି। ହେଲେ ଅନିମେଶଙ୍କୁ ଏପର୍ଯ୍ୟନ୍ତ ଠାବ କରାଯାଇପାରିନାହିଁ। ତେବେ ପୁରୀ ବେଳାଭୂମିରେ ସୁରକ୍ଷିତ ସ୍ନାନକୁ ନେଇ ନିୟମିତ ଅଘଟଣ ଘଟୁଥିବାରୁ ଏଣିକି ପର୍ଯ୍ୟାପ୍ତ ପରିମାଣର ଲାଇଫଗାର୍ଡଙ୍କୁ ମୁତୟନ କରାଯିବ ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି।

## 'ୱାନ୍ ଆୱାର ଫର୍ ପ୍ଲାନେଟ୍' କାର୍ଯ୍ୟକ୍ରମ

**ପୁରୀ,୧୬।୩(ସମିସ):** ବିଗିଡ଼ି ଗଲାଣି ଜଳବାୟୁ। ସନ୍ତୁଳନ ହରାଇଲାଣି ଧରଣୀ ମା'। ଆମକୁ ସଚେତନ ହେବାକୁ ପଡ଼ିବ। ଆମ ପାଇଁ ନ ହେଲା ନାହିଁ, ଆମ ପରପିଢ଼ିଙ୍କ ପାଇଁ। ଏଭଳି ଆଭିମୁଖ୍ୟ ରଖି ବିଶ୍ୱ ଜଳବାୟୁ ପରିବର୍ତ୍ତନ ମୁକାବିଲା ଓ ପ୍ରକୃତି ସନ୍ତୁଳନ ରକ୍ଷା କରିବା ଲାଗି ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି। ସମସ୍ତ ସରକାରୀ ଆୟୁର୍ବେଦ ଓ ହୋମିଓପାଥି ମହାବିଦ୍ୟାଳୟରେ ଧରଣୀ ପାଇଁ ଘଣ୍ଟାଟିଏ ତଥା 'ୱାନ୍ ଆୱାର ଫର୍ ପ୍ଲାନେଟ୍' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରତି ୧୫ ଦିନରେ ମହାବିଦ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜିତ ହେବ। ପ୍ରକୃତି ସହିତ ମାନବ ସ୍ୱାସ୍ଥ୍ୟ ମଧ୍ୟରେ ନିବିଡ଼ ସମ୍ପର୍କ ଏହାର ମୁଖ୍ୟ ଉଦ୍ଦେଶ୍ୟ। ଆୟୁର୍ବେଦ ଓ ହୋମିଓପାଥି ଚିକିତ୍ସା ବିଜ୍ଞାନ ମୁଖ୍ୟତଃ ପ୍ରକୃତି ଆଧାରିତ। ତେଣୁ ଏହି ଅବସରରେ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ଏବଂ ଶକ୍ତି ସଂରକ୍ଷଣ ସମ୍ପର୍କରେ ସଚେତନ କରାଯାଇଥିଲା। ଏତଦ୍‌ବ୍ୟତୀତ ମହାବିଦ୍ୟାଳୟରେ ଔଷଧୀୟ ବୃକ୍ଷରୋପଣ କରାଯାଇଥିଲା। ଆୟୁଷ ନିର୍ଦ୍ଦେଶିକା ଅଞ୍ଜନା ପଣ୍ଡା କହିଛନ୍ତି, ପଞ୍ଚମହାଭୂତରେ ଗଠିତ ଆମ ଶରୀର ପାଇଁ ପ୍ରକୃତି ହେଉଛି ଶ୍ରେଷ୍ଠ ଚିକିତ୍ସକ। 'ୱାନ୍ ଆୱାର ଫର୍ ପ୍ଲାନେଟ୍' କେବଳ କାର୍ଯ୍ୟକ୍ରମ ନୁହେଁ, ବରଂ ଏହା ଆମର ଭବିଷ୍ୟତ ପିଢ଼ି ପାଇଁ ଏକ ସୁରକ୍ଷିତ ଧରଣୀ ଗଠନ କରିବାର ସଂକଳ୍ପ।

---

■ ସମୁଦ୍ର କୂଳରେ ବେଆଇନ ନିର୍ମାଣ

## ନୋଟିସ୍ ପରେ ବି ନିର୍ମାଣ ଜାରି

**ପୁରୀ,୧୬।୩(ସମିସ):** ପୁରୀ ସହରରେ ନିୟମ କାନୁନ୍ ବୋଲି କିଛି ନାହିଁ। ଯୁଆଡ଼େ ଦେଖିବ ଖାଲି ମାଳମାଳ ବେଆଇନ କାମ। ବିଶେଷକରି ଜମିଜମା ଏବଂ ନିର୍ମାଣକୁ ନେଇ ପୁଳାପୁଳା ଅଭିଯୋଗ ଆସୁଛି। ସିଆର୍‌ଜେଡ୍‌କୁ ଖୁଲମ୍‌ଖୁଲା ଉଲ୍ଲଂଘନ କରାଯାଉଛି। ଅଭିଯୋଗ ପରେ ବି କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବାରୁ ବେଆଇନକାରୀଙ୍କ ସାହସ ବଢୁଛି। ନିକଟରେ ପେଣ୍ଠକଟା ବେଳାଭୂମିରେ ବେଆଇନ ନିର୍ମାଣ କରାଯାଉଥିବା ନେଇ ଅଭିଯୋଗ ଆସିଥିଲା। ପିକେଡିଏ ଏବଂ ତହସିଲ୍‌ଦାରଙ୍କ ପକ୍ଷରୁ ଏ ନେଇ ନୋଟିସ୍ ଦିଆଯାଇଥିଲା। କିନ୍ତୁ ୨/୩ ଦିନ କାମ ବନ୍ଦ ପରେ ପୁଣି ସେହି ନିର୍ମାଣ ଜାରି ରହିଛି। ସୋମବାର ପେଣ୍ଠକଟା ଅଞ୍ଚଳର କିଛି ଲୋକ ପୁରୀ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଫେରାଦ୍ ହୋଇ ବେଆଇନ ନିର୍ମାଣକୁ ଭାଙ୍ଗିବା ପାଇଁ ଅନୁରୋଧ କରିଛନ୍ତି।

ପେଣ୍ଠକଟା ଅଞ୍ଚଳର ମା' ଚିନ୍ତାମଣି ବେହେରା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ପକ୍ଷରୁ ପୌରନିର୍ବାହୀ ଅଧିକାରୀଙ୍କୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, କିଛିଦିନ ହେବ ପେଣ୍ଠକଟା ବେଳାଭୂମିରେ କିଛି ପ୍ରଭାବଶାଳୀ ବ୍ୟକ୍ତି ଜୋର୍ ଜବରଦସ୍ତ ନିଜ ସ୍ୱାର୍ଥ ପାଇଁ ଏକ ନିର୍ମାଣ କରୁଛନ୍ତି। ଏହାକୁ କମ୍ୟୁନିଟି ସେଣ୍ଟର କହି ତିଆରି କରୁଛନ୍ତି। ବାସ୍ତବରେ ସେମାନେ ନିଜ ବ୍ୟବସାୟ ପାଇଁ ଏହି ଘର ନିର୍ମାଣ କରୁଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମଧ୍ୟ ଜାଣିଛନ୍ତି। ସେ ମନା କରିବା ସତ୍ତ୍ୱେ ବେଆଇନ ନିର୍ମାଣକାରୀ କାହା କଥା ଶୁଣୁନାହାନ୍ତି। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ୩ ଦିନ କାମ ବନ୍ଦ କରିଥିଲେ। ପୁଣି ସୋମବାର ବାଲି ଭରାଯାଇ କାମ କରାଯାଇଛି। ସରକାରୀ ଜାଗାରେ ନିର୍ମାଣ କରିବା ପାଇଁ ସରକାରୀ ଅନୁମତି ଦରକାର। କୌଣସି ଅନୁମତି ନ ନେଇ ଏଭଳି କରିବା ଦ୍ୱାରା ଆଗାମୀ ଦିନରେ ଅନ୍ୟମାନେ ମଧ୍ୟ ଏହିଭଳି ବେଆଇନ କାମ କରିବା ସମ୍ଭାବନା ରହିଛି। ତେଣୁ ତୁରନ୍ତ ଏହି ବେଆଇନ ନିର୍ମାଣ ଭାଙ୍ଗିଦେଲେ ମାଫିଆମାନେ ଆଉ ଏମିତି କରିବାକୁ ସାହସ କରିବେ ନାହିଁ ବୋଲି ସମିତି ସଭାପତି ପ୍ରମୁଖ ଅନୁରୋଧ କରିଛନ୍ତି।

ସୂଚନାଥାଉ କି, ପେଣ୍ଠକଟା ବେଳାଭୂମିରେ ବେଆଇନ ନିର୍ମାଣ ନେଇ ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ପ୍ରଶାସନ ପକ୍ଷରୁ ନିର୍ମାଣକାରୀଙ୍କୁ ନୋଟିସ୍ ଜାରି କରାଯାଇଛି। ସମୁଦ୍ର କୂଳଠାରୁ ମାତ୍ର କିଛି ଫୁଟ୍ ଦୂରତାରେ କଂକ୍ରିଟ ପିଲାର ନିର୍ମାଣକୁ ନେଇ ଓଡ଼ିଶା ଜମି ଜବରଦଖଲ ନିବାରଣ ଆଇନ (ଓପିଏଲ୍ଇଏ) ୧୯୭୨ ଅନୁଯାୟୀ ତହସିଲ୍‌ଦାର ନୋଟିସ୍ କରିଛନ୍ତି। ତେବେ ସିଆର୍‌ଜେଡ୍ ନିୟମର ଖୁଲମ୍‌ଖୁଲା ଉଲ୍ଲଂଘନ କରାଯାଇ ସ୍ଥାୟୀ ନିର୍ମାଣ ହୋଇଥିବାବେଳେ ଏହାକୁ ତୁରନ୍ତ ଭାଙ୍ଗିବାକୁ ଆପ୍ ସଭାପତି ଶ୍ରୀ ମହାନ୍ତିଙ୍କ ସମେତ ବୁଦ୍ଧିଜୀବୀ ଦାବି କରିଆସୁଛନ୍ତି।

---

**ପ୍ରଶାସନର ଅଜବ ନିୟମ**


# ମଦ ଦୋକାନକୁ ହଁ, ମହାବୀର ମୂର୍ତ୍ତି ପାଇଁ ନା

**ପୁରୀ,୧୬।୩(ସମିସ)**

ପୁରୀ ଜିଲ୍ଲା ପ୍ରଶାସନର ଅଜବ ନିଷ୍ପତ୍ତି। ମଦ ଦୋକାନ ଖୋଲିବା ନେଇ ଆଗ୍ରହ ଦେଖାଉଥିବା ପ୍ରଶାସନ ମହାବୀରଙ୍କ ମୂର୍ତ୍ତି ସ୍ଥାପନା ପାଇଁ ଅମଙ୍ଗ ହେବା ଏବେ ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ନିଜ ସାହି ଭିତରେ ମହାବୀରଙ୍କ ମୂର୍ତ୍ତି ସ୍ଥାପନ କରିବା ଲାଗି ବାଲିନୋଳିଆ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନକୁ ଗୁହାରି କରୁଛନ୍ତି। ହେଲେ ପୌରସଂସ୍ଥା ସେମାନଙ୍କୁ ନିରାଶ କରୁଛି। ସର୍ବସାଧାରଣ ରାସ୍ତା କହି ମୂର୍ତ୍ତି ସ୍ଥାପନକୁ ଅନୁମତି ଦେଉ ନ ଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ।

ବାଲିନୋଳିଆ ସାହିବାସୀ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସାହି ପ୍ରବେଶ ପଥରେ ଭିକ୍ଟୋରିଆ ହୋଟେଲ ନିକଟରେ ଏକ ମଦ ଦୋକାନ ଖୋଲାଯାଇଛି। ଏହି ମଦ ଦୋକାନ ଅନ୍ୟତ୍ର କରିବା ପାଇଁ ସାହିବାସୀ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ହେଲେ ପ୍ରଶାସନ ଶୁଣି ନ ଥିଲା। ଶେଷରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ଜିଲ୍ଲାପାଳ ନିଷ୍ପତ୍ତି ନେବେ ବୋଲି କୋର୍ଟ ରାୟ ଦେଇଥିବାବେଳେ ଏବେ ବି ସେଠାରେ ମଦ ଦୋକାନ ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅଞ୍ଚଳବାସୀ ମହାବୀରଙ୍କ ଏକ ମୂର୍ତ୍ତି ତିଆରି କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହାକୁ ନେଇ ସାହିବାସୀ ବେଶ୍ ଉତ୍ସାହିତ ଥିଲେ। ତେଣୁ ସମସ୍ତଙ୍କ ସହଯୋଗରେ ସାହିର ଏକ ଛକ ରାସ୍ତା ପାଶ୍ୱର୍ରେ ଏହି ମୂର୍ତ୍ତି ନିର୍ମାଣ କାମ ମଧ୍ୟ ଆରମ୍ଭ କରାଯାଇଛି। ହଠାତ୍ ପୁରୀ ପୌରସଂସ୍ଥା କାମ ବନ୍ଦ କରିବା ଲାଗି ସେଠାରେ ନୋଟିସ୍ ଲଗାଇଛି। ଗତ ୧୦ ତାରିଖରେ ପୌରସଂସ୍ଥା ପକ୍ଷରୁ ଲଗାଯାଇଥିବା ନୋଟିସ୍‌ରେ ଉଲ୍ଲେଖ କରାଯାଇଛି ଯେ, ବାଲିନୋଳିଆ ସାହିସ୍ଥିତ ଭୋଳାଗିରି ଆଶ୍ରମ ନିକଟରେ ସର୍ବସାଧାରଣ ରାସ୍ତାକୁ ଦଖଲ କରି ଏହି ନିର୍ମାଣ ହେଉଛି। ତୁରନ୍ତ ଏହାକୁ ବନ୍ଦ କରନ୍ତୁ, ନଚେତ୍ ପ୍ରଶାସନ ଦ୍ୱାରା ଏହାକୁ ଉଚ୍ଛେଦ କରାଯିବ। ହେଲେ ସେମାନେ ରାସ୍ତାକୁ ଦଖଲ କରି ନୁହେଁ, ରାସ୍ତାକଡ଼ରେ ମୂର୍ତ୍ତି ନିର୍ମାଣ କରୁଛନ୍ତି ବୋଲି ସାହିବାସୀ କହିଛନ୍ତି। ପ୍ରଶାସନର ଏଭଳି ନିଷ୍ପତ୍ତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି। ସେ କହିଛନ୍ତି, ବାଲିନୋଳିଆ ସାହି ପ୍ରବେଶ ପଥରେ ପ୍ରଶାସନ ମଦ ଦୋକାନ ଖୋଲିବାକୁ ଅନୁମତି ଦେଉଛି। ମାତ୍ର ସାହି ଭିତରେ ମହାବୀରଙ୍କ ମୂର୍ତ୍ତି ନିର୍ମାଣକୁ ଅନୁମତି ନ ଦେଇ ଉଚ୍ଛେଦ କରିବାକୁ ନୋଟିସ୍ ଲଗାଇବା ପ୍ରଶାସନର ମନମାନୀକୁ ଦର୍ଶାଉଛି। ତୁରନ୍ତ ମହାବୀରଙ୍କ ମୂର୍ତ୍ତି ସ୍ଥାପନ ପାଇଁ ପୌର କର୍ତ୍ତୃପକ୍ଷ ଅନୁମତି ଦିଅନ୍ତୁ ବୋଲି ଦାବି କରିଛନ୍ତି ସଞ୍ଜୀବ।





# ବାଲି ଖନନ ଯୋଗୁଁ ଖସୁଛି ବୈତରଣୀ ଜଳସ୍ତର

ଆନନ୍ଦପୁର,୧୬ ।୩(ସମିସ):



ପବିତ୍ର ବୈତରଣୀ ଏବେ ବିପଦରେ। ଆନନ୍ଦପୁରରେ ବାଲି ଚୋରି ଯୋଗୁଁ ବୈତରଣୀର ଜଳସ୍ତରକୁ ନିମ୍ନଗାମୀ ହେବାରେ ଲାଗିଛି। ଖଣି ବିଭାଗର ନିରବତା ବାଲି ମାଫିଆଙ୍କୁ ବାଲି ଲୁଟ୍ କରିବାର ସୁଯୋଗ ସୃଷ୍ଟି କରୁଥିବାବେଳେ ସାଧାରଣ ଜନଜୀବନ ଏଥିରେ ବହୁଳ ଭାବେ ପ୍ରଭାବିତ ହେବାରେ ଲାଗିଛି। ଲିଜ୍ ବାଲି ସୌରାତ ଗୁଡ଼ିକରୁ ମାତ୍ର ଗୋଟିଏ ପରମିଟ୍‌ରେ ଶହଶହ ଟ୍ରିପ୍ ବାଲି ଚାଲାଣ କରିବାରେ ସଫଳ ହେବା ପୁଲିସ ପ୍ରଶାସନ ଓ ଖଣି ବିଭାଗ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବାଲି ଚାଲାଣରୁ କୋଟି କୋଟି ଟଙ୍କା ମୁନାଫା କମାଇବା ଲକ୍ଷ୍ୟରେ ବାଲି ସୈରାତ ଗୁଡିକ ଚଢାଦରରେ ଲିଜ୍ ସୂତ୍ରରେ ନେବା ଏବଂ ବାଲି ଚାଲାଣ ସମୟରେ ସରକାରୀ ନିୟମକୁ ଖୋଲାଖୋଲି ଉଲଂଘନ କରାଯିବା ଆନନ୍ଦପୁରର ବୈତରଣୀ ନଦୀ ପାଇଁ ଯଥେଷ୍ଟ ବିପଦ ସୃଷ୍ଟି କରିବାରେ ଲାଗିଛି। ନଦୀଗର୍ଭକୁ ମାତ୍ରାଧିକ ଖାଲ କରି ବାଲି ଉତ୍ତୋଳନ କରାଯିବା ଦ୍ୱାରା ନଦୀରଜଳସ୍ତର କ୍ରମଶଃ ହ୍ରାସ ହେବାରେ ଲାଗିଛି। ନଦୀବନ୍ଧ ଗୁଡ଼ିକରେ ଓଭରଲୋଡ୍ ବାଲି ଚାଲାଣ ନଦୀବନ୍ଧକୁ ବହୁଳ ଭାବେ ପ୍ରଭାବିତ କରିବାରେ ଲାଗିଛି। ପ୍ରଶାସନିକ ଅଧିକାରୀଙ୍କୁ ହାତବାରିଶି କରି ପ୍ରଭାବଶାଳୀ ବ୍ୟକ୍ତିମାନେ ବେଆଇନ ବାଲି ଉତ୍ତୋଳନରେ ସଫଳ ହେଉଥିବାବେଳେ ଅଭିଯୋଗ କରାଗଲେ ଲୋକମାନଙ୍କୁ ଧମକ ଚମ କର ଶିକାର ହେବାକୁ ପଡୁଛି। ଖଣି ବିଭାଗ ଓ ପୁଲିସ ଆଖିଦୃଶିଆ ଭାବେ ମଝିରେ ମଝିରେ ଗୋଟିଏ ଦୁଇଟି ବାଲି ଗାଡି ଜବତ କରି ଜରିମାନା ଆଦାୟ ପୂର୍ବକ ନିଜ ଦାୟିତ୍ୱ ଶେଷ କରିଦେଉଥିବା ଧର୍ମକୁ ଆଖୁ ଠାର ସଦୃଶ ପାଲଟିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଘଟଣା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଶାଳବଣି ସଂସ୍କୃତି ବିକାଶ ମଞ୍ଚର ବାର୍ଷିକ ଉତ୍ସବ




ଆନନ୍ଦପୁର,୧୬ ।୩(ସମିସ): କଳା ଓ ସଂସ୍କୃତି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଶାଳବଣୀ ନୀଳାଚଳ କଳା ଓ ସଂସ୍କୃତି ବିକାଶ ମଞ୍ଚ ପକ୍ଷରୁ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଆନନ୍ଦପୁର ବ୍ଲକ୍ ଶାଳବଣି ପଞ୍ଚାୟତରେ ଏଭଳି କଳାବିକାଶ ଏବଂ କଳାପ୍ରତିଭା ଧାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ପ୍ରଥମ ପ୍ରୟାସ ବୋଲି ବୁଦ୍ଧି ଜୀବିମହଲରୁ ଜାଣି ବାକୁ ମିଳିଛି। ଉକ୍ତସଭାରେ ଟ୍ରଷ୍ଟ ସଭାପତି ତଥାପାଲା ଗାୟକ ଗୟାଧର ନାଥ ସଭାପତିତ୍ୱକରି ଥିବା ବେଳେ ବିରଞ୍ଚି ନାରାୟଣ ବେହେରା ସଂଯୋଜନା କରିଥିଲେ। ଡ. ଧୀରେନ୍ କୁମାର ମହାନ୍ତି ମୁଖ୍ୟ ଅତିଥି, ପ୍ରବଚକ ପଣ୍ଡିତ ଜିତୁ ଦାଶ ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ଶାଳବଣି ପଞ୍ଚାୟତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପଦ୍ମନାଭ ମିଶ୍ର ଏବଂ ସରପଞ୍ଚ ସୁବାସିନି ମିଶ୍ର, ଦୁଷ୍ମନ୍ତ କୁମାର ମହାନ୍ତି, ତ୍ରିଲୋଚନ ନାଥ ଶର୍ମା ପ୍ରମୁଖ ବିଶେଷ ଅତିଥି ଭାବରେ ଯୋଗଦେଇ ଥିଲେ। ପ୍ରକୃତି ବନ୍ଧୁ ତଥା ସୁଲେଖକ ତ୍ରିଲୋଚନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଡ. ଧୀରେନ କୁମାର ମହାନ୍ତିଙ୍କୁ ନୀଳାଚଳ ଶ୍ରୀ ସମ୍ମାନମିଳି ଥିବାବେଳେ ଗାୟକ ତ୍ରିଲୋଚନ ନାଥ ଶର୍ମାଙ୍କୁ ରତ୍ନାକର, ବିରଞ୍ଚି ନାରାୟଣ ବେହେରାଙ୍କୁ ସୌରଭ, ମହିଳା ଗାୟିକା ସଞ୍ଜୀବନୀ ସୁଧାଗିରିଙ୍କୁ ମଞ୍ଜୁଳା ଉପାଧିରେ ଭୂଷିତ କରାଯାଇ ଥିଲା। ସେହିପରି କ୍ରୀଡ଼ା କ୍ଷେତ୍ରରେ ପ୍ରାଣନାଥ ଜେନାଙ୍କୁ କ୍ରୀଡ଼ା ଶ୍ରୀ, ଶିକ୍ଷକ ରାଜୀବ ନାଏକଙ୍କୁ ଶିକ୍ଷା ଜ୍ୟୋତି ଏବଂ ପ୍ରଫୁଲ୍ଲ କୁମାର ନାୟକଙ୍କୁ ସେବାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ମଦ ଓ ଭ୍ୟାନ୍ ଜବତ; ଜଣେ ଗିରଫ



ହାଟଡ଼ିହୀ,୧୬ ।୩(ସମିସ): ନନ୍ଦିପଦା ଥାନା ଅଧୀନ ଟୁକୁଣା ନିକଟରୁ ରବିବାର ସନ୍ଧ୍ୟାରେ ଏକ ପିକ୍‌ଅପ୍ ଭ୍ୟାନ୍ ସହ ମଦ ଜବତ ହୋଇଥିବା ବେଳେ ଜଣଙ୍କୁ ଗିରଫ କରିଛି ନନ୍ଦିପଦା ପୁଲିସ। ପୁଲିସ୍ ସୂଚନା ଅନୁସାରେ, ନନ୍ଦିପଦା ଥାନାର ଏସ୍‌ଆଇ ସୋଲିନା ନାୟକ ଉକ୍ତ ରାସ୍ତାରେ ପାଟ୍ରୋଲିଂ କରୁଥିବା ସମୟରେ ପିକ୍‌ଅପ୍ ଭ୍ୟାନକୁ ଦେଖି ତାଙ୍କର ସନ୍ଦେହ ହୋଇଥିଲା। ଗାଡ଼ିଟିକୁ ସେ ଅଟକାଇ ଯାଞ୍ଚ ପରେ ସେଥିରୁ ବିପୁଳ ପରିମାଣର ବିଦେଶୀ ମଦ ଚାଲାଣ ହେଉଥିବା ଜଣାପଡ଼ିଥିଲା। ଡ୍ରାଇଭର ଫେରାର ହୋଇଯାଇଥିଲା ବେଳେ ମଦ ନେଇ ଯାଉଥିବା ସମ୍ପୃକ୍ତ ସଞ୍ଜୟ ଧଳଙ୍କୁ ଗିରଫ କରିବା ସହ ମଦ ଓ ଗାଡିଟିକୁ ପୁଲିସ ଜବତ କରି ନନ୍ଦିପଦା ଥାନା ହେପାଜତକୁ ଆଣିଥିଲା। ପେଟିଭିତରୁ ବିଦେଶୀ ମଦ ଖୋଲାଯିବା ପରେ ସେଥିରୁ କାଚ ବିଅର ୨୪ଟା, ଟିଣ ବିଅର ୪୮, ବିଦେଶୀ ରମ୍ ଓ ହ୍ୱିସ୍କି ମଦ ୩୩୬ଟା ବୋତଲ ତଥା ଆକଳନ ଅନୁସାରେ ୧୧୦ଲିଟର ବିଦେଶୀ ମଦ ତଥା ମୋଟ୍ ୪୦୮ଗୋଟି ମଦ ବୋତଲ ଜବତ ହେବା ସହ ଗିରଫ୍ ଅଭିଯୁକ୍ତ ସଞ୍ଜୟ ଧଳଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ଅଣ୍ଡର ପାସ୍ ନିର୍ମାଣ ଦାବିରେ ଜାତୀୟ ରାଜପଥ ଅବରୋଧ

ବାଲିବନ୍ଧ,୧୬ ।୩(ସମିସ): ଝୁମ୍ପୁରା ଦେଇ ୨୦ ନମ୍ବର ଜାତୀୟ ରାଜପଥ ଯାଇଛି। ଏହି ରାଜପଥର ଝୁମ୍ପୁରା ଥାନା ନିକଟସ୍ଥ ବିଷ୍ଣୁପୁର ଠାରେ ଅଣ୍ଡରବାଇପାସ୍ ନ ଥିବାରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଦୁଇମାସ ତଳେ ବିଷ୍ଣୁପୁର ଗ୍ରାମର ଜଣେ ଚାଷୀ ଧାନକୁ ନେଇ ଅର୍ଶଳା ଗ୍ରାମରେ ଥିବା ଧାନକଳକୁ ପେଶିବା ପାଇଁ ଯାଉଥିବା ସମୟରେ ବିଷ୍ଣୁପୁର ଛକରେ ଟ୍ରକ୍ ଧକ୍କାରେ ମୃତ୍ୟୁବରଣ କରିଥିଲେ। ସେହି ସମୟରେ ସ୍ଥାନୀୟ ଜନସାଧାରଣ ଜାତୀୟ ରାଜପଥ ୨୦କୁ ଅବରୋଧ କରିଥିଲେ। ପ୍ରଶାସନ ତରଫରୁ ରାସ୍ତା ଅବରୋଧ କରିଥିବା ଜନସାଧାରଣଙ୍କ ସହିତ ଆଲୋଚନା କରିଥିଲେ ଏବଂ ଅଳ୍ପ ଦିନ ମଧ୍ୟରେ ଅଣ୍ଡର ବାଇପାସ ରାସ୍ତା ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନ ଜନସାଧାରଣଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରି ନ ଥିଲେ। ଇତିମଧ୍ୟରେ ଏଠାରେ ଅନେକ ଛୋଟ ମୋଟ ଦୁର୍ଘଟଣା ଘଟିଥିବାର ନଜିର ରହିଛି। ପ୍ରଶାସନର ଖାମଖିଆଲ ନୀତିକୁ ବିରୋଧ କରି ବିଷ୍ଣୁପୁର, ସିଲିସୁଆଁ, କାଳସୀ, ମଧୁପୁର, କୁଞ୍ଜରଡିହି ଗ୍ରାମର ଜନସାଧାରଣ ଏକତ୍ରିତ ହୋଇଥିଲେ ଏବଂ ଜାତୀୟ ରାଜପଥ ୨୦ର ବିଷ୍ଣୁପୁର ଠାରେ ଅଣ୍ଡରପାସ୍ ନିର୍ମାଣ କରିବା ପାଇଁ ରାସ୍ତା ଅବରୋଧ କରିବା ପାଇଁ ସ୍ଥିର କରିଥିଲେ। ସୋମବାର ଦିନ ୨୪ ଘଣ୍ଟିଆ ରାସ୍ତା ଅବରୋଧ କରିଥିଲେ। ଜନସାଧାରଣ ବିଷ୍ଣୁପୁର ଛକରେ ରାସ୍ତା ଅବରୋଧ କରିବା ଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ଶହ ଶହ ଗାଡ଼ି ଅଟକି ରହିବା ସହିତ ଯାତାୟାତ ଠପ୍ ହୋଇ ଯାଇଥିଲା। ଝୁମ୍ପୁରା ଥାନା ଅଧିକାରିଣୀ ସୋମବାରୀ ହାଁସଦା ଓ କର୍ମଚାରୀମାନେ ରାସ୍ତା ଅବରୋଧକାରୀଙ୍କ ସହିତ ଆଲୋଚନା କରିଥିଲେ। କିନ୍ତୁ ଜନସାଧାରଣଙ୍କ ଜିଦ୍‌ରେ ଅଟଳ ରହିଥିଲେ। ରାସ୍ତା ଅବରୋଧ ହୋଇଥିବା ଖବରପାଇ ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଚମ୍ପୁଆ ଏସ୍‌ଡିପିଓ ରଶ୍ମୀ ରଞ୍ଜନ ସାହୁ, ଏନ୍‌ଏଚ ଅଧିକାରୀ ସୁବାଶିଷ ସାହୁ, ଚମ୍ପୁଆ ଥାନା ଅଧିକାରୀ ରାସ୍ତା ଅବରୋଧକାରୀଙ୍କ ସହିତ ଦୀର୍ଘ ସମୟ ଆଲୋଚନା କରିବା ସହିତ ବର୍ତ୍ତମାନ ଜାତୀୟ ରାଜପଥ ୨୦ ଅଳ୍ପଦିନ ମଧ୍ୟରେ ୬ ଲେନ୍ ବିଶିଷ୍ଟ ହେବ। ରାସ୍ତା ସମ୍ପ୍ରସାରଣ ହେବା ସମୟରେ ବିଷ୍ଣୁପୁରଠାରେ ଅଣ୍ଡର ପାସ ନିର୍ମାଣ କରି ଜନସାଧାରଣଙ୍କ ଯାତାୟାତ ସୁବିଧା କରାଯିବ ବୋଲି ପ୍ରଶାସନିକ ଅଧିକାରୀମାନେ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା। ୫ ଘଣ୍ଟା ରାସ୍ତା ଅବରୋଧ ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ମହୁଲି, ପୋଚ ଓ ପିକଅପ୍ ଜବତ୍: ୩ ଗିରଫ୍



ହାଟଡ଼ିହୀ,୧୬ ।୩(ସମିସ): ଆନନ୍ଦପୁର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହି ଅବକାରୀ ଥାନା ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଘଷିପୁରା ଥାନା ବାଲିପାଳ, ନନ୍ଦିପଦା ଥାନା ଅଧୀନ ଅଁରା ଓ ସୋସୋ ଥାନା ଅଧୀନ ପୁରୁଣାପାଣି ଅଞ୍ଚଳରେ ଚଢ଼ଉ କରାଯାଇ ୭ କୁଇଣ୍ଟାଲ ୨୦କିଗ୍ରା ମହୁଲ ଫୁଲ ଓ ୧୭୨ଲିଟର ଦେଶୀ ମହୁଲିମଦ ଓ ୨୨୦୦ ଲିଟର ମହୁଲ ପୋଚ ଜବତ କରିବା ସହ ଏକ ପିକ୍‌ଅପ୍ ଗାଡ଼ି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ତିନି ଜଣଙ୍କୁ ଗିରଫ କରାଯାଇଥିବା ବେଳେ ମୋଟ ୩ଟି ମାମଲା ରୁଜୁ କରାଯାଇଛି। ଏହି ଚଢ଼ଉରେ ହାଟଡିହି ଅବକାରୀ ଥାନା ସହ ଉପନିରୀକ୍ଷକ ସୁଶାନ୍ତ ରାଉତ, କନଷ୍ଟେବଲ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ଓ ଅନ୍ୟ ଷ୍ଟାଫ୍‌ମାନେ ସାମିଲ ଥିଲେ।

# ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରିଣୀ




କେନ୍ଦୁଝର,୧୬ ।୩(ସମିସ): କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ କମିଟିର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର, ଆନନ୍ଦପୁର, ଘସିପୁରା, ପାଟଣା, ଚମ୍ପୁଆ ଓ ତେଲକୋଇ ନିର୍ବାଚନମଣ୍ଡଳୀସ୍ତରୀୟ ଯୁବ କଂଗ୍ରେସ ସଭାପତି ଏବଂ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବୈଠକରେ ୬ଟି ଦାବି ଉପସ୍ଥାପନ କରାଯାଇଥିଲା। ଉକ୍ତ ଦାବିକୁ ନେଇ ଯୁବ କଂଗ୍ରେସ ରାଜରାସ୍ତାରେ ବିଧାନସଭାସ୍ତରୀୟ ଆନ୍ଦୋଳନ କରିବ ବୋଲି ନିଷ୍ପତ୍ତି ନିଆଗଲା। ଦାବିଗୁଡ଼ିକ ହେଲା ବେକାରି ସମସ୍ୟାର ସମାଧାନ, କେନ୍ଦୁଝରରେ ମେଗା ଷ୍ଟିଲପ୍ଲାଣ୍ଟ ସ୍ଥାପନ, ବିଜୁଳି ଉପୋଭୋକ୍ତାଙ୍କୁ କମ୍ପାନୀର ମନମୁଖୀ କାର୍ଯ୍ୟ, କୃଷିଋଣ ଛାଡ଼ ତଥା କୃଷକ ଭାଇମାନକୁ ପ୍ରୋତ୍ସାହନ ଓ ସମ୍ପୂର୍ଣ୍ଣ ସହଯୋଗ। କେନ୍ଦୁଝରରୁ ଗୋରୁ ଚାଲାଣ ଏବଂ ବାଲି ଚୋରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବିରେ ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ ଜିଲ୍ଲା କଂଗ୍ରେସ ନେତୃତ୍ୱ ଯୋଗଦେବେ ବୋଲି ସଭାପତି ଶ୍ରୀଧୀର ପ୍ରକାଶ କରିଛନ୍ତି। ଏହି ଜିଲ୍ଲା କାର୍ଯ୍ୟକ୍ରମରେ କଂଗ୍ରେସ ଉପସଭାପତି ତଥା ସାଂସଦ ପାର୍ଥୀ ବିନୋଦ ବିହାରୀ ନାଏକ, କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତ, ତେଲକୋଇ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଗୌରହରି ପାତ୍ର, ଚମ୍ପୁଆ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଜଗନ ଗିରିପ୍ରିୟା ସାହୁ, ଘସିପୁରା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଦୀପକ କୁମାର ମାଝୀ, ପାଟଣା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ପରମେଶ୍ୱର ନାଏକ ଓ ବରିଷ୍ଠ ଯୁବ ନେତା ରାଜୁ ଖାନ୍ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ଯୁବ କଂଗ୍ରେସ ନେତା ସନତ ପାଢ଼ୀ, ଆନନ୍ଦ ମାଝୀ, ବାବୁନ ରାଉତ, ମାନସ ବେହେରା, ବ୍ୟାସଦେବ ବେହେରା, ସଂଗ୍ରାମ ବେହେରା, ଅମିତ କୁମାର ରାଉତ, ଅଭିନାଶ ଓଝା, ଆଶିଷ ପାତ୍ର, ନିହାର କର, ବାଦଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମୋବାଇଲ ଲୁଟ୍ ଓ ହତ୍ୟା ଘଟଣା; ବାଳସୁଧାର କେନ୍ଦ୍ରକୁ ଗଲା ଅଭିଯୁକ୍ତ

ଯୋଡ଼ା,୧୬।୩(ସମିସ): ଗତ ୬ ତାରିଖ ଦିନ କେନ୍ଦୁଝର ଜିଲ୍ଲା ଯୋଡ଼ା ସହରର ପୋଷ୍ଟ ଅଫିସ ମାର୍କେଟ ନିକଟରେ ଦିଲ୍ଲୀପ ନାଏକଙ୍କୁ ପିଟିପିଟି ହତ୍ୟା କରିଥିବା ଅଭିଯୋଗରେ ଯୋଡ଼ା ପୁଲିସ ଜଣେ ନାବାଳକକୁ ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ କରି ବାଳ ସୁଧାର କେନ୍ଦ୍ରକୁ ପଠାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ଗତ ୬ ତାରିଖ ସନ୍ଧ୍ୟା ୭ଟା ସମୟରେ ସଉଦା ଆଣିବା ପାଇଁ ଦିଲ୍ଲୀପ ସହିଦ ନଗର ମାର୍କେଟକୁ ଯାଇଥିଲେ। କିନ୍ତୁ ସେ ଆଉ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ। ହେଲେ ତା' ପର ଦିନ ସକାଳେ ସ୍ଥାନୀୟ ଲୋକେ ଖବର ଦେବାରୁ ଦିଲ୍ଲୀପଙ୍କୁ ଅଚେତ ଏବଂ ରକ୍ତାକ୍ତ ଅବସ୍ଥାରେ ପରିବା ମାର୍କେଟ ଗଳିରୁ ଉଦ୍ଧାର କରି ଟାଟା ମେଡିକାଲ ନେଇଥିଲେ। ହେଲେ ତାଙ୍କ ଅବସ୍ଥା ଶୋଚନୀୟ ଥିବାରୁ ଡାକ୍ତର ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲକୁ ପଠାଇଥିଲେ। ପୁଣି ସେଠାରୁ ତାଙ୍କୁ କଟକ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ନେଇ ଦିଲ୍ଲୀପଙ୍କ ସ୍ତ୍ରୀ ସରସ୍ୱତୀ ନାଏକ ଯୋଡ଼ା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ସିସି କ୍ୟାମେରା ଫୁଟେଜ ଦେଖି ଏହି ଆଧାରରେ ଅଭିଯୁକ୍ତଙ୍କୁ ଧରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ଜଣାପଡ଼ିଥିଲା ଯେ ଘଟଣା ଦିନ ରାତିରେ ଦିଲ୍ଲୀପଙ୍କୁ ଏହି ଅଭିଯୁକ୍ତ ଗୋଇଠା ଓ ଚାପୁଡ଼ା ମାରିବାରୁ ତାଙ୍କ ମୁଣ୍ଡ, ଛାତି ଏବଂ ପେଟରେ ଗୁରୁତର ଆଘାତ ଲାଗିଥିଲା। ଏହି ଆଧାରରେ ପୁଲିସ ଅଧିକ ତଦନ୍ତ କରି ସଂପୃକ୍ତ ନାବାଳକକୁ ହତ୍ୟାକାରୀ ଭାବେ ଚିହ୍ନଟ କରି ସୋମବାର କେନ୍ଦୁଝର କୋର୍ଟ ଚାଲାଣ କରିଛି। ପରେ ସେଠାରୁ ବାଳ ସୁଧାର କେନ୍ଦ୍ରକୁ ପଠାଇ ଥିବା ନେଇ ଯୋଡ଼ା ଥାନା ଅଧିକାରୀ ପ୍ରଶାନ୍ତ ସାମଲ ସୂଚନା ଦେଇଛନ୍ତି।

# ୫ କେଜି ବାର୍‌ହା ମାଂସ ଜବତ; ଶିକାରୀ ଗିରଫ

ତୁରୁମୁଙ୍ଗା,୧୬।୩(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ପୋଇପାଣି ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀ ଶିକାର ଘଟଣା ପୁଣିଥରେ ସାମ୍ନାକୁ ଆସିଛି। ବାର୍‌ହା ଶିକାର କରି ମାଂସ ଭାଗବଣ୍ଟା କରାଯାଉଥିବା ସମୟରେ ବନ ବିଭାଗ ଚଢ଼ଉ କରି ୫ କେଜି ମାଂସ ଜବତ କରିବା ସହ ଜଣେ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବୀରବଳ ମହାନ୍ତ। ସୂଚନା ଅନୁସାରେ,



ପୋଇପାଣି ସଂରକ୍ଷିତ ଜଙ୍ଗଲରେ ବାର୍‌ହା ଶିକାର ପରେ ମାଂସ ବଣ୍ଟନକୁ ନେଇ ବିବାଦ ସୃଷ୍ଟି ହେବାରୁ ଘଟଣା ସମ୍ପର୍କରେ ବନ ବିଭାଗ ଖବର ପାଇଥିଲା। ପରେ ପୋଇପାଣି ବନରକ୍ଷୀ ରାଜେଶ କୁମାର ଜେନାଙ୍କ ସହ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲେ। ବନ ବିଭାଗ ମାଂସକୁ ଜବତ କରିଥିବାବେଳେ ଅଭିଯୁକ୍ତଙ୍କ ବିରୋଧରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଗିରଫ ପରେ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଆଉ କିଛି ଲୋକଙ୍କ ସଂପୃକ୍ତି ଥିବା ସନ୍ଦେହରେ ବନ ବିଭାଗ ତଦନ୍ତ ଜାରି ରଖିଛି।

# କାଳ ବୈଶାଖୀରେ ଉଡ଼ିଗଲା ଆଜବେଷ୍ଟସ୍ ଛପର

ତୁରୁମୁଙ୍ଗା,୧୬।୩(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଉଦୟପୁର ଅଞ୍ଚଳରେ କାଳ ବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ବିଳମ୍ବିତ ରାତିରେ ହଠାତ୍ ଝଡ଼ ତୋଫାନ ସହ ପ୍ରବଳ ପବନ ଓ ବର୍ଷା ହେବାରୁ ଗ୍ରାମର ହୃଦାନନ୍ଦ ମହାପାତ୍ରଙ୍କ କୁକୁଡ଼ା ଫାର୍ମ କ୍ଷତିଗ୍ରସ୍ତ ହୋଇଛି। ପ୍ରବଳ ପବନରେ ଫାର୍ମର ପାଞ୍ଚ ବଖରା ଅଜବେଷ୍ଟସ ଛପର ଘର ଉଡ଼ିଯାଇଛି। ରାତିରେ ହଠାତ୍ ଝଡ଼ ଆସି ପ୍ରାୟ କିଛି ସମୟ ଧରି ତାଣ୍ଡବ ରଚିଥିଲା। ଯାହାର ପ୍ରଭାବରେ ଏହି କ୍ଷତି ଘଟିଛି। ପ୍ରଶାସନ ପକ୍ଷରୁ କ୍ଷତିର ଅନୁଧ୍ୟାନ କରି ସହାୟତା ଯୋଗାଇବାକୁ ଦାବି କରିଛନ୍ତି ସ୍ଥାନୀୟ ଲୋକେ।



# 'ଏଚପିଭି' ଟିକାକରଣ ସଚେତନତା ଅଭିଯାନ

କେନ୍ଦୁଝର,୧୬।୩(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କେନ୍ଦୁଝର ପକ୍ଷରୁ କନ୍ୟା ସନ୍ତାନଙ୍କୁ ଗର୍ଭାଶୟ ମୁଖ କର୍କଟରୁ ରକ୍ଷା କରିବା ପାଇଁ ଏକ ସ୍ୱତନ୍ତ୍ର "ଏଚପିଭି" ଟିକାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ପର୍ବତାରୋହୀ ତଥା ସାହସିକ ଅଭିଯାତ୍ରୀ ସମୀରା ଖାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଶୋରୀମାନଙ୍କ ପାଇଁ ଏଚ୍‌ପିଭି ଟିକାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ସମୀରା ଖାନ କହିଥିଲେ ଯେ, "ଝିଅ ଓ ମା'ମାନେ ହେଉଛନ୍ତି ପରିବାରର ଆଧାର। ତେଣୁ ସେମାନଙ୍କ ସ୍ୱାସ୍ଥ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପ୍ରତିଟି ଝିଅ ନିଜକୁ ଚିହ୍ନିବା ସହ ନିଜ ଶରୀର ଓ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ଉଚିତ। ସେ ପର୍ବତାରୋହଣର ଉଦାହରଣ ଦେଇ କହିଥିଲେ ଯେ ଯେମିତି ଶିଖରରେ ପହଞ୍ଚିବା ପାଇଁ ଶାରୀରିକ ସୁସ୍ଥତା ଦରକାର, ସେମିତି ଜୀବନର ସଫଳତା ପାଇଁ କର୍କଟ ଭଳି ରୋଗରୁ ଦୂରେଇ ରହିବା ଆବଶ୍ୟକ। ଏହି ଅଭିଯାନର ମୁଖ୍ୟ ବାର୍ତ୍ତା ଥିଲା "ମାତ୍ର ଗୋଟିଏ ଡୋଜ୍ ଏଚପିଭି ଟିକା ଆପଣଙ୍କ ଝିଅକୁ ଗର୍ଭାଶୟ ମୁଖ କର୍କଟରୁ ସୁରକ୍ଷିତ ରଖିପାରିବ'। ୯ ରୁ ୧୪ ବର୍ଷ ବୟସର ସମସ୍ତ ବାଳିକାଙ୍କ ପାଇଁ ଏହି ଟିକାକରଣ ଅତ୍ୟନ୍ତ ଜରୁରୀ। ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଟିକା ସମ୍ପୂର୍ଣ୍ଣ ବିନାମୂଲ୍ୟରେ ଉପଲବ୍ଧ। ଏହି କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଓ କେନ୍ଦୁଝରର ସରକାରୀ ଏଏନ୍‌ଏମ୍/ଏଚ୍‌ଡବ୍ଲ୍ୟୁ(ଏଫ୍) ନର୍ସିଂ ତାଲିମ ଅନୁଷ୍ଠାନ ଛାତ୍ରୀମାନେ ସାମିଲ ହୋଇ ଟିକାକରଣର ସୁଫଳ ବିଷୟରେ ଜନସାଧାରଣଙ୍କୁ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ. ଲକ୍ଷ୍ମୀକାନ୍ତ ମହାନ୍ତ,



ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ଆଶା କର୍ମୀ, ଏଏନଏମ୍, ଏବଂ ଅଙ୍ଗନବାଡି କର୍ମୀ ଉପସ୍ଥିତ ରହି ଟିକାକରଣ ଅଭିଯାନକୁ ସଫଳ କରିବା ପାଇଁ ଶପଥ ନେଇଥିଲେ।

# ଜଳସୁଆଁରେ ମାଗଣା ଶିକ୍ଷାଦାନ



ଆନନ୍ଦପୁର,୧୬ ।୩(ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅଧୀନ ଜଳସୁଆଁ ଗ୍ରାମରେ ଅସହାୟ ଓ ଗରିବ ପିଲାମାନଙ୍କ ପାଇଁ ମାଗଣା ଶିକ୍ଷାଦାନ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲାର ସାମାଜିକ କର୍ମୀ ଏବଂ ଯୁବକବି ରୁକଚନ୍ ମାଝୀ ବିଭିନ୍ନ ଜିଲ୍ଲାରେ ଅସହାୟ ପିଲାମାନଙ୍କ ପାଇଁ ମାଗଣା ଶିକ୍ଷାଦାନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ତାଙ୍କ ସହଯୋଗରେ ଚଳିତମାସ ପହିଲାରୁ ଜଳସୁଆଁ ଗ୍ରାମରେ ମମସ୍ମିତା ସାଙ୍କ ଦ୍ୱାରା ଏହି ମାଗଣା ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ ହୋଇଛି। ଏଠାରେ ପ୍ରଥମ ଶ୍ରେଣୀରୁ ସପ୍ତମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାଗଣାରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଉଛନ୍ତି। ବିଶେଷ କରି ଗରିବ, ଆଦିବାସୀ ଓ ଅସହାୟ ପରିବାରର ପିଲାମାନେ ଅର୍ଥଭାବରୁ ପାଠପଢ଼ାରୁ ବଞ୍ଚିତ ହେଉଥିବାରୁ ସେମାନଙ୍କୁ ଶିକ୍ଷା ସ୍ରୋତରେ ସାମିଲ କରିବା ପାଇଁ ରୁକଚନ୍ ମାଝୀଙ୍କ ଏହି ମହତ୍ୱପୂର୍ଣ୍ଣ ପ୍ରୟାସ ଜାରି ରହିଛି। ଏହି ଅବସରରେ ପ୍ରାୟ କୋଡିଏ ଜଣ ଛାତ୍ରଛାତ୍ରୀଙ୍କୁ ଖାତା, ବହି, ପେନ୍, ଚକ୍ ଓ ସିଲେଟ୍ ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ରୁକଚନ୍ ମାଝୀଙ୍କ ଏହି ମହତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ବିଭିନ୍ନ ମହଲରୁ ପ୍ରଶଂସା ହେଉଥିବା ବେଳେ ସାମ୍ବାଦିକ ଗଣେଶ୍ୱର ସା ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପଶ୍ଚିମପଲ୍ଲୀ ରାଉଳସାହିକୁ ନାହିଁ ରାସ୍ତା, ସମସ୍ୟାରେ ଗ୍ରାମବାସୀ

ଜଳେଶ୍ୱର ବ୍ଲକ,୧୬।୩(ସମିସ):

ସ୍ୱାଧୀନତାର ୭୮ ବର୍ଷ ବିତଯାଇଥିଲେ ମଧ୍ୟ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ଗ୍ରାମର ପଶ୍ଚିମପଲ୍ଲୀ ରାଉଳସାହିକୁ ରାସ୍ତା ନ ଥିବାରୁ ୧୦ରୁ ଊର୍ଦ୍ଧ୍ୱ ପରିବାର ନାହିଁ ନ ଥିବା ଦୁଃଖଦୁର୍ଦ୍ଦଶା ଭୋଗୁଛନ୍ତି। ସେଥିପାଇଁ ଲୋକ ପ୍ରତିନିଧିଙ୍କ ଆନ୍ତରିକତାର ଅଭାବ ଥିବା ସେମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ନାମ୍ପୋ ଗ୍ରାମର ୫ ନଂ ୱାର୍ଡ ଅନ୍ତର୍ଗତ ସ୍ୱର୍ଗତ ବିପିନ ଦାସଙ୍କ ଘର ଠାରୁ ବିନାୟକ ରାଉଳଙ୍କ ଘର ପର୍ଯ୍ୟନ୍ତ ପ୍ରାୟ ୧୦୦୦ ଫୁଟ ଲମ୍ବ ଓ ୧୪ ଫୁଟ ଓସାରର ଏକ ସରକାରୀ ରାସ୍ତା ରହିଛି। ମାତ୍ର ଦୀର୍ଘ ୩୦ ବର୍ଷ ଧରି ଉକ୍ତ ରାସ୍ତାଟି କେବଳ ସରକାରୀ କାଗଜ କଲମରେ ରହିଥିବା ବେଳେ ସ୍ଥାନୀୟ ଜନସାଧାରଣ, ବୃଦ୍ଧବୃଦ୍ଧା, ମହିଳା, ପ୍ରସୂତି, ଛାତ୍ରଛାତ୍ରୀ, ଛୋଟ ପିଲା ଡାକ୍ତରଖାନା, ସ୍କୁଲ, ଅଙ୍ଗନୱାଡ଼ି କେନ୍ଦ୍ର ଏପରିକି ହାଟ ବଜାର ଯିବା ପାଇଁ ନାହିଁ ନ ଥିବା ଅସୁବିଧାର ସାମ୍ନା କରୁଛନ୍ତି। ଏହି ରାସ୍ତା ସମ୍ପର୍କରେ ଗତ ୨୧ ମଇ, ୨୦୨୫ରେ ଜଳେଶ୍ୱର ବିଡିଓଙ୍କୁ ଏକ ଦାବିପତ୍ର ଗ୍ରାମବାସୀ ଦେଇଥିଲେ। ହେଲେ ଅଦ୍ୟାବଧି ରାସ୍ତା ହେବା ତ ଦୂରର କଥା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ବିଜେପି ପଞ୍ଚାୟତ ସଭାପତି ଜଗଦୀଶ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଫଳରେ ଜଳେଶ୍ୱର ବ୍ଲକ୍‌ଠାରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିରରେ ଜ୍ଞାନେନ୍ଦ୍ର କୁମାର ରାଉଳ, ବୀରେନ୍ଦ୍ର ରାଉଳ, ପ୍ରଦୀପ ରାଉଳ, ଉପେନ୍ଦ୍ର ରାଉଳ, ସ୍ନେହଲତା ରାଉଳ, ସୁଧି ବିନୋଦ ରାଉଳ, ଭକ୍ତ ବିନୋଦ ରାଉଳ, ଚନ୍ଦ୍ର ଶେଖର ରାଉଳ, ବିନାୟକ ରାଉଳ ପ୍ରମୁଖ ୫୦ ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯଥାଶୀଘ୍ର ରାସ୍ତା ନିର୍ମାଣ କରିବା ପାଇଁ ଦାବି କରିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ସେହି ୱାର୍ଡର ୧୦ ବର୍ଷ (୨୦୦୨-୨୦୧୨)ଧରି ରହିଥିବା ୱାର୍ଡ ସଭ୍ୟ ନରେନ୍ଦ୍ର ନାଥ ରାଉଳଙ୍କୁ ଯୋଗାଯୋଗ କରିବାରୁ ସେ ତତ୍କାଳୀନ ସରପଞ୍ଚ ନାରାୟଣ ଦାସଙ୍କ ସମୟରେ ଏନ୍‌ଆର୍‌ଇଜିଏସ୍ ଯୋଜନାରେ ଏହି ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋପାରିନାହିଁ। ଇତି ମଧ୍ୟରେ ପାଖାପାଖି ୧୫ ବର୍ଷ ବିତଯାଇଥିଲେ ସୁଦ୍ଧା ଲୋକ ପ୍ରତିନିଧିମାନଙ୍କ ଆନ୍ତରିକତାର ଅଭାବ ହେତୁ ଏହି ରାସ୍ତା ନିର୍ମାଣ ହୋପାରିନାହିଁ। ତେଣୁ ତୁରନ୍ତ ଏହି ରାସ୍ତା ନିର୍ମାଣ କରା ନ ଗଲେ ବିଜେପି ପକ୍ଷରୁ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପଞ୍ଚାୟତ ସଭାପତି ଜଗଦୀଶ ପ୍ରଧାନ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

## କାହା ଛତ୍ରଛାୟା ତଳେ ବୈଶିଙ୍ଗା ଥାନା ଏଏସ୍ଆଇ

# ଦୁଇ ଦୁଇଥର ବଦଳି ନିର୍ଦ୍ଦେଶ ପରେ ବି ଚୌକି ମାଡ଼ି ବସିଛନ୍ତି

ବାରିପଦା, ୧୬ ।୩(ସମିସ)

ଅଶାନ୍ତ ହୋଇପଡ଼ିଛି ବୈଶିଙ୍ଗା ଥାନା ଇଲାକା। ସମ୍ପୂର୍ଣ୍ଣ ଭୁଶୁଡ଼ିପଡ଼ିଛି ଆଇନଶୃଙ୍ଖଳା ବ୍ୟବସ୍ଥା। ଚୋରି, ଡକାୟତି ଏଠି ନିତିଦିନିଆ ଘଟଣା ହୋଇଥିବାବେଳେ ଦିନଦ୍ୱିପହରେ ବୁଲୁଛି ଖଣ୍ଡା ଓ ଭୁଜାଲି। ଏହିମାତ୍ର ୨ ମାସ ଭିତରେ ପ୍ରାୟ ୭ରୁ ଅଧିକ ସ୍ଥାନରେ ଘରେ ପଶି ସଶସ୍ତ୍ର ଡକାୟତି କରିଛନ୍ତି ଦୁର୍ବୃତ୍ତ। ଗୋଟେ ଦୁଇଟି ସ୍ଥାନରେ ଗ୍ରାମବାସୀ ଡକାୟତ ଗ୍ୟାଙ୍ଗର ଡକାୟତଙ୍କୁ ଦେଇଥିଲେ ବି ପୁଲିସ ଚୋରି ସାମଗ୍ରୀ ଉଦ୍ଧାର କରିବାରେ ଅକ୍ଷମ। ଅନ୍ୟପକ୍ଷରେ ପଡ଼ୋଶୀ ବାଲେଶ୍ୱର ଜିଲ୍ଲାରୁ ସଶସ୍ତ୍ର ଦୁର୍ବୃତ୍ତ ଆସି ଘଟାଉଛନ୍ତି ଅପରାଧ। ସେହିପରି ଥାନା କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଏଠି ଦିବାରାତ୍ର ବାଲି, ମୋରମ ଚୋରା ଚାଲାଣ ସାଙ୍ଗକୁ ବେଆଇନ ମଦ କାରବାର ଶୀର୍ଷରେ ପହଞ୍ଚିଛି। ରାତି କଥା ଦୂରେ ଥାଉ ଦିବାଲୋକରେ ବି ଘରୁ ବାହାରକୁ ବାହାରିବାକୁ ସାହସ କରିପାରୁନାହାନ୍ତି ଲୋକ। ଏହି ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ଅତିଷ୍ଠ ଅଞ୍ଚଳବାସୀ ସୋମବାର ମୟୂରଭଞ୍ଜ ଏସପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ଉପରୋକ୍ତ ସବୁ ଘଟଣାର ମୂଳ କାରଣ ହୋଉଛି ବୈଶିଙ୍ଗା ପୁଲିସର ମନମାନି। ମନଇଚ୍ଛା ବଟି ସଂଗ୍ରହ କରି ଅପରାଧକୁ ପ୍ରୋତ୍ସାହନ ଦେଉଛନ୍ତି।



ମୁଖ୍ୟତଃ ଥାନା ଅଧିକାରୀ ବାରିଣୀ ଦାସଙ୍କ ତତ୍ତ୍ୱାବଧାନରେ ଏଏସଆଇ ଶୁଭ୍ରାଂଶୁ ଶେଖର ରାଉଳ ଓ ଏପିଆର ହାବିଲଦାର ନିତ୍ୟାଂଶୁ ଦତ୍ତ ତମାମ ଥାନା ଅଞ୍ଚଳରେ ଅରାଜକତା ଚଳାଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଶ୍ରୀ ରାଉଳ ଓ ଦତ୍ତ ଅଞ୍ଚଳର ସବୁ ମାଫିଆ ଓ ଅପରାଧୀଙ୍କ ରକ୍ଷାକବଚ ସାଜି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଥାନା ଅଧିକାରୀଙ୍କୁ ଦେଉଛନ୍ତି। ଯେଉଁଥିପାଇଁ ଥାନାର ଅନ୍ୟ କର୍ମଚାରୀଙ୍କୁ ହେୟ ମନେ କରୁଛନ୍ତି ଥାନା ଅଧିକାରୀ ଶ୍ରୀ ଦାସ ବୋଲି ଦର୍ଶାଇଛନ୍ତି। ଏସବୁ କାରଣ ନେଇ ଗତ ମାସ ୧୩ ତାରିଖରେ ଅଞ୍ଚଳବାସୀ ଏକତ୍ରିତ ହୋଇ ଏକ ଲିଖିତ ଅଭିଯୋଗ ଜିଲ୍ଲା ଏସପି ବରୁଣ ଗୁଣ୍ଟୁପାଲ୍ଲୀଙ୍କୁ ଓ ପରେ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ରଙ୍କୁ ଭେଟି ଅଭିଯୋଗ କରିଥିଲେ।

**▸▸ ୩ ଦିନ ମଧ୍ୟରେ ଥାନା ନ ଛାଡ଼ିଲେ ଧାରଣାରେ ବସିବେ ଅଞ୍ଚଳବାସୀ**

**▸▸ ଏସ୍ପିଙ୍କୁ ଫେରାଦ**

ସେହିଭଳି ଲିଖିତ ଅଭିଯୋଗ ଡାକ ଯୋଗେ ମଧ୍ୟ ଡିଜି ଓ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ମଧ୍ୟ ପ୍ରେରଣ କରିଥିଲେ। ବେତନଟୀ ଏସଡିପିଓ ଓ ଅତିରିକ୍ତ ଏସପିଙ୍କ ମାଧ୍ୟମରେ ଘଟଣାରେ ସତ୍ୟାସତ୍ୟକୁ ଅନୁସନ୍ଧାନ କରି ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ଭାବେ ଏସପି ଗତ ମାସ ୨୬ ତାରିଖରେ ଚିଠି ନଂ ୩୮୧ ଜରିଆରେ ଏଏସଆଇ ଶୁଭ୍ରାଂଶୁ ଶେଖର ରାଉଳଙ୍କୁ ଶରତ ଥାନାକୁ ବଦଳି କରିଥିଲେ। ତାଙ୍କ ବଦଳରେ ଗୋବିନ୍ଦ ଟୁଡୁଙ୍କୁ ବୈଶିଙ୍ଗା ଥାନାରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ରାଉଳଙ୍କୁ ତୁରନ୍ତ ରିଲିଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯାହା ସୂଚନା ରହିଛି ଏସପିଙ୍କ ନିର୍ଦ୍ଦେଶ ଅନୁସାରେ ସମାନ ଦିନ ମଧ୍ୟ ରିଲିଭ କରାଯାଇ କମାଣ୍ଡ ସାର୍ଟିଫିକେଟ ମଧ୍ୟ କଟାଯାଇଥିଲା। କିନ୍ତୁ ଦୀର୍ଘଦିନ ପର୍ଯ୍ୟନ୍ତ ଏଏସଆଇ ରାଉଳ ଥାନା ଛାଡି ଯାଇନାହାନ୍ତି ଓ ପୁଣି ଥାନାରେ କାର୍ଯ୍ୟରତ ଥିବା ଦେଖିବାକୁ ମିଳିଥିଲା। ପରେ ଏସପି ପୁଣି ଗତ ୭ ତାରିଖରେ ଚିଠି ନଂ ୪୨୨ ଜରିଆରେ ଶ୍ରୀ ରାଉଳଙ୍କୁ ତୁରନ୍ତ ବୈଶିଙ୍ଗା ଥାନାରୁ ରିଲିଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତା’ପରେ ବି ଏସ୍ପିଙ୍କ କଥାକୁ ଭ୍ରୁକ୍ଷେପ କରି ନ ଥିଲେ ଥାନା ଅଧିକାରୀ ବାରିଣୀ ଦାସ ଓ ଏଯାବତ ଏଏସଆଇ ରାଉଳଙ୍କୁ ରିଲିଭ କରିନାହାନ୍ତି। ଏଠି ପ୍ରଶ୍ନ ଉଠୁଛି କି ଏହି ଏଏସଆଇ ଜଣଙ୍କ କାହା ଛତ୍ରଛାୟା ତଳେ ରହି ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶକୁ ବେଖାତିର କରୁଛନ୍ତି।

ଅନ୍ୟପକ୍ଷରେ ଏହା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମାନ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଯାହାର ପ୍ରତିବାଦ କରି ସୋମବାର ପୁଣି ବୈଶିଙ୍ଗା ଅଞ୍ଚଳର ସମାଜସେବୀ ମାଧବୀ ସେନାପତି, ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ବୃନ୍ଦାବନ ଦାସ, ସ୍ୱରୂପ ପଟ୍ଟନାୟକ ଓ ଲାଲା ମହାପାତ୍ରଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ଟିମ ଏସପିଙ୍କୁ ଭେଟିବାକୁ ଯାଇ ଶତାଧିକ ଅଞ୍ଚଳବାସୀଙ୍କ ସ୍ୱାକ୍ଷରିତ ଏକ ଲିଖିତ ଦାବିପତ୍ର ଦେଇଛନ୍ତି। ଏସ୍ପିଙ୍କ ଉଦ୍ଦେଶ୍ୟରେ ଏହି ଅଭିଯୋଗ ପତ୍ର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଚ୍ଛାୟତଙ୍କୁ ସେମାନେ ପ୍ରଦାନ କରିଛନ୍ତି। ତୁରନ୍ତ ଏଏସଆଇ ରାଉଳଙ୍କୁ ରିଲିଭ ସହିତ ଥାନା ଅଧିକାରୀ ବାରିଣୀ ଦାସ ଓ ହାବିଲଦାର ନିତ୍ୟାଂଶୁ ଦତ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆସନ୍ତା ଗୁରୁବାରଠାରୁ ଥାନା ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ମନୁଷ୍ୟକୃତ ନିଆଁ ରୋକିବାକୁ ବନ ବିଭାଗର ସଚେତନତା



**ମହୁଲଡିହା, ୧୬।୩(ସମିସ):** କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳ ବାଲିପୋଷି ଫରେଷ୍ଟ ସେକ୍ସନରେ ମନୁଷ୍ୟକୃତ ନିଆଁ ରୋକିବାକୁ ଜନସାଧାରଣଙ୍କୁ ନେଇ ବ୍ୟାପକ ସଚେତନାତ୍ମକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଡ଼ିଆବେଡା ଓ ଖଣ୍ଡବନ୍ଧ ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ପୁରୁଷ ଓ ମହିଳା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି ସାଧାରଣ ସଭାରେ ପଡ଼ିଆବେଡା ପଞ୍ଚାୟତ ସରପଞ୍ଚ ଧର୍ମାନନ୍ଦ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁ ଆମ ସମସ୍ତଙ୍କ ପାଇଁ ବିପଦ ଓ ଆମେ ସମସ୍ତେ ବିପଦ ବେଳେ ବନ୍ଧୁ ଦାୟିତ୍ୱ ତୁଲାଇବା ବୋଲି କହିଥିଲେ। ଜନସାଧାରଣଙ୍କ ସଚେତନତା ହିଁ ନିଆଁକୁ ରୋକିପାରିବ ବୋଲି ସରପଞ୍ଚ ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖଣ୍ଡବନ୍ଧ ସରପଞ୍ଚ ରମଣୀ ଦେହୁରୀ ଯୋଗଦେଇ ମହିଳାମାନେ ସବୁ କଥାରେ ଆଗୁଆ ଥିବାରୁ ଜଙ୍ଗଲ ନିଆଁ ରୋକିବାକୁ ମଧ୍ୟ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ମାତୃଶକ୍ତି ଜାଗିଲେ ଜଙ୍ଗଲ ହସିବ, ଆମ ପରିବେଶ ସୁସ୍ଥ, ସୁନ୍ଦର ରହିବ ବୋଲି କହିଥିଲେ। ସଭାର ସଭାପତି ତଥା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ଜଙ୍ଗଲରେ ନିଆଁ ଲଗାଇବା ନିଜ ଘରେ ନିଆଁ ଲଗାଇବା ସହିତ ସମାନ ବୋଲି କହି ଜଙ୍ଗଲ କେବଳ ବନ ବିଭାଗର ସମ୍ପତ୍ତି ନୁହେଁ ବିଶ୍ୱ ପାଇଁ ବରଦାନ ଅଟେ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ବିଶ୍ୱ କଲ୍ୟାଣ ସହ ସମାନ ବୋଲି କହିଥିଲେ। ବିଭିନ୍ନ ଭୁଲ ବୁଝାମଣାରୁ ଲୋକେ ଜିଦରେ ନିଆଁ ଲଗାଇ ଆ।ଘାତି କାର୍ଯ୍ୟ କରୁଛନ୍ତି। ନିଜକୁ ଏଥିରୁ ଦୂରେଇ ରଖିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଏ ଅବସରରେ ୱାର୍ଡ ସଭ୍ୟ ଉମେଶ ବେହେରା ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ଥାନୀୟ ବନପାଳ ପ୍ରଦୀପ କୁମାର ହାଇବୁରୁ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କେନ୍ଦୁମୁଣ୍ଡି ବନପାଳ ଚନ୍ଦ୍ରଭାନୁ ମହାନ୍ତ, କେନ୍ଦୁଜିଆଣୀ ବନପାଳ ନଳିନୀ ମହାନ୍ତ, ବାଲିପୋଷି ବନରକ୍ଷୀ ବିକାଶ ମହାନ୍ତ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସଂଯୋଜକ କୃତ୍ତିବାସ ପରିଡ଼ା, ସୁକାନ୍ତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୃତ୍ତିବାସ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## କିନ୍ନର ସାଜିଲେ କନ୍ୟା | ପାରମ୍ପରିକ ରୀତିନୀତିରେ ବନ୍ଧୁଙ୍କୁ କଲେ ବିବାହ

**ବାରିପଦା, ୧୬ ।୩(ସମିସ):** କିନ୍ନର ସାଜିଲେ କନ୍ୟା। କଥାଟି ଶୁଣିବା ପାଇଁ ଟିକେ ଅଡୁଆ ଲାଗୁଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ସତ। ପ୍ରେମ ମାନିଲାନି ବନ୍ଧବାଡ଼, ଦେଖିଲାନି ନାରୀ କି’ ପୁରୁଷ, ବୁଝିଲାନି ଲିଙ୍ଗର ଅନ୍ତର। ନିଜର ଚିରନ୍ତନ ପ୍ରେମକୁ ଚରିତାର୍ଥ କରିବା ପାଇଁ ସବୁକିଛି ଭୁଲିଗଲେ ପ୍ରେମୀଯୁଗଳ। ପ୍ରେମ ବନ୍ଧନରେ ବାନ୍ଧିହୋଇ ସାତ ଜନମର ସାଥି ହୋଇଛନ୍ତି ଜଣେ କିନ୍ନର ଓ ଜଣେ ଯୁବକ। ଏଥିସହିତ ଜଣେ ଗରିବ ଅସହାୟ ଭିନ୍ନକ୍ଷମ ଯୁବତୀଙ୍କ ମଧ୍ୟ ବିବାହ କରାଇ ସମାଜକୁ ଏକ ସ୍ୱତନ୍ତ୍ର ବାର୍ତ୍ତା ଦେଇଛନ୍ତି ମୟୂରଭଞ୍ଜ ଟ୍ରାନ୍ସଜେଣ୍ଡର ଆସୋସିଏସନ। ବାରିପଦା ସହର ଉପକଣ୍ଠ ମଞ୍ଚାବନ୍ଧାଠାରେ ଥିବା ମା’ ମଙ୍ଗଳା ମନ୍ଦିରରେ ଗୋଟିଏ ବିବାହ ବେଦୀରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ୪ ପ୍ରେମୀଯୁଗଳ। ବ୍ରାହ୍ମଣଙ୍କ ମନ୍ତ୍ରପାଠ ସାଙ୍ଗକୁ ଶଙ୍ଖ ଓ ହୁଳହୁଳିରେ କମ୍ପିଛି ମନ୍ଦିର ପରିସର। ଯେଉଁଠି ପବିତ୍ର ବନ୍ଧନ ତଥା ବିବାହ ବନ୍ଧନରେ ବାନ୍ଧି ହେଉଛନ୍ତି ୪ ପ୍ରେମ ପକ୍ଷୀ।



ସାଧାରଣରେ ଆମେ ଜାଣିଛେ କି’ ବିବାହ କେବଳ ଜଣେ ନାରୀ ଓ ପୁରୁଷଙ୍କୁ ନେଇ ହୋଇଥାଏ। ତେବେ ଏଠାରେ ଅନୁଷ୍ଠିତ ହେଉଥିବା ବିବାହ କୌଣସି ସାଧାରଣ ବିବାହ ନୁହେଁ, ବରଂ ଏହା ଆମର ସାମାଜିକ ବ୍ୟବସ୍ଥା ପ୍ରତି ଏକ ବଡ଼ ଚ୍ୟାଲେଞ୍ଜ। ଏଠାରେ ନାଲି ଶାଢ଼ୀ, ଶଙ୍ଖା, ସିନ୍ଦୁର ପିନ୍ଧି ଓଢଣୀ ଭିତରେ ଥିବା କନିଆଁ ଜଣଙ୍କ ହେଉଛନ୍ତି ଜଣେ ଟ୍ରାନ୍ସଜେଣ୍ଡର, ବା କିନ୍ନର। ତାଙ୍କ ନାଁ ହେଉଛି ଦୀନବନ୍ଧୁ ନାଥ ଓରଫ ଉର୍ବଶୀ ନାଥ। ଘର ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ମଛପଦା ଗ୍ରାମରେ। ଉର୍ବଶୀ ତାଙ୍କ ଗାଁ ପାଖ ଯୁଗପୁରା ଅଞ୍ଚଳର ଯୁବକ ନିରଞ୍ଜନ ମହାରଣାଙ୍କୁ ଏକବର୍ଷ ଧରି ଭଲ ପାଇଆସୁଥିଲେ। ଯୁଗପୁରା ରେଳ ଷ୍ଟେସନରେ ଉଭୟଙ୍କର ସାକ୍ଷାତ ହୋଇଥିଲା। ସେହିଠାରେ ହିଁ ସେମାନଙ୍କର ପ୍ରେମ ସମ୍ପର୍କ ଆରମ୍ଭ ହୋଇ ଆଜି ବିବାହର ରୂପ ନେଇଥିବା ଉଭୟ କହିଛନ୍ତି। ଏଥିପାଇଁ ଖୁସି ଜାହିର କରିଛନ୍ତି ଉର୍ବଶୀ ଓ ନିରଞ୍ଜନ। ଅନ୍ୟପକ୍ଷରେ ଜଣେ ୭୦ ପ୍ରତିଶତ ଭିନ୍ନକ୍ଷମ ଗରିବ ଯୁବତୀ ବେତନଟୀ ଥାନା ଓରାଚନ୍ଦାବିଲା ଅଞ୍ଚଳର ରାଧାମଣି ନାଏକଙ୍କୁ ପ୍ରେମ ବିବାହ କରି ସାତ ଜନମର ସାଥି କରି ଉଦରତାର ପରିଚୟ ଦେଇଛନ୍ତି ବଡ଼ସାହି ବ୍ଲକ ହରିପୁର ଅଞ୍ଚଳର ଯୁବକ ଶ୍ରୀକାନ୍ତ ତରାଇ। ଏମାନେ ମଧ୍ୟ ଏକବର୍ଷ ଧରି ପରସ୍ପର ଭଲ ପାଉଥିଲେ ହେଲେ ବିବାହ କରିବା ପାଇଁ ସାହସ ଜୁଟାଇ ପାରୁ ନ ଥିଲେ। ମୟୂରଭଞ୍ଜ ଟ୍ରାନ୍ସଜେଣ୍ଡର ଆସୋସିଏସନ୍ ପକ୍ଷରୁ ସେମାନଙ୍କୁ ସହାନୁଭୂତି ଦେଖାଇ ସେମାନଙ୍କର ମଧ୍ୟ ବିବାହ ସମ୍ପର୍ଣ୍ଣ କରିଛନ୍ତି। ଏଥିପାଇଁ ସମସ୍ତେ ଖୁସି ଥିବା କହିଛନ୍ତି ମୟୂରଭଞ୍ଜ ଟ୍ରାନ୍ସଜେଣ୍ଡର ଆସୋସିଏସନର ସଭାନେତ୍ରୀ ମନୀଷା ସାହୁ ଓ ତାଙ୍କ ସହଯୋଗୀ। ଏକା ସାଙ୍ଗରେ ଦୁଇ ଦୁଇଟି ନିଆରା ବିବାହ କରାଇ ସମାଜକୁ ନୂଆ ଦିଗଦର୍ଶନ ଦେଇଥିବା ଏହି କିନ୍ନର ସମାଜ ଆଗକୁ ମଧ୍ୟ ସମାଜ କଲ୍ୟାଣ ପାଇଁ ଏଭଳି ଅନେକ କାର୍ଯ୍ୟ କରିବେ ବୋଲି ବାର୍ତ୍ତା ଦେଇଛନ୍ତି।

## ଡ୍ରେନ୍ ନ ଥିବାରୁ ଅଦିନିଆ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି

**ବେତନଟୀ, ୧୬।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ବେତନଟୀ ପଞ୍ଚାୟତର ୧୪ ନମ୍ବର ୱାର୍ଡରେ ଅଦିନିଆ ବର୍ଷା ପରେ ଗୁରୁତର ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଛି। ଗାଁର କଂକ୍ରିଟ ରାସ୍ତା ଉପରେ ଆଣ୍ଠୁଏ ପର୍ଯ୍ୟନ୍ତ ବର୍ଷାପାଣି ଜମି ରହିଥିବାରୁ ଏହା ଏକ କୃତ୍ରିମ ଜଳାଶୟର ଭ୍ରମ ସୃଷ୍ଟି କରିଛି। ଫଳରେ ସ୍ଥାନୀୟ ଲୋକ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୮ରୁ ୧୦ ବର୍ଷ ପୂର୍ବେ ଏହି ରାସ୍ତାକୁ କଂକ୍ରିଟ କରାଯାଇଥିଲେ ମଧ୍ୟ ଡ୍ରେନ ନିର୍ମାଣ ହୋଇ ନ ଥିବାରୁ ପ୍ରତ୍ୟେକ ବର୍ଷ ବର୍ଷା ସମୟରେ ଏଠାରେ ଜଳବନ୍ଦୀ ସ୍ଥିତି ସୃଷ୍ଟି ହୋଇଥାଏ। ଏହି ସମସ୍ୟା ନେଇ ଗ୍ରାମବାସୀ ପଞ୍ଚାୟତ ଓ ବ୍ଲକ ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।



ଗତକାଲି ହୋଇଥିବା ଅଦିନିଆ ବର୍ଷା ପରେ ପୁଣିଥରେ ଏହି ଅଞ୍ଚଳରେ ଲଗାଣ ବର୍ଷା ସଦୃଶ ଜଳବନ୍ଦୀ ସ୍ଥିତି ଦେଖାଦେଇଛି। କଂକ୍ରିଟ ରାସ୍ତା ଉପରେ ଦୀର୍ଘ ସମୟ ଧରି ପାଣି ଜମି ରହିବାରୁ ପଚା ଦୁର୍ଗନ୍ଧ ବାହାରୁଛି। ଏହା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଗତବର୍ଷ ସେପ୍ଟେମ୍ବର ୫ ତାରିଖରେ ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ବେତନଟୀ ବିଡିଓ ସୁଶାନ୍ତ ସୂତାରଙ୍କ ନିର୍ଦ୍ଦେଶରେ ବ୍ଲକ ଏଏଇ ସୌମ୍ୟଶ୍ରୀ ଭୋଇ ଘଟଣାସ୍ଥଳକୁ ଯାଇ ସ୍ଥିତିର ଅନୁଧ୍ୟାନ କରିଥିଲେ। ସେ ସମୟରେ ଶୀଘ୍ର ଡ୍ରେନ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଦୀର୍ଘ ସମୟ କଟିଯାଇଥିଲେ ମଧ୍ୟ ସେହି ପ୍ରତିଶ୍ରୁତି ବାସ୍ତବରେ ପରିଣତ ହୋଇପାରିନାହିଁ। ଏପରିକି ପଞ୍ଚାୟତର କିଛି ଅଞ୍ଚଳରେ ଆବଶ୍ୟକ ନ ଥିବା ସତ୍ତ୍ୱେ ମାତ୍ର ତିନୋଟି ଘର ପାଇଁ ପ୍ରାୟ ୩ ଲକ୍ଷ ଟଙ୍କା ବ୍ୟୟ କରି ଡ୍ରେନ ନିର୍ମାଣ କରାଯାଇଥିବା ଓ ସୁଖିଲାହାର ସାମିଲ ମହୁଲିଆ ଗାଁରେ

**▸▸ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନର ଅଣଦେଖା**

**▸▸ ତଦନ୍ତ ପରେ ମଧ୍ୟ ପ୍ରତିଶ୍ରୁତି କାଗଜକଲମରେ ସୀମିତ**

**▸▸ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ**

ମାତ୍ର ଗୋଟିଏ ଘର ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରାଯାଇଥିବା ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ୧୪ ନମ୍ବର ୱାର୍ଡରେ ଅନେକ ପରିବାର ଏହି ସମସ୍ୟାରେ ସମ୍ମୁଖୀନ ହେଉଥିବା ସତ୍ତ୍ୱେ ପ୍ରଶାସନ ଏହାପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି। ଏହି ସମ୍ପର୍କରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, କାମ ପ୍ରକ୍ରିୟାରେ ଅଛି ଓ ଧୀରେ ଧୀରେ ସବୁ ବ୍ୟବସ୍ଥା କରାଯିବ। ବିଡିଓ ସୁଶାନ୍ତ କୁମାର ସୂତାରଙ୍କ ସହ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ କାଟି ଦେଇଥିଲେ। ଏହି ସମସ୍ୟାର ଶୀଘ୍ର ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ ପ୍ରଶାସନଙ୍କୁ ଦାବି କରିଛନ୍ତି।

## ଅବସରପ୍ରାପ୍ତ ଆର୍‌ଏମ୍‌ସି କର୍ମଚାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ



**ବେତନଟୀ, ୧୬।୩(ସମିସ):** ବେତନଟୀ ବ୍ଲକ ସଠିଲୋ ପଞ୍ଚାୟତ ଅଧୀନ ବାହାନାଡ଼ା ଗ୍ରାମ ନିବାସୀ ସ୍ୱର୍ଗତ ଶ୍ୟାମସୁନ୍ଦର ପଣ୍ଡିତଙ୍କ ପୁତ୍ର ଅବସରପ୍ରାପ୍ତ ଆରଏମସି କର୍ମଚାରୀ ବଂଶୀଧର ପଣ୍ଡିତଙ୍କ ଗତକାଲି ଦେହାନ୍ତ ଘଟିଛି। ସେ ୧୪ ତାରିଖ ଦିନ ଅସୁସ୍ଥ ଅନୁଭବ କରିବାରୁ ରାତିରେ ପରିବାର ଲୋକ ତାଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ବାରିପଦାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ଏସସିବି ମେଡିକାଲକୁ ନିଆଯାଉଥିବାବେଳେ ଭଦ୍ରକ ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପୁଅ ଭଦ୍ରକ ଡାକ୍ତରଖାନାକୁ ନେବାରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବାହାନାଡ଼ା ଗ୍ରାମବାସୀଙ୍କ ସହ ତାଙ୍କ ସାନଭାଇ ସାମ୍ବାଦିକ ବିଦ୍ୟାଧର ପଣ୍ଡିତ, ପୁଅବୋହୂ, ନାତିନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ବାହାନାଡ଼ା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ହୃଦ୍‌ଘାତରେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ମୃତ୍ୟୁ



**ବାରିପଦା, ୧୬ ।୩(ସମିସ):** ହୃଦ୍‌ଘାତରେ ଜଣେ ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ବାରିପଦା ଦେବେନ୍ଦ୍ରପୁର ଅଞ୍ଚଳର ଅକ୍ଷୟ କୁମାର ବିଶ୍ୱାଳ (୬୧)। ସେ ରବିବାର ମଧ୍ୟାହ୍ନ ସମୟରେ ଘରେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ବାରିପଦା ପଣ୍ଡିତ୍ ରଘୁନାଥ ମୁର୍ମୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ପୈତୃକ ଗ୍ରାମ ପୂର୍ଣ୍ଣଚନ୍ଦ୍ରପୁରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସେ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରିଦର୍ଶକ ଭାବେ ଗତବର୍ଷ ଅବସର ଗ୍ରହଣ କରିଥିଲେ। ଜଣେ ଉଦାର ମଣିଷ ଭାବେ ଅଞ୍ଚଳରେ ପରିଚିତ ଥିଲେ। ବିଭିନ୍ନ ସାମାଜିକ କାମରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳବାସୀ ମର୍ମାହତ ହୋଇଛନ୍ତି।

## ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଗଣିତ ଆଲୋଚନାଚକ୍ର

**ବାରିପଦା, ୧୬ ।୩(ସମିସ):** ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଗଣିତ ବିଭାଗରେ ଏକ ଆଲୋଚନାଚକ୍ର ଆୟୋଜିତ ହେଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ପ୍ରବୋଧ କୁମାର ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଗଣିତ ବିଭାଗୀୟ ମୁଖ୍ୟ ଡକ୍ଟର ଯଦୁନାଥ ନାୟକ ପ୍ରଥମେ ଆଧୁନିକ ସମାଜରେ ଗଣିତର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନାରେ ସରକାରୀ ମହିଳା ମହିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ରଞ୍ଜନ କୁମାର ନାୟକ ପେଜ ରେଙ୍କିଙ୍ଗ ଆଲଗୋରିଦିମ୍ ମଥେମାଟିକସ ଇନ୍ ଗୁଗଲ ଉପରେ ଆଲୋଚନା କରିଥିଲେ। ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଶାନ୍ତ କୁମାର ମହାନ୍ତି ରସାୟନ ବିଜ୍ଞାନରେ ଗଣିତର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଛାତ୍ରଛାତ୍ରୀ ନିଜ ନିଜ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପକ ସୁଜିତ୍ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାରେ ରେକର୍ଡ ବର୍ଷା

**ରାଇରଙ୍ଗପୁର, ୧୬।୩(ସମିସ):** ଗତ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ଅନେକ ସ୍ଥାନରେ ରେକର୍ଡ ସଂଖ୍ୟକ ବୃଷ୍ଟିପାତ ହୋଇଛି। ସେଥିମଧ୍ୟରୁ ବାମନଘାଟି ଓ ପାଞ୍ଚପିଡ଼ ଉପଖଣ୍ଡରେ ରାଜ୍ୟର ସର୍ବାଧିକ ସଂଖ୍ୟକ ବୃଷ୍ଟିପାତ ହୋଇଛି। ଯଶିପୁରରେ ୩୭.୫ ମିମି, ଶୁକ୍ଳିରେ ୨୮.୯ ମିମି ଓ ବିଜତଳାରେ ୨୫ ମିମି ବୃଷ୍ଟିପାତ ହୋଇଛି। ସେହିପରି ଜିଲ୍ଲାର ମୋରଡା ଓ ବେତନଟୀରେ ରାଜ୍ୟର ସର୍ବାଧିକ ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି। ଏ ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି। ବୃଷ୍ଟିପାତ ନେଇ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲାକୁ ସତର୍କତା ଜାରି କରାଯାଇଛି। ଯାହା ପ୍ରଭାବରେ ଜିଲ୍ଲାର ସ୍ଥାନେ ସ୍ଥାନେ ବୃଷ୍ଟିପାତ ହେଉଛି।

## ଚୈତ୍ର ପର୍ବ ସ୍ମରଣିକା ପାଇଁ ସୃଜନଶୀଳ ଲେଖା ଆହ୍ୱାନ

**ବାରିପଦା, ୧୬ ।୩(ସମିସ):** ଆସନ୍ତା ଚୈତ୍ର ପର୍ବ ଅବସରରେ ପ୍ରକାଶ ପାଇବାକୁ ଥିବା ସ୍ମରଣିକା ପାଇଁ ଜିଲ୍ଲାର ସୃଜନଶୀଳ ବ୍ୟକ୍ତିବିଶେଷ, ଲେଖକ, କବି ଓ ସାହିତ୍ୟପ୍ରେମୀଙ୍କୁ ନିଜ ନିଜ ସୃଜନଶୀଳ ଲେଖା ପ୍ରେରଣ କରିବାକୁ ଅନୁରୋଧ କରାଯାଉଛି। ଏଥିରେ ଗଳ୍ପ, କବିତା, ପ୍ରବନ୍ଧ, ସ୍ମରଣିକା ଓ ଲୋକସାହିତ୍ୟ ସମ୍ପର୍କିତ ସୃଜନଶୀଳ ଲେଖା ଆସନ୍ତା ୨୫ ତାରିଖ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟ, ବାରିପଦାକୁ ପ୍ରେରଣ କରିବା ଆବଶ୍ୟକ। ସମସ୍ତ ଲେଖା ପିଡିଏଫ୍ ଓ ୱାର୍ଡ (ଦୁଇଟି ଯାକ) ଫାଇଲ୍ ଫର୍ମାଟରେ ୱାଟସଆପ୍ ନଂ- ୭୦୦୮୩୫୦୬୫୦ କିମ୍ବା ଇମେଲ୍-ଡିସିଓମୟୂରଭଞ୍ଜଅଜିମେଲ.କମ୍ ମାଧ୍ୟମରେ ପ୍ରେରଣ କରିବେ। ପ୍ରାପ୍ତ ଲେଖାଗୁଡ଼ିକୁ ଯାଞ୍ଚ କରାଯାଇ ଯୋଗ୍ୟ ଓ ଉତ୍କୃଷ୍ଟ ଲେଖାଗୁଡ଼ିକୁ ଚୟନ କରି ଚୈତ୍ର ପର୍ବ-୨୦୨୬ ସ୍ମରଣିକାରେ ସ୍ଥାନିତ କରାଯିବ। ଚୈତ୍ର ପର୍ବ ମୟୂରଭଞ୍ଜ ଜିଲ୍ଲାର ଏକ ପ୍ରସିଦ୍ଧ ଓ ଐତିହ୍ୟ ସମ୍ପନ୍ନ ସାଂସ୍କୃତିକ ପର୍ବ ହେବା ସହ ଏହା ଜିଲ୍ଲାର ସମୃଦ୍ଧ ପାରମ୍ପରିକତା, ଲୋକ ସଂସ୍କୃତି ଓ ସାହିତ୍ୟକୁ ପ୍ରତିଫଳିତ କରେ। ଏହି ସ୍ମରଣିକା ପ୍ରକାଶ ମାଧ୍ୟମରେ ଚୈତ୍ର ପର୍ବର ସାଂସ୍କୃତିକ ମାହାତ୍ମ୍ୟ ଓ ଜିଲ୍ଲାର ସାହିତ୍ୟିକ ସମ୍ପଦକୁ ଆହୁରି ଉଭାସିତ କରିବାକୁ ଉଦ୍ୟମ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସମସ୍ତ ସୃଜନଶୀଳ ବ୍ୟକ୍ତିବିଶେଷଙ୍କୁ ନିଜ ନିଜର ଲେଖା ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରେରଣ କରି ଏହି ସ୍ମରଣିକାକୁ ସମୃଦ୍ଧ କରିବା ପାଇଁ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଅନୁରୋଧ କରାଯାଉଛି।

## ଅବ୍ୟବସ୍ଥା ଘେରରେ ହଦଗୁଠ ପ୍ରାଥମିକ ବିଦ୍ୟାଳୟ

# ଶିକ୍ଷକ ଅଭାବ; ସାମାଜିକ କର୍ମୀଙ୍କ ଚିନ୍ତା ପ୍ରକଟ

ଶରତ, ୧୬।୩(ସମିସ)

ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଲାବଣ୍ୟଦେଇପୁର ପଞ୍ଚାୟତରେ ଅବସ୍ଥିତ ହଦଗୁଠ ପ୍ରାଥମିକ ବିଦ୍ୟାଳୟ। ବର୍ତ୍ତମାନ ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଉକ୍ତ ବିଦ୍ୟାଳୟ ୧୯୭୮ରେ ପ୍ରତିଷ୍ଠା ହୋଇ ଆଜି ପର୍ଯ୍ୟନ୍ତ ୪୮ ବର୍ଷ ଧରି ଲାବଣ୍ୟଦେଇପୁର ଓ ଶରତ ଅଞ୍ଚଳରେ ଶିକ୍ଷାର ଆଲୋକ ବାଣ୍ଟି ଚାଲିଛି। ଏହି ପ୍ରାଥମିକ ବିଦ୍ୟାଳୟରୁ ଅନେକ ଛାତ୍ରଛାତ୍ରୀ ଆଜି ସଫଳତାର ଶୀର୍ଷରେ ପହଞ୍ଚି ବିଭିନ୍ନ ସରକାରୀ ପଦପଦବୀରେ ଅବସ୍ଥାପିତ ହୋଇ ଅଞ୍ଚଳ ପାଇଁ ଗୌରବ ଅର୍ଜନ କରିଛନ୍ତି। ସମ୍ପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଏହି ପ୍ରାଥମିକ ବିଦ୍ୟାଳୟ ବର୍ତ୍ତମାନ ଅବ୍ୟବସ୍ଥା ଘେରରେ ରହିଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ମୁହୁଲି ସିଆରସିସି ଭାବେ ପଦୋନ୍ନତି ପାଇବାରୁ ଏବେ ବିଦ୍ୟାଳୟ ଦାୟିତ୍ୱରେ ନାହାନ୍ତି। ଅନ୍ୟଜଣେ ଶିକ୍ଷକ





ଅନ୍ୟତ୍ର ବଦଳି ହୋଇ ଚାଲିଯିବା ପରେ ବିଦ୍ୟାଳୟରେ ଜଣେ ବହୁଭାଷୀ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ଚାଲୁ ଥିଲା। ବିଦ୍ୟାଳୟରେ ଶିକ୍ଷକ ଅଭାବ ସୃଷ୍ଟି ହେବାରୁ ଗ୍ରାମବାସୀ ଚଳିତ ମାର୍ଚ୍ଚ ମାସ ୩ ତାରିଖ ଦିନ ଉଦଳା ଉପଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଉଜିଲ୍ଲାପାଳ କପ୍ତିପଦା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଶିକ୍ଷକ ସମସ୍ୟା ଦୂର କରିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିବା ପରେ ବିଦ୍ୟାଳୟକୁ ଜିତେନ୍ଦ୍ର ନାୟକ ନାମକ ଶିକ୍ଷକ ନିଯୁକ୍ତି ପାଇ ଶିକ୍ଷାଦାନ କରୁଛନ୍ତି।

ତେବେ ପ୍ରଧାନଶିକ୍ଷୟିତ୍ରୀଙ୍କ ସିଆରସିସି ଭାବେ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହେବା ପରେ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ଫାଙ୍କା ପଡ଼ିଛି। ଫଳରେ ବିଦ୍ୟାଳୟରେ ପ୍ରଶାସନିକ କାର୍ଯ୍ୟ, ମଧ୍ୟାହ୍ନଭୋଜନ ପରିଚାଳନା ପ୍ରଭୃତି କାର୍ଯ୍ୟରେ ତ୍ରୁଟି ପରିଲକ୍ଷିତ ହେଉଛି। ବିଦ୍ୟାଳୟର ଉପରଭାଗ ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଉଥିଲେ ମଧ୍ୟ ବିଦ୍ୟାଳୟ ଭିତର ଅଂଶ ଭଙ୍ଗାରୁଜା ଅବସ୍ଥାରେ ରହିଛି। ବିଦ୍ୟାଳୟରେ ନୂତନ ଭିତ୍ତଭୂମି (ନୂତନ ବିଲ୍ଡି) ନିର୍ମାଣ କରାଯିବା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି। ବିଦ୍ୟାଳୟରେ ଯଥାଶୀଘ୍ର ସମ୍ଭବ ପ୍ରଧାନଶିକ୍ଷକ ପଦବୀ ପୂରଣ କରାଯିବା ସହିତ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କରାଯିବା ନିମନ୍ତେ ହଦଗୁଠ ଗ୍ରାମର ଯୁବ ସମାଜସେବୀ ଦୁମ୍ବି ସିଂ ପୂର୍ତ୍ତି ଓରଫ ଦାପାଳା ବାବୁ ଦାବି କରିଛନ୍ତି। ୧୦ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଦାବି ପୂରଣ ଦିଗରେ ଯତ୍ନବାନ ହେବା ନିମନ୍ତେ ଶ୍ରୀ ପୂର୍ତ୍ତି ଦାବି କରିଛନ୍ତି।

## ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ଦୁର୍ଘଟଣାରେ ମୃତ୍ୟୁ

**ବୈଶିଙ୍ଗା, ୧୬।୩(ସମିସ):** ବୈଶିଙ୍ଗା ଥାନା ଅଧୀନ ପ୍ରତୀମାଦେଇପୁର ଗ୍ରାମର ମହେନ୍ଦ୍ର ଦଳେଇଙ୍କ ସାନପୁଅ ବିଜୟ ଦଳେଇ (୪୪) ତାମିଲନାଡୁରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ସେ ଶନିବାର ଦୁର୍ଘଟଣାରେ ଗୁରୁତର ହୋଇ ରବିବାର ପ୍ରାଣ ହରାଇଛନ୍ତି। ତାମିଲନାଡୁ ପୁଲିସ ପାଖରୁ ଖବର ପାଇ ସ୍ତ୍ରୀ ତାମିଲନାଡୁରେ ପହଞ୍ଚିଛନ୍ତି। ତେବେ ତାମିଲନାଡୁରୁ ମୃତଦେହ ଆଣିବାକୁ ବିଜୟଙ୍କ ପରିବାର ଅସମର୍ଥ। ତାଙ୍କ ବାପା ଏ ନେଇ ସରକାରଙ୍କୁ ଗୁହାରି କରିଛନ୍ତି। ବିଜୟ +୨ ଶିକ୍ଷାଲାଭ କରିବା ପରେ ପରିବାରରେ ଆର୍ଥିକ ସ୍ଥିତି ଖରାପ ଥିବାରୁ ୨୦୦୫ରେ ପରିବାର ପ୍ରତିପୋଷଣ ପାଇଁ ତାମିଲନାଡୁକୁ ଯାଇଥିଲେ। ଶନିବାର ଦୁର୍ଘଟଣାରେ ବିଜୟଙ୍କ ଅବସ୍ଥା ଗୁରୁତର ଥିବା ନେଇ ଘରକୁ ଖବର ଆସିଥିଲା। ତାଙ୍କ ସ୍ତ୍ରୀ ଓ ସମ୍ପର୍କୀୟ ଭାଇ ମଧ୍ୟ ତାମିଲନାଡୁ ଅଭିମୁଖେ ବାହାରି ଯାଇଥିଲେ। ତେବେ ଗତକାଲି ରାତିରେ ବିଜୟଙ୍କ ମୃତ୍ୟୁ ହୋଇଯାଇଥିଲା।

